# ସୂଚୀ


| ପ୍ରସଙ୍ଗ | | କବି/ଲେଖକ | ପୃଷ୍ଠା |
|---|---|---|---|
| **ପଦ୍ୟ** | | | |
| ୧. | ବନ୍ଦେ ଉତ୍କଳ ଜନନୀ | ଲକ୍ଷ୍ମୀକାନ୍ତ ମହାପାତ୍ର | ୧ |
| ୨. | ଭୀମଙ୍କ ସିଂଘନାଦ ରଡ଼ି | ସାରଳା ଦାସ | ୬ |
| ୩. | ରାଘବଙ୍କ ଲଙ୍କା ଯାତ୍ରାନୁକୂଳ | ଉପେନ୍ଦ୍ର ଭଞ୍ଜ | ୧୪ |
| ୪. | ଚିଲିକାରେ ସାୟନ୍ତନ ଦୃଶ୍ୟ | ରାଧାନାଥ ରାୟ | ୧୯ |
| ୫. | ମଙ୍ଗଳେ ଅଇଲା ଉଷା | ଗଙ୍ଗାଧର ମେହେର | ୨୫ |
| ୬. | ଜାଗ ବନ୍ଧନହରା | ଅନନ୍ତ ପଟ୍ଟନାୟକ | ୩୨ |
| ୭. | ସର୍ବଂସହା ମାଟି | ବିଦ୍ୟୁତ୍‌ପ୍ରଭା ଦେବୀ | ୩୭ |
| **ଗଦ୍ୟ** | | | |
| ୮. | କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର (ଜୀବନୀ ଓ ସାହିତ୍ୟକୃତି) | ପ୍ରସ୍ତୁତି : ପରିମାର୍ଜିତ ସଂପାଦନାମଣ୍ଡଳୀ | ୪୨ |
| ୯. | ଜନ୍ମଭୂମି | କୃଷ୍ଣଚନ୍ଦ୍ର ପାଣିଗ୍ରାହୀ | ୫୨ |
| ୧୦. | ସଭ୍ୟତା ଓ ବିଜ୍ଞାନ | ବଂଶୀଧର ସାମନ୍ତରାୟ | ୬୧ |
| ୧୧. | ମାତୃଭାଷା ଓ ଲୋକଶିକ୍ଷା | ଗୋଲୋକବିହାରୀ ଧଳ | ୭୦ |
| ୧୨. | ନରେନ୍ଦ୍ରରୁ ବିବେକାନନ୍ଦ | ଶରତ କୁମାର ମହାନ୍ତି | ୭୯ |
| ୧୩. | ଓଡ଼ିଆ ସାହିତ୍ୟ କଥା | ପ୍ରସ୍ତୁତି: ସିଲାବସ୍ କମିଟି | ୯୧ |
| **ଗଳ୍ପ** | | | |
| ୧୪. | କାଠ | ବସନ୍ତ କୁମାର ଶତପଥୀ | ୧୦୫ |
| ୧୫. | କାଳର କପୋଳ ତଳେ | ନନ୍ଦିନୀ ଶତପଥୀ | ୧୧୨ |
| ୧୬. | ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ | ରବି ପଟ୍ଟନାୟକ | ୧୧୮ |
| **ଏକାଙ୍କିକା** | | | |
| ୧୭. | ଫଲଗୁ | ମନୋରଞ୍ଜନ ଦାସ | ୧୨୬ |
| ୧୮. | କୋଣାର୍କ | ଭଞ୍ଜକିଶୋର ପଟ୍ଟନାୟକ | ୧୩୭ |


H1Q4D7

Eduodia

❖❖❖

ଏହି ୨ଟି New Chapter ଉପରେ Full book ଅଛି। ବର୍ତ୍ତମାନ Market କୁ ବହି ଆସିନାହିଁ। ଆସିଲେ ଆମେ Add କରିଦେବୁ।

Scanned by TapScanner

**ପଦ୍ୟ**

# ବନ୍ଦେ ଉତ୍କଳ ଜନନୀ

ଲକ୍ଷ୍ମୀକାନ୍ତ ମହାପାତ୍ର

(୧୮୮୮-୧୯୫୩)

## କବି ପରିଚୟ

ଓଡ଼ିଶାରେ 'କାନ୍ତକବି' ରୂପେ ଲକ୍ଷ୍ମୀକାନ୍ତ ମହାପାତ୍ର ସୁପରିଚିତ । ତାଙ୍କର ପୈତୃକ ଗ୍ରାମ ଭଦ୍ରକ ନିକଟବର୍ତ୍ତୀ ତାଳପଦା । ପୂର୍ବରୁ ଏହା ଅବିଭକ୍ତ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଥିଲେ ହେଁ, ସମ୍ପ୍ରତି ଭଦ୍ରକ ଜିଲ୍ଲାଭୁକ୍ତ ହୋଇଅଛି । ତାଙ୍କ ପିତାଙ୍କ ନାମ- ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର, ମାତା ରାଧାମଣି ଦେବୀ । ସେ କଟକ, ବାଲେଶ୍ୱର ଠାରେ ହାଇସ୍କୁଲ ଶିକ୍ଷା ସମାପ୍ତ କରି କଲିକତାସ୍ଥ ରିପନ୍ କଲେଜ ଓ କଟକର ରେଭେନ୍ସା କଲେଜରୁ ଉଚ୍ଚଶିକ୍ଷା ଲାଭ କରିଥିଲେ । ଭାଗ୍ୟର ବିଡ଼ମ୍ବନା, ଶାରୀରିକ ଅସୁସ୍ଥତା ହେତୁ ଶିକ୍ଷା କ୍ଷେତ୍ରରେ ଅଧିକ ଆଗେଇ ନ ପାରି ପାରିବାରିକ ଗୁରୁ ବାବାଜୀ ରାମଦାସଙ୍କ ପ୍ରରୋଚନାରେ ସେ ସଙ୍ଗୀତରେ ମନୋନିବେଶ କରିଥିଲେ । ଓଡ଼ିଆ ସାହିତ୍ୟର ବହୁବିଧ ବିଭାଗରେ ଲେଖନୀ ଚାଳନା କରି ସେ ନିଜର ସ୍ୱତନ୍ତ୍ର ସାହିତ୍ୟିକ ପରିଚୟ ସୃଷ୍ଟି କରିପାରିଥିଲେ । ତାଙ୍କର ରଚିତ ସ୍ମରଣୀୟ କୃତିଗୁଡ଼ିକ ହେଉଛି 'କଣାମାମୁ' (ଉପନ୍ୟାସ), 'ଜୀବନ ସଙ୍ଗୀତ' (ସଙ୍ଗୀତ ଗୁଚ୍ଛ), 'ଦେହି ପଦ ପଲ୍ଲବ ମୁଦାରମ୍' (ଗଳ୍ପ ସଂକଳନ), 'ଚଟକ ଚନ୍ଦ୍ରହାସ ଚମ୍ପୂ'(ଲାଳିକା), 'ଶରୀରମାଦ୍ୟଂ' (ପ୍ରବନ୍ଧ ସଂକଳନ) ପ୍ରଭୃତି । ତାଙ୍କର ଗଳ୍ପ 'ବୁଢ଼ା ଶଙ୍ଖାରି' ଓ କବିତା 'ସବୁଥିରୁ ବଞ୍ଚିତ କରି' ଓଡ଼ିଶାର ଜନମାନସରେ ବେଶ୍ ପରିଚିତ । ୧୯୩୭ ମସିହାରେ ପ୍ରକାଶିତ 'ଡଗର' ପତ୍ରିକାର ସେ ଥିଲେ ପ୍ରତିଷ୍ଠାତା ସମ୍ପାଦକ । ଜାତୀୟତାବାଦୀ ଚେତନା ଓ ଦେଶାତ୍ମବୋଧ ଭାବନାର ଏକ ମନୋଜ୍ଞ କୃତି ତାଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' । ଏହି ଗୀତଟି ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୨୦ ମସିହାରେ ରାଜ୍ୟ ସଙ୍ଗୀତର ମାନ୍ୟତା ଲାଭ କରିଛି ।

ବନ୍ଦେ ଉତ୍କଳ ଜନନୀ,
ଚାରୁ ହାସମୟୀ ଚାରୁ ଭାଷମୟୀ
ଜନନୀ, ଜନନୀ, ଜନନୀ ।(ଘୋଷା)

ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ର-ତଟିନୀ-କୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।
ଘନଘନ ବନଭୂମି ରାଜିତ ଅଙ୍ଗେ,



Scanned by TapScanner

ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳକଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁ କଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ।

ଉତ୍କଳ ଶୂରବର-ଦର୍ପିତ ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ।

କବିକୁଳମୌଳି-ସୁନନ୍ଦନ-ବନ୍ଦ୍ୟା,
ଭୁବନ-ବିଘୋଷିତ କୀର୍ତ୍ତି-ଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ।

**ଗଦ୍ୟରୂପ :**

ପ୍ରକୃତି ପରିଶୋଭିତ ଉତ୍କଳ ଜନନୀଙ୍କ ହସ ସୁନ୍ଦର ଓ ଭାଷା ସୁନ୍ଦର । ତେଣୁ କବି ବାରମ୍ବାର ତାଙ୍କର ବନ୍ଦନା କରିଛନ୍ତି ।

ସମୁଦ୍ରର ପବିତ୍ର ଜଳଧାରା ଉତ୍କଳ ଜନନୀଙ୍କ ଶରୀରକୁ ଧୋଇ ଦିଏ । ତାଳ ଓ ତମାଳ ବୃକ୍ଷ ଦ୍ୱାରା ସମୁଦ୍ରର ତଟଦେଶ ସୁଶୋଭିତ । ସ୍ୱଚ୍ଛ ଜଳଧାରଣ କରିଥିବା ନଦୀ ତଟରେ ଶୀତଳ ପବନ ପ୍ରବାହିତ ।

ଉତ୍କଳ ଜନନୀଙ୍କ ଶରୀର ଘଞ୍ଚ ବନଭୂମିରେ ପରିଶୋଭିତ । ନୀଳପର୍ବତମାଳା ତରଙ୍ଗ ଆକାରରେ ପ୍ରକାଶ ପାଇବା ଲକ୍ଷ୍ୟ କରିହୁଏ । ଉତ୍କଳ ଜନନୀଙ୍କ ଆକାଶ ସୁନ୍ଦର ପକ୍ଷୀମାନଙ୍କର କଳକଳ ରାବରେ ମୁଖରିତ ହେଉଥାଏ ।

ଉତ୍କଳର ଶସ୍ୟ କ୍ଷେତ ସୁନ୍ଦର ଧାନରେ ପରିପୂର୍ଣ୍ଣ । ତାଙ୍କର ଚକ୍ଷୁ ଜ୍ଞାନ-ବିଜ୍ଞାନ ପ୍ରଦର୍ଶନରେ ଉଦ୍‌ଭାସିତ । ବହୁ ଯୋଗୀଋଷିଙ୍କ କୁଟୀର ଦ୍ୱାରା ଉତ୍କଳ ଜନନୀ ପବିତ୍ର ।



Scanned by TapScanner

ସୁନ୍ଦର ମନ୍ଦିରମାନଙ୍କରେ ଉତ୍କଳ ଭୂମି ବିମଣ୍ଡିତା । ତାଙ୍କର ବେଶ ଚାରୁକଳା ଦ୍ୱାରା ସୁଶୋଭିତ । ଅନେକ ପୁଣ୍ୟ ତୀର୍ଥରେ ଉତ୍କଳ ପ୍ରଦେଶ ପରିପୂର୍ଣ୍ଣ ।

ବହୁ ବୀର ଓ ଯୋଦ୍ଧାଙ୍କର ବାସଭୂମି ଉତ୍କଳ । ଶତ୍ରୁମାନଙ୍କର ରକ୍ତରେ ଉତ୍କଳ ଜନନୀଙ୍କ ଦେହ ଅନୁରଞ୍ଜିତ । ସମଗ୍ର ବିଶ୍ୱରେ ଓଡ଼ିଶାର ଗୁଣୀ, ଜ୍ଞାନୀ ଓ ବିଦ୍ୱାନମାନେ ସ୍ନେହ ଭାଜନ ।

ମହାନ କବି ଓ ସୁପୁତ୍ରମାନଙ୍କ ଦ୍ୱାରା ଉତ୍କଳ ଜନନୀ ବନ୍ଦନୀୟା । ତାଙ୍କର ପ୍ରଶଂସନୀୟ କୀର୍ତ୍ତି ସାରା ବିଶ୍ୱରେ ପ୍ରଚାରିତ । ସେଥିପାଇଁ ସେ ଧନ୍ୟା, ପୁଣ୍ୟବତୀ ଓ ସର୍ବଦା ଶରଣଦାତ୍ରୀ ଭାବେ ଚିର ନମସ୍ୟା ।

**ସୂଚନା :**

ପୂତ - ପବିତ୍ର

ପୟୋଧି - ସମୁଦ୍ର

ବିଧୌତ - ଧୋଉଥିବା

ତାଳତମାଳ- ତାଳଗଛ ଓ ତମାଳ ଗଛ

ତୀରା-କୂଳଯାହାର

ଶୁଭ୍ରତଟିନୀ- ସ୍ୱଚ୍ଛଜଳ ଧାରଣ କରିଥିବା ନଦୀ

କୂଳ- ତଟ

ଶୀକର-ଜଳକଣା

ସମୀର-ପବନ

ଘନ-ଘଞ୍ଚ

ରାଜିତ- ଶୋଭାପାଏ

ଭୂଧର - ପର୍ବତ

ସାଜେ-ଶୋଭାପାଏ

ତରଙ୍ଗ - ଢେଉ

କଳକଳ ମୁଖରିତ - ପକ୍ଷୀଙ୍କ କଳରବ

ତୀର୍ଥଚୟ ପୂର୍ଣ୍ଣ - ତୀର୍ଥସ୍ଥାନ ସମୂହରେ ପରିପୂର୍ଣ୍ଣ

ଶୂରବର - ଶ୍ରେଷ୍ଠବୀର

ଗେହ - ଗୃହ

ଅରିକୁଳ - ଶତ୍ରୁବଂଶ

ଚର୍ଚ୍ଚିତ ଦେହା - ଦେହରେ ବୋଳି ହୋଇଥିବା



Scanned by TapScanner

ବିଶ୍ୱ ଭୂମଣ୍ଡଳ - ସମଗ୍ର ପୃଥିବୀ

କୃତବର - ବିଦ୍ୱାନ

କବିକୁଳ - କବିବଂଶ

ମୌଳି - ମୁକୁଟ

ସୁନନ୍ଦନ - ଯୋଗ୍ୟ ସନ୍ତାନ

ବନ୍ଦ୍ୟା - ବନ୍ଦନୀୟା

ଭୁବନବିଘୋଷିତ - ପୃଥିବୀରେ ଆଲୋଚ୍ୟ

ଅନିନ୍ଦ୍ୟା - ପ୍ରଶଂସନୀୟା

ଚିର ଶରଣ୍ୟେ - ସବୁଦିନ ପାଇଁ ଶରଣ ପ୍ରଦାନ କରୁଥିବା

## ପ୍ରଶ୍ନାବଳୀ

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୧. ପ୍ରତ୍ୟେକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ।

ପ୍ରୟୋଧି, ତଟିନୀ, ସମୀର, ଭୂଧର, ଉଟଜ, ଅରି

୨. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ।

ଶୁଭ୍ର, ଘନ, ସୁନ୍ଦର, ପବିତ୍ର, ପୁଣ୍ୟ, ଦର୍ପିତ

୩. ନିମ୍ନଲିଖିତ ଶବ୍ଦମାନଙ୍କୁ ନେଇ ସାର୍ଥକ ବାକ୍ୟ ରଚନା କର।

ବିଧୌତ, ସୁଶୋଭିତ, ରାଜିତ, କଳକଳ, ଜ୍ଞାନ-ବିଜ୍ଞାନ, ଉଟଜ

୪. 'କଳକଳ' ଭଳି ଆଉ ପାଞ୍ଚଗୋଟି ଧ୍ୱନ୍ୟାତ୍ମକ ଯୁଗ୍ମଶବ୍ଦ ଲେଖ।

୫. ପଠିତ କବିତା ଅବଲମ୍ବନରେ ଶୂନ୍ୟସ୍ଥାନ ପୂରଣ କର।

(କ) ପୂତ -------- ବିଧୌତ ଶରୀରା,

(ଖ) ତାଳ -------- ସୁଶୋଭିତ ତୀରା,

(ଗ) ଶୁଭ୍ର -------- କୂଳ - ଶୀକର - ସମୀରା

(ଘ) --------- ବନଭୂମି ରାଜିତ ଅଙ୍ଗେ,

(ଙ) ନୀଳ ଭୂଧରମାଳା ସାଜେ -------



Scanned by TapScanner

(ଚ) -------- ମୁଖରିତ ଚାରୁ ବିହଙ୍ଗେ

(ଛ) ସୁନ୍ଦର ଶାଳି -------- କ୍ଷେତ୍ରା,

(ଜ) -------- ପ୍ରଦର୍ଶିତ-ନେତ୍ରା,

(ଝ) ଯୋଗୀ ଋଷିଗଣ ------- ପବିତ୍ରା

(ଞ) ସୁନ୍ଦର ମନ୍ଦିର ------- ଦେଶା,

୬. ଅର୍ଥଗତ ପାର୍ଥକ୍ୟ ଦର୍ଶାଅ ।
ସୁର - ଶୂର, ପୂତ - ପୁତ, ଶାଳି - ଶାଳୀ, ବଳି - ବଳୀ, କୂଳ - କୁଳ

**କ୍ଷୁଦ୍ର ଉତ୍ତର ମୂଳକ :**

୭. ଚାରୁହାସମୟୀ ଚାରୁଭାଷମୟୀ କାହାକୁ କୁହାଯାଇଛି ?

୮. ଉତ୍କଳ ଜନନୀଙ୍କ ଶରୀରକୁ କିଏ ଧୋଇ ଦେଉଛି ?

୯. ସମୁଦ୍ରକୂଳ କେଉଁ କେଉଁ ବୃକ୍ଷଦ୍ୱାରା ସୁଶୋଭିତ ?

୧୦. ଉତ୍କଳର ଆକାଶ କାହାର କଳରବରେ ମୁଖରିତ ?

୧୧. ପର୍ବତମାଳାଗୁଡ଼ିକ ଉତ୍କଳ ଜନନୀଙ୍କ ଦେହରେ କିଭଳି ଭାବେ ଶୋଭାପାଉଛି ?

୧୨. କେଉଁମାନଙ୍କର କୁଟୀର ଦ୍ୱାରା ଉତ୍କଳ ପବିତ୍ର ହୋଇଛି ?

୧୩. ଶ୍ରେଷ୍ଠ କବିମାନେ କାହାର କୀର୍ତ୍ତି ବନ୍ଦନା କରୁଛନ୍ତି ?

**ସପ୍ରସଙ୍ଗ ସରଳାର୍ଥ ଲେଖ :**

୧୪. ପୂତ-ପୟୋଧି-ବିଧୌତ-ଶରୀରା,

ତାଳତମାଳ-ସୁଶୋଭିତ-ତୀରା,

୧୫. ଘନଘନ ବନଭୂମି ରାଜିତ ଅଙ୍ଗେ,

ନୀଳ ଭୂଧରମାଳା ସାଜେ ତରଙ୍ଗେ,

୧୬. ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,

ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,

୧୭. ଉତ୍କଳ ଶୂରବର-ଦର୍ପିତ ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,



Scanned by TapScanner

**ଦୀର୍ଘ ଉତ୍ତରମୂଳକ :**

୧୮. 'ବନ୍ଦେ ଉତ୍କଳ ଜନନୀ' କବିତାରୁ ଉତ୍କଳର ବୈଶିଷ୍ଟ୍ୟ ଉଲ୍ଲେଖ କର ।

୧୯. 'ବନ୍ଦେ ଉତ୍କଳ ଜନନୀ' ଏକ ମାତୃଭୂମି ପ୍ରଶଂସାତ୍ମକ କବିତା- ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର ।

୨୦. 'ବନ୍ଦେ ଉତ୍କଳ ଜନନୀ' ଏକ ଜାତୀୟତାବାଦୀ କବିତା- ବିଚାର କର ।

**ତୁମ ପାଇଁ କାର୍ଯ୍ୟ :**

୨୧. 'ବନ୍ଦେ ଉତ୍କଳ ଜନନୀ' କବିତାକୁ ମୁଖସ୍ଥ କରି ଅନୁମୋଦିତ ସ୍ୱରରେ ଗାନ କର ।

୨୨. ଓଡ଼ିଆରେ ରଚିତ ପାଞ୍ଚଗୋଟି ଜାତୀୟତାବାଦୀ କବିତା ମୁଖସ୍ଥ କର ।

୨୩. କାନ୍ତକବି ଲକ୍ଷ୍ମୀକାନ୍ତଙ୍କ 'ବୁଢ଼ାଶଙ୍ଖାରି' ଗଳ୍ପ, 'କଣାମାମୁ' ଉପନ୍ୟାସ ଓ 'ଜୀବନ ସଙ୍ଗୀତ' କବିତା ସଂଗ୍ରହ କରି ପଢ଼ ।

●



Scanned by TapScanner

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

## (ଜୀବନୀ ଓ ସାହିତ୍ୟକୃତି)

• ପ୍ରସ୍ତୁତି : ପରିମାର୍ଜିତ ସଂପାଦନାମଣ୍ଡଳୀ

ଓଡ଼ିଆ ସାହିତ୍ୟର ବିବିଧ ବିଭାଗରେ ଲେଖନୀ ଚାଳନା କରିଥିବା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ନିଜ ରଚନାବଳୀର ଭିନ୍ନଭିନ୍ନ ରୋଚକଭାବ ଓ ମନୋରମ ଶୈଳୀ ପାଇଁ ପାଠକ ମହଲରେ ସୁପରିଚିତ । ସେ ୧୮୮୮ ମସିହା, ଡିସେମ୍ବର ମାସ ୯ ତାରିଖ, ମାଣବସା ଗୁରୁବାର ଦିନ କଟକ ସହର ଧୂଆଁପତ୍ରିଆ ଗଳି, ବାଖରାବାଦର ଏକ ଗୃହରେ ଜନ୍ମଗ୍ରହଣ କରିଥିଲେ । ମାଣବସା ଗୁରୁବାରରେ ଜନ୍ମିଥିବାରୁ ତାଙ୍କର ନାମକରଣ କରାଯାଇଥିଲା ଲକ୍ଷ୍ମୀକାନ୍ତ । ତାଙ୍କ ପିତା, ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଭଦ୍ରକ ସହରର ଦଶ ମାଇଲ ପୂର୍ବଦିଗରେ ଅବସ୍ଥିତ ତାଳପଦା ଗ୍ରାମର ବାସିନ୍ଦା ଓ ଜମିଦାର ଥିଲେ । ତାଙ୍କ ମାତା, ରାଧାମଣି ଥିଲେ କଣ୍ଟାପଡ଼ା ଜମିଦାରଙ୍କ କନ୍ୟା । ଲକ୍ଷ୍ମୀକାନ୍ତ ଜନ୍ମହେବା ବେଳକୁ ଭାଗବତ ପ୍ରସାଦ କଟକ ଏକାଡେମୀ ସ୍କୁଲରେ ଶିକ୍ଷକତା କରୁଥିଲେ ଓ ଆଇନ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ । ଓକିଲାତି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଭାଗବତବାବୁ ବାଲେଶ୍ୱରରେ ଓକିଲାତି କଲେ । ତେଣୁ, ଲକ୍ଷ୍ମୀକାନ୍ତଙ୍କ ଶିକ୍ଷା ବାଲେଶ୍ୱରର ଜିଲ୍ଲା ସ୍କୁଲରେ ହୋଇଥିଲା । ଏହି ସମୟରେ ଭଦ୍ରକରେ କୋର୍ଟ ଖୋଲିବାରୁ ଭାଗବତ ପ୍ରସାଦ ଭଦ୍ରକ ଚାଲି ଆସିଲେ ଓକିଲାତି ବ୍ୟବସାୟ ସହ ନିଜ ଗ୍ରାମର ସମ୍ପତ୍ତି ବାଡ଼ି ବିଷୟ ବୁଝିବାକୁ । ଲକ୍ଷ୍ମୀକାନ୍ତଙ୍କ ପାଠପଢା ଭଦ୍ରକରେ କରାଯିବାର ବ୍ୟବସ୍ଥା କରାଗଲା । ବାଲେଶ୍ୱରରେ ପଢିବା ବେଳେ ଲକ୍ଷ୍ମୀକାନ୍ତ ଜିଲ୍ଲା ସ୍କୁଲର ବୁଦ୍ଧିମାନ ଓ ଉତ୍ତମ ଖେଳାଳି ଛାତ୍ରଭାବରେ ସୁନାମ ଅର୍ଜନ କରିଥିଲେ । କିନ୍ତୁ, ଭଦ୍ରକରେ ଅନେକ ପିଲାଙ୍କ ସାଥିରେ ନାଟକ ଅଭିନୟ କରିବାରେ ମାତିବାରୁ ଲକ୍ଷ୍ମୀକାନ୍ତଙ୍କୁ କଟକ ପଠାଗଲା ଅଧ୍ୟୟନପାଇଁ । ସେତେବେଳେ, ଅଣ୍ଡରାଇର ଉମାଚରଣ ଦାସ ରେଭେନ୍ସା କଲେଜରେ ଅଧ୍ୟୟନ କରୁଥିଲେ ଓ ସେ ଥିଲେ ଭାଗବତବାବୁଙ୍କ ଦୂର ସମ୍ପର୍କୀୟ । ଉମାଚରଣଙ୍କ ତତ୍ତ୍ୱାବଧାନରେ ଛାତ୍ରାବାସରେ ରହି ପାଠପଢିଲେ ଲକ୍ଷ୍ମୀକାନ୍ତ । ଲକ୍ଷ୍ମୀକାନ୍ତଙ୍କର ପାଠପଢିବା ଅପେକ୍ଷା କ୍ରୀଡ଼ା, କବିତା ଲେଖା, ଆମୋଦପ୍ରମୋଦ ପ୍ରତି ଅଧିକ ଆଗ୍ରହଥିବା ଉମାଚରଣଙ୍କ ଦୃଷ୍ଟିରେ ପଡୁଥିଲା । ୧୯୦୬ ମସିହାରେ ଉମାଚରଣ ନିଜର ଉଚ୍ଚଶିକ୍ଷା ପାଇଁ କଲିକତା ଚାଲିଯିବାରୁ ଭାଗବତବାବୁ ଲକ୍ଷ୍ମୀକାନ୍ତଙ୍କୁ ବାଲେଶ୍ୱର ଜିଲ୍ଲା ସ୍କୁଲରେ ପଢାଇଲେ । ଏହି ସ୍କୁଲରୁ ଲକ୍ଷ୍ମୀକାନ୍ତ ୧୯୦୭ ମସିହାରେ ଏଣ୍ଟ୍ରାନ୍ସ (ତତ୍‌କାଳୀନ ମାଟ୍ରିକ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । କଟକସ୍ଥ ରେଭେନ୍ସା ମହାବିଦ୍ୟାଳୟରେ ଆଇ.ଏ. ପଢିଲେ । ଆଇ.ଏ. ପାସ କରିବା ପରେ ବି.ଏ. ପଢିବାପାଇଁ ସେ କଲିକତାର ରିପନ କଲେଜରେ ନାମ ଲେଖାଇଥିଲେ । ସେଠାରେ ଅସୁବିଧା ହେବାରୁ, ଫେରିଆସି ରେଭେନ୍ସା ମହାବିଦ୍ୟାଳୟରେ ବି.ଏ. ପଢିଲେ । ପାଠପଢା ଅପେକ୍ଷା କ୍ରୀଡ଼ା (ବ୍ୟାଡ଼ମିଟନ, ଟେନିସ୍, କ୍ରିକେଟ ଖେଳ)ରେ ଓ ଗୋପୀଯନ୍ତ



Scanned by TapScanner

ବଜାଇ ସଂଗୀତ ପରିବେଷଣ କରିବାରେ ଅଧିକ ସମୟ ସେ ବ୍ୟୟ କରୁଥିଲେ । ଇତିମଧ୍ୟରେ ବାଲେଶ୍ୱର ସୁନହଟର ଲାଲମୋହନ ଦାସଙ୍କ କନ୍ୟା ଲବଙ୍ଗଲତାଙ୍କ ସହ ତାଙ୍କର ବିବାହ ହୋଇଥିଲା ।

ଲଣ୍ଡନରେ ପଞ୍ଚମ ଜର୍ଜଙ୍କ ଅଭିଷେକୋତ୍ସବ ଉଦ୍ଦେଶ୍ୟରେ ଭାରତବର୍ଷରେ ମହାସମାରୋହରେ ଉତ୍ସବମାନ କରାଯାଉଥାଏ । ଏହି ଉପଲକ୍ଷେ ରେଭେନ୍ସା ମହାବିଦ୍ୟାଳୟରେ ୧୯୧୨ ମସିହାରେ 'କାଞ୍ଚିକାବେରୀ' ନାଟକ ଅଭିନୟ କରାଯାଉଥାଏ । ଏହି ନାଟକରେ ଲକ୍ଷ୍ମୀକାନ୍ତ ଭଦ୍ରା ଓ ଭିକାରୁଣୀ ଭୂମିକାରେ କେତେବେଳେ କେନ୍ଦରା ତ କେତେବେଳେ ରାମତାଳି, ଆଉ ବେଳେ ଗୋପୀଯନ୍ତ୍ର ବଜାଇ ଏପରି ଗୀତ ଗାଇଲେ ଯେ ଦର୍ଶକମାନେ ମୁଗ୍ଧ ହେଲେ । ପୁନଶ୍ଚ, ଏହି ନାଟକରେ ସେ ନର୍ତ୍ତକୀ ହୋଇ ନାଚିକରି ଅନେକ ପ୍ରଶଂସା ପାଇଥିଲେ । ବି.ଏ. ପଢାବେଳେ ଲକ୍ଷ୍ମୀକାନ୍ତ କ୍ରୀଡ଼ାରସିକ, ସଙ୍ଗୀତ ପ୍ରିୟ, ଅଭିନୟରେ ପାରଦର୍ଶୀ ବୋଲି ଯେପରି ଜଣାଶୁଣା ହୋଇ ପାରିଥିଲେ, ଲେଖାଲେଖି ପାଇଁ 'ମୁକୁର' ପତ୍ରିକାର ସଂପାଦକ ବ୍ରଜସୁନ୍ଦର ଦାସ ଓ 'ଉତ୍କଳସାହିତ୍ୟ' ପତ୍ରିକାର ସଂପାଦକ ବିଶ୍ୱନାଥ କରଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ଏନ୍ଟ୍ରାନ୍ସ ପଢିବାବେଳେ କବିତା ଲେଖା ପାଇଁ ରେଭେନ୍ସା ଛାତ୍ରାବାସରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ସେ ଶ୍ରଦ୍ଧାଭାଜନ ହୋଇଥିଲେ । ଆଇ.ଏ. ପଢିବାବେଳକୁ ତାଙ୍କ ଲେଖା ଫକୀର ମୋହନ ସେନାପତିଙ୍କ ଦ୍ୱାରା ପ୍ରଶଂସା ପାଇଥିଲା । କ୍ରୀଡ଼ା, ସଂଗୀତ, ଅଭିନୟ, ସାହିତ୍ୟ ବ୍ୟତୀତ ସେ ଛାତ୍ରାବସ୍ଥାରେ ସମାଜସେବା ପ୍ରତି ଆଗ୍ରହ ପୋଷଣ କରିଥିଲେ । ଦୀନ, ଦୁଃଖୀ, ବ୍ୟାଧିପୀଡ଼ିତ ଜନତାଙ୍କ ସେବାନିମିତ୍ତ ରେଭେନ୍ସା ମହାବିଦ୍ୟାଳୟର ଅଧ୍ୟାପକ ହେମଚନ୍ଦ୍ର ସରକାର ଗୋଟିଏ ସେବା ସଂସ୍ଥା ଗଠନ କରିଥିଲେ । ଏହି ସଂସ୍ଥାରେ ଲକ୍ଷ୍ମୀକାନ୍ତ ଥିଲେ ଜଣେ ଅଗ୍ରଣୀ ସ୍ୱେଚ୍ଛାସେବୀ, ନିଜ ପାଠ୍ୟପୁସ୍ତକ ବ୍ୟତୀତ ସେ ବଙ୍ଗଳା ଓ ଓଡ଼ିଆ ଭାଷାର ବଛାବଛା ଉନ୍ନତ ସାହିତ୍ୟ କୃତି ଅଧ୍ୟୟନ କରିଥିଲେ । କବିତା ଲେଖୁଥିବାରୁ ତାଙ୍କୁ ସାଙ୍ଗସାଥୀମାନେ କାନ୍ତକବି ଡାକୁଥିଲେ । କିନ୍ତୁ, ୧୯୩୪ ମସିହାରେ ଭଦ୍ରକ ହାଇସ୍କୁଲରେ ଏକ ସମ୍ବର୍ଦ୍ଧନା ସଭା କରାଯାଇ ଲକ୍ଷ୍ମୀକାନ୍ତଙ୍କୁ କାନ୍ତକବିରୂପେ ଘୋଷଣା କରାଯାଇଥିଲା । କବି ଚିନ୍ତାମଣି ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାର ମୁଖ୍ୟ ଉଦ୍ୟୋକ୍ତା ଥିଲେ ଲକ୍ଷ୍ମୀନାରାୟଣ ସାହୁ । ବସ୍ତୁତଃ ସେବେଠାରୁ ଲକ୍ଷ୍ମୀକାନ୍ତ ସର୍ବସାଧାରଣରେ 'କାନ୍ତକବି' ସମ୍ବୋଧନରେ ଓଡ଼ିଶାରେ ପରିଚିତ ହୋଇ ଆସିଛନ୍ତି ।

ରେଭେନ୍ସା ମହାବିଦ୍ୟାଳୟରୁ ଲକ୍ଷ୍ମୀକାନ୍ତ ୧୯୧୩ ମସିହାରେ ବି.ଏ. ପାସ କଲେ । ଏକଦା ଏଣ୍ଟ୍ରାନ୍ସ ପଢିବା ବେଳେ ତାଙ୍କ ଅଭିଭାବକ ଦାୟିତ୍ୱ ତୁଲାଇ ଥିବା ସେବେଳର ରେଭେନ୍ସା ଛାତ୍ର ଉମାଚରଣ ଦାସ ୧୯୧୩ ବେଳକୁ ପୁରୀରେ ଚାକିରି କରୁଥିଲେ ଓ କୁଣ୍ଡେଇବେଣ୍ଟ ସାହିରେ ବସାକରି ରହୁଥିଲେ । ଉମାଚରଣଙ୍କୁ ଦେଖାକରିବା ପାଇଁ ଲକ୍ଷ୍ମୀକାନ୍ତ ପୁରୀ ଗଲେ । ସେଠାରେ ସେ ତାଙ୍କ ପାଖରେ ରହି ଜଗନ୍ନାଥ ଦର୍ଶନ କଲେ । ଉମାଚରଣ ତାଙ୍କୁ ବି.ଏଲ. ପଢିବା ପାଇଁ ପରାମର୍ଶ ଦେଲେ । ଲକ୍ଷ୍ମୀକାନ୍ତ ଘରକୁ ଫେରିଆସିବା ପରେ ତାଙ୍କୁ ଜ୍ୱର ହେଲା । ଜ୍ୱର ଛାଡ଼ିଯିବା ପରେ ଦେହରେ ସେକାଳର ଦୁରାରୋଗ୍ୟ ବ୍ୟାଧିର ଉପସର୍ଗ ପ୍ରକାଶପାଇଲା । ପିତା, ଭାଗବତବାବୁ ତାଙ୍କ ଚିକିତ୍ସାର ସମସ୍ତ ପ୍ରଯତ୍ନ କଲେ ହେଁ, ଲକ୍ଷ୍ମୀକାନ୍ତ



Scanned by TapScanner

ଶାରୀରିକ ସ୍ତରରେ ବିକଳାଙ୍ଗ ହୋଇଗଲେ । କୂଳଗୁରୁ ବାବାଜୀ ରାମଦାସଙ୍କଠାରୁ ସେ ଦୀକ୍ଷା ଗ୍ରହଣ କରିଥିଲେ । ତାଙ୍କରି ପରାମର୍ଶରେ ସେ କୁଳଦେବତା ଗୋପୀନାଥଙ୍କ ପ୍ରତି ସମର୍ପିତ ହେବା ପୂର୍ବକ କୀର୍ତ୍ତନ-ଭଜନପ୍ରତି ଆସକ୍ତ ହେଲେ । ଏଥିର ଲକ୍ଷ୍ମୀକାନ୍ତଙ୍କ ଜୀବନଧାରା ଭିନ୍ନ ପ୍ରକାରେ ଗତିକଲା ।

ଲକ୍ଷ୍ମୀକାନ୍ତ ଥିଲେ ପିତା-ମାତାଙ୍କ ଜ୍ୟେଷ୍ଠ ସନ୍ତାନ । ସାନଭାଇ ତିନିଜଣ ଓ ସାନଭଉଣୀ ଆଠଜଣ । ପିତା, ଭାଗବତବାବୁ ନାନାଦି ସାମାଜିକ ଓ ରାଜନୈତିକ କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ । ଦୁର୍ଦ୍ଦଶାଗ୍ରସ୍ତ ବଡ଼ପୁଅର ଭବିଷ୍ୟତ ପାଇଁ ସେ ଇଷ୍ଟଦେବ ଗୋପୀନାଥଙ୍କ ନାମରେ ଥିବା ପୈତୃକ ସମ୍ପତ୍ତିର ଉତ୍ତରାଧିକାରୀ କରାଇଥିଲେ ଲକ୍ଷ୍ମୀକାନ୍ତଙ୍କୁ । ଏଥିରେ ବ୍ୟାଧିଗ୍ରସ୍ତ ଲକ୍ଷ୍ମୀକାନ୍ତଙ୍କୁ ଭାଇଆଳିଆ ସ୍ତରରୁ ନାନାଦି ଈର୍ଷା ଓ ମାଲିମୋକଦ୍ଦମା ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା । ଏଭଳି ଦୁଃସମୟରେ ସାହିତ୍ୟ, ସଙ୍ଗୀତ, ସଂକୀର୍ତ୍ତନ ଚର୍ଚ୍ଚା , ଇଷ୍ଟପୂଜା, ଗୁରୁବାଣୀ ପାଳନ ଥିଲା ତାଙ୍କ ପାଇଁ ସାନ୍ତ୍ୱନାର ଔଷଧି । ଏହି କାଳରେ ଭାଷାଭିତ୍ତିକ ଉତ୍କଳ ପ୍ରଦେଶ ଗଠନ ପାଇଁ 'ଉତ୍କଳ ସମ୍ମିଳନୀ' ଜରିଆରେ ଆନ୍ଦୋଳନ ଚାଲିଥାଏ । ଉତ୍କଳ ଗୌରବ ମଧୁସୂଦନ ଦାସ ନେତୃତ୍ୱ ନେଇଥାନ୍ତି । ଏ ସମ୍ବନ୍ଧରେ ସଚେତନ ଥିଲେ ଲକ୍ଷ୍ମୀକାନ୍ତ ମହାପାତ୍ର । ୧୯୧୨ ମସିହାରେ ତାଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' କବିତା ଉତ୍କଳ ସମ୍ମିଳନୀର ଅଧିବେଶନରେ ଗାନ କରାଯାଇ ପ୍ରସିଦ୍ଧି ଲାଭ କରିଥିଲା । ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ପାଇଁ ୧୯୨୧ ରେ ଅସହଯୋଗ ଆନ୍ଦୋଳନ ଡାକରା ଦେଇଥିଲେ ମହାତ୍ମାଗାନ୍ଧୀ । ଏହି ଆନ୍ଦୋଳନରେ ଯୋଗଦେଇଥିବା ଅନେକ କର୍ମୀଙ୍କ ତ୍ରୁଟି ବିଚ୍ୟୁତିକୁ ଲକ୍ଷ୍ୟକରି ସେ ୧୯୨୬-୨୭ରେ 'ଅସହଯୋଗୀର ଆତ୍ମକଥା' ଭଳି ମନୋରମ ଗଦ୍ୟରଚନା ଲେଖିଥିଲେ 'ଅସହଯୋଗୀ' ଛଦ୍ମନାମରେ । ଏହି ଲେଖାଟି 'ଉତ୍କଳ ସାହିତ୍ୟ' ପତ୍ରିକାରେ ପାଞ୍ଚଟି ସଂଖ୍ୟାରେ ପ୍ରକାଶ ପାଇଥିଲା । ପୁନଶ୍ଚ, କନିକା ମେଳି, କଂଗ୍ରେସର ନେତୃସ୍ଥାନୀୟ ବ୍ୟକ୍ତିଙ୍କର ତହିଁରେ ଭୂମିକାକୁ ଲକ୍ଷ୍ୟ କରି, ବ୍ୟଙ୍ଗବିଦ୍ରୂପ ଧର୍ମୀ ପଞ୍ଚାମୃତ ନାଟିକା ରଚନା କରିଥିଲେ ଲକ୍ଷ୍ମୀକାନ୍ତ; ଯାହା ବାଲେଶ୍ୱରରୁ ପ୍ରକାଶ ପାଉଥିବା ସାପ୍ତାହିକ 'ପ୍ରଜାତନ୍ତ୍ର'ରେ ପ୍ରକାଶ ପାଇଥିଲା । ଭାରତୀୟ ମୁକ୍ତି ସଂଗ୍ରାମ ସମ୍ପର୍କରେ ସେ ସଚେତନ ଥିବା ତାଙ୍କ ରଚିତ ଅନେକ କବିତା, ଲାଳିକା, ଜାତୀୟ ସଙ୍ଗୀତ, 'କଣାମାମୁ' ଉପନ୍ୟାସ, ନାଟିକାଦିରୁ ଉପଲବ୍ଧ ହୋଇଥାଏ । ଦେଶାତ୍ମବୋଧ ଚିନ୍ତା ଓ ଚେତନାରେ ଲକ୍ଷ୍ମୀକାନ୍ତଙ୍କ ପରିବାର ଲୋକେ ଉଦବୁଦ୍ଧ ଥିବା ଜଣାଯାଏ । ଲବଣ ସତ୍ୟାଗ୍ରହ ସମୟରେ ବ୍ରିଟିଶ ସରକାରର ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାରକୁ ବିରୋଧ କରି ଭାଗବତ ପ୍ରସାଦ ବିହାର ଓଡିଶା କାଉନସିଲର ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ । ଲକ୍ଷ୍ମୀକାନ୍ତଙ୍କ ସାନଭାଇ କମଳାକାନ୍ତ, ଭଉଣୀ କୋକିଳା ଦେବୀ ଓ ଜାହ୍ନବୀ ଦେବୀ, ଭଣଜା ଗୌର ଗୋପାଳ ଦାସ, ଦୁଇପୁତ୍ର- ନିତ୍ୟାନନ୍ଦ ଓ ଗୌରଚନ୍ଦ୍ର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ କାରାବରଣ କରିଥିଲେ ।

୧୯୨୧ ମସିହାରେ ଲକ୍ଷ୍ମୀକାନ୍ତ 'ଗୋପିନାଥ ସଙ୍ଗୀତ ସମାଜ' ଗଢିଥିଲେ । ପ୍ରଥମେ ଏହା ଅପେରା ଓ ପରେ ଥିଏଟରରେ ପରିଣତ ହୋଇଥିଲା । ଏହି ଅନୁଷ୍ଠାନର ଆୟୁକାଳ ଥିଲା ମାତ୍ର ପାଞ୍ଚବର୍ଷ । ହେଲେ, ଏଥିରେ ଅଭିନୀତ ହେବାପାଇଁ କାନ୍ତକବି ରଚନା କରିଥଲେ 'ଶରଦ୍ରାସ', 'ବସନ୍ତ ବିଳାସ', 'କାଳୀୟ ଦଳନ', 'ବ୍ରଜ ବର୍ଜନ', 'ବଂଶୀ



Scanned by TapScanner

ଶିକ୍ଷା', ଆଦି ନାଟକ ନାଟିକା । ପରେପରେ ସେ 'ବେଶ ବଦଳା', 'ଶ୍ରୀ ଶ୍ରୀ ଗୌର ସନ୍ୟାଧ', 'କର୍ଣ୍ଣ', 'ଲକ୍ଷ୍ମୀ ଚଞ୍ଚଳୁଣୀ' ନାଟକ ରଚନା କରି ଅଭିନୟ କରାଇଥିଲେ । ଏହି ସଙ୍ଗୀତ ସମାଜ ଅନୁଷ୍ଠାନ ହେତୁ ଲକ୍ଷ୍ମୀକାନ୍ତଙ୍କର ନିବିଡ଼ ସମ୍ପର୍କ ସ୍ଥାପିତ ହୋଇଥିଲା ରାସ ପ୍ରଣେତା ଗୋବିନ୍ଦ ସୁର ଦେଓ ମୋହନ ସୁନ୍ଦର ଦେବ ଗୋସ୍ୱାମୀ, କୃଷ୍ଣପ୍ରସାଦ ବସୁ ଓ କାଳୀଚରଣ ପଟ୍ଟନାୟକଙ୍କ ସହିତ। ଗୋପିନାଥ ସଙ୍ଗୀତ ସମାଜ ଭାଙ୍ଗିଯିବା ପରେ ସେ ୧୯୨୯ ରେ 'ଗୋପିନାଥ ପ୍ରେସ' ସ୍ଥାପନା କଲେ ଭଦ୍ରକରେ। ୧୯୩୭ ମସିହାରେ ଏହି ପ୍ରେସରୁ 'ଡଗର' ପତ୍ରିକା ତାଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ସେ 'ଡଗର' ପତ୍ରିକାର ପ୍ରକାଶନ କଟକସ୍ଥ ପିଠାପୁର ଠାରେ କରାଇଥିଲେ, ୧୯୪୮ ମସିହାରେ ଭଦ୍ରକ, ତାଳପଦା, କଟକଠାରେ ଭିନ୍ନଭିନ୍ନ ସମୟରେ ଅବସ୍ଥାନ କରି, ସାହିତ୍ୟ ରଚନା କରୁଥିବା ଲକ୍ଷ୍ମୀକାନ୍ତ ଗାଁ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ମୋଚନ, ସେମାନଙ୍କ ଭିତରେ ଥିବା ଅନ୍ଧବିଶ୍ୱାସ ଦୂରକରିବା ଏବଂ କୃଷି ଓ କୁଟୀର ଶିଳ୍ପର ଉନ୍ନତି ନିମନ୍ତେ ସେମାନଙ୍କୁ ଉତ୍ସାହିତ କରୁଥିଲେ। ଗାନ୍ଧୀ ଆଦର୍ଶ ଓ ବାଣୀପ୍ରତି ସେ ଅନୁରାଗୀ ହୋଇ ସେ ସମ୍ପର୍କରେ ଅନେକ କବିତା ରଚନା କରିଥିଲେ। ଏହିଭଳି ମାନସିକ କର୍ମ ତତ୍ପରତା ଓ ସାହିତ୍ୟ ସାଧନା ମଧ୍ୟରେ ତାଙ୍କ ଜୀବନର ଅବସାନ ଘଟିଲା ୧୯୫୩ ମସିହା ଫେବୃଆରୀ ୨୪ ତାରିଖ ଦିନ, ଭଦ୍ରକ ଭବନରେ। ହେଲେ, ସେ ରଖିଯାଇଥିବା ଓଡ଼ିଆ ସାହିତ୍ୟକୃତି ତାଙ୍କୁ ଓଡିଆମାନଙ୍କ ନିକଟରେ ଚିରସ୍ମରଣ କରି ରଖିଛି ।

ଓଡିଆ ସାହିତ୍ୟର ଗଦ୍ୟ ଓ ପଦ୍ୟ ବିଭାଗକୁ ବହୁସଂଖ୍ୟକ ଓ ନାନା ପ୍ରକାରର ରଚନା ଦ୍ୱାରା ପରିପୁଷ୍ଟ କରିଯାଇଛନ୍ତି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର। ଅଧିକାଂଶ ରଚନା ପ୍ରାଣ ଧର୍ମରେ ହାସ୍ୟ କୌତୁକ ଓ ବ୍ୟଙ୍ଗ ବିଦ୍ରୂପଧର୍ମୀ। ତାଙ୍କ ସାହିତ୍ୟ ପାଠକ ମାତ୍ରକେ ଅନୁଭବ କରନ୍ତି; ସତେ ଯେପରି ହସିବା ଓ ଅନ୍ୟମାନଙ୍କୁ ନିଜ ଲେଖା ଜରିଆରେ ହସାଇବାର ଅଦ୍ଭୁତ ଶକ୍ତି ନେଇ ଜନ୍ମ ଗ୍ରହଣ କରିଥିଲେ ଲକ୍ଷ୍ମୀକାନ୍ତ। ପଦ୍ୟରେ ଲେଖିଥିବା ଲାଳିକା ଓ ନାଟ୍ୟରୀତିର ପ୍ରହସନରେ ତାଙ୍କ ହାସ୍ୟସୃଷ୍ଟିକାରୀ ରଚନାଶୈଳୀ ଲକ୍ଷ୍ୟକରି ହୁଏ। କବିସୂର୍ଯ୍ୟ ବଳଦେବ ରଥଙ୍କ 'କିଶୋର ଚନ୍ଦ୍ରାନନ୍ଦଚମ୍ପୂର' ବ୍ୟଙ୍ଗାତ୍ମକ ଅନୁକରଣ ହେଉଛି କାନ୍ତକବି ରଚିତ 'ଚଟକ ଚନ୍ଦ୍ରହାସ ଚମ୍ପୂ'। ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ବିଦଗ୍ଧ ଚିନ୍ତାମଣିର 'କଳାମାଣିକରେ' ଛାନ୍ଦ ଅନୁସରଣରେ 'ଧଳାମାଣିକରେ' ଲାଳିକା ରଚିତ। ଫକୀର ମୋହନ ସେନାପତିଙ୍କ 'ଉତ୍କଳ ଭ୍ରମଣ' ଅନୁକରଣରେ 'କଟକ ସଫର' ଲାଳିକା ରଚନା କରିଛନ୍ତି ଲକ୍ଷ୍ମୀକାନ୍ତ। ନାଟ୍ୟ ସାହିତ୍ୟ ଧାରାରେ ହାସ୍ୟଦ୍ୱାରା ଦର୍ଶକମାନଙ୍କୁ ରସେଇ ମଜେଇ ପାରୁଥିବା ସୃଷ୍ଟି ପ୍ରହସନ ଭାବେ ଜଣାଶୁଣା। 'ଡିମ୍ବକ୍ରେସୀ ସଭା', 'ହନୁମନ୍ତର ବସ୍ତ୍ରହରଣ', 'ଜର୍ମାନ ଭୂତ ଓ ବ୍ରିଟିଶ ଦୂତଙ୍କ ପ୍ରଶ୍ନୋତ୍ତର' ଆଦି ତାଙ୍କର ପ୍ରହସନ ରଚନା।

ଓଡିଆ ଶିଶୁ ସାହିତ୍ୟକୁ ଲକ୍ଷ୍ମୀକାନ୍ତ ବହୁମତେ ସମୃଦ୍ଧ କରିଛନ୍ତି ଉଭୟ ଗଦ୍ୟରେ ଓ ପଦ୍ୟରେ। 'ପିଲାଙ୍କ କଥା' ଭଳି ପୌରାଣିକ କାହାଣୀ ସଂକଳନ ଓ 'ଚିଡିଆଖାନା' ଭଳି ଜୀବଜନ୍ତୁ ସମ୍ବନ୍ଧୀୟ ପଦ୍ୟମୟୀ କୃତି ଶିଶୁ ସାହିତ୍ୟ ଦୃଷ୍ଟିରୁ ବେଶ



Scanned by TapScanner

ଉପାଦେୟ। ଏହା ବ୍ୟତୀତ 'ପାଠମାଳା' ଓ 'ସାହିତ୍ୟ ସୁଧାକର' ହେଉଛି କିଶୋରମାନଙ୍କ ପାଠପଢା ପାଇଁ ଉଦ୍ଦିଷ୍ଟ ସୁନ୍ଦର ପୁସ୍ତକ। ଶିଶୁ ସାହିତ୍ୟ ଗୁଡ଼ିକରୁ କାନ୍ତକବିଙ୍କ ଶିକ୍ଷକୋଚିତ ନୀତି ଓ ଉପଦେଶ ବାଣୀ ଶୁଣିବାକୁ ମିଳିଥାଏ।

ଗଳ୍ପ, ପ୍ରବନ୍ଧ, ଉପନ୍ୟାସାଦି ରଚନାଦ୍ୱାରା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡିଆ ଗଦ୍ୟ ସାହିତ୍ୟକୁ ସମୃଦ୍ଧ କରିଅଛନ୍ତି। ସେ ଅନେକ ଗଳ୍ପ ରଚନା କରିଅଛନ୍ତି। 'ବୁଢାଶଙ୍ଖାରି' ଗଳ୍ପରେ ପରିବେଷିତ ପ୍ରେମ ଓ କରୁଣ ଭାବ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିଥିବାରୁ ତାହା ଅନେକଙ୍କ ନିକଟରେ ଅଭୁଲା କାହାଣୀ ହୋଇରହିଛି। ଯେଉଁ ବୋହୂର ହାତରେ ଶଙ୍ଖା ପିନ୍ଧାଇବା ପାଇଁ ବୁଢା ଶଙ୍ଖାରି ଶାରୀରିକ କଷ୍ଟ ସ୍ୱୀକାର କରି ଧାଇଁ ଯାଇଥିଲା ଦେଖିଲା ବେଳକୁ ସେ ବିଧବା ହୋଇ ସାରିଥିଲା। ଗଳ୍ପଟିର ପରିଣତି ବେଶ୍ କରୁଣ ରସରେ ମାର୍ମିକ। 'ଅସହଯୋଗୀର ଆତ୍ମକଥା' ଭଳି ହାସ୍ୟ ବ୍ୟଙ୍ଗ ଓ ବିଦ୍ରୂପଧର୍ମୀ ଗଦ୍ୟରଚନା, 'କଣାମାମୁଁ' ଭଳି ଜାତୀୟତାବାଦୀ ସଂଗ୍ରାମୀ ଗନ୍ଧୁଗନ୍ଧୁ ଅସମ୍ପୂର୍ଣ୍ଣ ରହିଯାଇଥିବା ଏକ ବିଚିତ୍ର ଉପନ୍ୟାସ ଲକ୍ଷ୍ମୀକାନ୍ତଙ୍କ ଲେଖନୀର ମହାନୀୟ ସାହିତ୍ୟକୃତି। ଏହା ବ୍ୟତୀତ, ସେ ଅନେକ ପ୍ରବନ୍ଧ ଓ ସାହିତ୍ୟ ସମାଲୋଚନା ଲେଖି ଓଡିଆ ସାହିତ୍ୟର ଗଦ୍ୟବିଭାଗକୁ ଉଜ୍ଜ୍ୱଳ କରିଅଛନ୍ତି। 'ହାସ୍ୟରସ', 'ସାହିତ୍ୟ ସୃଷ୍ଟିରେ ହାସ୍ୟରସ', 'କବି ଓ କବିତ୍ୱ', 'ଓଡିଆ ସଙ୍ଗୀତ' ଆଦି ପ୍ରବନ୍ଧରୁ ଲକ୍ଷ୍ମୀକାନ୍ତଙ୍କ ମୂଲ୍ୟାୟନ ଦୃଷ୍ଟି ଓ ବିଚାରବୋଧ ଜାଣିହୁଏ। ତିଅଣରେ ଲୁଣଭଳି ସାହିତ୍ୟରେ ହାସ୍ୟରସ ଏକାନ୍ତ ଆବଶ୍ୟକ ବୋଲି ସେ ବିଚାରିଥାନ୍ତି। 'ଗୋପବନ୍ଧୁଙ୍କ ସ୍ମୃତି, 'ସ୍ମୃତିପୂଜା', 'ଚିନ୍ତାମଣିସ୍ମୃତି, 'ଖଣ୍ଡିଏ ଚିଠି ଭଳି ଜୀବନସ୍ମୃତି ମୂଳକ ପ୍ରବନ୍ଧରୁ କାନ୍ତକବିଙ୍କ ଆତ୍ମସଂଲଗ୍ନ ଭାବ ଉଚ୍ଛ୍ୱାସ ବାରିହୋଇ ପଡେ। 'ନିଭୃତ ନିଶୀଥ', 'ରୋଗ ଶଯ୍ୟା', 'ଜୀବନ୍ତ ମରଣ' ପ୍ରବନ୍ଧ ଲେଖକଙ୍କ ଅଙ୍ଗେନିଭା କଥାର କଳାତ୍ମକ ପ୍ରକାଶ। ନିଜ ଜୀବନର ଅବସ୍ଥା ବିଶେଷର ସ୍ମୃତି ତାଙ୍କ ରଚିତ 'ବାଲ୍ୟସ୍ମୃତି, 'ଶୈଶବସ୍ମୃତି, 'କୈଶୋର ସ୍ୱପ୍ନ, 'ଯୌବନ ପଥେ' ଆଦିରେ ରୂପାୟିତ।

ଲାଳିକା ରଚନା ଭିନ୍ନ ଅନେକ ହାସ୍ୟ ଉଦ୍ଦୀପକ କବିତା ଲେଖିଛନ୍ତି କାନ୍ତକବି। ତନ୍ମଧ୍ୟରେ 'ଅଲଣା ପୁରାଣ', 'ଯୁଗର ମଜା', 'ବିଡି ମହିମା', 'ଶୋକଗୀତ', 'ଗାନ୍ଧୀଗୋଳ' କବିତା ସ୍ମରଣଯୋଗ୍ୟ। କବିବର ରାଧାନାଥ ରାୟ ବିରଚିତ 'ଚିଲିକା' ରୀତିରେ ଲକ୍ଷ୍ମୀକାନ୍ତ ଲେଖିଛନ୍ତି 'ବୈତରଣୀ' । 'କଲ୍ଲୋଳ' ଓ 'ବିବିଧ କବିତା' ସଙ୍କଳନରେ ତାଙ୍କର ଅନେକ କବିତା ସଂକଳିତ। ସେଗୁଡିକ ମଧ୍ୟରେ 'ଶ୍ମଶାନରେ ରାଧାନାଥ', 'ଶ୍ମଶାନରେ ମଧୁସୂଦନ', 'ମହାପ୍ରୟାଣ', 'ଆଷାଢ ପ୍ରଥମ ଦିବସେ', 'ବର୍ଷା ସଙ୍ଗୀତ', 'ଶିଶୁ, 'ଶିଶୁର ଭାଷା', 'ଶିଶୁର ହସ', 'ମୋ ସଙ୍ଗୀତ', 'ଯୁଗାବତାର' ଆଦି କବିତା ପ୍ରମୁଖ। ମହାତ୍ମା ଗାନ୍ଧୀଙ୍କୁ କବି ଯୁଗାବତାର ଭାବରେ ପରିକଳ୍ପନା କରିଛନ୍ତି 'ଯୁଗାବତାର' କବିତାରେ। ତାଙ୍କ ରଚିତ ଆଧ୍ୟାତ୍ମ୍ୟବାଦୀ ଗୀତ ଗୁଡ଼ିକର ସଂକଳନ 'ଜୀବନ ସଙ୍ଗୀତ'। କାନ୍ତକବିଙ୍କ ରଚନାବଳୀ ମଧ୍ୟରେ ଏହି ପୁସ୍ତକଟି ଭିନ୍ନ ଧରଣର ସ୍ୱରଥିବା ଗୀତାବଳୀ, ତାଳ ନାମ ଉଲ୍ଲେଖ ପୂର୍ବକ ଗୀତଗୁଡିକ ସଂକଳିତ। ଗୀତଗୁଡିକର ଉଚ୍ଚାଙ୍ଗ ଭାବ ସମ୍ପଦ 'ଜୀବନ ସଙ୍ଗୀତ'କୁ ଅନନ୍ୟକୃତିର ମାନ୍ୟତା ଦେଇଛି। କେହିକେହି ଏହାକୁ ରବୀନ୍ଦ୍ରନାଥ ଟାଗୋରଙ୍କ 'ଗୀତାଞ୍ଜଳି' ତୁଲ୍ୟ ମହାନ କୃତିକୀର୍ତ୍ତିବୋଲି କହିଥାନ୍ତି। ଜାତୀୟ ଭାବ, ଦେଶପ୍ରୀତି ଓ ଜାତୀୟବୀର ବନ୍ଦନା ମୂଳକ କେତୋଟି କବିତା ତାଙ୍କ



Scanned by TapScanner

'ଜାତୀୟ ସଙ୍ଗୀତ' କବିତା ସଙ୍କଳନରେ ସ୍ଥାନ ପାଇଛି। ପୂର୍ବରୁ ପ୍ରକାଶ ପାଇଥିବା ତାଙ୍କ 'ଦୁନ୍ଦୁଭି' କବିତା ସଙ୍କଳନରେ ସ୍ଥାନିତ 'ବନ୍ଦେ ଉତ୍କଳ ଜନନୀ', 'ଜାତୀୟ ସଙ୍ଗୀତ' ସଂକଳନଭୁକ୍ତ ହୋଇଛି। ଓଡିଶା ସରକାରଙ୍କ ତରଫରୁ 'ବନ୍ଦେ ଉତ୍କଳ ଜନନୀ' ସଂପ୍ରତି ରାଜ୍ୟ ସଙ୍ଗୀତର ମାନ୍ୟତା ଲାଭ କରିଛି। 'କୋଟିକୋଟି କଣ୍ଠେ ଆଜି, 'ଉଡାଇ ନିଶାଣ ବଜାଇ ଭେରୀ', 'ସାଜରେ ସାଜରେ', 'ଭାଇମାନେ ହୋ' ଆଦି ଜାତୀୟ ଆହ୍ୱାନମୂଳକ କବିତା ଏହି ସଂକଳନରେ ସ୍ଥାନ ପାଇଛି। ବସ୍ତୁତଃ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ବିରଚିତ ଦେଶ ଓ ଜାତିର ବନ୍ଦନା ମୂଳକ କବିତାବଳୀରେ 'ଜାତୀୟ ସଙ୍ଗୀତ' ସଂକଳନ ସମୃଦ୍ଧ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ବୈଷ୍ଣବ। ତେଣୁ ତାଙ୍କ ଲେଖାବଳୀରେ ସ୍ୱଦେଶ ପ୍ରାଣତା ଓ ଆଶାବାଦର ଝଲକ ସହିତ ସୌନ୍ଦର୍ଯ୍ୟାଶ୍ରିତ ମହାନ ଭାବନା ରାଜି ସର୍ବତ୍ର ପ୍ରକାଶ ପାଇଛି। ଆଧ୍ୟାତ୍ମିକ ଉଚ୍ଚାଙ୍ଗ ଭାବ ବେଳେବେଳେ ତାଙ୍କ ସୃଷ୍ଟିକୁ ଅନନ୍ୟ କରିଛି। ଅଧିକାଂଶ ରଚନା ଆବେଦନରେ ପାଠକକୁ ହାସ୍ୟ ମାଧ୍ୟମରେ ସୁଖାନୁଭବ ଦେଇଛି। ଓଡ଼ିଆ ସାହିତ୍ୟର ସବୁ ବିଭାଗରେ ଲେଖନୀ ଚାଳନା କରି, କୃତିଗୁଡ଼ିକର ଉତ୍କୃଷ୍ଟତା ହେତୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଯଶୋଦେହେ ଆୟୁଷ୍ମାନ ହୋଇ ରହିଛନ୍ତି ଓଡ଼ିଆ ଜାତି ନିକଟରେ। ଏଭଳି ଜଣେ ମହାପୁରୁଷଙ୍କ ଜୀବନୀ ଓ ସାହିତ୍ୟକୃତି ଓଡ଼ିଶାବାସୀଙ୍କୁ ନୂତନ ଦିଗ୍‌ଦର୍ଶନ ଓ ପ୍ରେରଣା ଦେଇ ଆସୁଥିବାରୁ ତାଙ୍କ କୃତିତ୍ୱ ଓଡ଼ିଆ ପାଠକମାନଙ୍କ ନିକଟରେ ଆଦରଣୀୟ ହୋଇଛି ଏବଂ ଚିରକାଳ ଗ୍ରହଣୀୟ ହୋଇ ରହିବ ମଧ୍ୟ।

**ସୂଚନା**

ଭିନ୍ନଭିନ୍ନ - ଅଲଗା ଅଲଗା

ରୋଚକ – ରୁଚିକାରକ

ମନୋରମ – ମନୋହର, ରମଣୀୟ

ମାଣବସା – ମାର୍ଗଶିର ମାସ ଗୁରୁବାରଦିନ ମାଣରେ ଧାନ ରଖି, ଲକ୍ଷ୍ମୀ ବୋଲି ପୂଜା କରାଯାଏ।

କଟକ ଏକାଡେମୀ ସ୍କୁଲ – ବର୍ତ୍ତମାନ ନାମ - ପ୍ୟାରିମୋହନ ଏକାଡେମି

କୃତକାର୍ଯ୍ୟ – ସଫଳକାମ

ତତ୍ତ୍ୱାବଧାନ - ହେପାଜତ

ବି.ଏଲ୍.- ବ୍ୟାଚେଲର ଅଫ୍ ଆର୍ଟସ (କଳା ସ୍ନାତକ)

କ୍ରୀଡା – ଖେଳ

ଗୋପୀଯନ୍ତ୍ର – ଏକ ପ୍ରକାର ବାଦ୍ୟଯନ୍ତ୍ର



Scanned by TapScanner

ପରିବେଷଣ – ବର୍ଣ୍ଣନ

ଅଭିଷେକୋତ୍ସବ - ଅଭିଷେକ ଉତ୍ସବ ଅର୍ଥାତ ରାଜଗାଦି ବା ସିଂହାସନରେ ରାଜା ବସିବା ବେଳେ ଅନୁଷ୍ଠିତ ଆନନ୍ଦପ୍ରଦ କର୍ମ

କେନ୍ଦରା – ଏକ ପ୍ରକାର ବାଦ୍ୟଯନ୍ତ୍ର

ରାମତାଳି - ଦାସକାଠିଆ

ମୁଗ୍ଧ – ବଶୀଭୂତ

ଭାଜନ - ଯୋଗ୍ୟ

ସର୍ବସାଧାରଣ – ସବୁସ୍ତରର ଲୋକ

ଅଭିଭାବକ – ମୁରବି

ବି.ଏଲ୍.- ବ୍ୟାଚେଲର ଅଫ୍ ଲ (ଆଇନ ସ୍ନାତକ)

ଉପସର୍ଗ – ଚିହ୍ନ ସଙ୍କେତ

ଆସକ୍ତ - ଆଗ୍ରହୀ

ଦୁର୍ଦ୍ଦଶାଗ୍ରସ୍ତ – ଭାଗ୍ୟହୀନତା କବଳିତ

କୁଳଗୁରୁ – ବଂଶର ଦୀକ୍ଷା ଦାତା ଗୁରୁ

ମାଲିମୋକଦ୍ଦମା – କୋର୍ଟ କଚେରୀରେ କେସ

ସାନ୍ତ୍ୱନା - ଆଶ୍ୱାସନା, ପ୍ରବୋଧ

ଛଦ୍ମନାମ - ନିଜ ନାମ ବଦଳରେ ଆଉ ଏକ ନାମ ଲେଖିବା

ଉଦ୍‌ବୁଦ୍ଧ - ଅନୁପ୍ରାଣିତ

ଲବଣ ସତ୍ୟାଗ୍ରହ – ସମୁଦ୍ରରୁ ଲୁଣ ମାରିବା ପାଇଁ ଗାନ୍ଧୀଙ୍କ ଆହ୍ୱାନ କ୍ରମେ ୧୯୩୦ରେ ହୋଇଥିବା ଗଣ ଆନ୍ଦୋଳନ

ଅବସାନ - ଶେଷ ହେବା

ଜରିଆରେ – ମାଧ୍ୟମରେ

ମାର୍ମିକ – ତାତ୍ପର୍ଯ୍ୟପୂର୍ଣ୍ଣ



Scanned by TapScanner

ବିଦ୍ରୂପ - ଥଟ୍ଟା ମାଧ୍ୟମରେ ଆଘାତ

ବ୍ୟଙ୍ଗ – ଥଟ୍ଟା

ଗୀତାବଳୀ – ଗୀତ ସମୂହ

ଆୟୁଷ୍ମାନ - ଆୟୁଷ ସମ୍ପନ

**ସଂକ୍ଷିପ୍ତ ପ୍ରଶ୍ନୋତ୍ତର :**

**୧. ନିମ୍ନ ଶବ୍ଦ ଗୁଡିକର ବିପରୀତ ଅର୍ଥ ବୋଧକ ଶବ୍ଦ ଲେଖ ;**

ରୋଚକ, ବୁଦ୍ଧିମାନ, ପ୍ରଶଂସା, ଆସକ୍ତ, ଛଦ୍ମ, ହସିବା

**୨. ସନ୍ଧିବିଚ୍ଛେଦକର ;**

ଦୁରାରୋଗ୍ୟ, ପୈତୃକ, ଉତ୍ତରାଧିକାରୀ, ଅଭିଷେକୋତ୍ସବ, ସୁଧାକର, ସମାଲୋଚନା

**୩. କାନ୍ତି ଲଗାଇ ଆଉ ପାଞ୍ଚଗୋଟି ଶବ୍ଦ ଲେଖ ;**

**୪. ନିତ୍ୟ+ଆନନ୍ଦ=ନିତ୍ୟାନନ୍ଦ। ଏହିପରି କଣ ହେବ ଲେଖ ;**

ସତ୍ୟ + ଆନନ୍ଦ

ରସ + ଆନନ୍ଦ

ପୂର୍ଣ୍ଣ + ଆନନ୍ଦ

ଭୈରବ + ଆନନ୍ଦ

ବ୍ରହ୍ମ + ଆନନ୍ଦ

୫. ଗୌରଚନ୍ଦ୍ର ଭଳି ଚନ୍ଦ୍ର ଲଗାଇ ପାଞ୍ଚଗୋଟି ଶବ୍ଦ ଲେଖ ।

**କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ ;**

୧. କାନ୍ତକବିଙ୍କ ନାମ ଲକ୍ଷ୍ମୀକାନ୍ତ ରଖାଯାଇଥିଲା କାହିଁକି ?

୨. କାନ୍ତକବିଙ୍କ ପୈତୃକ ଗ୍ରାମ ନାମ କ'ଣ ?



Scanned by TapScanner

୮. ଲକ୍ଷ୍ମୀକାନ୍ତଙ୍କ ପିତାଙ୍କ ନାମ କ'ଣ ଓ ସେ କେଉଁ ବୃତ୍ତି ଅବଲମ୍ବନ କରୁଥିଲେ ?

୯. କବିତାଲେଖା ପାଇଁ ଲକ୍ଷ୍ମୀକାନ୍ତ କାହାର ଶ୍ରଦ୍ଧା ଭାଜନ ହୋଇଥିଲେ ?

୧୦. ଲକ୍ଷ୍ମୀକାନ୍ତଙ୍କ ମାତାଙ୍କ ନାମ କଣ ?

୧୧. ଲକ୍ଷ୍ମୀକାନ୍ତ ବି.ଏ. ପଢିବାପାଇଁ କଲିକତାର କେଉଁ କଲେଜରେ ନାମ ଲେଖାଇଥିଲେ ?

୧୨. ରେଭେନ୍‌ସା ମହାବିଦ୍ୟାଳୟରେ ଲକ୍ଷ୍ମୀକାନ୍ତ କେଉଁ ନାଟକରେ ଅଭିନୟ କରିଥିଲେ ?

୧୩. କେଉଁଠାରେ ଲକ୍ଷ୍ମୀକାନ୍ତଙ୍କୁ କାନ୍ତକବି ରୂପେ ଅଭିହିତ କରାଯାଇଥିଲା ?

୧୪. ଛାତ୍ରାବସ୍ଥାରେ ଲକ୍ଷ୍ମୀକାନ୍ତ ଲେଖାଲେଖି ପାଇଁ କେଉଁ ପତ୍ରିକାର ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ?

୧୫. କାନ୍ତକବିଙ୍କ କୁଳଗୁରୁଙ୍କ ନାମ କଣ ?

୧୬. ଲକ୍ଷ୍ମୀକାନ୍ତଙ୍କ ଇଷ୍ଟଦେବତା କିଏ ?

୧୭. 'ବନ୍ଦେ ଉତ୍କଳ ଜନନୀ' କବିତା ଉତ୍କଳ ସମ୍ମିଳନୀର କେଉଁଠିକା ଅଧିବେଶନରେ ଗାନ କରାଯାଇଥିଲା ?

୧୮. ଲକ୍ଷ୍ମୀକାନ୍ତ ଭଦ୍ରକରେ ସ୍ଥାପନ କରିଥିବା ପ୍ରେସର ନାମ କଣ ?

୧୯. 'ଡଗର' ପ୍ରକାଶନ କଟକର ପିଠାପୁରରୁ କେଉଁ ମସିହାରେ ହୋଇଥିଲା ?

୨୦. 'ଅସହଯୋଗୀର ଆତ୍ମକଥା' କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

୨୧. ଲକ୍ଷ୍ମୀକାନ୍ତଙ୍କ ଅସମ୍ପୂର୍ଣ୍ଣ ଉପନ୍ୟାସର ନାମ କଣ ?

୨୨. ଭାଗବତ ପ୍ରସାଦ ବିହାର ଓଡିଶା କାଉନସିଲରୁ ଇସ୍ତଫା ଦେଲେ କାହିଁକି ?

**ସପ୍ରସଙ୍ଗ ସରଳାର୍ଥ**

୨୩. ଏଭଳି ସମୟରେ ସାହିତ୍ୟ, ସଙ୍ଗୀତ, ସଂକୀର୍ତ୍ତନ ଚର୍ଚ୍ଚା, ଇଷ୍ଟପୂଜା, ଗୁରୁବାଣୀ ପାଳନ ଥିଲା ତାଙ୍କ ପାଇଁ ସାନ୍ତ୍ୱନାର ଔଷଧ ।

୨୪. ଗାନ୍ଧୀ ଆଦର୍ଶ ଓ ବାଣୀପ୍ରତି ସେ ଅନୁରାଗୀ ହୋଇ ସେ ସମ୍ପର୍କରେ ଅନେକ କବିତା ରଚନା କରିଥିଲେ ।

୨୫. ଅଧିକାଂଶ ରଚନା ପ୍ରାଣଧର୍ମରେ ହାସ୍ୟ କୌତୁକ ଓ ବ୍ୟଙ୍ଗ ବିଦ୍ରୂପଧର୍ମୀ ।



Scanned by TapScanner

୨୬. ଗଳ୍ପଟିର ପରିଣତି ବେଶ କରୁଣ ରସରେ ମାର୍ମିକ ।

୨୭. ଅଧ୍ୟାତ୍ମିକ ଉଚ୍ଚାଙ୍ଗ ଭାବ ବେଳେବେଳେ ତାଙ୍କ ସୃଷ୍ଟିକୁ ଅନନ୍ୟ କରିଛି ।

**ଦୀର୍ଘ ଉତ୍ତରମୂଳକ ;**

୨୮. କାନ୍ତକବିଙ୍କ ଜୀବନୀର ପରିଚୟ ଦିଅ।

୨୯. କାନ୍ତକବିଙ୍କ ସାହିତ୍ୟ କୃତିଗୁଡ଼ିକର ବିବରଣୀ ପ୍ରଦାନ କର।

୩୦. ରୁଗ୍ଣ ସ୍ୱାସ୍ଥ୍ୟରେ କାନ୍ତକବି ମୃତ୍ୟୁ ପର୍ଯ୍ୟନ୍ତ କେଉଁକେଉଁ କାମ ସହ ସମ୍ପୃକ୍ତ ଥିଲେ, ଦର୍ଶାଅ।

**ତୁମପାଇଁ କାମ**

୩୧. କାନ୍ତକବିଙ୍କ 'କଣାମାମୁଁ' ଉପନ୍ୟାସ ସଂଗ୍ରହକରି ପଢ।

୩୨. 'ଜାତୀୟ ସଙ୍ଗୀତ' ଓ 'ଜୀବନ ସଙ୍ଗୀତ'ରେ ଥିବା କବିତା ଗୁଡ଼ିକୁ ଗାନକର।

୩୩. 'ବୁଢା ଶଙ୍ଖାରି' ଗଳ୍ପ ସଂଗ୍ରହ କରି ପଢ।

•



Scanned by TapScanner

# ସାହିତ୍ୟ ସିନ୍ଧୁ

(ଦଶମ ଶ୍ରେଣୀ)

ପ୍ରକାଶକ

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ସାହିତ୍ୟ ସିନ୍ଧୁ

(ଦଶମ ଶ୍ରେଣୀ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁମୋଦିତ ଓ ପ୍ରକାଶିତ

© ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ସଂପାଦନାମଣ୍ଡଳୀ :

ଡ. ବାବାଜୀ ଚରଣ ପଟ୍ଟନାୟକ (ସମୀକ୍ଷକ)

ଡ. ବସନ୍ତ କୁମାର ପଣ୍ଡା

ଅରୁଣା ରାୟ

ଡ. ମୀନାକ୍ଷୀ ଦାସ

ଡ. ଗଣେଶ୍ୱର ସ୍ୱାଇଁ

ପରିମାର୍ଜିତ ସଂପାଦନାମଣ୍ଡଳୀ :

ଡ. ବାବାଜୀ ଚରଣ ପଟ୍ଟନାୟକ (ସମୀକ୍ଷକ)

ଡ. ସୁନାମଣି ରାଉତ

ମେଜର ଚିନ୍ତାମଣି ଭାରତୀ

ଡ. ସଞ୍ଜୁଲତା ପାତ୍ର

ଡ. ସବିତା ଜେନା

ସଂଯୋଜନା :

ଡ. ସଞ୍ଜୁଲତା ପାତ୍ର

ପ୍ରଥମ ସଂସ୍କରଣ :

୨୦୧୩ : ୨,୦୦,୦୦୦/ ୨,୦୦,୦୦୦/ ୧,୦୦,୦୦୦/ ୧,୦୦,୦୦୦/ ୧,୦୦,୦୦୦

୨୦୧୯ : ୫୦,୦୦୦/ ୫୦,୦୦୦/ ୫୦,୦୦୦/ ୫୦,୦୦୦/ ୫୦,୦୦୦/ ୫୦,୦୦୦

ପରିମାର୍ଜିତ ସଂସ୍କରଣ : ୨୦୨୦ - ୧,୦୦,୦୦୦/ ୧,୦୦,୦୦୦

ଆର୍ଟପୁଲ - ଗ୍ରାଫ୍ ଏନ୍ ଗ୍ରାଫିକ୍ସ, କଟକ

ମୁଦ୍ରଣ : ଖିରକମଲ ପବ୍ଲିକେସନ୍ ଭୁବନେଶ୍ୱର

ମୂଲ୍ୟ : ଟ. ୪୪.୦୦ (ଚଉରାଳୀଶୀ ଟଙ୍କା ମାତ୍ର)

# ସୂଚୀ

H1Q4D7


| ପ୍ରସଙ୍ଗ | କବି/ଲେଖକ | ପୃଷ୍ଠା |
|---|---|---|
| **ପଦ୍ୟ** | | |
| ୧. ଭୀମଙ୍କ ସିଂହନାଦ ରଢ଼ି | ସାରଳା ଦାସ | ୧ |
| ୨. ରାଘବଙ୍କ ଲଙ୍କା ଯାତ୍ରାନୁକୂଳ | ଉପେନ୍ଦ୍ର ଭଞ୍ଜ | ୮ |
| ୩. ଚିଲିକାରେ ସାୟନ୍ତନ ଦୃଶ୍ୟ | ରାଧାନାଥ ରାୟ | ୧୩ |
| ୪. ମଙ୍ଗଳେ ଆଇଲା ଉଷା | ଗଙ୍ଗାଧର ମେହେର | ୧୯ |
| ୫. ଜାଗ ବନ୍ଧନହରା | ଅନନ୍ତ ପଟ୍ଟନାୟକ | ୨୬ |
| ୬. ସର୍ବଂସହା ମାଟି | ବିଦ୍ୟୁତପ୍ରଭା ଦେବୀ | ୩୧ |
| **ଗଦ୍ୟ** | | |
| ୭. ଜନ୍ମଭୂମି | କୃଷ୍ଣଚନ୍ଦ୍ର ପାଣିଗ୍ରାହୀ | ୩୬ |
| ୮. ସଭ୍ୟତା ଓ ବିଜ୍ଞାନ | ବଂଶୀଧର ସାମନ୍ତରାୟ | ୪୫ |
| ୯. ମାତୃଭାଷା ଓ ଲୋକଶିକ୍ଷା | ଗୋଲୋକବିହାରୀ ଧଳ | ୫୪ |
| ୧୦. ନରେନ୍ଦ୍ରରୁ ବିବେକାନନ୍ଦ | ଶରତ କୁମାର ମହାନ୍ତି | ୬୩ |
| ୧୧. ଓଡ଼ିଆ ସାହିତ୍ୟ କଥା | ପ୍ରସ୍ତୁତି: ସିଲାବସ୍ କମିଟି | ୭୫ |
| **ଗଳ୍ପ** | | |
| ୧୨. କାଠ | ବସନ୍ତ କୁମାର ଶତପଥୀ | ୮୯ |
| ୧୩. କାଳର କପୋଳ ତଳେ | ନନ୍ଦିନୀ ଶତପଥୀ | ୯୬ |
| ୧୪. ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ | ରବି ପଟ୍ଟନାୟକ | ୧୦୨ |
| **ଏକାଙ୍କିକା** | | |
| ୧୫. ଫଲ୍‌ଗୁ | ମନୋରଞ୍ଜନ ଦାସ | ୧୧୦ |
| ୧୬. କୋଣାର୍କ | ଭଞ୍ଜକିଶୋର ପଟ୍ଟନାୟକ | ୧୨୧ |


❖❖❖

# ଭାରତର ସମ୍ବିଧାନ

**ପ୍ରାକ୍ କଥନ :**

ଆମେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ସମସ୍ତ ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ

ଭ୍ରାତୃଭାବ ଉସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ

ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା

ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

## ଚତୁର୍ଥ ଅଧ୍ୟାୟ (କ)

## ୫୧(କ) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ -**

(କ) ସମ୍ବିଧାନକୁ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମତ୍ୱ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନିସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ପରିତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉକ୍ରର୍ଷ ସାଧନ କରିବା, ଯାହା ଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବା ।

**ପଦ୍ୟ**

M8W3D7

# ଭୀମଙ୍କ ସିଂଘନାଦ ରଡ଼ି

• ସାରଳା ଦାସ
(ପଞ୍ଚଦଶ ଶତାବ୍ଦୀ)

## କବି ପରିଚୟ :

*ଓଡ଼ିଆ ଭାଷାରେ ସାହିତ୍ୟ ରଚନା କରିଥିବା ଆଦିକବି ସାରଳା ଦାସ (ସାରୋଳ / ସାରୋଳା ଦାସ) ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବଙ୍କ ସମକାଳ ଅର୍ଥାତ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ଜୀବିତ ଥିବା ଜଣାଯାଏ। ଝଙ୍କଡର ସାରୋଳ ଚଣ୍ଡୀଙ୍କୁ ଆରାଧନା କରି ସେ କାବ୍ୟ ରଚନା ପାଇଁ ଅପୂର୍ବ ଶକ୍ତି ଲାଭ କରିଥିବାରୁ ନିଜକୁ ସାରୋଳା ସାରୋଳା ଦାସ ରୂପେ ପରିଚିତ କରାଇ ଅଛନ୍ତି । ତାଙ୍କର ପିତୃଦତ୍ତ ନାମ ସିଦ୍ଧେଶ୍ୱର ପରିଡ଼ା ଥିବା ଜଣାଯାଏ। ସେ ମହାଭାରତ, ଚଣ୍ଡୀପୁରାଣ, ବିଚିତ୍ର ରାମାୟଣ ଭଳି ପୁରାଣମାନ ରଚନା କରି ଯଶସ୍ୱୀ ହୋଇଛନ୍ତି ।*

*ପୂର୍ବାଭାସ: 'ଭୀମଙ୍କ ସିଂଘନାଦ ରଡ଼ି' ବିଷୟଟି 'ସାରଳା ମହାଭାରତ'ର 'ଗଦାପର୍ବ'ରୁ ଆସିଅଛି। ମହାଭାରତ ମହାସମରରେ ଆତ୍ମୀୟ ସ୍ୱଜନଙ୍କୁ ହରାଇ ମହାମାନୀ ଦୁର୍ଯ୍ୟୋଧନ ଦୁର୍ବାସାଙ୍କ ଉପଦେଶରେ ଆତ୍ମରକ୍ଷା ପାଇଁ ବ୍ୟାସ ସରୋବରରେ ଆତ୍ମଗୋପନ କରିଅଛନ୍ତି । ଏହି ବ୍ୟାସ ସରୋବରରେ ଶରଣ ନେଇଥିବା ବ୍ୟକ୍ତିଙ୍କୁ ମାରିବା ପାଇଁ ତାର ଶତ୍ରୁ ବଳପୂର୍ବକ ପ୍ରବେଶ କଲେ ଧ୍ୱଂସ ହୋଇଯିବ ବୋଲି ଶିବ ଅଭିଶାପ ଦେଇଥିଲେ । ସହଦେବଙ୍କ ମୁଖରୁ ଦୁର୍ଯ୍ୟୋଧନ ଏହି ନିରାପଦ ସ୍ଥାନରେ ଲୁଚି ଥିବାର ସୂଚନା ପାଇ ଭୀମ ଶିବଙ୍କଠାରୁ ସିଂଘନାଦ ପ୍ରାପ୍ତ ହୋଇ ଦୁଇଟି ଭୟଙ୍କର ରଡ଼ି ଦେବାରୁ ମହାଲକ୍ଷ୍ମୀଙ୍କର ଅଭୟ କ୍ରୋଡ଼ରେ ଆଶ୍ରୟ ନେଇଥିବା ଦୁର୍ଯ୍ୟୋଧନ ମହାଲକ୍ଷ୍ମୀଙ୍କ ବାରଣ ନ ମାନି ତାଙ୍କୁ ଠେଲି ଦେଇ 'ଯୁଦ୍ଧଂ ଦେହୀ' ଡାକରା ଦେଇ ସତୁରି ସତୁରି ଭାର ଗଦା ଧରି ମହାଦର୍ପରେ 'ବ୍ୟାସ ସରୋବର'ରୁ ବାହାରି ଆସିଲେ ।*

*ଏଠାରେ ଭୀମଙ୍କ ଦ୍ୱାରା ଶିବଙ୍କଠାରୁ ସିଂଘନାଦ ପ୍ରାପ୍ତି, ତାହାର ବାଦନରେ ସୌର ମଣ୍ଡଳରେ ଭୟଙ୍କର ପରିସ୍ଥିତି ସୃଷ୍ଟି, ମହାଲକ୍ଷ୍ମୀଙ୍କ ସାନ୍ତ୍ୱନାକୁ ଅଗ୍ରାହ୍ୟ କରି ଦୁର୍ଯ୍ୟୋଧନଙ୍କ ବୀରୋଚିତ ସମ୍ମୁଖ ସମରକୁ ଆଗମନଆଦି ବିଷୟ ସୁନ୍ଦର ଭାବେ ଚିତ୍ରିତ ହୋଇଅଛି ।*

---

**ସ**ହଦେବ ବୋଇଲା ସ୍ୱାମି ଶୁଣିମା ଜଗନ୍ନାଥ
ଈଶ୍ୱରଙ୍କୁ ସିଂଘନାଦ ମାଗନ୍ତୁ ପବନର ସୁତ ।
ଗୋବିନ୍ଦେ ବୋଇଲେ ଯେବେ ଯେମନ୍ତ ଅଛି ଭୀମ
ବୁଦ୍ଧି ହରାଇ କିଂପେ କଲୁ ତୁ ମତିଭ୍ରମ।
ଯେବେ ବହନ ତୁ ବିଶ୍ୱନାଥଙ୍କୁ ସିଂଘନାଦ ମାଗ
ରଡ଼ିର ନାଦେ ମାନଗୋବିନ୍ଦ ବାହାର ହୋଉ ବେଗ ।
ଧ୍ୟାନେଣ ଚିନ୍ତିଲା ସେ ପାଣ୍ଡବ ସୁନ୍ଦର
ଆସନ କମ୍ପିଲା ଯେ ଦେବ ଶୂଳଧର ।

ଧ୍ୟାନେଣ ଜାଣିଲେ ସେ ଦେବ ପଶୁପତି
ଈଶ୍ୱରେ ବୋଇଲେ ଦେବୀ ଶୁଣ ଗୋ ପାର୍ବତୀ ।
ଆମ୍ଭନ୍ତ ସିଂଘନାଦ ମାଗୁଅଛି ବୀର ଭୀମା
ତୁମ୍ଭ ବିଚାରକୁ କିସ ଯୋଗାଇ ଗୋ ଉମା ।
ପାର୍ବତୀ ବୋଇଲେ ଭୀମସେନ ଆମ୍ଭ ଉପ୍ରକାରି
ବେଳେବେଳେ ପାଣ୍ଡବେ ଆମ୍ଭ କପିଳାସକଙ୍କ ଉଦ୍ଧରି
ସତ୍ୟମନା ଇଛି ଦେବ ଯେ ତ୍ରିପୁରାରି ।
ପାର୍ବତୀ ବୋଇଲେ ସିଂଘନାଦ ଦିଅସି ବହନ
ପାଣ୍ଡବଂକ ହେତୁ ତୁମ୍ଭେ ବ୍ରତିଅଛ ତ୍ରିଲୋଚନ ।
ସଂକଟ କାଳେ ତୁମ୍ଭନ୍ତ ଉଦ୍ଧାରନ୍ତି ପୁଣ
ଦିଅସି ସିଂଘନାଦ ପ୍ରସନ୍ନ ବଦନେଣ ।
ଘନ ଘନ ଆସନ କମ୍ପଇ ସଦାନନ୍ଦ
ଚିରିକୁଟିରୁ କାଢ଼ି ଦିଲେ ସେ ସିଂଘନାଦ ।
ଈଶ୍ୱରେ ବୋଇଲେ ତୁ ବହନ ହୋଇ ଯିବୁ
ତିନିଘାନ୍ତି ମାତ୍ରକ ଶବଦ ଭୀମସେନକୁ ସହିବୁ ।
ସିଂଘନାଦ ଆସନ୍ତେ ପ୍ରସର ପବନ
ଶବଦେ କମ୍ପୁଅଛି ମୃତ୍ୟୁ ଯେ ଭୁବନ ।
କାଳାନଳ ଜାଣି ବିକାଶି ସିଂଘନାଦ ଜ୍ୟୋତି
ଆଦିତ୍ୟହୁଂ ଶତେଗୁଣ ତେଜ ବିକାଶନ୍ତି ।
ଅନ୍ତରୀକ୍ଷେ ଆସି ପ୍ରବେଶ ହୋଇଲା ବ୍ୟାସସରୋବର ତୀରେ
ପାଣ୍ଡବ ସୁନ୍ଦର ଭୀମ ଧଇଲା ତାହା କରେ ।
ଆରେ ଆରେ ନିସତ କିମ୍ପା ହୋଉ ମାନଗୋବିନ୍ଦ
କରେ ଧରି ପାଣ୍ଡବ ତାହା ଚୁମ୍ବିଲା ସିଂଘନାଦ ।
ଆକ୍ରେକ୍ଷିଣ ସିଂଘନାଦ ଭୀମସେନ ଗାଢ଼େ କଲେ ବାଦ୍ୟ
ମହୀମଣ୍ଡଳ କମ୍ପିଲା ପ୍ରଥମ ଶବଦ ।
ନଳିନୀ ପତ୍ରରେ ଯେହ୍ନେ ପଡ଼ନ୍ତେଣ ପାଣି
ପୃଥିବୀ ଦଳଦଳିତ କମ୍ପଇ ମେଦିନୀ ।
ସଞ୍ଝା ଛାଡ଼ିକରି ଯେ ବୁଲଇ ମନ୍ଦର
ମାନଗୋବିନ୍ଦ ନିଦ୍ରାଭାଙ୍ଗି ଉଠି ବସିଲା ଧାତିକାର ।
ପୁଣ ଆରେକ ରଡ଼ିୟେ ଦିଲା ବୀର ଭୀମ
ଛଡ଼ଲକ୍ଷ ଯୋଜନେ ଆକାଶେ କମ୍ପିଲା ବୀର ଯମ ।
ପାତାଳେ ଅନନ୍ତ ନାଗର କମ୍ପିଲାକ ଫେରୁ
ନବଦ୍ୱୀପ ସପତ ସାଗର କମ୍ପିଲା ଟଳମଳ ହୋଇଲାକ ମେରୁ ।

ଆଦିତ୍ୟ ଭୂମଣ୍ଡଳ ଧ୍ରୁବମଣ୍ଡଳ ଅମର ମଣ୍ଡଳ
ଆକାଶେ ଲାଗିଲା ଉଛୁଳିଲା ସିନ୍ଧୁଜଳ ।
ରେ ରେ କାର କରି ରାଜା ଧୃତିରାଷ୍ଟି
ବକ୍ଷସ୍ଥଳେ ମାରି ବାହାସ୍ଫୋଟ ଗର୍ଜିଣ ବେଗେ ଉଠି ।
ମହାଗହନ ନିଶ୍ୱାସ ବୁଲାଇ ବେନି ଡୋଳା
ବେନି ଭୁଜେ ଆକ୍ରୋଷି ଧଇଲେ କମଳା ।
ଆରେ ଆରେ ଦ୍ରିଯୋଧନ ଅପାର ପ୍ରତଗ୍ୟାଂ ଯେ କଲୁ ବାବୁ
ବୋଇଲୁ ଯେ ଭୀମର ସାତରଢ଼ି ସହିବୁ ।
ମାନଗୋବିନ୍ଦ ରାଜା କମଳା ଭୁଜଦଣ୍ଡ ଦିଲା ପେଲି
ଅଧର ପୃଷ୍ଠ କରି ପଳା ଯା ବୋଲି ବୋଲି ।
ମହାଲଛୀ ବୋଇଲେ ଯେ ପଳାଉ ଅଛିନି ମୁହିଂ
ତୋହୋର ଭୁଛନା ବୋଲିବାକୁ ଥିଲି ତ ବାଟ ଚାହିଂ ।
ଲଛୀ ବୋଲେ ଆବର ରଢ଼ିଯେ ଯେବେ ସହିବୁ ପାମର
ଯେ ରଢ଼ି ସହିଲେ ତୁରେ ହୋଇବୁ ଅଜ୍ରାମର ।
ଯେତେ ବୋଲି ତତକ୍ଷଣେ ଛାଡ଼ିଲେ ମହାଲକ୍ଷ୍ମୀ
କଦଳୀପତ୍ର ପ୍ରାୟେ କମ୍ପଇ ମହାତମୀ ।
ସତୁରି ସତୁରି ଭାର ଗଦା ଘେନି କରସ୍ଥଳେ
କ୍ଷେପଇ ମାନଗୋବିନ୍ଦ ଯେ ଚିତ୍ତ ଅନ୍ତରାଳେ ।

**ସୂଚନା :**

**ସିଂଘନାଦ** - ମଇଁଷି ସିଂଘରେ ନିର୍ମିତ ଏକବାଦ୍ୟ । ଶିବ ଭୈରବ ରୂପ ଧାରଣ କରି ସିଂଘନାଦ କଲେ ପୃଥିବୀ ପ୍ରଳୟ ହୁଏ । ପୂର୍ବେ ଅଶ୍ଳେଷା ଦୈତ୍ୟ କୈଳାସ ଉପାଡ଼ି ନେଉଥିବା ବେଳେ ଋଷ୍ୟମୁକ ପର୍ବତରେ ଥିବା ଭୀମକୁ ଶିବ ଡାକିଲେ । ଭୀମଅଶ୍ଳେଷା ଦୈତ୍ୟକୁ ମାରି କୈଳାସ ଉଦ୍ଧାର କରିବାରୁ ଶିବ ଭୀମଙ୍କୁ ବର ଯାଚିଥିଲେ । ସେହି ବରକୁ ସ୍ମରଣ କରାଇ ଭୀମ ଶିବଙ୍କଠାରୁ ଏହା ପ୍ରାପ୍ତ ହେଲେ ଦୁର୍ଯ୍ୟୋଧନକୁ ବ୍ୟାସ ସରୋବରରୁ ବାହାର କରିବା ପାଇଁ ।

ବିଶ୍ୱନାଥ - ଶିବ
ମାନଗୋବିନ୍ଦ - ଦୁର୍ଯ୍ୟୋଧନ
ଶୂଳଧର - ଶିବ
ପଶୁପତି - ଶିବ
ଇଶ୍ୱର - ଶିବ
ଉମା - ପାର୍ବତୀ
ଉପୁଗାରି - ଉପକାରୀ
କପିଳାସକଇଂ - କପିଳାସକୁ

ସତ୍ୟମନା - ମନରେ ସତ୍ୟ କରିଥିବାରୁ
ତ୍ରିପୁରାରି - ଶିବ
ବୃତିଅଛ - ବର୍ତ୍ତି ଅଛ / ରକ୍ଷା ପାଇଛ
ତ୍ରିଲୋଚନ - ଶିବ
ଦିଅସି - ଦିଅ
ସଦାନନ୍ଦ - ଶିବ
ଚିରିକୁଟି - ଏଠାରେ ମୁଣା ଅର୍ଥରେ ପ୍ରୟୋଗ କରାଯାଇଛି
ତିନିଘାନ୍ତି - ତିନିଥର
ପ୍ରସର - ବହିବା
ମୃତ୍ୟୁ ଯେ ଭୁବନ - ମର୍ତ୍ତ୍ୟ ଭୁବନ
କାଳାନଳ - ଭୟଙ୍କର ଅଗ୍ନି
ଆଦିତ୍ୟହୁଂ - ସୂର୍ଯ୍ୟଙ୍କଠାରୁ
ଅନ୍ତରୀକ୍ଷେ - ଆକାଶରେ

ବ୍ୟାସ ସରୋବର - ଓଡପା ମହାତୀର୍ଥ । ବ୍ୟାସଦେବ ଗୁପ୍ତରେ ଏଠାରେ ମହାଭାରତ ଓ ଅଷ୍ଟାଦଶ ପୁରାଣ ଆଦି ରଚନା କରୁଥିଲେ । ଦକ୍ଷଯଜ୍ଞ ନାଶପରେ ଶିବ ନିଜକୁ ଶୀତଳ କରିବାପାଇଁ ଏଠାରେ ପ୍ରବେଶ କଲେ । ବ୍ୟାସଙ୍କ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେବାରୁ ଶିବ ଅଭିଶାପ ଦେଇଥିଲେ ଯେ, କୌଣସି ଶରଣାଗତ ଅନନ୍ୟୋପାୟ ହୋଇ ଶତ୍ରୁ କବଳରୁ ରକ୍ଷା ପାଇବାପାଇଁ ଏଠାରେ ଆଶ୍ରୟ ନେଲେ ତାର ଶତ୍ରୁ ଏଠାରେ ପ୍ରବେଶ କରି ପାରିବେ ନାହିଁ, ଯଦି ବଳପୂର୍ବକ ପ୍ରବେଶ କରେ ତେବେ ସେ ଶତ୍ରୁ ଧ୍ୱଂସ ହୋଇଯିବ ।

ନିସତ - ବଳହୀନ
ତୁମ୍ଭିଲା - ସିଂଘନାଦ ବଜାଇବା ପାଇଁ ଓଠରେ ଲଗାଇଲା
ଆକ୍ରେଷିଣ - ଆକର୍ଷଣ କରି, ଭିଡ଼ିଧରି
ନଳିନୀପତ୍ର - ପଦ୍ମପତ୍ର
ଦଳ୍‌ଦଳିତ - ଥରହର ହେବା
ସଞ୍ଚା - ମାପ, ଚିହ୍ନିତ ଦାଗ
ମନ୍ଦର - ପର୍ବତ ବିଶେଷ
ନିଦ୍ରାଭାଞ୍ଜି - ନିଦ୍ରା ତ୍ୟାଗ କରି
ଧାଡିକାର - ଶୀଘ୍ର
ଛଡ଼ଲକ୍ଷ - ଛଅ ଲକ୍ଷ
ଯୋଜନ - ୪ କୋଶ ବା ୮ ମାଇଲ
ଫେଉ - ସର୍ପର ଫଣା
ନବଦ୍ୱୀପ - ଇନ୍ଦ୍ରଦ୍ୱୀପ, ନାଗଦ୍ୱୀପ, ସୌମ୍ୟଦ୍ୱୀପ, ଗନ୍ଧର୍ବ ଦ୍ୱୀପ, ବରୁଣ ଦ୍ୱୀପ, କଶେରୁମାନଦ୍ୱୀପ, ଗଭସ୍ତିମାନ ଦ୍ୱୀପ, ତାମ୍ରପର୍ଣ୍ଣଦ୍ୱୀପ, କୁମାରିକାଦ୍ୱୀପ (ସ୍କନ୍ଦ ପୁରାଣ ସୂଚନା ଅନୁସାରେ)

ସପତ ସାଗର - ଦଧି, ଦୁଗ୍ଧ, ଘୃତ, ଲବଣ, ଇକ୍ଷୁ, ସୁରା, ଜଳ
ମେରୁ - ପର୍ବତ ବିଶେଷ
ଆଦିତ୍ୟ ମଣ୍ଡଳ - ସୂର୍ଯ୍ୟ ମଣ୍ଡଳ
ଭୂଅମଣ୍ଡଳ - ଭୂମି ମଣ୍ଡଳ
ଧ୍ରୁବ ମଣ୍ଡଳ - ଧ୍ରୁବତାରା ପରିଧି ଅଞ୍ଚଳ
ଅମର ମଣ୍ଡଳ - ସ୍ୱର୍ଗ ଅଞ୍ଚଳ
ଧୃତରାଷ୍ଟି - ଧୃତରାଷ୍ଟ୍ରଙ୍କ ପୁତ୍ର ଦୁର୍ଯ୍ୟୋଧନ ଅର୍ଥରେ
ବଛସ୍ଥଳେ - ବକ୍ଷସ୍ଥଳେ
ବାହାସ୍ଫୋଟ - କରତଳ ଦ୍ୱାରା ଆଘାତ / ବାହାପିଆ
ମହାଗହନ - ଅତି ଗମ୍ଭୀର
ବେନିଭୁଜେ - ଦୁଇ ହାତରେ
ଆକ୍ରୋଷି - ଆକର୍ଷଣ କରି, ଭିଡ଼ିକରି
କମଳା - ଲକ୍ଷ୍ମୀ । ଦୁର୍ଯ୍ୟୋଧନ ପନ୍ନଗନାରାୟଣ ହେଇଥିବାରୁ ଲକ୍ଷ୍ମୀ ତାଙ୍କ କାନ୍ଧରେ ଥିଲେ । ସେ ଚାଲିଲେ ପଦପାତରେ ସ୍ୱର୍ଣ୍ଣପଦ୍ମ ଫୁଟୁଥିଲା ବୋଲି ସାରଳା ମହାଭାରତରେ ବର୍ଣ୍ଣିତ ।
ଦ୍ରିଯୋଧନ - ଦୁର୍ଯ୍ୟୋଧନ
ପ୍ରତଗ୍ୟାଂ - ପ୍ରତିଜ୍ଞା
ଭୁଜଦଣ୍ଡ - ବାଡ଼ିପରି ହାତ
ଦିଲା - ଦେଲା
ଅଧର - ତଳ ଓଠ
ମହାଲଛୀ - ମହାଲକ୍ଷ୍ମୀ
ଅଛିନି - ଅଛି
ମୁହିଂ - ମୁଁ
ଭ୍ରଛନା - ଭର୍ତ୍ସନା / ଗାଳି
ଲଛୀ - ଲକ୍ଷ୍ମୀ
ପାମର - ଅଧମ
ଅଜ୍ରାମ୍ବର - ଅଜର ଅମର /ଚିରଞ୍ଜୀବୀ
ମହାତମୀ - ମହାକ୍ରୋଧୀ
ସତୁରି ସତୁରି ଭାରଗଦା - ଦୁର୍ଯ୍ୟୋଧନର ଗଦାଦ୍ୱୟର ଓଜନ ସତୁରି ଭାର ଲେଖାଏଁ
କ୍ଷେପଇ - ଫୋପାଡ଼ଇ, ଡେଇଁଡେଇଁ

# ପ୍ରଶ୍ନାବଳୀ

**ନିର୍ଦ୍ଦିଷ୍ଟ ଉତ୍ତର ମୂଳକ :**

୧. ଏକପଦରେ ପ୍ରକାଶ କର

ଧୃତରାଷ୍ଟ୍ରଙ୍କ ପୁତ୍ର

ମରୁତଙ୍କ ପୁତ୍ର -

ପବନଙ୍କ ପୁତ୍ର -

ପଣ୍ଡୁଙ୍କ ପୁତ୍ର -

ଅଦିତିଙ୍କ ପୁତ୍ର -

କୁନ୍ତୀଙ୍କପୁତ୍ର -

୨. ନିମ୍ନଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ :
ଶୂଳଧର, ସଂକଟ, ମର୍ତ୍ତ୍ୟ, ଅନ୍ତରୀକ୍ଷ, ନଳିନୀ, ଯମ, କମଳା, ଭର୍ତ୍ସନା

୩. ବ୍ୟାସବାକ୍ୟ ସହ ସମାସର ନାମ ଲେଖ :
ତ୍ରିଲୋଚନ, କାଳାନଳ, ନବଦ୍ୱୀପ, ସପ୍ତସାଗର, ଭୁଜଦଣ୍ଡ, ଅଜାମ୍ବର

୪. ପଠିତ କବିତା ଅବଲମ୍ବନରେ ଶୂନ୍ୟସ୍ଥାନ ପୂରଣ କର ।

(କ) ଈଶ୍ୱରଂକୁ ସିଂଘନାଦ ମାଗନ୍ତୁ ______ ।

(ଖ) ଆସନ କଂପିଲା ଯେ ଦେବ ______ ।

(ଗ) ପାର୍ବତୀ ବୋଇଲେ ଭୀମସେନ ଆମ୍ଭ ______ ।

(ଘ) ______ ରୁ କାଢ଼ିଦିଲେ ସେ ସିଂଘନାଦ ।

(ଙ) ______ ଆସି ପ୍ରବେଶ ହୋଇଲା ବ୍ୟାସ ସରୋବର ତୀରେ ।

(ଚ) ______ ମାରି ବାହାସ୍ଫୋଟ ଗର୍ଜିଣ ବେଗେ ଉଠି ।

(ଛ) ବୋଇଲୁ ଯେ ଭୀମର ______ସହିବୁ ।

(ଜ) କଦଳୀ ପତ୍ର ପ୍ରାୟେ ______ ମହାତମୀ ।

**କ୍ଷୁଦ୍ର ଉତ୍ତରମୂଳକ :**

୫. ସିଂଘନାଦ କ'ଣ ?

୬. ସହଦେବ ଜଗନ୍ନାଥଙ୍କୁ କ'ଣ ବୋଇଲେ ?

୭. ସିଂଘନାଦ ଦେବା ପାଇଁ ପାର୍ବତୀ ଶିବଙ୍କୁ କ'ଣ କହିଲେ ?

୮. ପାଣ୍ଡବଙ୍କ ହେତୁ ତ୍ରିଲୋଚନ କିଭଳି ବର୍ଣ୍ଣିଥିଲେ ?

୯. ସିଂଘନାଦ କିପରି ଗତି କରି ଭୀମଙ୍କ ହସ୍ତକୁ ଆସିଲା ?
୧୦. ବ୍ୟାସ ସରୋବରର ମାହାତ୍ମ୍ୟ ଲେଖ ।
୧୧. ପ୍ରଥମଥର ସିଂଘନାଦ ରଡ଼ିରେ ପୃଥିବୀରେ କି କି ବିଲକ୍ଷଣମାନ ଦେଖା ଦେଲା ?
୧୨.ଦ୍ୱିତୀୟ ଥର ସିଂଘନାଦ ରଡ଼ିରେ ସୌର ଜଗତରେ କି କି ବିଲକ୍ଷଣ ଦେଖା ଦେଲା ?
୧୩. ନବଦ୍ୱୀପର ନାମ ଲେଖ ।
୧୪. ସପ୍ତସାଗରର ନାମ ଲେଖ ।
୧୫. ଦ୍ୱିତୀୟ ରଡ଼ିରେ ଦୁର୍ଯ୍ୟୋଧନ କିପରି ବାହାରକୁ ଆସିଲା ?
୧୬. ମହାଲକ୍ଷ୍ମୀ ଦୁର୍ଯ୍ୟୋଧନଙ୍କୁ କ'ଣ କ'ଣ କହି ବାହାରକୁ ଯିବା ପାଇଁ ବାରଣ କଲେ ?
୧୭. ଦୁର୍ଯ୍ୟୋଧନ ମହାଲକ୍ଷ୍ମୀଙ୍କୁ କିପରି ଅବଜ୍ଞା କଲେ ?
୧୮. ଲକ୍ଷ୍ମୀ କାହିଁକି ଦୁର୍ଯ୍ୟୋଧନଙ୍କୁ ଛାଡ଼ି ପଳାଇଲେ ?
୧୯. ଦୁର୍ଯ୍ୟୋଧନର ଗଦାଦ୍ୱୟର ଓଜନ କେତେ କେତେ ପରିମାଣର ?

**ସପ୍ରସଙ୍ଗ ସରଳାର୍ଥ :**

୨୦. ସଂକଟ କାଳେ ତୁମ୍ଭକୁ ଉଦ୍ଧାରନ୍ତି ପୁଣ
ଦିଅସି ସିଂଘନାଦ ପ୍ରସନ୍ନ ବଦନେଣ ।
୨୧. କାଳାନଳ ଜାଣି ବିକାଶି ସିଂଘନାଦ ଜ୍ୟୋତି
ଆଦିତ୍ୟହୁଂ ଶତେଗୁଣ ତେଜ ବିକାଶନ୍ତି ।
୨୨. ନଳିନୀ ପତ୍ରରେ ଯେହ୍ନେ ପଡ଼ନ୍ତେଣ ପାଣି
ପୃଥିବୀ ଦଳଦଳିତ କମ୍ପଇ ମେଦିନୀ ।

**ଦୀର୍ଘ ଉତ୍ତରମୂଳକ:**

୨୩. ଭୀମସେନ ଦୁଇବାର ସିଂଘନାଦ ରଡ଼ି କରିବା ବେଳେ କ'ଣ କ'ଣ ଘଟିଥିଲା ?
୨୪. କେଉଁ ପରିସ୍ଥିତିରେ ଭୀମଙ୍କୁ ସିଂଘନାଦ ଦେବାକୁ ସଦାଶିବ ସମ୍ମତ ହେଲେ ?
୨୫. ଲକ୍ଷ୍ମୀ ଓ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ହୋଇଥିବା କଥୋପକଥନ ନିଜ ଭାଷାରେ ପ୍ରକାଶ କର ।

**ତୁମ ପାଇଁ କାମ:**

୨୬. ଅଧିକ ଜାଣିବା ପାଇଁ ସାରଳା ମହାଭାରତ 'ଗଦାପର୍ବ' ପଢ଼ ।
୨୭. ଲକ୍ଷ୍ମୀଙ୍କ ପାଖରୁ ଦୁର୍ଯ୍ୟୋଧନ ବିଦାୟ ନେବା ଦୃଶ୍ୟ ଅଙ୍କନ କର ।

◆

# ରାଘବଙ୍କ ଲଙ୍କା ଯାତ୍ରାନୁକୂଳ

● ଉପେନ୍ଦ୍ର ଭଞ୍ଜ
(ସପ୍ତଦଶ-ଅଷ୍ଟାଦଶ ଶତାବ୍ଦୀ)

**କବି ପରିଚୟ :**

ଓଡ଼ିଆ ସାହିତ୍ୟରେ ବଳିଷ୍ଠ କବିତ୍ୱ ପାଇଁ ଉପେନ୍ଦ୍ର ଭଞ୍ଜ କବିସମ୍ରାଟ ଭାବେ ପରିଚିତ । ସେ ସପ୍ତଦଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ଭଞ୍ଜନଗରର ଅନତିଦୂରରେ ଅବସ୍ଥିତ ଘୁମୁସର ରାଜବଂଶରେ ଜନ୍ମଗ୍ରହଣ କରିଥିଲେ । ଉପେନ୍ଦ୍ର ଭଞ୍ଜ ରାମ ତାରକ ମନ୍ତ୍ର ଜପ କରି କବିତ୍ୱ ଲାଭ କରିଥିଲେ । କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ଲାବଣ୍ୟବତୀ, ବୈଦେହୀଶ ବିଳାସ, ରସିକ ହାରାବଳୀ, ପ୍ରେମ ସୁଧାନିଧି, ସୁଭଦ୍ରା ପରିଣୟ, କଳା କଉତୁକ, ଛାନ୍ଦଭୂଷଣ ଆଦି କାବ୍ୟ, ରସପଞ୍ଚକ ଭଳି ଗୀତାତ୍ମକ ଆଳଂକାରିକ କୃତି ଓ ଗୀତାଭିଧାନ ନାମକ ପଦ୍ୟାତ୍ମକ ଶବ୍ଦକୋଷ ଉପେନ୍ଦ୍ରଙ୍କ ଅଳଙ୍କାରମନସ୍କ ପାଣ୍ଡିତ୍ୟ ଏବଂ କବିଖ୍ୟାତିର କାଳଜୟୀ କୃତି । ତାଙ୍କ ରଚିତ ଚଉପଦୀ ଓ ଚଉତିଶା ଓଡ଼ିଆ ଗୀତି-କବିତା ଧାରାରେ ଅପରୂପ ସୃଷ୍ଟି ରୂପେ ବିବେଚିତ ହେଉଛି ।

‘ରାଘବଙ୍କ ଲଙ୍କା ଯାତ୍ରାନୁକୂଳ’ କବିଙ୍କ ‘ବୈଦେହୀଶ ବିଳାସ’ କାବ୍ୟର ଚାଳିଶ ଛାନ୍ଦରୁ ଆନୀତ । ରାମ-କାବ୍ୟ ବୈଦେହୀଶ ବିଳାସ ବାଉନଛାନ୍ଦ ବିଶିଷ୍ଟ ରଚନା । ଏଥିରେ ପ୍ରତ୍ୟେକ ପଦ ‘ବ’ ଆଦ୍ୟ ବର୍ଣ୍ଣ ନିୟମରେ ରଚିତ । ଲଙ୍କାର ରାବଣ ଦ୍ୱାରା ଅପହୃତା ସୀତାଙ୍କୁ ଉଦ୍ଧାର କରିବା ପାଇଁ ରାମଚନ୍ଦ୍ର ସମୁଦ୍ରରେ ସେତୁ ବାନ୍ଧିବା ବେଳର କଥା ଏହି କବିତାରେ ବର୍ଣ୍ଣିତ । ଉପେନ୍ଦ୍ର ଭଞ୍ଜଙ୍କ ଅଳଙ୍କାରପ୍ରିୟତା, ଶବ୍ଦ ସଂଯୋଜନ କୌଶଳ ଓ ସମାଜପ୍ରତି ନୀତିନିଷ୍ଠ ବାର୍ତ୍ତା-ଏହି କବିତାର ଲକ୍ଷ୍ୟଣୀୟ ବୈଶିଷ୍ଟ୍ୟ ।

---

**(ରାଗ–ଆଶାବରୀ)**

ବଳିଲା ରାଘବ ଆଶା ସୀତା ପ୍ରାପତିରେ
ବିଚାରିଲେ ସିନ୍ଧୁ ପୋତି ଯିବା ପର୍ବତରେ ଯେ । ୧ ।
ବୁଡ଼ିଗଲା ପକାଇଲେ କପି ଯେତେ ଗିରି
ବୁଦ୍‌ବୁଦ ନ ଦିଶେ ଜଳ ଫିଁ ଫିଁ କୃତ କରି ଯେ । ୨ ।

ବିସ୍ମଇ ନିଃଶ୍ୱାସ ତେଜି ବରୁଣ ପ୍ରସନ୍ନେ
ବିନାଶନରେ ଶୟନ ସେ ଦର୍ଭଶୟନେ ଯେ । ୩ ।
ବୁଧେ ଶୁଣ ଅନ୍ୟ ପ୍ରସଙ୍ଗକୁ ଦଶଶିର
ବରଗିଲା ସେ ଶୁକ ସାରଣ କରି ଚାର ଯେ । ୪ ।
ବିଭୀଷଣେ କହ ଜ୍ୟେଷ୍ଠଭ୍ରାତା ପିତା ସରି
ବୁଝି ନ ବୁଝି କୋପି ତା ବାଣୀ ପିତା କରି ଯେ । ୫ ।
ବିଭୂତିକି ଭୁଞ୍ଜୁଥିଲୁ ବିଭୂତିଭୂଷଣେ
ବଡ଼କୁଳେ ଜନମି ଶରଣ କି କାରଣେ ଯେ ? ୬ ।
ବୋଲ ଅଙ୍ଗଦକୁ ପିତା ଶତ୍ରୁ ଭକ୍ତି ପୁଣ୍ୟ
ବାଦ ରଚାଇ ପିତୃବ୍ୟ ବାହୁଡ଼ାଅ ସୈନ୍ୟ ଯେ । ୭ ।
ବିହାୟସେ ବିହରି ସାଗର ଜିଣି ଯାଇ
ବର୍ତ୍ତିକ ସ୍ୱରୂପ ଧୃତ କେଁ କେଁ ଟିହୋ କହି ଯେ । ୮ ।
ବିଖ୍ୟାତ କରୁ ବିଂଶତିକର କହିବାର
ବୋଧ ଉଭୟ ଭୟରେ ପଳାଇ ସତ୍ୱର ଯେ । ୯ ।
ବାହୁଡ଼ି ରାବଣେ କହି ଶୁଣ ଦେବ ରିପୁ
ବୋଇଲା ଅନୁଜ ଯିବି ସୀତାଙ୍କୁ ସମର୍ପୁ ଯେ । ୧୦ ।
ବଞ୍ଚିଲୁଁ ଅଙ୍ଗଦେ ଅଙ୍ଗ ଦେବାରୁ କି ଧର୍ମେ
ବଜ୍ରାଘାତ ସମ ତଳ ପ୍ରହାରିଲା ବ୍ୟୋମେ ଯେ । ୧୧ ।
ବାଜିଥିଲେ ଚୂର୍ଣ୍ଣ ବା ପାତାଳେ ଭଜିଥିବ
ବିନ୍ଧ୍ୟ ଭାନୁ ତୋଷି ହେଲେ ବଞ୍ଚାଇ ଦଇବ ଯେ । ୧୨ ।
ବଳ କେତେ ବୋଲୁଁ ବୋଲେ ଯେତେ ଶଙ୍ଖ ସେହି
ବାରି ରାଶିରେ ଜନିତ ତେତେ ଶଙ୍ଖ ନାହିଁ ଯେ । ୧୩ ।
ବିତରଣେ ସାଗର କି ପାଞ୍ଚ ପଚାରିଲା
ବିହେ ରାମ କୁଶଶଯ୍ୟା ପ୍ରତ୍ୟୁତ୍ତର ଦେଲା ଯେ । ୧୪ ।
ବିରସକୁ ମନ୍ଦ କରି ମନ୍ଦହାସ ଜନ୍ମେ ।
ବୋଲେ କି କରିବ ଏଡ଼େ ହୀନ ପରାକ୍ରମେ ଯେ । ୧୫ ।

**ସୂଚନା :**

| | |
|---|---|
| ରାଘବ | - ରାମଚନ୍ଦ୍ର |
| ବୁଦ୍‌ବୁଦ | - ପାଣିଫୋଟକା |
| ଫି ଫି କୃତ | - ଫିଫିକାର ଶବ୍ଦ |
| ବରୁଣ | - ଜଳାଧିପତି |
| ବିସ୍ମଇ | - ବିସ୍ମୟରେ, ଆଶ୍ଚର୍ଯ୍ୟାନ୍ୱିତ ହୋଇ |
| ବିନାଶନରେ | - ବିନା ଅଶନରେ ଅର୍ଥାତ୍ ଅନାହାରରେ |
| ଦର୍ଭ | - କୁଶ |
| ବୁଧେ | - ପଣ୍ଡିତମାନେ |
| ବରଗିଲା | - ପଠାଇଲା |
| ଶୁକ, ସାରଣ | - ରାବଣର ଦୁଇ ମନ୍ତ୍ରୀ |
| ଚାର | - ଦୂତ |
| ବିଭୂତିଭୂଷଣ | - ଭସ୍ମ ଭୂଷଣ, ଏଠାରେ ରାମଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ କଥିତ । |
| ବାଦ ରଚାଇ | - କଳହ ସୃଷ୍ଟି କରି |
| ଅଙ୍ଗଦ | - କିଷ୍କିନ୍ଧ୍ୟାର ରାଜା ବାଳୀଙ୍କ ପୁତ୍ର |
| ପିତୃବ୍ୟ | - ବାପାଙ୍କର ସାନ ଭାଇ |
| ବିହାୟସେ | - ଆକାଶରେ |
| ବିହରି | - ଭ୍ରମଣ କରି |
| ବର୍ତ୍ତକ | - ଟେଣ୍ଟେଇ/ଟିଟିଭ ପକ୍ଷୀ, ବତକ |
| କେଁ କେଁ ଟିହୋ | - ଟେଣ୍ଟେଇ ଅଥବା ବତକର ଧ୍ୱନି |
| ଧୃତ | - ଧାରଣ କରି |
| ସତ୍ୱର | - ଶୀଘ୍ର |
| ବିଂଶତିକର | - ୨୦ ହାତ ଯାହାର (ରାବଣ) |
| ତଳ | - କରତଳ, ଏଠାରେ ଚାପୁଡ଼ା |
| ବିନ୍ଧ୍ୟ | - ପର୍ବତର ନାମ |
| ଜନିତ | - ଜନ୍ମିତ |
| ଶଙ୍ଖ | - ସଂଖ୍ୟା ବିଶେଷ, ଲକ୍ଷକୋଟି ସଂଖ୍ୟକ |
| ଶଙ୍ଖ | - ସାମୁଦ୍ରିକ ଜୀବ |
| ବିତରଣେ | - ପାରହେବା ପାଇଁ |
| ପାନ୍ଥ | - ଉପାୟ |
| ବିହେ | - ବିଧାନ କରେ |
| ମନ୍ଦ | - ଅଳ୍ପ |
| ମନ୍ଦହାସ | - ଅଳ୍ପହସ |
| କୁଶ | - ଏକ ପ୍ରକାର ତୃଣବିଶେଷ |

## ପ୍ରଶ୍ନାବଳୀ

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୧. ପ୍ରତ୍ୟେକର ତିନୋଟି ଲେଖାଏଁ ପ୍ରତିଶବ୍ଦ ଲେଖ ।
ସିନ୍ଧୁ, ପର୍ବତ, ଆକାଶ

୨. ନିମ୍ନଲିଖିତ ଶବ୍ଦମାନଙ୍କର ଗଦ୍ୟରୂପ ଲେଖ ।
ପ୍ରାପତି, ଜନମି, ଦଇବ

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ।

ଆଶା, ନିଃଶ୍ୱାସ, ପ୍ରସନ୍ନ, ଜ୍ୟେଷ୍ଠ, ଜନ୍ମ, ପୁଣ୍ୟ, ବିରସ

୪. ନିମ୍ନଲିଖିତ ଶବ୍ଦମାନଙ୍କୁ ନେଇ ସାର୍ଥକ ବାକ୍ୟ ରଚନା କର।

ପିତୃବ୍ୟ, ବ୍ୟୋମ, ପ୍ରସନ୍ନ, ଅନୁଜ, ସତ୍ୱର

୫. ସନ୍ଧିବିଚ୍ଛେଦ କର।

ବଜ୍ରାଘାତ, ପ୍ରତ୍ୟୁତ୍ତର, ନିଃଶ୍ୱାସ

୬. ବ୍ୟାସବାକ୍ୟସହ ସମାସର ନାମ ଲେଖ ।

ବିଭୂତିଭୂଷଣ, ବିଂଶତିକର, ଦେବରିପୁ, ହୀନପରାକ୍ରମ

୭. କେଁ କେଁ ଭଳି ଆଉ ପାଞ୍ଚଗୋଟି ଧ୍ୱନ୍ୟାତ୍ମକ ଯୁଗ୍ମଶବ୍ଦ ଲେଖ।

## କ୍ଷୁଦ୍ର ଉତ୍ତରମୂଳକ :

୮. ସିନ୍ଧୁକୁ ପୋତିବା ପାଇଁ ରାମଚନ୍ଦ୍ର କାହିଁକି ସ୍ଥିର କଲେ ?

୯. କବିତାରେ ରାଘବ ଶବ୍ଦଟି କାହା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି ?

୧୦. ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ ରାମଚନ୍ଦ୍ର କ'ଣ କଲେ ?

୧୧. ରାବଣ ଶୁକ, ସାରଣଙ୍କ ମାଧ୍ୟମରେ ବିଭୀଷଣଙ୍କ ପାଖକୁ କି ବାର୍ତ୍ତା ପଠାଇଲେ ?

୧୨. ଅଙ୍ଗଦ ନିକଟକୁ ରାବଣ କି ସନ୍ଦେଶ ପ୍ରେରଣ କଲେ ?

୧୩. ରାବଣର ବାର୍ତ୍ତା ନେଇ ଅଙ୍ଗଦ ନିକଟକୁ କିଏ ଆସିଥିଲେ ?

୧୪. ରାବଣର ବାର୍ତ୍ତା ଶୁଣି ଅଙ୍ଗଦ କି ପ୍ରତିକ୍ରିୟା ପ୍ରକାଶ କଲେ ?

୧୫. ମନ୍ତ୍ରୀଦ୍ୱୟ ରାବଣ ନିକଟରେ କି ଉକ୍ତି ପ୍ରକାଶ କଲେ ?

୧୬. ଅଙ୍ଗଦଙ୍କ ଶକ୍ତ ଚାପୁଡ଼ା ପ୍ରହାରରେ ମନ୍ତ୍ରୀଦ୍ୱୟଙ୍କର କି ଅବସ୍ଥା ହୋଇଥାନ୍ତା ?

୧୭. ଶ୍ରୀରାମଙ୍କ ସୈନ୍ୟ ସଂଖ୍ୟା କେତେ ବୋଲି ମନ୍ତ୍ରୀଦ୍ୱୟ କଳନା କଲେ ?

୧୮. ସମୁଦ୍ର ତରିବା ନିମନ୍ତେ ରାଘବ କ'ଣ ପାଞ୍ଚୁଥିଲେ ?

### ସପ୍ରସଙ୍ଗ ସରଳାର୍ଥ :

୧୯. ବିସ୍ମଇ ନିଃଶ୍ୱାସ ତେଜି ବରୁଣ ପ୍ରସନ୍ନେ
ବିନାଶନରେ ଶୟନ ସେ ଦର୍ଭଶୟନେ ଯେ ।

୨୦. ବିଭୂତିକି ଭୁଞ୍ଜୁଥିଲୁ ବିଭୂତିଭୂଷଣେ
ବଡ଼କୁଳେ ଜନମି ଶରଣ କି କାରଣେ ଯେ ?

୨୧. ବାଜିଥିଲେ ଚୂର୍ଣ୍ଣ ବା ପାତାଳେ ଭଜିଥିବ
ବିନ୍ଧ୍ୟ ଭାନୁ ତୋଷି ହେଲେ ବଞ୍ଚାଇ ଦଇବ ଯେ ।

### ଦୀର୍ଘ ଉତ୍ତରମୂଳକ :

୨୨. ଲଙ୍କା ଯାତ୍ରା ନିମନ୍ତେ ରାଘବଙ୍କ ପ୍ରୟାସ ବର୍ଣ୍ଣନା କର ।

୨୩. ପଠିତ କବିତାରୁ ରାବଣର କୂଟନୀତି ସମ୍ପର୍କରେ ଆଲୋଚନା କର ।

୨୪. ପଠିତ କବିତା ଭିତ୍ତିରେ ସମାଜ ପ୍ରତିଥିବା ବାର୍ତ୍ତାଗୁଡ଼ିକ ଲେଖି ସାନଭାଇ ନିକଟକୁ ପତ୍ର ଲେଖ ।

### ତୁମ ପାଇଁ କାମ :

୨୫. ସେତୁବନ୍ଧ ସମ୍ବନ୍ଧୀୟ ଚିତ୍ର ସଂଗ୍ରହ କରି ତୁମ ଶ୍ରେଣୀଗୃହ କାନ୍ଥରେ ସଂଲଗ୍ନ କର ।

୨୬. ବୈଦେହୀଶ ବିଳାସ ପୁସ୍ତକରୁ ତୁମକୁ ଭଲ ଲାଗୁଥିବା ପଦଗୁଡ଼ିକୁ ଲେଖି ରଖି ଆବୃତ୍ତି କର ।

◆

M4G2J7

# ଚିଲିକାରେ ସାୟନ୍ତନ ଦୃଶ୍ୟ

● ରାଧାନାଥ ରାୟ

(୧୮୪୮-୧୯୦୮)

**କବି ପରିଚୟ :**

*ଆଧୁନିକ ଓଡ଼ିଆ କାବ୍ୟଧାରାର ଭିତ୍ତି ସଂସ୍ଥାପକ କବିବର ରାଧାନାଥ ରାୟ ବାଲେଶ୍ୱର ଜିଲ୍ଲାର ସୋର ନିକଟବର୍ତ୍ତୀ କେଦାରପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ଉନବିଂଶ ଶତାବ୍ଦୀରେ ଶିକ୍ଷକରୁ ସେ ବଙ୍ଗ-ବିହାର-ଓଡ଼ିଶାର ବିଦ୍ୟାଳୟ ସମୂହର ଶିକ୍ଷା ବିଭାଗରେ ଇନିସ୍‌ପେକ୍ଟର ହୋଇ ପାରିଥିଲେ । ନୂଆରୀତିରେ ଓଡ଼ିଆ କାବ୍ୟ ରଚନାକରି ଚର୍ଚ୍ଚିତ ହୋଇଥିବା ରାଧାନାଥଙ୍କ କବିକୀର୍ତ୍ତିର ଗୌରବାବହ କୃତି ମଧ୍ୟରେ କେଦାରଗୌରୀ, ନନ୍ଦିକେଶ୍ୱରୀ, ଚନ୍ଦ୍ରଭାଗା, ଉଷା, ପାର୍ବତୀ, ଚିଲିକା, ମହାଯାତ୍ରା, ଉର୍ବଶୀ ଆଦି କାବ୍ୟ ଓ "ସର୍ବେଷାଂ ନୋ ଜନନୀ ଭାରତ ଧରଣୀ କଳ୍ପଲତେୟଂ" (ଭାରତ ଗୀତିକା) ରଚନା ରାଧାନାଥଙ୍କ ସଂସ୍କୃତ ଗୀତି-ପ୍ରତିଭାର ଅପୂର୍ବ ସ୍ୱାକ୍ଷର ବହନକରେ । ଅନୂଦିତ କୃତିର ସ୍ୱାକ୍ଷର 'ମେଘଦୂତ' ଓ 'ତୁଳସୀ ସ୍ତବକ' ରାଧାନାଥଙ୍କ ବହୁପାଠିତା, ପାଣ୍ଡିତ୍ୟ ଓ କବିତ୍ୱର ଉଚ୍ଚକୋଟୀର ନିଦର୍ଶନ ।*

*ପ୍ରକୃତିକୁ ନାୟିକା କରି ଚିଲିକା ଖଣ୍ଡକାବ୍ୟ ରଚନା କରିବାରେ ତାଙ୍କ ବୈଶିଷ୍ଟ୍ୟ ସ୍ୱୀକୃତ । 'ଚିଲିକାରେ ସାୟନ୍ତନ ଦୃଶ୍ୟ' ଅଂଶଟି ଚିଲିକା ଖଣ୍ଡକାବ୍ୟରୁ ଆନୀତ । ଏଥିରେ ସନ୍ଧ୍ୟାକାଳୀନ ଚିଲିକାର ମନୋରମ ଦୃଶ୍ୟ ବର୍ଣ୍ଣନା କରାଯାଇଛି । କବିସୂର୍ଯ୍ୟଙ୍କ ଗୀତାମୃତ ସ୍ମରଣ, ଜାତୀୟ ଭାବନାର ଉଦ୍‌ବେଳନ, ଜୀବନପ୍ରତି ଶାଶ୍ୱତ ବାର୍ତ୍ତା ଓ କବିଙ୍କ ସୌନ୍ଦର୍ଯ୍ୟ ଚିତ୍ତବୃତ୍ତି ଆଦି ଏଥିରେ ପ୍ରକାଶିତ ।*

---

ପ୍ରାଚୀ-ମୂଳ ଏବେ ମୀନଜୀବୀ-ନାବେ
ଛାୟାକାରେ ଚିତ୍ର ଦିଶେ ଠାବେ ଠାବେ ।
ମତ୍ସ୍ୟ ଧରି ସେହୁ ସମୁଦ୍ର ମୁହାଣେ
ନିଜ ଗୃହ କଥା ଭାବି ଏକଧ୍ୟାନେ,
ଭାଳେରି ଶିଖରେ ସନ୍ଧ୍ୟା-ତାରା ଦେଖି
ଆସନ୍ତି ପଟିକା ମହୋଲ୍ଲାସେ ଟେକି ।

ତାଙ୍କ କଣ୍ଠୁ-କବିସୂର୍ଯ୍ୟ-ଗୀତାମୃତ
ଦୂରୁଁ ବହି ଆଣେ ଚିଲିକା-ମାରୁତ ।
ଉଲ୍ଲାସର ଆତ୍ମା ପ୍ରାୟେ ଗୀତ-ତାନ
ହ୍ରଦ-ନୀଳ-ବକ୍ଷେ କରେ ଅଧିଷ୍ଠାନ ।
ହସନ୍ତି ଚୌଦିଗେ ମଧୁର-ହାସିନୀ
ଦିଗଙ୍ଗନା ଜ୍ୟୋସ୍ନା-ଦୁକୂଳ-ବାସିନୀ ।
ଭାବାନ୍ତର ପୁଣି କ୍ଷଣେ କରେ ଜାତ
"ଗଲାଣି ତ ଗଲା କଥାରେ ସଙ୍ଗାତ" ।
ସଙ୍ଗୀତ ଆବେଶେ ନାନାରୂପେ ମନ
ଅତୀନ୍ଦ୍ରିୟଦେଶେ କରେ ବିଚରଣ ।
ଚାଲିଯାଏ ଶୂନ୍ୟେ ଶୂନ୍ୟେ କେଉଁ ସ୍ଥାନେ
କି ଲୋଡ଼ିବା ଆଶେ ସେହି ତା ନ ଜାଣେ ।
ଧନ୍ୟ ସେହି ଯାର ଆଜ୍ଞା ଶିରେ ଧରି
ଏ ଲୀଳା-ରଚନ୍ତି ଦେବୀ ବାଗୀଶ୍ୱରୀ ।
ଧନ୍ୟ ରଥେ ! ତୁମ୍ଭ ଜନ୍ମ ଶୁଭକ୍ଷଣେ
ମୃତ୍ୟୁଞ୍ଜୟ ତୁମ୍ଭେ ଉତ୍କଳଭୁବନେ ।
ତୁମ୍ଭ ମାଟି - ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ !
ମୀନ-ଆକର୍ଷଣ-ଆଶେ ପୋତପାଳ
ତରଣୀରେ ଜାଳି ଦେଲାଣି ମଶାଲ ।
ଭବେ ପାପମୂର୍ତ୍ତି ପରି ଅଟଇ ସେ
ସ୍ପର୍ଶେ ମାରାତ୍ମକ, ରୂପେ ରମ୍ୟ ଦିଶେ ।
ପାପ-ଗର୍ତ୍ତେ ଯେହ୍ନେ ପଡ଼ଇ ଅଜ୍ଞାନ
ତରୀ-ଗର୍ଭେ ମୀନେ ଡେଇଁ ଦେବେ ପ୍ରାଣ ।

ତରଙ୍ଗେ ଦୋହଲି ଦୋହଲି ବୋଇତ
ଥରେ ଦିଶେ, ଥରେ ହୁଏ ଅନ୍ତର୍ହିତ ।
ଦୁଃଖିମନେ ଆଶା ଉତ୍‌ଥାନ ପତନ,
ପ୍ରାୟେ ଶିଖା ଉଠେ ପଡ଼େ ଘନ ଘନ ।
ନିଶାଗମେ କ୍ରମେ ଲୋକ-କୋଳାହଳ
ନିବର୍ତ୍ତି ଅବନୀ ହେଉଛି ନିଶ୍ଚଳ ।
ଜଳ ସ୍ଥଳ ନଭଃ ଜ୍ୟୋସ୍ନା-ପରିପ୍ଲୁତ
ସୃଷ୍ଟି ଦିଶେ ଯେହ୍ନେ ପାରଦ-ଧଉତ ।
ପ୍ରତିବିମ୍ବରାଜି ଦ୍ୱୀପ-ଶୈଳ-ତଳେ
ସ୍ୱଷ୍ଟାକାରେ ଶୋଭେ ହ୍ରଦ-ଅନ୍ତସ୍ତଳେ ।
କ୍ଷୀରୋଦ-ସୋଦର-ଜ୍ୟୋସ୍ନାର୍ଣ୍ଣବେ ଭାସି
ଦିଶନ୍ତି ବିଶଦ ଗିରି, ବନ, ନାସି ।
ସ୍ନିଗ୍ଧ ତରୁପତ୍ରେ, ମସୃଣ ଉପଳେ
ଜକଜକ ହୋଇ ଜ୍ୟୋସ୍ନା ପ୍ରତିଫଳେ ।
ସର୍ପେ ଚିତ୍ର ଚନ୍ଦ୍ରଚୂଡ଼-ତନୁ ଭଳି
ଛାୟା-ମିଶ୍ର-କରେ ଶୋଭେ ବନସ୍ଥଳୀ ।
ପ୍ରଶାନ୍ତ, ନୀରବ ଗିରି ବନଦେଶ
ନାହିଁ ଏଥି ନର ଚହଳର ଲେଶ ।
ଦୂର ଝରନାଦ, ଝିଙ୍କାରି-ଝଙ୍କାର
କରେ ନିଶୀଥିନୀ- ପ୍ରଭାବ ପ୍ରଚାର ।
କଳି ଉପଦ୍ରବେ ତ୍ୟଜି ଲୋକାଳୟ
ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ ?
ଚିଲିକା ! ତୋହର ଏହି ଶୋଭାବନ
ବର୍ଣ୍ଣୋତ୍ସବମୟ ଦୃଶ୍ୟ ସାୟତନ ।

**ସୂଚନା :**

ପ୍ରାଚୀ - ପୂର୍ବଦିଗ

ଛାୟାକାରେ - ଛାଇ ଆକାରରେ ବା ଅସ୍ପଷ୍ଟ ରୂପେ ଦେଖାଯିବା

ଭାଲେରି - ପର୍ବତର ନାମ

ସମୁଦ୍ର ମୁହାଣ - ନଈ ସମୁଦ୍ରରେ ପଡ଼ିଥିବା ସ୍ଥଳ।

ପଟିକା - ପାଲ

ମହୋଲ୍ଲାସେ - ଖୁବ୍ ଆନନ୍ଦରେ

କବିସୂର୍ଯ୍ୟ ଗୀତାମୃତ- କବିସୂର୍ଯ୍ୟ ବଳଦେବ ରଥଙ୍କ ରଚିତ ଅମୃତଭଳି ମଧୁର ଗୀତ। ବଳଦେବ ରଥଙ୍କ 'କିଶୋର ଚନ୍ଦ୍ରାନନ୍ଦଚମ୍ପୂ' ଓଡ଼ିଆ ସାହିତ୍ୟରେ ଏକ କାଳଜୟୀ ସୃଷ୍ଟି।

ମାରୁତ - ବାୟୁ, ପବନ

ଦିଗଙ୍ଗନା - ଦିଗପାଳିକାଦେବୀ

ଗୀତ-ତାନ - ଗୀତର ଧ୍ୱନି

ଅଧିଷ୍ଠାନ - ଅବସ୍ଥିତି

ଦୁକୂଳ - ପାଟଲୁଗା

ଅତୀନ୍ଦ୍ରିୟ - ଇନ୍ଦ୍ରିୟମାନଙ୍କୁ ଅତିକ୍ରମ କରି

ଗଲାଣି ତ ଗଲା କଥାରେ ସଙ୍ଗାତ - କବିସୂର୍ଯ୍ୟ ବଳଦେବ ରଥଙ୍କ କିଶୋର ଚନ୍ଦ୍ରାନନ୍ଦଚମ୍ପୂର ବ୍ୟଞ୍ଜନ ଆଦ୍ୟ 'ଗ' ବର୍ଣ୍ଣ ନିୟମରେ ରଚିତ ଚଉପଦୀ।

ବାଗୀଶ୍ୱରୀ - ସରସ୍ୱତୀ

ମୃତ୍ୟୁଞ୍ଜୟ - ମୃତ୍ୟୁକୁ ଯେ ଜୟ କରିଛି।

ଯଶୋଦେହେ - ଯଶସ୍ୱୀ ଶରୀର

ଆୟୁଷ୍ମାନ - ଦୀର୍ଘଜୀବୀ

ଆବେଶ - ବିହ୍ୱଳ

ପୋତପାଳ - ନୌକାବାହକ ବା ଚାଳକ

ତରଣୀ - ନୌକା

ବିଚରଣ - ବୁଲିବା

ମଶାଲ - ନିଆଁହୁଳା

ପାପଗର୍ଭେ - ପାପରୂପକ ଖାଲରେ

ନିବର୍ତ୍ତି - ବର୍ତ୍ତି ନ ପାରିବା

ଜ୍ୟୋତ୍ସ୍ନା ପରିପ୍ଲୁତ - ଚନ୍ଦ୍ର କିରଣରେ ବୁଡୁବୁଡୁ

କ୍ଷୀରୋଦ - କ୍ଷୀର ସମୁଦ୍ର

ମସୃଣ - ଚିକ୍କଣ

ଉପଳ - ବାଲିଗରଡ଼ା, ପଥର ଖଣ୍ଡ

ଚନ୍ଦ୍ରଚୂଡ଼ - ମହାଦେବ

ନିଶୀଥିନୀ - ରାତି

ଲୋକାଳୟ - ଗ୍ରାମ

ଅର୍ଣ୍ଣବ - ସମୁଦ୍ର

ନାସି - ପର୍ବତ ବା ସ୍ଥଳଭାଗ ଯାହା ନଦୀ ବା ସମୁଦ୍ର ମଧ୍ୟକୁ ପଶିଥାଏ।

ସ୍ନିଗ୍ଧ - କୋମଳ

ଶୋଭାବନ - ସୁନ୍ଦର

ସାୟତନ - ସନ୍ଧ୍ୟାକାଳୀନ

# ପ୍ରଶ୍ନାବଳୀ

## ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ଭାଲେରି ଶିଖରେ ସନ୍ଧ୍ୟାତାରା ଦେଖି
ଆସନ୍ତି ପଟିକା ମହୋଲ୍ଲାସେ ଟେକି ।
ଏହି ପଦଟିରେ କବି କେଉଁମାନଙ୍କୁ ଉଲ୍ଲସିତ ହେବାର ଦେଖିଛନ୍ତି ?
(କ) ପ୍ରକୃତି ପ୍ରେମୀ (ଖ) ନୌକାଚାଳକ
(ଗ) ମୀନଜୀବୀ (ଘ) ପର୍ଯ୍ୟଟକ

୨. ନିଶା ଆଗମନରେ ଅବନୀ କେଉଁ ରୂପ ଧାରଣ କରିଛି ?
(କ) ଗମ୍ଭୀର (ଖ) ନିଶ୍ଚଳ
(ଗ) କୋଳାହଳ ପୂର୍ଣ୍ଣ (ଘ) ନିସ୍ତବ୍ଧ

୩. ଅର୍ଥଗତ ପାର୍ଥକ୍ୟ ଦର୍ଶାଅ ।
ଆସେ - ଆଶେ, ଦୁକୂଳ-ଦିକୂଳ, ତରଣୀ - ତରଣି, ଦ୍ୱିପ-ଦୀପ

୪. ନିମ୍ନଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।
ସମୁଦ୍ର, ମାରୁତ, ଅବନୀ, ନିଶୀଥିନୀ, ବାଗୀଶ୍ୱରୀ

୫. 'ବାଗୀଶ୍ୱରୀ' ଶବ୍ଦର ସନ୍ଧିବିଚ୍ଛେଦ କଲେ କ'ଣ ହେବ ?
(କ) ବାକୀଶ + ଅରୀ (ଖ) ବାଗି + ଈଶ୍ୱରୀ
(ଖ) ବାଗୀଶ + ଅରୀ (ଘ) ବାକ୍ + ଈଶ୍ୱରୀ

୬. ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ - ଏକଥା କାହାକୁ ଲକ୍ଷ୍ୟକରି କୁହାଯାଇଛି ?
(କ) କବିସୂର୍ଯ୍ୟ ବଳଦେବ ରଥ (ଖ) କବିବର ରାଧାନାଥ ରାୟ
(ଗ) ଭକ୍ତକବି ମଧୁସୂଦନ ରାଓ (ଘ) ପ୍ରକୃତିକବି ଗଙ୍ଗାଧର ମେହେର

## କ୍ଷୁଦ୍ର ଉତ୍ତରମୂଳକ :

୭. ଏହି କବିତାରେ କବି କେଉଁ ସମୟର ଦୃଶ୍ୟ ବର୍ଣ୍ଣନା କରିଛନ୍ତି ?

୮. ଦିଗଙ୍ଗନାଙ୍କ ଉଦ୍ଦେଶ୍ୟରେ କବି କେଉଁ ଶବ୍ଦପୁଞ୍ଜ ବ୍ୟବହାର କରିଛନ୍ତି ?

୯. 'ଗଲାଣି ତ ଗଲା କଥାରେ ସଙ୍ଗାତ'ର ଅର୍ଥ କ'ଣ ?

୧୦. ପୋତପାଳ ମଶାଲ ଜାଳିଛି କାହିଁକି ?

୧୧. ଶିଖାର ଉଠିବା ପଡ଼ିବା ସହିତ କବି କାହାକୁ ତୁଳନା କରିଛନ୍ତି ?

୧୨. କେଉଁ ଦୃଶ୍ୟକୁ କବି ପାରଦ-ଧଉତ ବୋଲି ବର୍ଣ୍ଣନା କରିଛନ୍ତି ?

୧୩. ହ୍ରଦ ମଧ୍ୟଭାଗରେ କାହାର ପ୍ରତିବିମ୍ବ ଶୋଭା ପାଉଛି ?

୧୪. ଛାୟାମିଶ୍ରିତ ଆଲୋକରେ ବନସ୍ଥଳୀର ଦୃଶ୍ୟକୁ କାହାରୂପ ସହିତ ତୁଳନା କରାଯାଇଛି ?

୧୫. ନିଶୀଥିନୀର ପ୍ରଭାବକୁ କିଏ ପ୍ରଚାର କରୁଛି ?

## ସପ୍ରସଙ୍ଗ ସରଳାର୍ଥ :

୧୬. ଉଲ୍ଲାସର ଆତ୍ମା ପ୍ରାୟେ ଗୀତ-ତାନ
ହ୍ରଦ ନୀଳ-ବକ୍ଷେ କରେ ଅଧିଷ୍ଠାନ।

୧୭. ପାପଗର୍ଭେ ଯେହ୍ନେ ପଡ଼ଇ ଅଜ୍ଞାନ
ତରୀ-ଗର୍ଭେ ମୀନେ ଡେଇଁ ଦେବେ ପ୍ରାଣ।

୧୮. ପ୍ରତିବିମ୍ବରାଜି ଦ୍ୱୀପ-ଶୈଳ-ତଳେ
ସ୍ୱପ୍ନାକାରେ ଶୋଭେ ହ୍ରଦ-ଅନ୍ତଃସ୍ଥଳେ।

୧୯. କଳି ଉପଦ୍ରବେ ତ୍ୟଜି ଲୋକାଳୟ
ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ ?

## ଦୀର୍ଘ ଉତ୍ତରମୂଳକ :

୨୦. ପଠିତ କବିତା ଅନୁସରଣରେ ଚିଲିକାର ସାୟଂକାଳୀନ ଦୃଶ୍ୟ ବର୍ଣ୍ଣନା କର।

୨୧. ଶଂସିତ କବିତା ଆଧାରରେ ମୀନଜୀବୀମାନଙ୍କର ଭାବାବେଗ ବର୍ଣ୍ଣନା କର।

୨୨. ପଠିତ କବିତା ଅବଲମ୍ବନରେ ଚିଲିକାର ଯେଉଁ ରୂପରାଜି କବି ମାନସରେ ଉଦ୍‌ଭାସିତ ହୋଇଛି ତାହା ବର୍ଣ୍ଣନା କର।

୨୩. କବିତା ଅନୁସରଣରେ ଚିଲିକାର ସାୟନ୍ତନ ପରିବେଶ ବର୍ଣ୍ଣନା କରି ତୁମର ଜଣେ ବନ୍ଧୁଙ୍କୁ ପତ୍ରଟିଏ ଲେଖ।

## ତୁମ ପାଇଁ କାମ :

୨୪. ଚିଲିକା ଖଣ୍ଡକାବ୍ୟଟି ପଢ଼।

୨୫. ଓଡ଼ିଆ ସାହିତ୍ୟରେ ଚିଲିକା ବିଷୟରେ ଥିବା ଅନ୍ୟ ଲେଖାମାନ ସଂଗ୍ରହ କରି ପଢ଼।

୨୬. ଚିତ୍ର ମାଧ୍ୟମରେ ଚିଲିକାର ସାୟଂକାଳୀନ ଦୃଶ୍ୟ ଅଙ୍କନ କରି ସାହିତ୍ୟ ଶିକ୍ଷକଙ୍କୁ ଦେଖାଅ।

Q3L9Q6

# ମଙ୍ଗଳେ ଅଇଲା ଉଷା

● ଗଙ୍ଗାଧର ମେହେର
(୧୮୬୨-୧୯୨୪)

## କବି ପରିଚୟ :

ଆଧୁନିକ ଓଡ଼ିଆ କାବ୍ୟଯୁଗର ଅନ୍ୟତମ କବି ଗଙ୍ଗାଧର ମେହେର ସ୍ୱଭାବକବି ଭାବରେ ପରିଚିତ । ଆଧୁନିକ ବରଗଡ଼ ଜିଲ୍ଲାର ବରପାଲିରେ ଜନ୍ମିତ କବି ଗଙ୍ଗାଧର ଅସାଧାରଣ ସୃଷ୍ଟି ପ୍ରତିଭାର ଅଧିକାରୀ । ପୁରାତନରେ ନୂତନତା ଆଣିବାରେ ଗଙ୍ଗାଧରଙ୍କ କବି-ଚାତୁରୀ ଅନନ୍ୟ । ସଂସ୍କୃତ ସାହିତ୍ୟର କାବ୍ୟ, ନାଟକ ଅବଲମ୍ବନରେ ଓଡ଼ିଆ କାବ୍ୟମାନ ରଚନା କରି ସେ ଅନେକତ୍ର ନିଜର ମୌଳିକତା ପ୍ରକାଶ କରିପାରିଛନ୍ତି । ପ୍ରକୃତିକୁ ଜୀବନ୍ତ ସତ୍ତାରେ ରୂପାୟିତ କରାଇଛନ୍ତି ଗଙ୍ଗାଧର । ଓଡ଼ିଆ ଭାଷା ଓ ଓଡ଼ିଶାର ସ୍ୱାତନ୍ତ୍ର୍ୟକୁ ଘେନି ତାଙ୍କ ସ୍ୱାଭିମାନୀ କବି ମାନସରୁ ଝରିପଡ଼ିଛି ଅନେକ କ୍ଷୁଦ୍ର ଗୀତିକା । ଗଙ୍ଗାଧରଙ୍କ କାବ୍ୟ-ପ୍ରତିଭାର ସ୍ମାରକୀ ହେଉଛି; ତପସ୍ୱିନୀ, ପ୍ରଣୟ ବଲ୍ଲରୀ, କୀଚକ ବଧ, ଇନ୍ଦୁମତୀ, ପଦ୍ମିନୀ, ଅଯୋଧ୍ୟା ଦୃଶ୍ୟ, ଉତ୍କଳ ଲକ୍ଷ୍ମୀ ଇତ୍ୟାଦି । ତାଙ୍କ କ୍ଷୁଦ୍ର ଗୀତିଗୁଡ଼ିକ ସଂକଳିତ ହୋଇଛି କୃଷକ ସଙ୍ଗୀତ, କବିତାମାଳା, କବିତା କଲ୍ଲୋଳ, ଅର୍ଘ୍ୟଥାଳୀ ଆଦି ପୁସ୍ତକରେ ।

'ମଙ୍ଗଳେ ଅଇଲା ଉଷା' ତପସ୍ୱିନୀ କାବ୍ୟର ଚତୁର୍ଥ ସର୍ଗରୁ ସଂଗୃହୀତ କାବ୍ୟାଂଶ । ବାଲ୍ମୀକି ଆଶ୍ରମରେ ରହୁଥିବା ନିର୍ବାସିତା ସୀତାଙ୍କୁ ପ୍ରକୃତି ସ୍ୱାଗତ କରିବା, ପ୍ରକୃତିକୁ ମାନବ ଚରିତ୍ର ଭଳି ଉପସ୍ଥାପନ କରିବାରେ କବି ଗଙ୍ଗାଧରଙ୍କ ସିଦ୍ଧହସ୍ତତା ଏହି ପଂକ୍ତିଗୁଡ଼ିକରେ ପ୍ରତିଫଳିତ ।

---

(ରାଗ-ଚୋଖି)

ମଙ୍ଗଳେ ଅଇଲା ଉଷା     ବିକଚ-ରାଜୀବ ଦୃଶା
ଜାନକୀ-ଦର୍ଶନ-ତୃଷା ହୃଦୟେ ବହି,
କରପଲ୍ଲବେ ନୀହାର-     ମୁକ୍ତାଧରି ଉପହାର
ସତୀଙ୍କ ବାସ-ବାହାର-ପ୍ରାଙ୍ଗଣେ ରହି,
କଳକଣ୍ଠ କଣ୍ଠେ କହିଲା
ଦରଶନ ଦିଅ ସତି, ରାତି ପାହିଲା । । ୧ ।

ଅରୁଣ କଷାୟ ବାସ, କୁସୁମକାନ୍ତି ବିକାଶ,
ପ୍ରଶାନ୍ତ ରୂପ, ବିଶ୍ୱାସ ଦିଅନ୍ତି ମନେ,
କେଉଁ ଯୋଗେଶ୍ୱରୀ ଆସି ମଧୁର ଭାଷେ ଆଶ୍ୱାସି
ଡାକୁଛନ୍ତି ଦୁଃଖରାଶି-ଉପଶମନେ,
ଦେବାପାଇଁ ନବ ଜୀବନ
ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟ ଭୁବନ ! । ୨ ।
ସମୀର ସଙ୍ଗୀତ ଗାଏ, ଭ୍ରମର ବୀଣା ବଜାଏ,
ସୁରଭି ନର୍ତ୍ତନେ ଆଏ ଉଷା ନିର୍ଦ୍ଦେଶେ,
କୁମ୍ଭାଟୁଆ ହୋଇ ଭାଟ ଆରମ୍ଭିଲା ସ୍ତବ ପାଠ
କଳିଙ୍ଗ ଅଇଲା ପାଟ ମାଗଧ ବେଶେ,
ଲଳିତ ମଧୁରେ କହିଲା,
"ଉଠ ସତୀ ରାଜ୍ୟ-ରାଣୀ, ରାତି ପାହିଲା ।" । ୩ ।
ମୁନି-ମୁଖ ବେଦ-ସ୍ୱନ - ପୂର୍ଣ୍ଣ କଲା ଶ୍ୟାମବନ
ଉଠିଲା ଭେଦି ଗଗନ ଉଚ୍ଚ ଓଁକାର
ବୈକୁଣ୍ଠେ ଦେଇ ଦୃପତି ଅନନ୍ତ ଶ୍ରୁତିକି ଗତି,
ବିହିଲା କି ସରସ୍ୱତୀ ବୀଣାଝଙ୍କାର;
ବେଲୁଁ ବେଳ ବନ ଉଜ୍ଜ୍ୱଳ,
ମନ୍ତ୍ର ବଳେ ଯେହ୍ନେ ବଢ଼ି ଆସିଲା ବଳ । । ୪ ।
ଏ କାଳେ ବ୍ରହ୍ମଚାରିଣୀ ଅନୁକମ୍ପା ତପସ୍ୱିନୀ
ଆସି ଜନକନନ୍ଦିନୀ ପାଶେ ଗମ୍ଭୀରେ
ବୋଇଲେ, "ଉଠ ବୈଦେହି, ଉଷା ସୁକୁମାର ଦେହୀ
ଆସିଛି, ଦର୍ଶନ ଦେଇ ତୋଷ ବିଧିରେ,
ତମସା ରହିଛି ଅନାଇ
କୋଳ କରି ଥରେ ସୁଖ ଲଭିବା ପାଇଁ ।" । ୫ ।
ପଦ୍ମିନୀ-ହୃଦ-ଶିଶିର- ବିନ୍ଦୁରେ ଖର-ରଶ୍ମିର
ପ୍ରତିବିମ୍ବ ପରି, ବୀର ରାମ-ମୂରତି
ଶୋକ ଜର୍ଜରିତ ଚିତ୍ତ- ଫଳକେ କରି ଚିତ୍ରିତ
ହେଲେ ଆସନୁ ଉତ୍‌ଥିତ ଜାନକୀ ସତୀ,
ନମି ଅନୁକମ୍ପା ପୟରେ
ବନ୍ଦିଲେ ଉଷାର ପଦ ସବିନୟରେ । । ୬ ।

ବୋଇଲେ ତାକୁ ପ୍ରଶଂସି,          "ତୁମେ ତିମିର ବିଧ୍ୱଂସି
ରବି-ଆଗମନ-ଶଂସୀ ହୁଅ ସଂସାରେ,
ତୁମ୍ଭ କୋମଳ ଚରଣ          କରେ ଜ୍ୟୋ ଽ ଆହରଣ
ତହିଁ ଯାଉଛି ଶରଣ ଦୃଢ଼ ଆଶାରେ,
ଶୁଭ୍ର ସଉରଭ ରସିକେ
ଶୁଭ-ସମ୍ବାଦିନୀ ହୁଅ ରଘୁବଂଶିକେ ।"। ୭ ।
ଉତ୍ସୁକ ହୃଦୟେ ରାତ୍ରୀ-          ଶେଷରେ ଆଶ୍ରମଧାତ୍ରୀ
ତମସା ନିର୍ମଳ-ଗାତ୍ରୀ ପବିତ୍ର-ଧାରେ
ପ୍ରାଙ୍ଗଣେ କୁସୁମ ବିଛି          ସୁବାସିତ ନୀର ସିଞ୍ଚି
ମଙ୍ଗଳ ପ୍ରଦୀପ ରଚି ପ୍ରଭାତୀ ତାରା,
ମୁହୁର୍ମୁହୁଃ ମୀନ-ନୟନେ
ଚାହୁଁଥିଲା ସୀତା-ସତୀ ଶୁଭାଗମନେ ।। ୮ ।
ଉଟଜୁ ତାପସକନ୍ୟା-          ଗଣଙ୍କ ଆଦର-ବନ୍ୟା
ପ୍ଲାବନେ ଜଗତ-ଧନ୍ୟା-ସତୀ ରତନ
ବାହାରି ଅବଗାହନେ          ଅନୁକମ୍ପାଙ୍କ ଗହଣେ
ତମସା ଧାର ବହନେ କଲେ ଗମନ;
ସତୀଙ୍କି ତମସା ଅଙ୍କରେ
ଘେନି ସ୍ନେହେ ଆଲିଙ୍ଗିଲା ତରଙ୍ଗ-କରେ ।          । ୯ ।
ଅମୃତ ମଧୁର ସ୍ୱରେ          ଭାଷିଲା ପରିତୋଷରେ
"ମାଆଗୋ, ମୋ ମାନସରେ ନ ଥିଲା ଆଶା,
କରିବ ଅଙ୍କେ ବିହାର          ରାଜଲକ୍ଷ୍ମୀ ହୃଦହାର
ସୀତା କରି ପରିହାର ଭୋଗ-ପିପାସା,
ଭାଗ୍ୟବତୀ ମୋତେ ସଂସାରେ
ବୋଲିବେ ତୋ' ଯୋଗୁଁ ଏକା ପରଶଂସାରେ ।"          । ୧୦ ।

**ସୂଚନା :**

ବିକଚ - ପ୍ରସ୍ଫୁଟିତ, ବିକଶିତ
ରାଜୀବ ଦୃଶା - ପଦ୍ମ ସଦୃଶ ଦୃଷ୍ଟି ବା ଚାହାଣି
ନୀହାର - ଶିଶିର
ପଲ୍ଲବ - କଅଁଳିଆ ପତ୍ର

| | | |
|---|---|---|
| କଳକଣ୍ଠ | - | କୋଇଲି |
| ଅରୁଣ କଷାୟ ବାସ | - | ଲାଲ ରଙ୍ଗର ପାଟ ବସ୍ତ୍ର |
| କଳିଙ୍ଗ | - | କଳଲପାତି ଚଢ଼େଇ |
| ପାଟ ମାଗଧ | - | ଶ୍ରେଷ୍ଠ ଭାଟ |
| ବୈକୁଣ୍ଠେ | - | ବିଷ୍ଣୁଙ୍କ ଧାମରେ |
| ଅନନ୍ତ | - | ବାସୁକି, ପୁରାଣରେ ବର୍ଣ୍ଣିତ ଅଛି ପୃଥିବୀର ନିମ୍ନଭାଗରେ ନାଗରାଜ ବାସୁକି ରହି ପୃଥିବୀକୁ ଧାରଣ କରିଛନ୍ତି । |
| ଆଗମନଶଂସୀ | - | ଆଗମନର ସୂଚକ |
| ତାପସ | - | ମୁନି |
| ତମସା | - | ବାଲ୍ମୀକି ଆଶ୍ରମ ନିକଟରେ ପ୍ରବାହିତ କ୍ଷୁଦ୍ର ନଦୀ |
| ଉଟଜ | - | କୁଡ଼ିଆ |

## ପ୍ରଶ୍ନାବଳୀ

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୧. 'ବିକଚ ରାଜୀବ-ଦୃଶା' ନିମ୍ନୋକ୍ତ କେଉଁ ଅର୍ଥକୁ ବୁଝାଉଛି ?

(କ) ପ୍ରସ୍ଫୁଟିତ ପଦ୍ମଫୁଲ ସଦୃଶ ଆଖି ଯାହାର

(ଖ) ପ୍ରସ୍ଫୁଟିତ ପଦ୍ମଫୁଲର ପାଖୁଡ଼ା ସଦୃଶ ଆଖି ଯାହାର

(ଗ) ପ୍ରସ୍ଫୁଟିତ ପଦ୍ମଫୁଲର ସୌନ୍ଦର୍ଯ୍ୟ ଯୁକ୍ତ ଆଖି ଯାହାର

(ଘ) ପ୍ରସ୍ଫୁଟିତ ପଦ୍ମଫୁଲ ସଦୃଶ ମୁଖ ଯାହାର

୨. 'ଅରୁଣ କଷାୟ ବାସ'ର ଅର୍ଥ ସ୍ୱରୂପ କେଉଁ ଉକ୍ତିଟି ଠିକ୍ ?

(କ) ଅରୁଣଙ୍କ ନିମନ୍ତେ କଷାୟ ବସ୍ତ୍ର

(ଖ) ଅରୁଣଙ୍କର କଷାୟ ବସ୍ତ୍ର

(ଗ) ଅରୁଣ ରଙ୍ଗର କଷାୟ ବସ୍ତ୍ର

(ଘ) କଷାୟ ରଙ୍ଗର ଅରୁଣ ବସ୍ତ୍ର

୩. ଉଷାକୁ ପ୍ରଶଂସା କରି ସତୀ ସୀତା କେଉଁ ବାକ୍ୟଟି କହିଛନ୍ତି ?

(କ) ତୁମେ ତିମିର ବିଧ୍ୱଂସୀ

(ଖ) ତୁମେ ପ୍ରଶାନ୍ତ ରୂପ

(ଗ) ତୁମେ ଜାନକୀ-ଦର୍ଶନ ତୃଷାର୍ତ୍ତ

(ଘ) ତୁମେ ବିକଚ-ରାଜୀବ ଦୃଶା

୪. ସୀତାଙ୍କର ଅନ୍ୟନାମ ବୈଦେହୀ ହେବାର କାରଣ କ'ଣ ?

(କ) ବିଶେଷ ଦେହଧାରିଣୀ କନ୍ୟା

(ଖ) ବିଦେହର କନ୍ୟା

(ଗ) ଦେହହୀନା କନ୍ୟା

(ଘ) ବିଦେଶିନୀ କନ୍ୟା

୫. ନିମ୍ନଲିଖିତ ପଦଗୁଡ଼ିକ ମଧ୍ୟରୁ କେଉଁଟି ରୂପକ କର୍ମଧାରୟ ନୁହେଁ ଚିହ୍ନାଇଦିଅ ।

(କ) କରପଲ୍ଲବ

(ଖ) ନୀହାରମୁକ୍ତା

(ଗ) ବୀଣାଝଙ୍କାର

(ଘ) ତରଙ୍ଗକର

୬. ନିମ୍ନୋକ୍ତ ପ୍ରତ୍ୟେକ ଶବ୍ଦର ଦୁଇଟି ଭିନ୍ନ ଭିନ୍ନ ଅର୍ଥ ଲେଖ ।

ବାସ, ଅଙ୍କ, କର, ପଦ, ବନ, ବିଧି, ଶ୍ରୁତି

୭. ନିମ୍ନଲିଖିତ ଶବ୍ଦଗୁଡ଼ିକର ତିନୋଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

କୁସୁମ, ରାଜୀବ, ନୀର, ରାତ୍ରି, ଗଗନ

୮. 'କ' ସ୍ତମ୍ଭର ପ୍ରତ୍ୟେକ ପଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ପଦ ଯୋଗ କର ।

| 'କ' | 'ଖ' |
|---|---|
| ସରସ୍ୱତୀ | ସ୍ତବପାଠ |
| ମୁକ୍ତା | ଆଶ୍ରମଧାତ୍ରୀ |
| ଉଷା | ପ୍ରଭାତୀତାରା |
| କୁମ୍ଭାଟୁଆ | ଉପହାର |
| ମଙ୍ଗଳ ପ୍ରଦୀପ | ବୀଣାଝଙ୍କାର |
| ତମସା | ସୁକୁମାରଦେହୀ |
| | ତାପସ କନ୍ୟା |

୯. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର।

(କ) ତୁମ୍ଭ କୋମଳ ଚରଣ କରେ _______ ଆହରଣ। ( କିରଣ, ଜ୍ୟୋତି, ରଶ୍ମି )

(ଖ) ବନ୍ଦିଲେ ଉଷାର _______ ସବିନୟରେ। ( ପଦ, ପାଦ, ଚରଣ )

(ଗ) ଜାନକୀ ଦର୍ଶନ _______ ହୃଦୟେ ବହି। ( ତୃଶା, ତୃଷା, ଆଶା )

(ଘ) ପ୍ରାଙ୍ଗଣେ କୁସୁମ ବିଞ୍ଚି ସୁବାସିତ _______ ସିଞ୍ଚି। (ନୀର, ଜଳ, ସଲିଳ )

**କ୍ଷୁଦ୍ର ଉତ୍ତରମୂଳକ :**

୧୦. 'ଦରଶନ ଦିଅ ସତି, ରାତି ପାହିଲା'– ଏ କଥା କିଏ କାହାକୁ କହିଛନ୍ତି ?

୧୧. ବାଲ୍ମୀକି ଆଶ୍ରମକୁ ଉଷା କାହିଁକି ଆଗମନ କରିଥିଲେ ବୋଲି ବର୍ଣ୍ଣିତ ହୋଇଛି ?

୧୨. ଉଷା ମଙ୍ଗଳ ମୁହୂର୍ତ୍ତରେ ଆସିଥିବା କଥା କବିତାର କେଉଁ ପଦରୁ ଜଣାପଡୁଛି ?

୧୩. ଉଷା ଉପହାର ସ୍ୱରୂପ କ'ଣ ଆଣିଛନ୍ତି ?

୧୪. ଉଷାଙ୍କ କର ବୋଲି କବି କାହାକୁ କଳ୍ପନା କରିଛନ୍ତି ?

୧୫. ଉଷା କେଉଁ ସ୍ଥାନରେ ରହି ସୀତାଙ୍କୁ ଡାକିଲେ ?

୧୬. କଳକଣ୍ଠ କଣ୍ଠରେ କିଏ କହିଲା ?

୧୭. ଉଷା କି ପ୍ରକାର ବସ୍ତ୍ର ପିନ୍ଧିଛନ୍ତି ?

୧୮. କବି ଉଷାଙ୍କୁ କେଉଁ ରୂପରେ ବର୍ଣ୍ଣନା କରିଛନ୍ତି ?

୧୯. ମର୍ତ୍ତ୍ୟଭୁବନକୁ ଉଷା ଆସିବାର ଉଦ୍ଦେଶ୍ୟ କ'ଣ ?

୨୦. ସୀତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଉଷା କି ବ୍ୟବସ୍ଥାମାନ କରାଇଥିଲେ ?

୨୧. ଉଷା ସୀତାଙ୍କୁ ସତୀ, ରାଜ୍ୟ ରାଣୀ ବୋଲି ସମ୍ବୋଧନ କଲେ କାହିଁକି ?

୨୨. ସରସ୍ୱତୀଙ୍କ ବୀଣାଝଙ୍କାର ସହିତ କାହାକୁ ତୁଳନା କରାଯାଇଛି ?

୨୩. ଏହାଦ୍ୱାରା ବନଭୂମିରେ କି ପରିବର୍ତ୍ତନ ଆସିଲା ?

୨୪. ଅନୁକମ୍ପା କିଏ ?

୨୫. ଅନୁକମ୍ପା ସୀତାଙ୍କୁ କ'ଣ କହିଲେ ?

୨୬. ସୀତାଙ୍କ ହୃଦୟରେ ପ୍ରତିବିମ୍ବିତ ବୀର ରାମ ମୂର୍ତ୍ତିକୁ କବି କାହାପରି ବୋଲି କହିଛନ୍ତି ?

୨୭. ସୀତାଙ୍କ ହୃଦୟ ଶୋକ-ଜର୍ଜରିତ ହେବାର କାରଣ କ'ଣ ?

୨୮. ସୀତା ଉଷାଙ୍କ ପଦ ବନ୍ଦନା କରି କ'ଣ କହିଲେ ?

୨୯. ଉଷାଙ୍କୁ 'ଶୁଭ୍ର ସଉରଭ ରସିକେ' ବୋଲି ସୀତା କହିଲେ କାହିଁକି ?

୩୦. 'ଶୁଭ ସମ୍ବାଦିନୀ ହୁଅ ରଘୁବଂଶିକେ'– ଏ କଥା କିଏ କାହାକୁ କହିଛନ୍ତି ?

୩୧. ତମସାକୁ ଆଶ୍ରମଧାତ୍ରୀ ବୋଲି କାହିଁକି କୁହାଯାଇଛି ?

୩୨. ତମସା ନଦୀ କି କି ଆୟୋଜନ କରି ସତୀ ସୀତାଙ୍କର ଆଗମନକୁ ଅପେକ୍ଷା କରିଥିଲେ ?

୩୩. ତମସା ନଦୀ ସୀତାଙ୍କୁ କିପରି ସ୍ୱାଗତ ଜଣାଇଥିଲା ?

୩୪. ସୀତାଙ୍କୁ ଲାଭ କରି ତମସା ନିଜକୁ ଭାଗ୍ୟବତୀ ବୋଲି ଭାବିଛନ୍ତି କାହିଁକି ?

## ସପ୍ରସଙ୍ଗ ସରଳାର୍ଥ :

୩୫. ଦେବା ପାଇଁ ନବ ଜୀବନ
ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟ ଭୁବନ !

୩୬. ବୈକୁଣ୍ଠେ ଦେଇ ତୃପତି ଅନନ୍ତ ଶ୍ରୁତିକି ଗତି
ବିହିଲା କି ସରସ୍ୱତୀ ବୀଣାଝଙ୍କାର;

୩୭. ଭାଗ୍ୟବତୀ ମୋତେ ସଂସାରେ
ବୋଲିବେ ତୋ' ଯୋଗୁଁ ଏକା ପରଶଂସାରେ ।

୩୮. ଶୁଭ୍ର ସଉରଭ ରସିକେ
ଶୁଭ-ସମ୍ବାଦିନୀ ହୁଅ ରଘୁବଂଶିକେ ।

## ଦୀର୍ଘ ଉତ୍ତରମୂଳକ :

୩୯. ପଠିତ କବିତା ଅନୁସରଣରେ ବାଲ୍ମୀକି ଆଶ୍ରମର ପ୍ରଭାତକାଳୀନ ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କର ।

୪୦. ଆଶ୍ରମରେ ସତୀ ସୀତାଙ୍କୁ ଉଷା କିପରି ସ୍ୱାଗତ ଜଣାଇଛନ୍ତି – ଆଲୋଚନା କର ।

୪୧. ପଠିତ କବିତାରୁ କବିଙ୍କର ପ୍ରକୃତି ଚିତ୍ରଣର ବିଶେଷତ୍ୱ ଲେଖ ।

୪୨. କବି ଗଙ୍ଗାଧର ମେହେରଙ୍କ ଲେଖନୀରେ ପ୍ରକୃତି ମାନବ ଭଳି ସମ୍ବେଦନଶୀଳ – ପଠିତ କବିତାକୁ ଭିତ୍ତି କରି ଆଲୋଚନା କର ।

## ତୁମ ପାଇଁ କାମ :

୪୩. କବି ଗଙ୍ଗାଧରଙ୍କ ରଚିତ ତପସ୍ୱିନୀ କାବ୍ୟଟି ଅବସର ସମୟରେ ପଢ଼ ।

୪୪. ତୁମେ ପଢ଼ୁଥିବା ବିଭିନ୍ନ କାବ୍ୟକବିତାରୁ ପ୍ରକୃତି ବର୍ଣ୍ଣନା ଥିବା ଅଂଶକୁ ଟିପା ଖାତାରେ ଲେଖି ରଖ ଓ ଉଦ୍ଧୃତି ରୂପେ ବ୍ୟବହାର କର ।

୪୫. 'ପ୍ରଭାତ' ବିଷୟରେ ସ୍କୁଲର ପ୍ରାଚୀର ପତ୍ର ପାଇଁ କବିତାଟିଏ ଲେଖିବାକୁ ଚେଷ୍ଟାକର ।

G9A8S1

# ଜାଗ ବନ୍ଧନହରା

● ଅନନ୍ତ ପଟ୍ଟନାୟକ

(୧୯୧୨-୧୯୮୭)

**କବି ପରିଚୟ :**

ଖୋର୍ଦ୍ଧା ଜିଲ୍ଲାର ଟଣାହାଟ ଗ୍ରାମରେ କବି ଅନନ୍ତ ପଟ୍ଟନାୟକ ଜନ୍ମଗ୍ରହଣ କରିଥିଲେ । ସାମ୍ୟବାଦୀ ଚିନ୍ତାଧାରାର କବିତା ରଚନା ପାଇଁ 'ନବଯୁଗ ସାହିତ୍ୟ ସଂସଦ' ଜରିଆରେ ଯେଉଁ ଆନ୍ଦୋଳନ ହୋଇଥିଲା ତହିଁରେ ସେ ଅଂଶ ଗ୍ରହଣ କରିଥିଲେ । ନବଯୁଗ ସାହିତ୍ୟ ସଂସଦର ପ୍ରଥମ ଅଧିବେଶନରେ ପ୍ରାରମ୍ଭିକ ସଂଗୀତ ରୂପେ ଏହି କବିତାଟି ଗାନ କରାଯାଇଥିଲା । ରକ୍ତଶିଖା, ଛାଇର ଛିଟା, ଅଲୋଡ଼ାଲୋଡ଼ା, ଅବାନ୍ତର, କିଞ୍ଚିତ ଆଦି କବିତା ସଂକଳନ ତାଙ୍କ କାବ୍ୟକୃତିର ସାର୍ଥକ ପରିଚୟ । 'ଅବାନ୍ତର' କବିତା ପୁସ୍ତକ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ।

ଶୋଷଣମୁକ୍ତ ଓ ଶ୍ରେଣୀହୀନ ସାମାଜିକ ତଥା ସାଂସ୍କୃତିକ ବ୍ୟବସ୍ଥା ପ୍ରବର୍ତ୍ତନ ଓ ମାନବବାଦର ଜୟଗାନ ଏହି କବିତାର ଅନ୍ତଃସ୍ୱର ।

---

ନବୀନଯୁଗର ତରୁଣ ଜାଗରେ
ଜାଗ ବନ୍ଧନହରା,
ବକ୍ଷ ଶୋଣିତେ ଲକ୍ଷ ଜୀବନେ
ଖେଳାଅ ଆଲୋକଧାରା । ୦।
ଛିନ୍ନ କରରେ ବନ୍ଧନରାଜି
କ୍ରନ୍ଦନ ହେଉ ଶେଷ,
ଲୁପ୍ତ ହେଉରେ ଜାତି ଉପଜାତି
ଖଣ୍ଡିତ ଶତ ଦେଶ ।
ମହାମାନବର ଶଙ୍ଖ ଶବଦେ ଶମୁରେ ଦୁଃଖ ଜ୍ୱାଳା
ଜାଗ ବନ୍ଧନହରା । ୧।

'ମରଣ ଦୁଆରେ ଚରଣ ଅରପି
ଗାଅରେ ଅମର ଗାନ,
ପୋଛିଦିଅ ଆଜି ମାନବ ଶିରସୁଁ
ସଂଚିତ ଅପମାନ,
ଲଂଘି ବନାନୀ ଶୈଳ ସାଗର
ଚୂରରେ ତିମିର କାରା । ୨।

ମରୁ ପଥେ ପଥେ ନିର୍ଝର ସୃଜି
ଯାତ୍ରା କର ହେ କର,
ସ୍ପନ୍ଦନ ବହି ଅନ୍ତରେ କୋଟି
ପ୍ରଦୀପ ଉଚ୍ଚେ ଧର ।
ଶଙ୍କିତ ହେଉ କଂପିତ ପ୍ରାଣେ
ଚନ୍ଦ୍ର ତପନ ତାରା । ୩।

ସନ୍ଧାନୀ ତବ ସନ୍ଧାନ ପଥେ
କଣ୍ଟକ ଟେକେ ଶିର,
ସମ୍ମୁଖେ ତବ କୁହେଳି ରଚଇ
ମୋହ ମମତାର ନୀର ।
ଭିନ୍ନ କରି ସେ ତନ୍ଦ୍ରା-ପରଶ
ହସାଅ ଭୁବନ ସାରା ।୪।

ଚିରି ଅତୀତର ଜୀର୍ଣ୍ଣ ଜୀବନ
ଜାଗ ଆହେ ଭବିଷ୍ୟତ,
ଚୂର୍ଣ୍ଣ କରୁରେ ସ୍ୟନ୍ଦନ ତବ
ପୀଡ଼ନର ପରବତ ।
ଭାଙ୍ଗି ପଡୁ ଆଜି ଅର୍ଗଳ ରାଜି
ଘେନ ବିଜୟର ମାଳା,
ଜାଗ ବନ୍ଧନହରା ।

**ସୂଚନା :**

| | | | | | |
|---|---|---|---|---|---|
| ବନ୍ଧନହରା | - | ସକଳ ପ୍ରକାରର ବନ୍ଧନରୁ ମୁକ୍ତ ହୋଇଥିବା | ଶିରସୁଁ | - | ମୁଣ୍ଡରୁ |
| ଶୋଣିତ | - | ରକ୍ତ | ସ୍ପନ୍ଦନ | - | ଶିହରଣ, କମ୍ପନ |
| ଛିନ୍ନ | - | ଛିଣ୍ଡେଇବା | ଶଙ୍କିତ | - | ଭୟଭୀତ |
| ଲୁପ୍ତ | - | ଲୋପ ପାଇଥିବା | ତନ୍ଦ୍ରା | - | ନିଦ୍ରା |
| ଶମୁ | - | ପ୍ରଶମିତ ହେଉ, କମିଯାଉ | ଜୀର୍ଣ୍ଣ | - | ଦୁର୍ବଳ |
| ଅମର ଗାନ | - | ଚିରନ୍ତନ ଗୀତି | ସ୍ୟନ୍ଦନ | - | ରଥ |
| | | | ଅର୍ଗଳ | - | ବନ୍ଧନ (ଯୂପ) |

## ପ୍ରଶ୍ନାବଳୀ

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୧. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦବାଛି ଶୂନ୍ୟସ୍ଥାନ ପୂରଣ କର ।
ନବଯୁଗର _______ ମାନଙ୍କୁ ଜାଗି ଉଠିବା ପାଇଁ କୁହାଯାଇଛି ।
(ଶୋଷିତ, କୃଷକ, ବୃଦ୍ଧ, ତରୁଣ)

୨. ଠିକ୍ ଉତ୍ତରଟି ବାଛି ପାଦ ପୂରଣ କର ।
ଲକ୍ଷ ଜୀବନେ ଖେଳାଅ _______ ।
(ସମାଜବାଦୀଧାରା, ଆଲୋକଧାରା, ଉତ୍ସାହବାଣୀ, ଅନ୍ଧକାରଧାରା)

୩. 'ସଞ୍ଚିତ' କେଉଁ ପଦ ?
(ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ)

୪. କେଉଁଟି 'ତିମିର'ର ପ୍ରତିଶବ୍ଦ ହେବ ଲେଖ ।
(କ) ଅନ୍ଧାର (ଖ) ରାତ୍ରି (ଗ) ସନ୍ଧ୍ୟା (ଘ) କଳା

୫. ତନ୍ଦ୍ରାପରଶ କେଉଁ ସମାସ ?
(କର୍ମଧାରୟ, ଷଷ୍ଠୀ ତତ୍ପୁରୁଷ, ପଞ୍ଚମୀ ତତ୍ପୁରୁଷ, ବହୁବ୍ରୀହି)

୬. 'ଭୁବନ' - ଏହିପରି 'ଅନ' ପର ପ୍ରତ୍ୟୟ ଲାଗିଥିବା ୩ଟି ଶବ୍ଦ ଲେଖ ।

୭. 'ନିର୍ଝର' ଶବ୍ଦର ସନ୍ଧି ବିଚ୍ଛେଦ କଲେ କ'ଣ ହେବ ?
(କ) ନିଃ+ଝର (ଖ) ନିର+ଝର (ଗ) ନି+ଝର (ଘ) ନୀ+ଝର

## କ୍ଷୁଦ୍ର ଉତ୍ତରମୂଳକ :

୮. ବନ୍ଧନହରା କେଉଁମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ?

୯. କେଉଁଠାରେ ଆଲୋକଧାରା ଖେଳାଇବାକୁ କବି କହିଛନ୍ତି ?

୧୦. କବି କ'ଣ ଲୁପ୍ତ ହେବାକୁ କହିଛନ୍ତି ?

୧୧. କାହାର ଶଙ୍ଖଧ୍ୱନିରେ ଦୁଃଖ ଜ୍ୱାଳା ପ୍ରଶମିତ ହେବ ?

୧୨. କେଉଁଠାରେ ଅମର ଗାନ ଗାଇବାପାଇଁ କବି କହିଛନ୍ତି ?

୧୩. ତିମିରକାରା ଭାଙ୍ଗିଦେବା କଥା କବି କାହିଁକି କହିଛନ୍ତି ?

୧୪. ମରୁ ପଥରେ କବି କ'ଣ ସୃଷ୍ଟି କରିବାକୁ କହିଛନ୍ତି ?

୧୫. 'ସମ୍ମୁଖେ ତବ' - 'ତବ' ଏଠାରେ କାହା ଉଦ୍ଦେଶ୍ୟରେ କୁହାଯାଇଛି ?

୧୬. ଭୁବନସାରା ହସାଇବା ପାଇଁ କ'ଣ ଭିନ୍ନ କରିବାକୁ କୁହାଯାଇଛି ?

୧୭. ଭବିଷ୍ୟତର ତରୁଣମାନେ କ'ଣ କଲେ ଜାଗି ଉଠିବେ ବୋଲି କବି କହିଛନ୍ତି ?

୧୮. ବିଜୟର ମାଳା ଘେନିବା ପୂର୍ବରୁ କ'ଣ ହେଉ ବୋଲି କବି କହିଛନ୍ତି ?

## ସପ୍ରସଙ୍ଗ ସରଳାର୍ଥ :

୧୯. ମରଣ ଦୁଆରେ ଚରଣ ଅରପି
ଗାଅରେ ଅମର ଗାନ
ପୋଛିଦିଅ ଆଜି ମାନବ ଶିରସୁଁ
ସଂଚିତ ଅପମାନ ।

୨୦. ଭିନ୍ନ କରି ସେ ତନ୍ଦ୍ରା ପରଶ
ହସାଅ ଭୁବନ ସାରା

୨୧. ଭାଜି ପଡୁ ଆଜି ଅର୍ଗଳ ରାଜି
ଘେନ ବିଜୟର ମାଳା ।

### ଦୀର୍ଘ ଉତ୍ତରମୂଳକ :

୨୨. ଏକ ସାର୍ଥକ ଉଦ୍‌ବୋଧନ ଗୀତିକା ଭାବରେ 'ଜାଗ ବନ୍ଧନହରା' କବିତାର ମର୍ମ ଆଲୋଚନା କର ।

୨୩. ନବଯୁଗର ତରୁଣମାନଙ୍କୁ ଯୁଗର ଆହ୍ୱାନ ସଂପର୍କରେ କବି କ'ଣ କହିଛନ୍ତି ବିଚାର କର ।

୨୪.'ଜାଗ ବନ୍ଧନହରା' କବିତାରେ ବନ୍ଧନରାଜିକୁ ଛିନ୍ନ କରିବା ପାଇଁ କବି ଶୁଣାଇଥିବା ଆହ୍ୱାନକୁ ବିଶ୍ଳେଷଣ କର ।

### ତୁମ ପାଇଁ କାମ:

୨୫. ଅନନ୍ତ ପଟ୍ଟନାୟକଙ୍କ ଅନ୍ୟାନ୍ୟ କବିତା ସଂଗ୍ରହ କରି ପଢ଼ ।

୨୬. ତୁମର ପ୍ରିୟସାଙ୍ଗ ନିକଟକୁ ନବଯୁଗର ଆହ୍ୱାନ ସଂପର୍କରେ ଚିଠି ଲେଖ ।

◆

T7Z5V3

# ସର୍ବଂସହା ମାଟି

● ବିଦ୍ୟୁତ୍‌ପ୍ରଭା ଦେବୀ
(୧୯୨୬-୧୯୭୭)

## କବି ପରିଚୟ :

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ବିଦ୍ୟୁତ୍‌ପ୍ରଭା ଦେବୀ ଜଣେ ବିଶିଷ୍ଟ କବି । ସେ ଅବିଭକ୍ତ କଟକ ଜିଲ୍ଲାର ଆଳି ଥାନା ଅନ୍ତର୍ଗତ ନାଟରା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । କବିଙ୍କ ସୃଷ୍ଟିରେ ସ୍ୱଦେଶ ପ୍ରୀତି, ସାଂସ୍କୃତିକ ଚେତନା, ଜୀବନବୋଧ, ଆଧ୍ୟାତ୍ମିକତା, ନିଃସର୍ଗ ଦୃଷ୍ଟିର ମଂଜୁଳ ପରିପ୍ରକାଶ ଘଟିଛି । ତାଙ୍କ ରଚିତ କବିତା ପୁସ୍ତକ ସବିତା, ଉତ୍କଳ ସାରସ୍ୱତ ପ୍ରତିଭା, କନକାଞ୍ଜଳି, ମରୀଚିକା, ବିହାୟସୀ, ଝରାଶିଉଳି, ସ୍ୱପ୍ନଦୀପ, କାକଳି, ଯାହାକୁ ଯିଏ, ସଞ୍ଚୟନ, ମାଟି ପାଣି ପବନ ପ୍ରଭୃତି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି । 'ସଞ୍ଚୟନ' ପୁସ୍ତକପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ ପୁରସ୍କୃତ ।

ପଠିତ କବିତାଟି "ମାଟି ପାଣି ପବନ" କବିତା ପୁସ୍ତକରୁ ସଂଗୃହୀତ । ଏଥିରେ ସର୍ବଂସହା ମାଟିକୁ ମା' ସହିତ ତୁଳନାକରି କବି ମାଟି ମା'ର ମହନୀୟ ଗୁଣାବଳୀ ବର୍ଣ୍ଣନା କରିଛନ୍ତି ଓ ମନୁଷ୍ୟର ସୁପ୍ତ ଦିବ୍ୟ ଚେତନାକୁ ଜାଗ୍ରତ କରାଇବା ପାଇଁ ଆହ୍ୱାନ ଜଣାଇଛନ୍ତି ।

---

**ସ**ରବ ସହଣୀ ମାଟି
ସବୁରି ଉପରେ ସେନେହ ତୋହର
ସମାନେ ଦେଇଛୁ ବାଣ୍ଟି ।
ତୋର ମିଠାପାଣି ତୋ' ଧୀର ପବନ
ଦେହେ ମୋ ଦେଇଛି ବଳ
ଶକତି ଦେଇଛି ତୃପତି ଦେଇଛି
ତୋ' ଗଛ ଲତାର ଫଳ ।

ସବୁଜ ଘାସର କଅଁଳ ବିଛଣା
ଦିଏ କି ଆରାମ ମତେ
ମାଆ ପରି ମୋର ଅଳି ଅରଦଳି
କେତେ ନ ସହିଛୁ ସତେ ।
ଦେହ ଦୁଃଖ ପାଇଁ ସାଇତିଛୁ କେତେ
ଚେରମୂଳି ଗଛ ଲତା
ମନ ସୁଖ ଲାଗି ନଈ ସମୁଦ୍ରରେ
ଭରିଅଛୁ ହସ କଥା ।
ବୁକୁ ମୋ ଫୁଲାଏ ଆଖି ମୋ ଭୁଲାଏ
ତୋ' ବଣ ପକ୍ଷୀର ଡାକ
ସରଗ ଡାକିଲେ ମନ ବଳେ ନାହିଁ
ଛାଡ଼ିବାକୁ ତୋର କାଖ ।
ଜନମ କାଳୁ ଯେ ଦେହେ ତୋ' ଆଘାତ
କେତେ ନ ଦେଇଛି ମୁହିଁ
ନିଜ ଛୁଆ ବୋଲି ସବୁ ଦୋଷ ସିନା
କ୍ଷମିଅଛୁ ଏକା ତୁହି ।
ଯେତେ ରାଗ ରୋଷ କରେ ତୋହ ପାଖେ
ମାଆ ବୋଲି ଯାଉ ଭୁଲି
କେତେ ତପ କରି ଏଇ ଜନମରେ
ଆସିଛି ତୋ' ଦେଶେ ବୁଲି ।
ଅମାପ ଧରିଚୁଁ ଦେଏ ଟିକେ ମତେ
ନିଦା ହେଉ ମୋର ଛାତି
ନିଜେ ଦୁଃଖ ସହି ଏ ଜଗତ ପାଇଁ
ଲାଗିପଡ଼େ ଦିନ ରାତି ।
ଦିହ ସିନା ତୋର ପାହାଡ଼ ପଥର
କଅଁଳ ପତର ପ୍ରାଣ
ଦୁଃଖ ଦଡ଼ମଡ଼ି ସହିବାକୁ ମତେ
କରି ଦେ ତୋ' ପରି ଟାଣ ।

ତୋର ମୁକତିରେ                    ମୋର ମୁକତି ମା

ତୋର ହସେ ମୋର ହସ

ତୋହରି ଅନ୍ତର                    ଆଦେଶେ ଚଳେ ମୁଁ

ଘୋଷି ତୋର ମହାଯଶ ।

ଚିର ଦୁଃଖର ତୋ'                    ପାହାନ୍ତି ଅନ୍ଧାର

ରାତି ଆସୁଅଛି ପାହି

ସେ ନୂଆ ସପନେ                    ଫୁଲେ ମୁଁ ଆନନ୍ଦେ

ଜୟଗାନ ତୋର ଗାଇ ।

ତୁହି ଦେବଭୂମି                    ତୁହି ବୀରଭୂମି

ତୁହି ମୋ ଭାରତ ମାଆ

ତୋର ପାଦଧୂଳି                    ମୁଣ୍ଡେ ହୋଇ ବୋଲି

ରଖିବି ତୋହର ନାଆଁ ।

ଚେତନ-ଗରଭା-ମାଟି

କେଉଁଠି ହଜିଛି                    ଖୋଜି ଦେଏ ମୋର

ଚେତନାର ଚାବିକାଠି ।

**ସୂଚନା :**

| | | |
|---|---|---|
| ସର୍ବଂସହା | - | ସବୁ ଅଳିଅର୍ଦ୍ଦଳି ଯେ ସହେ |
| ସରବ ସହଣୀ | - | ସବୁକିଛି ସହିବାଗୁଣରେ ନିପୁଣା |
| କ୍ଷମିଅଛୁ | - | କ୍ଷମାକରିଛୁ |
| ରୋଷ | - | ରାଗ |
| ଦଡ଼ମଡ଼ି | - | ଚଞ୍ଚଳ |

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ଦିହ ସିନା ତୋର ପାହାଡ଼ପଥର ______ ପତର ପ୍ରାଣ ।
( ସବୁଜ, କଅଁଳ, ବହଳ )

(ଖ) ତୋହରି ଅନ୍ତର ଆଦେଶେ ଚଳେ ମୁଁ ଘୋଷି ତୋର ______ ।
( ଜୟଗାନ, ମହାକୀର୍ତ୍ତି, ମହାଯଶ )

(ଗ) କେଉଁଠି ହଜିଛି ଖୋଜି ଦେଏ ମୋର ______ ର ଚାବିକାଠି ।
( ପ୍ରେରଣା, ଭାବନା, ଚେତନା )

(ଘ) ଅମାପ ଧରିଯୁଁ ଦେଏ ଟିକେ ମୋତେ ______ ହେଉ ମୋର ଛାତି ।
( ଟାଣ, ଦୃଢ଼, ନିଦା )

୨. ବିପରୀତାର୍ଥବୋଧକ ଶବ୍ଦ ଲେଖ ।
ଜନ୍ମ, ଦୁଃଖ, ଦୋଷ, ନିଦା, ଧୀର, ଅମାପ, କଅଁଳ, ସ୍ନେହ

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।
ମା, ଦେହ, ଜଳ, ପବନ, ବୁକୁ, ପାଦ

୪. ନିମ୍ନଲିଖିତ ଶବ୍ଦମାନଙ୍କର ଗଦ୍ୟରୂପ ଲେଖ ।
ସେନେହ, ମୁକତି, ଶକତି, ତୃପତି, ସରଗ, ସପନ

୫. ନିମ୍ନଲିଖିତ ଶବ୍ଦମାନଙ୍କୁ ସାର୍ଥକବାକ୍ୟରେ ବ୍ୟବହାର କର ।
ଅମାପ, ଅଳି, ଜୟଗାନ, ଚେତନା, ଆଘାତ

### କ୍ଷୁଦ୍ର ଉତ୍ତରମୂଳକ :

୬. କବି କାହାକୁ ସର୍ବସହଣୀ ବୋଲି କହିଛନ୍ତି ?

୭. କେଉଁଠାରୁ ଆମେ ଶକ୍ତି ଓ ତୃପ୍ତି ପାଉ ବୋଲି କବି କହିଛନ୍ତି ?

୮. ଆମ ମନସୁଖ ଲାଗି ହସକଥା କେଉଁଠାରେ ଭରି ରହିଛି ?

୯. କବି କାହାକୁ ମା' ବୋଲି କହିଛନ୍ତି ?

୧୦. ମାଟି ଚେରମୂଳ ଗଛଲତା ସାଇତି ରଖିବା ପଛରେ କି ଉଦ୍ଦେଶ୍ୟ ଅଛି ?

୧୧. ସ୍ୱର୍ଗଠାରୁ ମାଟିର ଆକର୍ଷଣ କବିଙ୍କ ପାଇଁ ଅଧିକ । ଏହା କବିତାର କେଉଁ ପଦରୁ ଜଣାଯାଏ ଲେଖ ।

୧୨. କେଉଁ କର୍ମହେତୁ କବି ଏ ଦେଶକୁ ବୁଲିବାକୁ ଆସିଛନ୍ତି ?
୧୩. ମାଟିର ମହାଯଶ ଘୋଷିବାକୁ କବି କାହାଠାରୁ ଆଦେଶ ପାଇଛନ୍ତି ?
୧୪. ମାଟିର ମା' ଆମ ଦୋଷକୁ କାହିଁକି କ୍ଷମା କରିଛି ?
୧୫. ବଣ ପକ୍ଷୀର ଡାକଶୁଣି ଦେହରେ କି ଭାବ ସୃଷ୍ଟି ହୁଏ ?

**ସପ୍ରସଙ୍ଗ ସରଳାର୍ଥ :**

୧୬. ଜନମ କାଳୁ ଯେ　　ଦେହେ ତୋ' ଆଘାତ
　　　　କେତେ ନ ଦେଇଛି ମୁହିଁ
　　ନିଜ ଛୁଆ ବୋଲି　　ସବୁ ଦୋଷ ସିନା
　　　　କ୍ଷମିଅଛୁ ଏକା ତୁହି ।

୧୭. ଅମାପ ଧରିଯୁଁ　　ଦେଏ ଟିକେ ମତେ
　　　　ନିଦା ହେଉ ମୋର ଛାତି
　　ନିଜେ ଦୁଃଖ ସହି　　ଏ ଜଗତ ପାଇଁ
　　　　ଲାଗିପଡ଼େ ଦିନ ରାତି ।

୧୮. ତୋର ମୁକତିରେ　　ମୋର ମୁକତି ମା
　　　　ତୋର ହସେ ମୋର ହସ
　　ତୋହରି ଅନ୍ତର　　ଆଦେଶେ ଚଳେ ମୁଁ
　　　　ଘୋଷି ତୋର ମହାଯଶ ।

**ଦୀର୍ଘ ଉତ୍ତରମୂଳକ :**

୧୯. ପଠିତ କବିତା ଅବଲମ୍ବନରେ ମାଟି ପ୍ରତି କବିଙ୍କ ମନୋଭାବର ପରିଚୟ ପ୍ରଦାନ କର ।
୨୦. ମାଟି "ସର୍ବଂସହା" ଏହାର ଯଥାର୍ଥତା ପ୍ରତିପାଦନ କର ।
୨୧. କବି ମାଟିମାଆର ଜୟଗାନରେ ଶତମୁଖି ଏହାକୁ ପଠିତ କବିତା ଅନୁସରଣରେ ବର୍ଣ୍ଣନା କର ।

**ତୁମ ପାଇଁ କାମ:**

୨୨. କବି ବିଦ୍ୟୁତପ୍ରଭା ଦେବୀଙ୍କର ଅନ୍ୟ କବିତା ଗୁଡ଼ିକୁ ସଂଗ୍ରହକରି ପଢ଼ ।
୨୩. ଉକ୍ତ କବିତାଟିକୁ ଆବୃତ୍ତି ଅଥବା ସ୍ୱରସହ ଗାନ କର ।
୨୪. ମାଟି ମା ଉଦ୍ଦେଶ୍ୟରେ ଲିଖିତ ଅନ୍ୟକବିମାନଙ୍କର କବିତାଗୁଡ଼ିକୁ ସଂଗ୍ରହ କରି ଶିକ୍ଷକଙ୍କୁ ଦେଖାଅ ।

◆

C1C4M1

# ଜନ୍ମଭୂମି

● କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
(୧୯୦୯-୧୯୮୭)

## ଲେଖକ ପରିଚୟ :

ପ୍ରସିଦ୍ଧ ଐତିହାସିକ ଓ ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମୟୂରଭଞ୍ଜ ଜିଲ୍ଲାର ଖିଚିଙ୍ଗଠାରେ ଜନ୍ମଗ୍ରହଣ କରିଥିଲେ। ଅଧ୍ୟାପନା ସହିତ ପ୍ରତ୍ନତତ୍ତ୍ୱ ଗବେଷଣାରେ ବ୍ୟାପୃତ ରହି ସେ ବହୁ ନୂତନ ଐତିହାସିକ ତଥ୍ୟର ସନ୍ଧାନ କରିଥିଲେ। 'ଭୁବନେଶ୍ୱରର ପ୍ରତ୍ନତାତ୍ତ୍ୱିକ ଅବଶେଷ' ବିଷୟରେ ଇଂରାଜୀରେ ଲିଖିତ ତାଙ୍କର ଗବେଷଣାଗ୍ରନ୍ଥ ଅତ୍ୟନ୍ତ ଉପାଦେୟ ସୃଷ୍ଟି। ଓଡ଼ିଆ ଭାଷାରେ ମୌଳିକ ପ୍ରବନ୍ଧ ଲେଖି ପ୍ରତିଭାବାନ୍ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓଡ଼ିଆ ସାହିତ୍ୟର ଇତିହାସରେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇଛନ୍ତି। ସତ୍ୟ ସହିତ ତଥ୍ୟର ସମନ୍ୱୟ, ଅକାଟ୍ୟ ଯୁକ୍ତି ଓ ମନ୍ଦ୍ର-ଗମ୍ଭୀର ଭାଷା ତାଙ୍କ ପ୍ରବନ୍ଧଗୁଡ଼ିକୁ ଅନୁପମ ମର୍ଯ୍ୟାଦା ପ୍ରଦାନ କରିଥାଏ। ପ୍ରବନ୍ଧ ମାନସ, ଇତିହାସ ଓ କିମ୍ବଦନ୍ତୀ, ସାରଳା ସାହିତ୍ୟରଐତିହାସିକ ଚିତ୍ର ଓ ଆତ୍ମଜୀବନୀ 'ମୋ ସମୟର ଓଡ଼ିଶା' ପ୍ରଭୃତି ତାଙ୍କର ପ୍ରଧାନ କୃତି।

'ପ୍ରବନ୍ଧ ମାନସ'ରୁ ସଂଗୃହୀତ 'ଜନ୍ମଭୂମି' ପ୍ରବନ୍ଧଟିରେ ଲେଖକ ଜନ୍ମଭୂମିର ପ୍ରକୃତ ଅର୍ଥ ସନ୍ଧାନ କରି ଅରଣ୍ୟ ପ୍ରକୃତିବେଷ୍ଟିତ ନିଜ ପଲ୍ଲୀ ଜନ୍ମମାଟିର ଅନନ୍ୟ ମହତ୍ତ୍ୱ ଦର୍ଶାଇଛନ୍ତି। ଗ୍ରାମରୁ ରାଜ୍ୟ, ଦେଶ ଓ ବିଶ୍ୱବାସୀ ହେବାପାଇଁ ଏବଂ ମହାନୁଭବତାର ପରିଧିକୁ ପ୍ରଥମେ ପଲ୍ଲୀରୁ ଆରମ୍ଭ କରିବାକୁ ଆହ୍ୱାନ ଦେଇଛନ୍ତି। 'ବସୁଧୈବ କୁଟୁମ୍ବକମ୍' ଭାବନାରେ ଏହି ପ୍ରବନ୍ଧଟି ପରିପୁଷ୍ଟ।

---

**କା**ହାକୁ ମୋର ଜନ୍ମଭୂମି ବୋଲି କହିବି—ଏହି ବିଶାଳ ପୃଥିବୀ, ବିଶାଳ ଏସିଆ ମହାଦେଶ, ବିଶାଳ ଭାରତବର୍ଷ, ଓଡ଼ିଶା ଦେଶ ବା ମୋର ଜନ୍ମସ୍ଥାନ ପଲ୍ଲୀଗ୍ରାମ ? ଏମାନଙ୍କ ମଧ୍ୟରୁ କେହି କାହାରିଠାରୁ ବିଚ୍ଛିନ୍ନ ହୋଇ ନ ଥିବାରୁ ବ୍ୟାପକ ଅର୍ଥରେ ଏ ସମସ୍ତ ମୋର ଜନ୍ମଭୂମି ହେଲେ ହେଁ ମାତୃଗର୍ଭରୁ ପଡ଼ି ଯେଉଁଠାରେ ପ୍ରଥମେ ଭୂମି ସ୍ପର୍ଶ କଲି—ଯେଉଁଠାରେ ରୂପ, ରସ, ଗନ୍ଧ, ସ୍ପର୍ଶର ପ୍ରଥମ ପରିଚୟ ପାଇଲି—ବିଷମ-ବିପାକ ବେଳେ ସେ ଅଞ୍ଚଳ ଫଳ, ପୁଷ୍ପ, ଶାକ, ତଣ୍ଡୁଳ ଢାଳି ଦେଇ ଶିଶୁପ୍ରାଣକୁ ପରିପୁଷ୍ଟ କଲା, ସେହି ପଲ୍ଲୀ ହିଁ ମୋର ଜନ୍ମଭୂମି; ସେହି ମୋର ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ। ଆୟୁସୂର୍ଯ୍ୟ ଯେତେ ବେଶୀ ବଢ଼ି ଚାଲିଛି, ତା' ସହିତ ମୋର ସମ୍ବନ୍ଧ ସେତେ

ବେଶୀ ଘନିଷ୍ଠ ହେବାର କଥା, କିନ୍ତୁ ଏ ସମ୍ବନ୍ଧ ଦିନକୁ ଦିନ କ୍ଷୀଣ ହୋଇ ଯେପରି କି ଲୀନ ହେବାକୁ ବସିଛି। ସମୟ ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ପରି ମୁଁ ଭାସି ଚାଲିଛି। ମୋର ଜନ୍ମଭୂମିକୁ ଫେରିଯିବା ପାଇଁ ମୋର ନୈତିକ ସାହସ ନାହିଁ। ଏହା ଭିତରେ ମୋର ପୁନର୍ଜନ୍ମ ଘଟିଯାଇଛି। ଆଜି ମୁଁ ତାର ରୂପକୁ ଜାତିସ୍ମର ପରି ଖାଲି ସ୍ମରଣ କରେ। ରାଶି ରାଶି ଶାଳତରୁ ମଧ୍ୟରେ ତଟିନୀ-ବେଷ୍ଟିତ ଭଞ୍ଜ-କୀର୍ତ୍ତି-କିରୀଟିନୀ ମୋର ଜନ୍ମଭୂମି ମୋ ଆଖି ଆଗରେ ଭାସିଯାଏ; କିନ୍ତୁ ତାର କୋଳକୁ ଫେରିଯିବା ପାଇଁ ମୋର ସାହସ ହୁଏ ନାହିଁ।

ଏହା ବ୍ୟକ୍ତିଗତ ସମସ୍ୟା ନୁହେଁ, ଏହା ସମଗ୍ର ଶିକ୍ଷିତ ସମାଜର ସମସ୍ୟା। ଧର୍ମାନ୍ତର ଗ୍ରହଣ କଲା ପରେ ବହୁ ଧର୍ମାନ୍ତର ଦୀକ୍ଷିତ ବ୍ୟକ୍ତି ଯେପରି ଧର୍ମ ପାଖରେ ସମସ୍ତ ମାନବିକତାକୁ ଉତ୍ସର୍ଗ କରି ସେମାନଙ୍କ ନାମ, ପଦବୀ, ଭାଷା, ଆହାର, ବ୍ୟବହାର, ବେଶଭୂଷା ଇତ୍ୟାଦି ବଦଳାଇ ଦିଅନ୍ତି ଓ ଶେଷବେଳକୁ ଜାତୀୟତା ଭୁଲି ଯେପରି ନିଜ ଜନ୍ମଭୂମିକୁ ସୁଦ୍ଧା ଅସ୍ୱୀକାର କରନ୍ତି, ଠିକ୍ ସେହିପରି ସଂଖ୍ୟାତୀତ ଶିକ୍ଷିତ ବ୍ୟକ୍ତି ପ୍ରଚଳିତ ଶିକ୍ଷା ପାଖରେ ସେମାନଙ୍କ ସମସ୍ତ ମାନବିକତାକୁ ଉତ୍ସର୍ଗ କରି ଶେଷବେଳକୁ ନିଜର ଜନ୍ମଭୂମିକୁ ସୁଦ୍ଧା ପାସୋରି ପକାନ୍ତି। ଶିକ୍ଷା ସମାପନ ସଙ୍ଗେ ସଙ୍ଗେ ସେମାନଙ୍କର ଏକପ୍ରକାର ପୁନର୍ଜନ୍ମ ଘଟିଯାଏ। ପଲ୍ଲୀଗ୍ରାମକୁ ଫେରିଯାଇ ଜୀବିକାର୍ଜନ କରିବା ଦୂରେଥାଉ, ସେଠାରେ କିଛିକାଳ ଅବସ୍ଥାନ କରିବା ମଧ୍ୟ ସମ୍ଭବପର ହୁଏ ନାହିଁ। ଏଣୁ ଥରେ ଥରେ ଭାବେଁ— ଗ୍ରାମକୁ ଯାଇ କଅଣ କରିବି ? ଯଦି ଗ୍ରାମର ଉନ୍ନତିକର କାର୍ଯ୍ୟ ପାଇଁ ଯଥାସାଧ୍ୟ ଅର୍ଥଦାନ ହିଁ ମୋର ଏକମାତ୍ର ଅବଶେଷ କର୍ତ୍ତବ୍ୟ, ଗ୍ରାମକୁ ନ ଯାଇ ମଧ୍ୟ ତାହା କରାଯାଇପାରେ। ଜନ୍ମଭୂମି ସହିତ ମୋର ଆଉ କି ପ୍ରକାର ସମ୍ବନ୍ଧ ଅଛି ?

ବହୁ ବାଦ-ବିସମ୍ବାଦ ସତ୍ତ୍ୱେ ପଲ୍ଲୀଗ୍ରାମର ନରନାରୀଙ୍କ ମଧ୍ୟରେ ଜାତି-ଧର୍ମ ନିର୍ବିଶେଷରେ ଗୋଟାଏ ଏକପରିବାରତ୍ୱର ପରମ୍ପରା ଗଢ଼ି ଉଠିଥାଏ। କେହି ଭାଇ, କେହି ଭଉଣୀ, କେହି କକା, କେହି ଖୁଡ଼ୀ ଇତ୍ୟାଦି ଭାବରେ ସମସ୍ତ ଗ୍ରାମବାସୀ ପରସ୍ପର ମଧ୍ୟରେ ପରିଚିତ ହୋଇଥାନ୍ତି। ମୋ ଜନ୍ମଭୂମି ସହିତ ଏ ମଧୁର ସମ୍ବନ୍ଧ ମୋର ଆଉ ନାହିଁ। ଗ୍ରାମଟିଯାକର ଭାଇଭଉଣୀ, କକାଖୁଡ଼ୀ, ମାମୁମାଇଁ, ମଉସା-ମାଉସୀ ଇତ୍ୟାଦି ସବୁ ପର ହୋଇଗଲେଣି। ଚେଷ୍ଟା କଲେ ମଧ୍ୟ ଏ ମଧୁର ସମ୍ବନ୍ଧ ଆଉ ଫେରି ପାଇବା ସମ୍ଭବ ନୁହେଁ। ଗ୍ରାମମୁଣ୍ଡରେ ସାର ମାଉସୀ ତା'ର ଛୋଟ ପିଣ୍ଡାଟିରେ ବହୁ ବର୍ଷ ଧରି ଦ୍ୱ... ମୂର୍ତ୍ତିଟି ପରି ବସି ଆସିଛି, ଆଜି ମଧ୍ୟ ବ...ଥାଏ। ଆଗେ ଦେଖିବା ମାତ୍ରେ ପଚାରୁଥିଲା, "କେବେ ଆସିଲୁ ବାପା ?" ଆଜିକାଲି କିନ୍ତୁ କହେ— "କେବେ ଆସିଲ ବାବୁ ?" ଗ୍ରାମର ମଝିରେ ଗୋବିନ୍ଦା ଭାଇର କ୍ଷୁଦ୍ର କୁଟିର। ଆଜୀବନ ଅକର୍ମା ଓ ଅବିବାହିତ ରହି ସେ ତାର କ୍ଷୁଦ୍ର କୁଟିରକୁ ଦୁର୍ଗ କରି ସମଗ୍ର ବିଶ୍ୱ ବିରୋଧରେ ବିଦ୍ରୋହ ଘୋଷଣା କରିଆସିଛି। ଆଗେ ଦେଖାହେଲେ ବହୁ ମାନ ସହିତ ସେ ମୋତେ ତାର କୁଟିରରେ ବସାଇ ମନବୋଧ ଚଉତିଶାର ବ୍ୟାଖ୍ୟା କରୁଥିଲା। ଆଜି ମୁଁ ଶତଚେଷ୍ଟା କଲେ ମଧ୍ୟ ତାର ପୂର୍ବ ପ୍ରତ୍ୟୟ ଆଉ ଫେରିପାଏ ନାହିଁ। ଗ୍ରାମଟିଯାକ ନବାଗତ ଅତିଥିରେ ପରିପୂର୍ଣ୍ଣ ହୋଇଗଲାଣି। ଯେଉଁ ଆଡ଼କୁ ଚାହିଁଲେ ଶୀର୍ଣ୍ଣ, ମଳିନ, ଉଲଗ୍ନ, କୃଶୋଦର, ଲମ୍ବୋଦର, ଅବାଞ୍ଛିତ, ଅବହେଳିତ ଶିଶୁମାନଙ୍କ ସମାବେଶ ଦେଖାଯାଏ। ଏମାନଙ୍କ ମଧ୍ୟରୁ କେହି ସୁଦ୍ଧା ମୋତେ ଜାଣନ୍ତି ନାହିଁ। କେବେ କେବେ ଦେଖାହେଲେ ଆଫ୍ରିକାରୁ ନବାଗତ ଜେବ୍ରା ବା ଜିରାଫ୍‌କୁ ଚାହିଁ ରହିଲା ପରି ସେମାନେ ମୋତେ ଖାଲି ଚାହିଁ ରହନ୍ତି। ଗ୍ରାମବାସୀମାନଙ୍କ ମଧ୍ୟରୁ ଯେଉଁ ଶିକ୍ଷିତ ଓ ଅର୍ଦ୍ଧ ଶିକ୍ଷିତ ନବଯୁବକମାନେ ଚାକିରି ନ ପାଇ ଜନ୍ମଭୂମି ଛାଡ଼ି ନାହାନ୍ତି, ସେମାନେ ରାଜନୀତିର ଆଶ୍ରୟ ନେଇଅଛନ୍ତି। ଏମାନଙ୍କ ମଧ୍ୟରୁ କେହି କଂଗ୍ରେସୀ, କେହି ଗଣତନ୍ତ୍ରୀ, କେହି କମ୍ୟୁନିଷ୍ଟ ଓ କେହି ସୋସିଆଲିଷ୍ଟ। ଯଦି କେହି ଏହି ରାଜନୈତିକ ମତବାଦ ମଧ୍ୟରୁ କୌଣସିଟିର ଅନ୍ତର୍ଭୁକ୍ତ ନୁହେଁ, ତାହାହେଲେ ସେ ଏମାନଙ୍କ ମଧ୍ୟରେ ସୁଦ୍ଧା ଅନ୍ତର୍ଭୁକ୍ତ ନୁହେଁ। ଅନ୍ୟ

କଥା ଦୂରେ ଥାଉ, ଏମାନଙ୍କ ସହିତ ପଲ୍ଲୀପ୍ରକୃତିର ଶୋଭା ଉପଭୋଗ କରିବା କିମ୍ବା ସାହିତ୍ୟ ଚର୍ଚ୍ଚା କରିବା ମଧ୍ୟ ସମ୍ଭବ ନୁହେଁ। ରାଜନୈତିକ ମତବାଦ ଅନୁସାରେ ଏମାନଙ୍କ ମାନସିକ ପରିବର୍ତ୍ତନ ମଧ୍ୟ ଘଟିଯାଇଛି। ଏମାନେ ପୁଷ୍ପିତ ପଳାଶ ବନରେ ଦେଖନ୍ତି ବିଦ୍ରୋହର ବହ୍ନି, ସ୍ଥଳପଦ୍ମରେ ଦେଖନ୍ତି ଆହବର ରକ୍ତ ଓ ଆନତ କୃଷ୍ଣଚୂଡ଼ାରେ ଦେଖନ୍ତି ଅନାଗତ ଯୁଗର ରକ୍ତକେତନ ! ଏଣୁ ଏମାନଙ୍କ ମନ ସହିତ ଗତି କରି ଚାଲିବା ସମ୍ଭବ ହୁଏ ନାହିଁ।

ଏହିପରି ଶ୍ରେଣୀର ଗ୍ରାମବାସୀଙ୍କ ମନରେ ମୋର ଆଉ ସ୍ଥାନ ନାହିଁ। ଏମାନଙ୍କ କର୍ମ-ଯୋଜନାରେ ମଧ୍ୟ ସ୍ଥାନ ପାଇବା ସମ୍ଭବ ନୁହେଁ। ସ୍ୱାର୍ଥର ବିଭେଦ ସତ୍ତ୍ୱେ କର୍ମ ଓ କ୍ଳେଶ ମଧ୍ୟରେ ଗ୍ରାମବାସୀମାନଙ୍କ ଭିତରେ ଅନ୍ୟ ଏକପ୍ରକାର ଏକ ପରିବାରତ୍ୱର ଭାବ ଆପେ ଆପେ ଜାତ ହୋଇଥାଏ। ନିଦାଘର ନିରାଟ ଝାଞ୍ଜିରେ ଲଙ୍ଗଳ ମୁନରେ ଧରଣୀର ବକ୍ଷ ଚିରି ଏମାନେ ସମସ୍ତେ ନୂଆ ମେଘକୁ ଚାହିଁ ରହନ୍ତି। ଜ୍ୟେଷ୍ଠର ଶେଷବେଳକୁ ସ୍ତୂପୀକୃତ ମେଘ ଘନ-ଶ୍ୟାମ ଗିରିରାଜିର ମସ୍ତକରୁ ଧୀରେ ଧୀରେ ଅଗଣିତ ଶାଳତରୁ ଉପରକୁ ଆନତ ହୋଇଆସେ ଓ ଗର୍ଜନ ତର୍ଜନରେ ଦିଗନ୍ତ କମ୍ପାଇ ବାରିପାତରେ ପଲ୍ଲୀଭୂମିକୁ ସିକ୍ତ କରିଯାଏ। ସିକ୍ତଭୂମିର ସୁଗନ୍ଧ ଓ ବନ୍ୟଯୂଥିର ପରିମଳରେ ରଜପର୍ବର ଆରମ୍ଭ ହୁଏ; ଉଦ୍‌ବେଳ ମନରେ ଗ୍ରାମବାସୀମାନେ ଦୋଳି ଖେଳରେ ରତ ହୋଇପଡ଼ନ୍ତି। ମହାସମାରୋହରେ ରଜପର୍ବ ଶେଷ ହେବା ପରେ ନିଷ୍ଠୁର ବାସ୍ତବତା ଆସି ପଡ଼େ। କ୍ଳାନ୍ତ, ସିକ୍ତ ଓ ଧାରାହତ ଶ୍ରମଜୀବୀମାନଙ୍କ ସମବେତ ଯତ୍ନରେ ଧରଣୀ ଶସ୍ୟଶ୍ୟାମଳା ହୋଇଉଠେ ଓ ହେମନ୍ତରେ ସ୍ୱର୍ଣ୍ଣ-ଶୀର୍ଷ ଧାନ୍ୟରେ ଗ୍ରାମଭୂମି ପୂର୍ଣ୍ଣ ହୋଇଯାଏ। ଗ୍ରାମର ଏହି ଯେ ଶୃଙ୍ଖଳିତ କର୍ମ-ଯୋଜନା ଅଛି, ସେଥିମଧ୍ୟରେ ମୋର ସ୍ଥାନ ନାହିଁ। ଗ୍ରୀଷ୍ମର ଝାଞ୍ଜିରେ, ବର୍ଷାର ଝଡ଼ରେ ବା ହେମନ୍ତର ଶୀତରେ ଏହି କର୍ମ ଯୋଜନାର କୌଣସି ସ୍ଥାନରେ ଅଂଶ ନେବା ପାଇଁ ମୋର ଭୌତିକ ଶକ୍ତିର ଅଭାବ ନ ଥିଲେ ମଧ୍ୟ, ନୈତିକ ଶକ୍ତିର ଅଭାବ ରହିଛି। ଏଣୁ ମୁଁ ମୋର ଜନ୍ମଭୂମିର ଖାଲି ମନରୁ ନୁହେଁ, କର୍ମରୁ ମଧ୍ୟ ବିଚ୍ୟୁତ ହୋଇପଡ଼ିଅଛି।

ମନୁଷ୍ୟଙ୍କୁ ସବୁବେଳେ ଯୁକ୍ତିବାଦୀ ଜୀବ ବୋଲି କହିବା ଠିକ୍ ନୁହେଁ; ସେ ବହୁ ପରିମାଣରେ ଗତାନୁଗତିକତାର ଦାସ। ଆଭିଜାତ୍ୟର ଚିହ୍ନ ବୋଲି ବିବେଚିତ ନିରର୍ଥକ ନେକ୍‌ଟାଇକୁ ମଧ୍ୟ ଛାଡ଼େ ନାହିଁ। କାୟ-କ୍ଳେଶ ନ ସହିବା ଯଦି ଆଭିଜାତ୍ୟର ଚିହ୍ନ, ତାହାହେଲେ ଏପରି ଅର୍ଥପୂର୍ଣ୍ଣ ଆଭିଜାତ୍ୟର ଚିହ୍ନକୁ କିଏ ବା କାହିଁକି ଛାଡ଼ିବ ? ସମସ୍ତ ଶିକ୍ଷିତ କାୟ-କ୍ଳେଶ ସହିବାକୁ ଅକ୍ଷମ ନୁହନ୍ତି; କିନ୍ତୁ ସମସ୍ତ ଶିକ୍ଷିତ ଅଭିଜାତ ଶ୍ରେଣୀର ଅନ୍ତର୍ଭୁକ୍ତ। ଆଭିଜାତ୍ୟ ଛାଡ଼ିବା ସମ୍ଭବ ନୁହେଁ, ଏଣୁ ଶାରୀରିକ ଶ୍ରମ ଛାଡ଼ିବା ହିଁ ସମ୍ଭବ ହୋଇଥାଏ। ତା ଛଡ଼ା କୌଣସି ବ୍ୟକ୍ତିର ଦୈନିକ ଆୟ ପାଞ୍ଚ ଅଣା ବା ପଚାଶ ଲକ୍ଷ ଟଙ୍କା ହୋଇପାରେ; ସେଥିପାଇଁ ଆଇନର ବାଧା ନାହିଁ, କିମ୍ବା ଧର୍ମ ବା ସମାଜର ନିନ୍ଦା ନାହିଁ। ବରଞ୍ଚ ମାନବର ସମସ୍ତ ନୀତିକୁ ପଦରେ ଦଳି ଦେଇ, ଊର୍ଦ୍ଧ୍ୱଶ୍ୱାସରେ ଧାଇଁ, ସେ ଯେତେ ବେଶୀ ଏହି ଦୀର୍ଘ ବ୍ୟବଧାନକୁ କମ୍ କରିପାରେ, ସେ ସେତେବେଶୀ ଜୀବନ-ଯୁଦ୍ଧର ଦିଗ୍‌ବିଜୟୀ ବୀର ବୋଲି ପରିଚିତ ହୁଏ, ସେତେ ବେଶୀ ଆଦର ଓ ପ୍ରଶଂସାର ପାତ୍ର ହୁଏ। ଅଭିଜାତ ଶ୍ରେଣୀର ଅନ୍ତର୍ଭୁକ୍ତ ନ ହୋଇ ଖାଲି ଶାରୀରିକ ଶ୍ରମରେ ଏହି ଦୀର୍ଘ ବ୍ୟବଧାନକୁ କିଞ୍ଚିତ୍ ମାତ୍ର କମ୍ କରିବା ମଧ୍ୟ ସମ୍ଭବ ନୁହେଁ।

ଏହିସବୁ କାରଣରୁ ବହୁପଲ୍ଲୀ-ଜନନୀ ଆଜି ସେମାନଙ୍କର ଶିକ୍ଷିତ ସନ୍ତାନଙ୍କୁ ହରାଇ ବସିଛନ୍ତି। ଅର୍ଥବଳରେ ହେଉ, ଭାଗ୍ୟବଳରେ ହେଉ ବା ଅଧ୍ୟବସାୟ ବଳରେ ହେଉ, ଯେଉଁମାନେ ଶିକ୍ଷିତ ରୂପେ ଉଦୀୟମାନ ହୁଅନ୍ତି, ସେମାନଙ୍କ ସମ୍ବନ୍ଧରେ ପଲ୍ଲୀଗ୍ରାମରେ ବହୁ କଳ୍ପନା ଜଳ୍ପନା ଚାଲେ। ବିଦ୍ୟାର୍ଥୀ ଜୀବନରେ ସେମାନେ ପିତା-ମାତାଙ୍କ ଆଶା ଭରସାର ସ୍ଥଳ ହୋଇ, ଗ୍ରାମ ବୃଦ୍ଧମାନଙ୍କ ପ୍ରଶଂସାର ଦୃଷ୍ଟାନ୍ତ ହୋଇ, ଗ୍ରାମଭୂମି ମଣ୍ଡନ କରିଥାନ୍ତି।

କିନ୍ତୁ ସମୟ ଆସେ, ଯେତେବେଳେ କି ଗ୍ରାମବାସୀମାନେ ସେମାନଙ୍କୁ ଦେଖିବାର ସୁଦ୍ଧା ସୁବିଧା ପାଆନ୍ତି ନାହିଁ। କୃଷ୍ଣ ତିନି ଦିନକୁ କଣ୍ଟ କରି ମଥୁରାକୁ ଚିରଦିନ ପାଇଁ ଚାଲିଗଲା ପରି ସେମାନେ ସବୁଦିନ ପାଇଁ ଗ୍ରାମଭୂମି ଛାଡ଼ି ଚାଲିଆସନ୍ତି। କିନ୍ତୁ କେହି ଭାବନ୍ତି ନାହିଁ ଯେ, ଏହି ଅନୈତିକତା ବା ବିଶ୍ୱାସଘାତକତାରୁ କୃଷ୍ଣଙ୍କ ପରି ମହାପୁରୁଷ ସୁଦ୍ଧା ପାର ପାଇ ନ ଥିଲେ। ନନ୍ଦ, ଯଶୋଦା ଓ ଗୋପୀ-ଗୋପାଳଙ୍କ ଅସୀମ ସ୍ନେହରେ ପରିପାଳିତ ହୋଇ ଶେଷବେଳକୁ ପ୍ରବଞ୍ଚନା କରି କୃଷ୍ଣ ଗୋପପୁର ଛାଡ଼ି ଆସିଲେ। ନନ୍ଦ ଯଶୋଦାଙ୍କ ଚକ୍ଷୁ ଅନ୍ଧୀଭୂତ ହୋଇଗଲା, ପ୍ରେମମୟୀ ରାଧା ଶଶିକଳା ପରି ଦୀନା ଓ କ୍ଷୀଣା ହୋଇଗଲେ; କିନ୍ତୁ କୃଷ୍ଣ ଆଉ ଫେରିଲେ ନାହିଁ। ମହାଭାରତର ମହାସମରକୁ ଅଙ୍ଗୁଳି ନିର୍ଦ୍ଦେଶରେ ଚଳାଇ; ମଥୁରାଠାରୁ ଦ୍ୱାରକା ପର୍ଯ୍ୟନ୍ତ ଦୀର୍ଘପଥ ଅତିକ୍ରମ କରି, ସେ ବିପୁଳ ରାଜ୍ୟ, ଅପରିସୀମ ବିଭବ, ଅଭ୍ରଂକଷ ପ୍ରାସାଦ, ଅଷ୍ଟପାଟବଂଶୀ ଓ ଅଗଣିତ ପୁତ୍ରକନ୍ୟାର ଅଧିକାରୀ ହୋଇ ଦ୍ୱାରକାରେ ବସିଗଲେ ! କିନ୍ତୁ ପରିଣାମ କଅଣ ଭଲ ହେଲା ? କୃଷ୍ଣଙ୍କର ଅଭ୍ରଂକଷ ପ୍ରାସାଦ ଅତଳ ଜଳଧି ତଳରେ ନିମଗ୍ନ ହୋଇଗଲା, ଆଉ ତାଙ୍କ ନବସଂସାରର ମଦ୍ୟପ ବଂଶଗୋଷ୍ଠୀ ଓ ସାଙ୍ଗସାଥୀ ମଧ୍ୟ ପ୍ରଭାସତୀର୍ଥର ଏରକାର ବନରେ ପରସ୍ପରକୁ ହାଣି ଧ୍ୱଂସ ହୋଇଗଲେ ! ରାଜ୍ୟହୀନ, ଗୃହହୀନ, ଧନହୀନ ଓ ପୁତ୍ରକନ୍ୟାହୀନ ହୋଇ ଶେଷବେଳକୁ ମହାଭାରତର କର୍ଣ୍ଣଧାର ନିବିଡ଼ ଅରଣ୍ୟର ଲତିକା-ଦୋଳାରେ ଅବଶ ଅଙ୍ଗକୁ ଢାଳିଦେଲେ। କିନ୍ତୁ ଶେଷରେ ସୁଦ୍ଧା ଶାନ୍ତିରେ ରହିପାରିଲେ ନାହିଁ। ଅଳ୍ପକ୍ଷଣ ପରେ ତାଙ୍କର ଦୋଳାୟମାନ ପଦ-ପଲ୍ଲବରେ ଅଭିଶାପ ପରି ନିଷ୍ଠୁର ଲୌହ-ଶରଟିଏ ଆସି ପଡ଼ିଲା ! ଏହା ମଧ୍ୟ ତାଙ୍କର କୃତକର୍ମର ପରିଣାମ। ଯେଉଁ ପାଦ ଗୋପପୁରରେ ଗୋ-ଚାରଣ ଦ୍ୱାରା ଚର୍ମପାଦୁକା ପରି କଠିନ ହୋଇଥିଲା, ତାହା ଦ୍ୱାରକାର ରାଜଭୋଗରେ ନବପଲ୍ଲବ ପରି ରକ୍ତାଭ ହୋଇ ପଡ଼ିଲା। ଏଣୁ ନିର୍ବୋଧ ବ୍ୟାଧ ମନରେ ଯେ ତାହା ହରିଣ କର୍ଣ୍ଣର ଭ୍ରମ ଆଣିଦେବ, ଏଥିରେ ବିଚିତ୍ରତା ବା କଅଣ ଥିଲା ?

ଏହି ପୁରାତନୀ ଗାଥାରେ ସତ୍ୟ ରହିଛି। ଏଣୁ ବହୁ ଶତାବ୍ଦୀର ବିସ୍ମୃତି ଭେଦ କରି ତାହା ଆଜି ଆମ୍ଭମାନଙ୍କ ପାଖରେ ପହଞ୍ଚିପାରିଛି। କୃଷ୍ଣଙ୍କ ନବରାଜ୍ୟର ଅଭ୍ରଂକଷ ପ୍ରାସାଦ ଆଉ ନାହିଁ; କିନ୍ତୁ ତାଙ୍କ ମାତୃଭୂମିର ଗୋପ, ବୃନ୍ଦାବନ, ଯମୁନା, ଗୋପୀ, ଗୋପାଳ ଇତ୍ୟାଦି ସବୁ ପୂର୍ବପରି ରହିଛନ୍ତି। ପୂର୍ବ ପରି ଆଜି ମଧ୍ୟ ଯମୁନା ବହିଚାଲିଛି, ବୃନ୍ଦାବନର ପୁଷ୍ପିତ କଦମ୍ବରେ ଆଜି ମଧ୍ୟ ମୟୂରର ଉଦ୍ଧତ ନୃତ୍ୟ ଦେଖାଯାଏ ଓ ଆଜି ମଧ୍ୟ ଦୂର ବଂଶୀସ୍ୱନରେ ଅନୂଢ଼ା ଗୋପକନ୍ୟାର ମନ ଅହେତୁକ ଓ ଅନାହୂତ ବ୍ୟଥାରେ ଭାରାକ୍ରାନ୍ତ ହୋଇଉଠେ। କୃଷ୍ଣଙ୍କର ଏହି ଅମର ଗାଥାରୁ ବହୁ କଥା ଶିଖିବାର ଅଛି। ଏହା ସତ୍ୟ ଯେ, ଭାରତୀୟ ଅର୍ଥନୈତିକ ବେଷ୍ଟନୀରେ ପାଶ୍ଚାତ୍ୟ ଶିକ୍ଷାପଦ୍ଧତିକୁ ଥୋଇ ଦିଆହୋଇଛି। ଏଣୁ ପାଶ୍ଚାତ୍ୟ ଶିକ୍ଷାର ଶିକ୍ଷିତମାନେ ଯେ ପାଶ୍ଚାତ୍ୟ ଜୀବନଧାରଣର ମାନ ଅନୁସରଣ କରିବେ, ଏହା ନିଶ୍ଚିତ କଥା। ତଥାପି ବହୁ ସହସ୍ର ଶିକ୍ଷିତ ମଧ୍ୟରୁ ଯେଉଁମାନେ ସେମାନଙ୍କ ମହାନୁଭବତାର ପରିଧିକୁ ପଲ୍ଲୀଗ୍ରାମରୁ ପ୍ରଥମେ ଆରମ୍ଭ କରି ବିଶ୍ୱ ପର୍ଯ୍ୟନ୍ତ ବ୍ୟାପ୍ତ କରିପାରିଛନ୍ତି, ସେହିମାନେ ହିଁ ଆମ୍ଭମାନଙ୍କ ନମସ୍ୟ। କିନ୍ତୁ ଏହି ସ୍ୱାଭାବିକ ପନ୍ଥା ଛାଡ଼ି ଯେଉଁମାନେ ଗ୍ରୀସୀୟ ଦେବତା ଏଟ୍‌ଲାସ୍ ପରି ସମସ୍ତ ବିଶ୍ୱର ଭାର ବହନ କରିଛନ୍ତି ବୋଲି କୁବ୍‌ଜ ହୋଇ ଚାଲନ୍ତି, ସେମାନେ ଖାଲି ପ୍ରବଞ୍ଚନା କରିଥାନ୍ତି। ଯେ ଭଲ ଗ୍ରାମବାସୀ ନୁହେଁ; ସେ ଭଲ ଓଡ଼ିଶାବାସୀ ନୁହେଁ; ଯେ ଭଲ ଓଡ଼ିଶାବାସୀ ନୁହେଁ, ସେ ଭଲ ଭାରତବାସୀ ନୁହେଁ ଓ ଯେ ଭଲ ଭାରତବାସୀ ନୁହେଁ ସେ ଭଲ ବିଶ୍ୱବାସୀ ହୋଇ ନ ପାରେ। ଯେଉଁମାନେ ପାଶ୍ଚାତ୍ୟ ଶିକ୍ଷାର ସମସ୍ତ ନିଗଡ଼ ଛିନ୍ନ କରି ସେମାନଙ୍କ ମହାନୁଭବତାର ପରିଧିକୁ ପ୍ରଥମେ ପଲ୍ଲୀରୁ ଆରମ୍ଭ କରି ସମଗ୍ର ଓଡ଼ିଶା ଓ ଭାରତବର୍ଷକୁ ବ୍ୟାପ୍ତ କରିପାରନ୍ତି, ସେମାନେ ଆମ୍ଭମାନଙ୍କ ନମସ୍ୟ ହୁଅନ୍ତି।

**ସୂଚନା :**

ବିପାକ - ବିପଦ, ବିପର୍ଯ୍ୟୟ

ତଣ୍ଡୁଳ - ଚାଉଳ

ଜାତିସ୍ମର - ଯେ ପୂର୍ବଜନ୍ମର ଘଟଣାବଳୀକୁ ସ୍ମରଣ କରିପାରନ୍ତି ।

ଭଞ୍ଜକୀର୍ତ୍ତି - ମୟୂରଭଞ୍ଜର ଭଞ୍ଜବଂଶର ରାଜାମାନଙ୍କ କୀର୍ତ୍ତି

କିରୀଟିନୀ - କିରୀଟଯୁକ୍ତା ବା ମୁକୁଟମଣ୍ଡିତା

ମନବୋଧ ଚଉତିଶା- ଏହି ଜନପ୍ରିୟ ଚଉତିଶାଟି ବୈରାଗ୍ୟ ଓ ଭକ୍ତିଭାବ ସମ୍ବଳିତ । ଏହାର ରଚୟିତା ହେଉଛନ୍ତି ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗର କବି ଭକ୍ତଚରଣ ଦାସ ।

ପ୍ରତ୍ୟୟ - ବିଶ୍ୱାସ

କୃଶୋଦର - ଅପୁଷ୍ଟତା ହେତୁ ଯେଉଁମାନଙ୍କ ପେଟ ପଶି ଯାଇଥାଏ ।

ଲମ୍ବୋଦର - ଏଠାରେ ରୋଗାଦି କାରଣରୁ ଯେଉଁମାନଙ୍କ ପେଟ ବାହାରି ପଡ଼ିଥାଏ ।

ଅବାଞ୍ଛିତ - ଯାହାକୁ ଆମେ ଚାହୁଁନା

ଅନାଗତ - ଯାହା ଆସି ନାହିଁ, ଭବିଷ୍ୟତ

ସ୍ତୂପୀକୃତ - ସ୍ତର ବା ଥାକ ଥାକ ହୋଇ ଜମା ରହିଥିବା

ଯୂଥି - ଯୂଇଫୁଲ (ଯୂଥୀ, ଯୂଥିକା, ଯୂଥୀକା)

ପରିମଳ - ସୁବାସ, ସୌରଭ

ଶ୍ରମଜୀବୀ - କାୟିକ ଶ୍ରମରେ ଯେଉଁମାନେ ଚଳନ୍ତି ।

ସ୍ୱର୍ଣ୍ଣ-ଶୀର୍ଷ - ଯାହାର ଅଗ୍ରଭାଗ ସ୍ୱର୍ଣ୍ଣ ସଦୃଶ, ଏଠାରେ ପାଚିଲା ଧାନ ।

ଆଭିଜାତ୍ୟ - ସଂଭ୍ରାନ୍ତପଣିଆ

ଅଭ୍ରଂକଷ - ଆକାଶଛୁଆଁ

ଅଷ୍ଟପାଟବଂଶୀ - ଶ୍ରୀକୃଷ୍ଣଙ୍କ ଅଷ୍ଟପତ୍ନୀ (ରୁକ୍ମିଣୀ, ସତ୍ୟଭାମା, ଜାମ୍ବବତୀ, ମିତ୍ରବିନ୍ଦା, ପ୍ରଭୃତି ।)

ପ୍ରଭାସତୀର୍ଥ - ଦ୍ୱାରକା ନିକଟବର୍ତ୍ତୀ ତୀର୍ଥସ୍ଥାନ

ଏରକାର ବନ - ଶର ବଣ

କର୍ଣ୍ଣଧାର - ମଙ୍ଗୁଆଳ

ପଦପଲ୍ଲବ - କଅଁଳ ପତ୍ର ପରି କୋମଳ ପାଦ

ରକ୍ତାଭ - ରକ୍ତର ବର୍ଣ୍ଣ ସଦୃଶ

ଗାଥା - କାହାଣୀ, କିମ୍ବଦନ୍ତୀ

ଏଟ୍‌ଲାସ୍ - ଗ୍ରୀସୀୟ ଦେବତା । ପ୍ରତିଶ୍ରୁତି ରକ୍ଷା କରିବା ଲାଗି ସେ ପୃଥିବୀକୁ ନିଜର ଦୁଇ ହାତରେ ଟେକି ଧରିଥିଲେ ।

କୁବ୍ଜ - କୁଜା

ପ୍ରବଞ୍ଚନା - ଠକାମି, ଛଳନା

ନିଗଡ଼ - ଶିକୁଳି, ବନ୍ଧନ

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. 'ଆୟୁସୂର୍ଯ୍ୟ'- ଏହାର ଠିକ୍ ବ୍ୟାସବାକ୍ୟଟି ଚିହ୍ନାଅ।

(କ) ଆୟୁ ଓ ସୂର୍ଯ୍ୟ (ଖ) ଆୟୁ ରୂପକ ସୂର୍ଯ୍ୟ

(ଗ) ଆୟୁର ସୂର୍ଯ୍ୟ (ଘ) ଆୟୁ ଅଟେ ସୂର୍ଯ୍ୟ

୨. 'ଧର୍ମାନ୍ତର'- ଏହାର ବିଗ୍ରହବାକ୍ୟ କ'ଣ ହେବ ?

(କ) ଧର୍ମ ଓ ଅନ୍ତର (ଖ) ଧର୍ମରୁ ଅନ୍ତର

(ଗ) ଅନ୍ୟ ଧର୍ମ (ଘ) ଧର୍ମର ଅନ୍ତର

୩. 'ପୁନର୍ଜନ୍ମ' ଶବ୍ଦ ପାଇଁ ନିମ୍ନଲିଖିତ ସନ୍ଧିରୁ ଠିକ୍ ସନ୍ଧିଟି ବାଛି ଲେଖ।

(କ) ପୁନର + ଜନ୍ମ (ଖ) ପୁନ + ଜନ୍ମ

(ଗ) ପୁନ + ର୍ଜନ୍ମ (ଘ) ପୁନଃ + ଜନ୍ମ

୪. 'ଶୁଷ୍କ' ଶବ୍ଦଟି କିପରି ଗଠିତ ହୋଇଛି ?

(କ) ଶୁଷ୍ + ତ (ଖ) ଶୁଷ୍ + କ

(ଗ) ଶୋଷ୍ + କ (ଘ) ଶୋଷ୍ + ତ

୫. ନିମ୍ନୋକ୍ତ ଶବ୍ଦଗୁଡ଼ିକ ମଧ୍ୟରୁ ଶୁଦ୍ଧ ଶବ୍ଦଟି ବାଛ।

(କ) ଶାରିରୀକ (ଖ) ଶାରୀରୀକ

(ଗ) ଶାରୀରିକ (ଘ) ଶାରିରିକ

୬. ଗ୍ରାମ ମଧ୍ୟରେ ଏକପରିବାରତ୍ୱର ପରମ୍ପରା ସ୍ୱରୂପ ନିମ୍ନଲିଖିତ ମଧ୍ୟରୁ ଯେଉଁ ଉକ୍ତିଟି ଗ୍ରହଣୀୟ ଲେଖ।

(କ) ଲୋକଙ୍କୁ ଡାକି ଆଣି ମନବୋଧ ଚଉତିଶା ଆଦିର ବ୍ୟାଖ୍ୟା ଶୁଣାଇବା।

(ଖ) ରଜ ପ୍ରଭୃତି ବିଭିନ୍ନ ପର୍ବ ମିଳିମିଶି ପାଳନ କରିବା।

(ଗ) ଗ୍ରାମରେ ଜାତି ବର୍ଣ୍ଣ ନିର୍ବିଶେଷରେ ଭାଇ, ଭଉଣୀ, କକା, ଖୁଡ଼ୀ ଆଦି ଭାବରେ ସମ୍ପର୍କ ରଖିବା।

(ଘ) ପିଣ୍ଡାରେ ବସି ଗ୍ରାମକୁ ଆସୁଥିବା ଅତିଥିମାନଙ୍କୁ କୁଶଳ ଜିଜ୍ଞାସା କରିବା।

୭. ନିମ୍ନରେ ପ୍ରଦତ୍ତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ।

ବିଶାଳ, ସ୍ମରଣ, ଅସ୍ୱୀକାର, ଅବାଞ୍ଛିତ, ପ୍ରଶଂସା, ମଧୁର

୮. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଉପଯୁକ୍ତ ବାକ୍ୟରେ ପ୍ରୟୋଗ କର।

ଅଭିଜାତ, ପ୍ରତ୍ୟୟ, ସିକ୍ତ, ପ୍ରବଞ୍ଚନା, ଅକର୍ମା, ଶୀର୍ଣ୍ଣ

୯. ପାଦରେ ଦଳିଦେବା, ପାର ପାଇବା, କଣ୍ଠ କରିବା : ଏହି ରୂଢ଼ିଗୁଡ଼ିକୁ ବାକ୍ୟରେ ବ୍ୟବହାର କର।

୧୦. ଶ୍ରମକୁ ଯେ ଜୀବନ ଧାରଣର ପନ୍ଥା ବୋଲି ଗ୍ରହଣ କରନ୍ତି, ତାଙ୍କୁ କୁହାଯାଏ ଶ୍ରମଜୀବୀ। ସେହିଭଳି ଶେଷରେ ଜୀବୀ ଥିବା ଆଉ ୫ଟି ଶବ୍ଦ ଲେଖ।

୧୧. ବାମ ପାଖରେ ଥିବା ଶବ୍ଦ ସହ ଡାହାଣ ପାଖରେ ଥିବା ଉପଯୁକ୍ତ ଶବ୍ଦକୁ ଯୋଡ଼ି ସ୍ୱତନ୍ତ୍ର ବାକ୍ୟରେ ପ୍ରୟୋଗ କର।

| | |
|---|---|
| ଶସ୍ୟଶ୍ୟାମଳା | ଧାନ୍ୟ |
| ସ୍ତୂପୀକୃତ | ପ୍ରାସାଦ |
| ସ୍ୱର୍ଣ୍ଣଶୀର୍ଷ | ଜୀବ |
| ଯୁକ୍ତିବାଦୀ | ଧରଣୀ |
| ଅଭ୍ରଂକଷ | ବ୍ୟଥା |
| ଦୋଳାୟମାନ | ଆହବ |
| ଅହେତୁକ | ପଦପଲ୍ଲବ |
| | ମେଘ |

**କ୍ଷୁଦ୍ର ଉତ୍ତରମୂଳକ :**

୧୨. ଲେଖକ ଜନ୍ମଭୂମି ପଲ୍ଲୀକୁ ନିଜର ମା' ବୋଲି ଭାବିଛନ୍ତି କାହିଁକି ?

୧୩. ଜନ୍ମଭୂମିକୁ ଧାତ୍ରୀ ଓ ଶିକ୍ଷୟିତ୍ରୀ କହିବାର କାରଣ କ'ଣ ?

୧୪. "ଏ ସମସ୍ତ ମୋ'ର ଜନ୍ମଭୂମି" – ଏହି ବାକ୍ୟାଂଶରେ 'ଏ ସମସ୍ତ' କାହାକୁ ବୁଝାଉଛି ?

୧୫. ବୟସ ବଢ଼ିବା ସହ ଲେଖକଙ୍କର ଜନ୍ମଭୂମି ସହିତ ସମ୍ବନ୍ଧ କିପରି ହେଉଛି ବୋଲି ସେ କହିଛନ୍ତି ?

୧୬. ସମୟ ସ୍ରୋତରେ ଲେଖକ କିପରି ଭାସି ଚାଲିଛନ୍ତି ?

୧୭. ଜନ୍ମଭୂମିର କେଉଁ ରୂପ ଲେଖକଙ୍କର ଆଖି ଆଗରେ ଭାସି ଯାଏ ?

୧୮. ଧର୍ମାନ୍ତର ପରେ ଲୋକର କି ପରିବର୍ତ୍ତନ ହୋଇଥାଏ ?

୧୯. ପଲ୍ଲୀରେ ଏକପରିବାରତ୍ୱ ଗଢ଼ି ଉଠିବାର କି ପ୍ରମାଣ ମିଳେ ?

୨୦. 'ସାର ମାଉସୀ' ଲେଖକଙ୍କୁ ଆଗେ କ'ଣ କହି ପଚାରୁଥିଲା ?

୨୧. 'ସାର ମାଉସୀ'ର ପ୍ରଶ୍ନ ପଚାରିବାରେ ପରେ କି ପରିବର୍ତ୍ତନ ଆସିଛି ?

୨୨. 'ଗୋବିନ୍ଦା ଭାଇ' କି ପ୍ରକାର ଲୋକ ?

୨୩. ଗୋବିନ୍ଦା ଭାଇ ଲେଖକଙ୍କୁ କୁଟିରରେ ବସାଇ କି ପ୍ରକାର ବ୍ୟବହାର ଦେଖାଉଥିଲେ ?

୨୪. 'ଗ୍ରାମଟିଯାକ ନବାଗତ ଅତିଥିରେ ପରିପୂର୍ଣ୍ଣ ହୋଇଗଲାଣି'– ଏଠାରେ କେଉଁ ନବାଗତ ଅତିଥିଙ୍କ କଥା ଲେଖକ କହିଛନ୍ତି ?

୨୫. ଗ୍ରାମର ଶିଶୁ ସମାବେଶ ଉପରେ ଲେଖକ କି ଅଭିମତ ଦେଇଛନ୍ତି ?

୨୬. ଏଇ ଶିଶୁମାନେ ଲେଖକଙ୍କୁ ଏବେ ଦେଖିଲେ କିପରି ବ୍ୟବହାର ଦେଖାଇଥାନ୍ତି ?

୨୭. ଗ୍ରାମର ସାଧାରଣ ଯୁବକମାନେ କିପରି ସମୟ ବିତାନ୍ତି ?

୨୮. ଗ୍ରାମ୍ୟ ଯୁବକମାନଙ୍କ ସହିତ ପଲ୍ଲୀପ୍ରକୃତିର ଶୋଭା ଉପଭୋଗ କରିବା ଲେଖକଙ୍କ ପକ୍ଷରେ କାହିଁକି ସମ୍ଭବ ହୁଏ ନାହିଁ ?

୨୯. ଶିକ୍ଷିତ ଲୋକେ ପଲ୍ଲୀର କର୍ମଯୋଜନାରେ ଅଂଶଗ୍ରହଣ ନ କରିପାରିବାର କାରଣ କ'ଣ ?

୩୦. କେଉଁ ପର୍ବରେ ଦୋଳି ଖେଳର ପ୍ରାଧାନ୍ୟ ଥାଏ ?

୩୧. 'ରଜପର୍ବ ଶେଷ ହେବା ପରେ ନିଷ୍ଠୁର ବାସ୍ତବତା ଆସି ପଡ଼େ' – ଏକଥା ଲେଖକ କହିବାର ଉଦ୍ଦେଶ୍ୟ କ'ଣ ?

୩୨. ଶିକ୍ଷିତମାନେ କାୟକ୍ଳେଶ ଓ ଆଭିଜାତ୍ୟ ମଧ୍ୟରୁ କେଉଁଟିକୁ ଅଧିକ ପସନ୍ଦ କରନ୍ତି ଓ କାହିଁକି ?

୩୩. କିଭଳି ଲୋକ ଜୀବନ-ଯୁଦ୍ଧରେ ଦିଗ୍‌ବିଜୟୀ ବୀର ବୋଲି ପରିଚିତ ହୁଏ ?

୩୪. ଗ୍ରାମର ବିଦ୍ୟାର୍ଥୀମାନଙ୍କ ସମ୍ପର୍କରେ କି ପ୍ରକାର ଧାରଣା ପ୍ରଥମେ ସୃଷ୍ଟି ହୋଇଥାଏ ?

୩୫. ଶିକ୍ଷିତମାନଙ୍କ ଗ୍ରାମ ଛାଡ଼ି ପଳାଇଯିବା ସହ କେଉଁ ପୌରାଣିକ କଥାର ତୁଳନା କରାଯାଇଛି ?

୩୬. ଶ୍ରୀକୃଷ୍ଣଙ୍କୁ ମହାଭାରତର କର୍ଣ୍ଣଧାର କୁହାଯାଇଛି କାହିଁକି ?

୩୭. ଶ୍ରୀକୃଷ୍ଣଙ୍କ ବଂଶର ଶେଷ ଅବସ୍ଥା କ'ଣ ହୋଇଥିଲା ?

୩୮. ଭଲ ବିଶ୍ୱବାସୀ କହିଲେ କ'ଣ ବୁଝାଯାଏ ?

## ସପ୍ରସଙ୍ଗ ସରଳାର୍ଥ :

୩୯. ସମୟ-ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ପରି ମୁଁ ଭାସି ଚାଲିଛି ।

୪୦. ଏହା ମଧ୍ୟ ତାଙ୍କର କୃତକର୍ମର ପରିଣାମ ।

୪୧. ଏମାନେ ପୁଷ୍ପିତ ପଳାଶବନରେ ଦେଖନ୍ତି ବିଦ୍ରୋହର ବହ୍ନି, ସ୍ଥଳପଦ୍ମରେ ଦେଖନ୍ତି ଆହବର ରକ୍ତ ଓ ଆନ
କୃଷ୍ଣଚୂଡ଼ାରେ ଦେଖନ୍ତି ଅନାଗତ ଯୁଗର ରକ୍ତକେତନ ।

## ଦୀର୍ଘ ଉତ୍ତରମୂଳକ :

୪୨. ପଲ୍ଲୀ କୋଳକୁ ଫେରିଯିବାରେ ତାଙ୍କର ନୈତିକ ସାହସ ନାହିଁ ବୋଲି ଲେଖକ କାହିଁକି କହିଛନ୍ତି ?

୪୩. ଗ୍ରାମରେ ଦେଖାଯାଉଥିବା ଏକପରିବାରତ୍ୱ ପରମ୍ପରା ସମ୍ପର୍କରେ ପଠିତ ପ୍ରବନ୍ଧକୁ ଭିତ୍ତି କରି ବର୍ଣ୍ଣନା କର ।

୪୪. ମନୁଷ୍ୟକୁ ବହୁ ପରିମାଣରେ ପରମ୍ପରାର ଦାସ ବୋଲି କହିବାର ଯଥାର୍ଥତା କ'ଣ ?

୪୫. ପଲ୍ଲୀର ଶିକ୍ଷିତ ସଂପ୍ରଦାୟ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ତୁଳନା କେତେ ଦୂର ଯୁକ୍ତିଯୁକ୍ତ ବୁଝାଇ ଲେଖ ।

୪୬. ଏହି ପ୍ରବନ୍ଧରେ ଲେଖକ ଶିକ୍ଷିତ ସମାଜକୁ କି ପରାମର୍ଶ ଦେଇଛନ୍ତି ?

୪୭. ଗ୍ରାମରେ ରଜ, କୁମାର ପୂର୍ଣ୍ଣିମା ଭଳି ବିଭିନ୍ନ ପର୍ବପର୍ବାଣିରେ ଯେଉଁ ସବୁ ଗୀତ ବୋଲାଯାଏ ସେ ସବୁ ସଂଗ୍ରହ କରି ତୁମ ସାହିତ୍ୟ ଶିକ୍ଷକଙ୍କୁ ଦେଖାଅ ।

## ତୁମ ପାଇଁ କାମ :

୪୮. ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଲିଖିତ ଅନ୍ୟାନ୍ୟ ବହି ପଢ଼ । ବିଶେଷତଃ ତାଙ୍କ ଆତ୍ମଜୀବନୀ– 'ମୋ ସମୟର ଓଡ଼ିଶା' ପୁସ୍ତକ ପଢ଼ ।

୪୯. ପଲ୍ଲୀ କବିତାଗୁଡ଼ିକୁ ମନେରଖି ନିଜ ନିଜ ମଧ୍ୟରେ ପଦ୍ୟାନ୍ତ ପ୍ରତିଯୋଗିତା କର ।

୫୦. ତୁମ ଜନ୍ମଭୂମି ସମ୍ପର୍କରେ ତୁମେ ଏକ କବିତା କିମ୍ବା ପ୍ରବନ୍ଧ ଲେଖି ତୁମ ସାହିତ୍ୟ ଶିକ୍ଷକଙ୍କୁ ଦେଖାଅ ।

◆

Y8D5L9

# ସଭ୍ୟତା ଓ ବିଜ୍ଞାନ

● ବଂଶୀଧର ସାମନ୍ତରାୟ

୧୯୧୨-୧୯୯୬

**ଲେଖକ ପରିଚୟ :**

*ବଂଶୀଧର ସାମନ୍ତରାୟ ଥିଲେ ଓଡ଼ିଶାର ଜଣେ ବିଶିଷ୍ଟ ଶିକ୍ଷାବିତ୍ ଓ ଉଦ୍ଭିଦ ବିଜ୍ଞାନୀ । ସେ ଅବିଭକ୍ତ କଟକ ଜିଲ୍ଲାର ପଟ୍ଟାମୁଣ୍ଡାଇ (ସଂପ୍ରତି କେନ୍ଦ୍ରାପଡ଼ା ଜିଲ୍ଲା) ନିକଟବର୍ତ୍ତୀ ବଡ଼ପଡ଼ା ଗାଁରେ ଜନ୍ମଗ୍ରହଣ କରିଥିଲେ । ଉଦ୍ଭିଦ ବିଜ୍ଞାନରେ ବିଲାତରୁ ଉଚ୍ଚତର ଶିକ୍ଷାପ୍ରାପ୍ତ ହୋଇ ସେ ଓଡ଼ିଶାର ଶିକ୍ଷାବିଭାଗରେ ଅଧ୍ୟାପକ ଭାବେ ଯୋଗଦେଇଥିଲେ । ପରବର୍ତ୍ତୀ ସମୟରେ ସେ ରେଭେନ୍‌ସା କଲେଜର ଅଧ୍ୟକ୍ଷ ପଦ ମଣ୍ଡନ କରିଥିଲେ । ବିଜ୍ଞାନ ସମ୍ବନ୍ଧୀୟ ପ୍ରବନ୍ଧ ଓ ଶିଶୁ ସାହିତ୍ୟ ରଚନା କରିବାରେ ତାଙ୍କର ଆଗ୍ରହ ଥିଲା । ତାଙ୍କର ଅନେକ ବିଜ୍ଞାନ ସମ୍ବନ୍ଧୀୟ ରଚନା 'ଉତ୍କଳସାହିତ୍ୟ' ପତ୍ରିକାରେ ପ୍ରକାଶ ପାଇଥିଲା । 'ଦରିଆ ପାରିର ସୁନା' ଓ 'ଶିଶୁର ବାଣୀ' ପ୍ରଭୃତି ତାଙ୍କର କେତୋଟି ରଚନା ।*

*'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧଟି ୧୯୪୨ ସାଲ ଜ୍ୟେଷ୍ଠ ସଂଖ୍ୟା 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶ ପାଇଥିଲା । ଏଥିରେ ସଭ୍ୟତାର ବିକାଶରେ ବିଜ୍ଞାନର ଅବଦାନ ବିଷୟ ଆଲୋଚିତ । ସଭ୍ୟତା ଅନ୍ୱେଷଣରେ ପଥ ପ୍ରଦର୍ଶକ ହୋଇଥିବା ବିଜ୍ଞାନକୁ ଅବଲମ୍ବନ କରି ଆଧୁନିକ ଯୁଗରେ ମଣିଷ ଉନ୍ନତ ହେବା ସମ୍ଭବ ବୋଲି ଏହି ପ୍ରବନ୍ଧରେ ପ୍ରତିପାଦିତ ।*

---

ମାନବ ଯେଉଁ ବୈଷୟିକ, ଶାରୀରିକ, ମାନସିକ ଓ ନୈତିକ ଉନ୍ନତି ଏବଂ ଜ୍ଞାନସାଧନ କରିଥାଏ, ତାହାକୁ ଆମ୍ଭେମାନେ ସଭ୍ୟତା ଆଖ୍ୟା ଦେଇଥାଉ । ବିଭିନ୍ନ ବିଭାଗର ବିଭିନ୍ନ ପରିମାଣର ଉନ୍ନତି ଅନୁସାରେ ସଭ୍ୟତା ନ୍ୟୂନତର ବା ଉଚ୍ଚତର ବୋଲି ନିରୂପିତ ହୋଇଥାଏ । ପ୍ରାଚୀନ ଆଦିମ ମାନବ କିମ୍ବା ଅଧୁନାତନ ନିଗ୍ରୋ ବା ପାର୍ବତୀୟ ବନ୍ୟ ଜାତିମାନଙ୍କ ସହିତ ଆମ୍ଭମାନଙ୍କୁ ତୁଳନା କଲେ ଆମ୍ଭେମାନେ ଦେଖିପାରିବା ଯେ, ସଭ୍ୟତାର ଅର୍ଥ କ'ଣ ଓ ତା'ର ମୂଲ୍ୟ କେତେ ? ବିଭିନ୍ନ କାଳରେ ଓ ବିଭିନ୍ନ ଯୁଗରେ ବିଭିନ୍ନ ଜାତିମାନଙ୍କର ଏହି ସଭ୍ୟତାର ଆଦର୍ଶ ଭିନ୍ନ ଭିନ୍ନ ଥିଲା । ଆମ୍ଭେମାନେ ପ୍ରାଚୀନ ରୋମୀୟ ଓ ଗ୍ରୀସୀୟ ସଭ୍ୟତାରେ ଦେଖିବାକୁ ପାଉଁ ଯେ, ଯାବତୀୟ

ବୈଷୟିକ ଉନ୍ନତି ସେମାନଙ୍କ ସଭ୍ୟତାର ଆଦର୍ଶରୂପେ ପରିଗଣିତ ହେଉଥିଲା । ଭୋଗ ଥିଲା ତାଙ୍କ ସଭ୍ୟତାର ଆଦର୍ଶ । ପ୍ରାଚୀନ ମିଶରୀୟ ସଭ୍ୟତା ମଧ୍ୟ ସେହି ଭାବରେ ଅନୁପ୍ରାଣିତ । ମାତ୍ର ଭାରତୀୟ ସଭ୍ୟତା ଥିଲା ଅନ୍ୟ ପ୍ରକାର । ଭାରତୀୟ ସଭ୍ୟତାର ଆଦର୍ଶ ଥିଲା ତ୍ୟାଗ ଓ ଆତ୍ମସଂଯମ । ସର୍ବବିଧ ବୈଷୟିକ ଜଞ୍ଜାଳକୁ ସେମାନେ ବିପଦର ହେତୁ ବୋଲି ଭାବୁଥିଲେ । ତଥାପି ବୈଷୟିକ ଉନ୍ନତି ସେହି ତ୍ୟାଗ ଧର୍ମ ଦେଇ ସମ୍ଭବ ହୋଇଥିଲା । ବିଷୟ ଜଞ୍ଜାଳପରିବେଷ୍ଟିତ ଗୃହସ୍ଥ ଯାବତୀୟ ପାରିପାର୍ଶ୍ୱିକ ପଦାର୍ଥ ସହିତ ସଂଶ୍ଳିଷ୍ଟ ନଥିଲା । ତ୍ୟାଗ ମାର୍ଗରେ ଦୀକ୍ଷିତ ହୋଇ ଯେତେବେଳେ ସେ ବିଷୟର ମାଲିକ ହୁଏ, ସେତେବେଳେ ଭୋଗମାର୍ଗଗାମୀ ଜାତିଠାରୁ ତା'ର ପଥ ସମ୍ପୂର୍ଣ୍ଣ ପୃଥକ୍ ହୋଇଯାଏ । ପ୍ରାଚୀନ ଗ୍ରୀସ୍ ଓ ରୋମ୍ ସଭ୍ୟତାର ବୈଷୟିକ ଉନ୍ନତିର ନିଦର୍ଶନ ଯାହା ଆମେ ପାଉଁ, ତାହା ଇଚ୍ଛାକୃତ, ମାତ୍ର ଭାରତର ବୈଷୟିକ ଉନ୍ନତିର ନିଦର୍ଶନ, ଯାହା ରୋମୀୟ ଓ ଗ୍ରୀସୀୟ ନିଦର୍ଶନମାନଙ୍କଠାରୁ କୌଣସି ଅଂଶରେ ନ୍ୟୂନତର ନୁହେଁ – ତାହାର ସୃଷ୍ଟି ଓ ଉନ୍ନତି ଇଚ୍ଛାକୃତ ନୁହେଁ, ତାହା ତ୍ୟାଗମାର୍ଗର ଏକତମ ସ୍ୱତଃସମ୍ଭୂତ ଫଳ ମାତ୍ର । ଭାରତର ବୈଶିଷ୍ଟ୍ୟ ତା'ର ଆଧ୍ୟାତ୍ମିକତା ।

ବିଭିନ୍ନ ଜାତିର ସଭ୍ୟତାର ଆଦର୍ଶ ଯାହା ହେଉ ନା କାହିଁକି, ବର୍ତ୍ତମାନର ପୃଥିବୀରେ ସଭ୍ୟତାର ଆଦର୍ଶ ହେଉଛି, ମାନବର ସର୍ବାଙ୍ଗୀନ ଉନ୍ନତି ସାଧନ । ବୈଷୟିକ, ଶାରୀରିକ, ମାନସିକ, ନୈତିକ ଉନ୍ନତି ସହିତ ବିଶ୍ୱ ମାନବିକତାର ପ୍ରତିଷ୍ଠାନ ଓ ବିରାଟ ସୃଷ୍ଟିରହସ୍ୟର ଉଦ୍‌ଘାଟନ ଓ ସେମାନଙ୍କ ମୂଳରେ କେଉଁ ମହାଶକ୍ତି ନିହିତ ଅଛି ଓ ତାହା କ'ଣ, ଏହାର ନିରୂପଣ ହିଁ ବର୍ତ୍ତମାନ ସଭ୍ୟତାର ଆଦର୍ଶ । ବିଭିନ୍ନ କାଳରେ ବିଭିନ୍ନ ଜାତି ଏହାର ଅଂଶବିଶେଷକୁ ସଭ୍ୟତାର ଆଦର୍ଶ ଧରି ନେଉଥିଲେ । ପୁଣି କୌଣସି କୌଣସି ଜାତି ଏମାନଙ୍କ ମଧ୍ୟରୁ ପ୍ରାୟତଃ ଅଧିକାଂଶକୁ ନିଜ ସଭ୍ୟତାର ଆଦର୍ଶ ଅଙ୍ଗଭୁକ୍ତ କରିଥିଲେ ହେଁ ସେମାନଙ୍କର ସାଧନକୁ ସେମାନେ ଭିନ୍ନ ପଥ ଦେଇ ନିରୂପଣ କରିବାକୁ ଯାଇଥିଲେ । କେହି ଚିନ୍ତାରେ ନିରୂପିତ କରିବାକୁ ଚେଷ୍ଟିତ ଥିଲେ ଓ କେହି କାର୍ଯ୍ୟରେ ଚେଷ୍ଟିତ ଥିଲେ ଏବଂ ଏମାନଙ୍କ ମଧ୍ୟରୁ କେତେକ ସେହି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥିବାର ପ୍ରକାଶ କରନ୍ତି । ହିନ୍ଦୁମାନେ କହନ୍ତି, ସେମାନେ ଲକ୍ଷ୍ୟସ୍ଥଳ ପାଇଅଛନ୍ତି । ସେମାନଙ୍କର ବିଭିନ୍ନ ଦର୍ଶନଶାସ୍ତ୍ରନିହିତ ପ୍ରଣାଳୀ ଦ୍ୱାରା ବିଶ୍ୱ ବିରାଟ ଶକ୍ତି କ'ଣ ତାହା ମାନବ ନିରୂପଣ କରି ପାରେ, ସେହି ପଥରେ ଗଲେ ପ୍ରଥମରେ ଜୀବନର ଉଦ୍ଦେଶ୍ୟ ହୃଦୟଙ୍ଗମ ନ ହେଲେହେଁ, ଲକ୍ଷ୍ୟସ୍ଥଳରେ ଉପସ୍ଥିତ ହେଲା ପରେ ସମସ୍ତ ସ୍ପଷ୍ଟ ପ୍ରତିଭାତ ହେବ । ଏହାର ସାଧନ ପାଇଁ ଶାରୀରିକ, ମାନସିକ ଉନ୍ନତି ସର୍ବାଦୌ କରଣୀୟ । ଏହା କେବଳ ଶିକ୍ଷା, ସଂଯମ ଓ ବ୍ରହ୍ମଚର୍ଯ୍ୟ ପାଳନରେ ସମ୍ଭବ ହୁଏ । ଏହାର ମୂଳରେ କଠୋର ସାଧନା ଦରକାର । ସେମାନଙ୍କ ମତରେ ସେମାନେ ସଭ୍ୟତାର ଉଚ୍ଚତମ ସୋପାନ ଆରୋହଣ କରିଥିଲେ ହେଁ ତାହାର ବିଲୋପସାଧନ କଲେ ସଭ୍ୟେତର ଜାତି । ଯେତେଦିନ ପର୍ଯ୍ୟନ୍ତ ଭାରତୀୟ ସଭ୍ୟତା ଉପରେ ବାହାରୁ କେହି ହସ୍ତକ୍ଷେପ କରି ପାରିନଥିଲେ, ତାହା ସେପର୍ଯ୍ୟନ୍ତ ଅକ୍ଷୁଣ୍ଣ ଥିଲା । ଅନ୍ୟ ଜାତିମାନେ ମଧ୍ୟ ସେହିପରି ନିଜ ନିଜ ସଭ୍ୟତାର ଉତ୍କର୍ଷ ପ୍ରମାଣ କରିବାକୁ

ଚେଷ୍ଟିତ ହେଉଥାନ୍ତି । ମାତ୍ର ଆମ୍ଭେମାନେ ବର୍ତ୍ତମାନ ଏପରି ଏକ ପରିସ୍ଥିତିରେ ଉପସ୍ଥିତ ହୋଇଅଛୁଁ ଯେ, କାର୍ଯ୍ୟରେ ସେହି ସବୁ ସାଧନ କରି ତାହାର ଯଥାର୍ଥତା ପ୍ରତିପାଦନ କରିବା ଅସମ୍ଭବ ହୋଇପଡ଼ିଛି; ତେଣୁ ସେହି ସବୁ ସଭ୍ୟତା ପ୍ରଦର୍ଶିତ ପଥ ବିଷୟରେ ଆମ୍ଭମାନଙ୍କର ମତ ଯଥାଯଥ ଭାବରେ ଦିଆଯାଇ ନପାରେ ।

ବର୍ତ୍ତମାନ ଆଧୁନିକ ସଭ୍ୟତା ବିଷୟ ଆଲୋଚନା କରାଯାଉ । ଏହାର ଲକ୍ଷ୍ୟ ଆମ୍ଭେମାନେ ପୂର୍ବେ କହିଥାଇଁ, ବର୍ତ୍ତମାନ ଏହାର ପଥ କ'ଣ ଦେଖାଯାଉ । ଆଜିପର୍ଯ୍ୟନ୍ତ ଆମ୍ଭେମାନେ ଆମ୍ଭମାନଙ୍କର ଆଦର୍ଶର ଉଚ୍ଚତମ ସୋପାନରେ ପହଞ୍ଚିପାରିନାହୁଁ । ସେ ପଥରେ କେତେ ବାଟ ଯେ ଆସିଛୁଁ, ତାହା କିଛି ମାତ୍ର ନିରୂପିତ ହୋଇପାରେ । ଅନ୍ୟାନ୍ୟ ସଭ୍ୟତାମାନଙ୍କ ପରି ଏହାର ଲକ୍ଷ୍ୟ ସ୍ଥଳରେ ଉପସ୍ଥିତ ହେବାକୁ ବହୁ ସମୟ ଦରକାର ବୋଲି ଅନୁମାନ କରାଯାଉଅଛି । ଏହାର ଶେଷ ଫଳ କ'ଣ ହେବ, ତାହା ଭବିଷ୍ୟତ୍ ଗର୍ଭରେ ନିହିତ, ବର୍ତ୍ତମାନ କେବଳ ପରୀକ୍ଷଣ ହିଁ ଚାଲିଛି । ଆଧୁନିକ ସଭ୍ୟତାର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଆମ୍ଭେମାନେ ବିଜ୍ଞାନକୁ ହିଁ ଅବଲମ୍ବନ କରିଥାଇଁ ।

ତେବେ ବିଜ୍ଞାନ ଆମ୍ଭମାନଙ୍କର ଅବଲମ୍ବନ ଥିବା ସ୍ଥଳେ ତାହା କ'ଣ ଓ ତତ୍‌ସାହାଯ୍ୟରେ ଆମ୍ଭେମାନେ କିପରି ଅଗ୍ରସର ହେଉଥାଇଁ ଓ କିପରି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା, ତାହା ଜାଣିବାପାଇଁ ଆମ୍ଭମାନଙ୍କର ଚେଷ୍ଟା ଅନବରତ ଲାଗି ରହିଛି । ବିଜ୍ଞାନକୁ ବ୍ୟାପକ ଅର୍ଥରେ ବ୍ୟବହାର କଲେ ଆମ୍ଭେମାନେ ଜାଣୁଁ ଯେ କୌଣସି ବିଷୟରେ ସମ୍ୟକ୍ ଜ୍ଞାନକୁ ବିଜ୍ଞାନ କହିଥାନ୍ତି । ମାତ୍ର ସାଧାରଣତଃ ଜଡ଼ ଓ ଜୀବନ୍ତ ବିଷୟରେ ସୁସଂବଦ୍ଧ, ଶୃଙ୍ଖଳିତ ସମ୍ୟକ୍ ଜ୍ଞାନକୁ ବିଜ୍ଞାନରୂପେ ବ୍ୟବହାର କରାଯାଏ । ଏଣୁ ସାଧାରଣ ବ୍ୟବହୃତ ଅର୍ଥ ଯାହା, ବ୍ୟାପକ ଅର୍ଥେ ମଧ୍ୟ ତାହାହିଁ ବୁଝାଇଥାଏ, କାହିଁକି ନା ଜଡ଼ ଓ ଜୀବନ୍ତ ବିଷୟ କହିଲେ ବିଶ୍ୱବ୍ରହ୍ମାଣ୍ଡର ସକଳ ପଦାର୍ଥକୁ ତନ୍ମଧ୍ୟରେ ଏକତ୍ର କରାଗଲା । ଏଣୁ ଏମାନଙ୍କର ବିଭିନ୍ନ ବିଭାବ ବିଷୟରେ ଜ୍ଞାନ ହେବା ଯାହା ବିଶ୍ୱ ବ୍ରହ୍ମାଣ୍ଡର ପ୍ରତ୍ୟେକ ପଦାର୍ଥ ବିଷୟରେ ଜ୍ଞାନ ଲାଭ ହେବା ତାହା । ସୁତରାଂ ଆମ୍ଭମାନଙ୍କର କଳାବିଦ୍ୟା, ଦର୍ଶନ, ମନଃସ୍ତତ୍ତ୍ୱ, ଇତିହାସ ପ୍ରଭୃତି ଯାହାକୁ ସାଧାରଣ ଲୋକେ ବିଜ୍ଞାନ ବୋଲି ଭାବି ନଥାନ୍ତି, ସେ ପ୍ରତ୍ୟେକେ ବିଜ୍ଞାନର ଅନ୍ତର୍ଗତ ।

ଆମ୍ଭେମାନେ ଏହି ବିଜ୍ଞାନବଳରେ ଆମ୍ଭମାନଙ୍କର ସଭ୍ୟତାର ଉଚ୍ଚତମ ସୋପାନ ଆରୋହଣ କରିବା ପାଇଁ ଉଦ୍‌ଯୋଗ ଲଗାଇଥାଇଁ । ଜଡ଼ବିଜ୍ଞାନ ମୂଳରେ ଆମ୍ଭମାନଙ୍କର ଗଣିତ ଶାସ୍ତ୍ର ନିହିତ । ତାହାରି ବଳରେ ଜଟିଳତମ ସମସ୍ୟାମାନ ଅନାୟାସରେ ସାଧିତ ହୋଇ ପାରୁଅଛି । ଜଡ଼ବିଜ୍ଞାନ ଦୁଇ ଭାଗରେ ବିଭକ୍ତ – ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ । ଏହି ଦୁଇ ବିଜ୍ଞାନ ମଧ୍ୟ ନାନା ବିଭାଗ ଓ ଉପବିଭାଗମାନଙ୍କରେ ବିଭକ୍ତ । ପଦାର୍ଥବିଜ୍ଞାନ ଆଲୋକ, ଉତାପ, ବିଦ୍ୟୁତ୍, ଶବ୍ଦ ପ୍ରଭୃତି ବିଭିନ୍ନ ତତ୍ତ୍ୱ ଅନୁସନ୍ଧାନର ବିଭାଗମାନଙ୍କରେ ବିଭକ୍ତ ହୋଇଅଛି । ରସାୟନ ମଧ୍ୟ ସେହିପରି ବିଭିନ୍ନ ବିଭାଗରେ ବିଭକ୍ତ । ଏହି ଜଡ଼ବିଜ୍ଞାନବଳରେ ଜଡ଼ପଦାର୍ଥର ଘାତ, ପ୍ରତିଘାତ, କ୍ରିୟା ପ୍ରତିକ୍ରିୟା, ବ୍ୟବହାର, ଆକର୍ଷଣ, ଗତି ଓ ମିଳନପ୍ରକ୍ରିୟା ପ୍ରଭୃତି ବିଭିନ୍ନ ବିଷୟ ଆଲୋଚନା କରି

ଆମ୍ଭମାନେ ଜଡ଼ ବିଷୟରେ ସମ୍ୟକ୍ ଜ୍ଞାନ ଲାଭ କରିଥାଉଁ । ସେହି ଜ୍ଞାନବଳରେ ପ୍ରକୃତିର ସଂଘଟିତ ଯାବତୀୟ କ୍ରିୟାଗୁଡ଼ିକ ହୃଦୟଙ୍ଗମ କରିପାରୁଥାଉଁ । ଆମ୍ଭମାନଙ୍କର ସୌରଜଗତ ପରି ଆଉ ଯେ କେତେ ବିରାଟ ଜଗତ୍ ଅଛି ଓ ବିଭିନ୍ନ ଗ୍ରହ, ତାରା, ଉପଗ୍ରହ କିପରି ନିୟନ୍ତ୍ରିତ ହେଉଅଛନ୍ତି ଓ ସେଗୁଡ଼ିକର ଶକ୍ତିର ବିକାଶ ଓ କାର୍ଯ୍ୟପ୍ରଣାଳୀ କିପରି ତାହା ଆମ୍ଭେମାନେ ଜାଣିପାରୁଥାଉଁ । ଏହି ଜଡ଼ବିଜ୍ଞାନ ବଳରେ ଆମ୍ଭେମାନେ ଜାଣୁଥାଉଁ ଯେ, ଶକ୍ତିବଳରେ ପ୍ରତ୍ୟେକ ପଦାର୍ଥ ଅନ୍ୟ ସହିତ ସମ୍ବନ୍ଧ ସ୍ଥାପନ କରିବାରେ କ୍ଷମ ହୋଇଅଛି । ତାହା ଛଡ଼ା ଆମ୍ଭେମାନେ ବୈଷୟିକ ଉନ୍ନତିରେ ଏତେ ଅଗ୍ରସର ହୋଇଥାଉଁ ଯେ, ପୂର୍ବବର୍ତ୍ତୀ ମାନବ ତାହା ସ୍ୱପ୍ନରେ ସୁଦ୍ଧା ଭାବିଥିଲେ କି ନାହିଁ, ସନ୍ଦେହ । ଆମ୍ଭେମାନେ ଆଜି ଏହି ଜଡ଼ବିଜ୍ଞାନ ବଳରେ ବିଭିନ୍ନ ଧାତୁ ଓ ଉପାଦାନ ବିଶୁଦ୍ଧ ଭାବରେ ଆହରଣ କରିପାରିଛୁଁ । ରେଳ, ମଟର, ଉଡ଼ାଜାହାଜ, ବୁଡ଼ାଜାହାଜ, ବେତାର ଯନ୍ତ୍ର, ରେଡ଼ିଓ, ଟେଲିଭିଜନ, ଟେଲିଫୋନ୍ ପ୍ରଭୃତି ବିବିଧ ଉପକରଣରେ ବୈଷୟିକ ସୁଖ ସମୃଦ୍ଧି ସମ୍ପାଦନରେ ଯଥେଷ୍ଟ କ୍ଷମ ହୋଇଅଛୁଁ । ବିରାଟ ସାଗର ଆଜି ଦୁର୍ଲଙ୍ଘ୍ୟ ହୋଇନାହିଁ, କି ତୁଙ୍ଗ ହିମାଳୟ ଦୁରୂହ ହୋଇ ରହିନାହିଁ । ଏ ସବୁର ମୂଳରେ ଏହି ଜଡ଼ବିଜ୍ଞାନର ଅନୁଶୀଳନ ଓ ଚର୍ଚ୍ଚାର ଫଳ ବିଦ୍ୟମାନ ।

ଜଡ଼ବିଜ୍ଞାନ ଓ ଜୀବବିଜ୍ଞାନର ସଂଯୋଗରୁ ନାନା ବିଭାଗ ସୃଷ୍ଟି ହୋଇ ଅଶେଷ କଲ୍ୟାଣ ସାଧନ କରି ପାରିଛି । ଜୀବବିଜ୍ଞାନ ବିଷୟ ଦେଖାଯାଉ- ଜୀବବିଜ୍ଞାନ ଦୁଇ ଭାଗରେ ବିଭକ୍ତ, ପ୍ରାଣୀବିଜ୍ଞାନ (Zoology) ଏବଂ ଉଦ୍ଭିଦ ବିଜ୍ଞାନ (Botany) । ଏମାନଙ୍କ ଚର୍ଚ୍ଚାରୁ ପ୍ରାଣୀର ବିଭିନ୍ନ ଗଠନ, ପ୍ରକ୍ରିୟା ଓ କେଉଁ ଶକ୍ତିବଳରେ ସେମାନେ ଜୀବନର ଅଧିକାରୀ ହୋଇଅଛନ୍ତି, ତାହାର ସନ୍ଧାନ ମିଳିଥାଏ । ବିଭିନ୍ନ ପ୍ରଣାଳୀ ବିଶ୍ଳେଷଣ ଓ ସଂଶ୍ଳେଷଣ ବଳରେ ଜୀବନ୍ତ ବସ୍ତୁର ବିଭିନ୍ନ ସମସ୍ୟା ନିରୂପିତ ହେବାର ଉଦ୍‌ଯୋଗ ଚାଲିଛି । ବର୍ତ୍ତମାନ ବୈଜ୍ଞାନିକମାନେ ଜୀବନ୍ତ ପଦାର୍ଥର ସୃଷ୍ଟି କରିପାରି ନାହାନ୍ତି । ଯେତେଦୂର ଗବେଷଣା ହୋଇପାରିଛି, ସେଥିରୁ ଅନେକ ଚିନ୍ତାଶୀଳ ମନୀଷୀ ସ୍ଥିର କରିଅଛନ୍ତି ଯେ, ମାନବ ଦିନେ ଜୀବନ୍ତ ପଦାର୍ଥ ସୃଷ୍ଟି କରିବାରେ କ୍ଷମ ହୋଇପାରିବ । ମାତ୍ର ତାହା ବହୁ ଦୂର ଭବିଷ୍ୟତରେ କି ନିକଟରେ ହେବ, ତାହା କହିବାର ପ୍ରୟାସ ଧୃଷ୍ଟତାରୂପେ ପରିଗଣିତ ହେବ । ଏହି ଜୀବବିଜ୍ଞାନ ବଳରେ ଆମ୍ଭେମାନେ ଆଣବିକ ଜୀବନ୍ତ ପଦାର୍ଥଠାରୁ ଆରମ୍ଭ କରି ବିଶାଳକାୟ ହସ୍ତୀ, ତିମି ଓ ବଟବୃକ୍ଷପର୍ଯ୍ୟନ୍ତ ସମସ୍ତ ବିଶ୍ଳେଷଣ କରି ବିଭିନ୍ନ ପ୍ରକ୍ରିୟା ଓ ସମସ୍ୟା ସାଧନରେ ଅନେକ ପରିମାଣରେ ସଫଳମନୋରଥ ହୋଇ ପାରିଥାଉଁ । ଜଡ଼ ଓ ଜୀବବିଜ୍ଞାନର ସମ୍ମିଶ୍ରଣ ଓ ସହଯୋଗିତାରୁ ଆମ୍ଭେମାନେ ଶରୀରତତ୍ତ୍ୱ, ଆୟୁର୍ବେଦ (ଡାକ୍ତରୀ), ମନସ୍ତତ୍ତ୍ୱ, କୃଷିବିଜ୍ଞାନ, ପୃଥିବୀତତ୍ତ୍ୱ, ଜ୍ୟୋତିଷ ପ୍ରଭୃତି ନାନାବିଧ ଶାସ୍ତ୍ରବଳରେ ଆମ୍ଭମାନଙ୍କ ଜ୍ଞାନର ସୀମା ବିସ୍ତୃତ କରି ପାରିଥାଉଁ । ବିଭିନ୍ନ ବିଭାଗର ସାହାଯ୍ୟ ବଳରେ ଇଞ୍ଜିନିୟରିଙ୍ଗ୍ ପ୍ରଭୃତିରେ ପରାକାଷ୍ଠା ଲାଭ କରିଥାଉଁ । ଏମାନଙ୍କ ବଳରେ ଆମ୍ଭେମାନେ ବୈଷୟିକ, ମାନସିକ ଓ ଶାରୀରିକ ଉନ୍ନତି ବହୁ ପରିମାଣରେ କରି ପାରିଥାଉଁ ଏବଂ ବିଭିନ୍ନ ରୋଗ କବଳରୁ ମୁକ୍ତି ଲଭୁଥାଉଁ । ଅନେକତ୍ର ଏହି ସବୁ ବିଭିନ୍ନ ବିଜ୍ଞାନ ଓ ଶିକ୍ଷାର ପ୍ରସାର ହୋଇପାରୁନାହିଁ ବିଶ୍ୱମାନବିକତାର ବିକାଶ ଆଜିଯାଏ ହୋଇପାରି ନଥିବାରୁ । ମାତ୍ର ଏହାଦ୍ୱାରା ଯେ ଆମ୍ଭମାନଙ୍କର ଉନ୍ନତି ଅବଶ୍ୟମ୍ଭାବୀ, ସେଥିରେ ଅଣୁମାତ୍ର ସନ୍ଦେହ କରିବାର ନାହିଁ ।

ଜୀବବିଜ୍ଞାନ ଆଲୋଚନାରେ ଆମ୍ଭେମାନେ ଦେଖୁଥାଉଁ ଯେ, ଜୀବନ୍ତର ଶରୀର କେବଳ ବିଭିନ୍ନ ଜଡ଼ ଉପାଦାନରେ ଗଠିତ । ପୂର୍ବର ପଞ୍ଚଭୂତ ବର୍ତ୍ତମାନ ବିଶ୍ଳେଷଣ ପାଇ ଅଶେଷ ଉପାଦାନର ସମଷ୍ଟିରୂପେ ନିରୂପିତ ହୋଇଅଛି । ଏହି ବିଭିନ୍ନ ଜଡ଼ ଉପାଦାନର ସମାବେଶ ସହ ଜୀବନ୍ତ ଶକ୍ତିର ବିକାଶ ଜୀବନ୍ତକୁ ସମ୍ଭବ କରିଅଛି । ଆମ୍ଭେମାନେ ଦେଖୁଥାଉଁ, ଗୋଟିଏ ପଥରରେ ପାଣି

ଡାକିଲେ ତହିଁରୁ ଚୂନ, ଅଙ୍ଗାରକାମ୍ଳ ବାଷ୍ପ ଏବଂ ବିଶେଷ ଉତାପ ବାହାରେ । ଏହି ଉତାପ ଶକ୍ତିର ଏକ ଅବସ୍ଥା ମାତ୍ର । ଆମ୍ଭେମାନେ ଚୂନ ଓ ଅଙ୍ଗାରକାମ୍ଳ ବାଷ୍ପ ଏକତ୍ର କରି ଗେଙ୍ଗୁଟି ପଥର ପ୍ରସ୍ତୁତ କଲେ ତହିଁରେ ଶକ୍ତି ସଂଯୋଗ ପ୍ରୟୋଜନ । ବିଭିନ୍ନ ପଦାର୍ଥରେ ଶକ୍ତିର ସଂଯୋଗ ବା ବିୟୋଗରେ ଆମ୍ଭେମାନେ ଦେଖୁଥାଉଁ ଯେ, ପଦାର୍ଥଗୁଡ଼ିକ ବିଭିନ୍ନ ଅବସ୍ଥାପ୍ରାପ୍ତ ହୋଇଥାଏ । ସେହିପରି ବିଭିନ୍ନ ଜାତୀୟ ଉପାଦାନର ସମ୍ମିଶ୍ରଣ ସହିତ ଜୀବନ୍ତ ଶକ୍ତିର ସଂଯୋଗ ହେଲେ ଜୀବନ୍ତ ପଦାର୍ଥ ସମ୍ଭବ ହୋଇଥାଏ । ତେବେ ସେହି ଜୀବନ୍ତ ଶକ୍ତି ଜଡ଼ ମଧ୍ୟରେ ସଂଯୋଗ ବିୟୋଗ କରୁଥିବା ଶକ୍ତି କିମ୍ବା ତାହାଠାରୁ ସମ୍ପୂର୍ଣ୍ଣ ପୃଥକ୍ ତାହା ଏପର୍ଯ୍ୟନ୍ତ ସ୍ଥିରୀକୃତ ହୋଇନାହିଁ । ସମ୍ଭବତଃ ସେହି ଜୀବନ୍ତ ଶକ୍ତି ପ୍ରବହମାନ ଶକ୍ତି (Kinetic Energy) ଏବଂ ପ୍ରଚ୍ଛନ୍ନ ଶକ୍ତି (Potential Energy) ଭଳି ଶକ୍ତିର ଏକତମ ଅବସ୍ଥା କିମ୍ବା ପ୍ରବହମାନ ଶକ୍ତିର ଅନ୍ତର୍ଗତ ଆଲୋକ, ଉତାପ ଯେପରି ପ୍ରବହମାନ ଶକ୍ତିର ଏକ ଏକ ଅବସ୍ଥା, ସେହିପରି ଜୀବନ ଶକ୍ତି ପ୍ରବହମାନ ଶକ୍ତିର ଏକତମ ଅବସ୍ଥା ହୋଇପାରେ । ତେବେ ସେ ଯାହାହେଉ, ଜୀବନ ଏକ ଶକ୍ତିର ଅବସ୍ଥା ବିଶେଷ ।

ଆଧୁନିକ ସଭ୍ୟତାର ବିପକ୍ଷବାଦୀମାନେ କହନ୍ତି ଯେ, ଏହି ସଭ୍ୟତା ମାନବର ଈଶ୍ୱରବିଶ୍ୱାସ କମେଇ ଦେଇ ତାହାକୁ ବିପଥଗାମୀ କରି ପକାଇଛି । ସର୍ବତ୍ର ସଂଯମର ଅଭାବ ପରିଲକ୍ଷିତ ହେଉଅଛି । ମାନବ ମାନବ ପ୍ରତି ସ୍ନେହ ସୌହାର୍ଦ୍ଦ୍ୟ ନ ଦେଖାଇ ହିଂସା ଦ୍ୱେଷର ଚରମ ସୋପାନ ଦେଖାଇବାକୁ ଛାଡ଼ୁ ନାହାନ୍ତି । ବୈଜ୍ଞାନିକମାନେ ମାରାତ୍ମକ ଗ୍ୟାସ ଓ ବିସ୍ଫୋରକର ଉଦ୍ଭାବନ କରି ମାନବକୁ ଧ୍ୱଂସ ପଥର ପଥିକ କରୁଅଛନ୍ତି । ଅବଶ୍ୟ ବିଜ୍ଞାନର କେତେକ ଆଶ୍ଚର୍ଯ୍ୟଜନକ ପଦାର୍ଥବଳରେ ଧ୍ୱଂସ ସାଧିତ ହେଉଅଛି, ମାତ୍ର ତାହା ବିଜ୍ଞାନର ଦୋଷ ନୁହେଁ । ସାଧାରଣ ମାନବ ଯେତେବେଳେ ସଭ୍ୟତାର ଅର୍ଥ ବୁଝିବ, ସେତେବେଳେ ଯାଇ ଏହାର ଅବସାନ ହେବ । ବର୍ତ୍ତମାନ ଆମ୍ଭମାନଙ୍କ ବିଜ୍ଞାନର ଚରମ ଉନ୍ନତି ନ ହେବା ପର୍ଯ୍ୟନ୍ତ ଆମ୍ଭେମାନେ ସଭ୍ୟତା ବିଷୟରେ ଶେଷ ଉନ୍ନତିରେ ପହଞ୍ଚି ପାରିବୁ ନାହିଁ । ସେହି ଶେଷ ସୀମା ପର୍ଯ୍ୟନ୍ତ ଯେଉଁ ବ୍ୟତିକ୍ରମଗୁଡ଼ିକ ଦୃଷ୍ଟ ହେବ, ତାହା ସବୁ କାଳରେ, ସବୁ ଯୁଗରେ ହୋଇଥିଲା ଏବଂ ହେବା ସମ୍ଭବ । ଯେତେବେଳେ ଆଧୁନିକ ସଭ୍ୟତାର ଆଦର୍ଶ ପ୍ରତ୍ୟେକେ ଜାଣିବେ, ସେତେବେଳେ ମୈତ୍ରୀର ଧ୍ୱଜା ଉଡ଼ିବ । ବର୍ତ୍ତମାନ ଜାତିସଂଘ (League of Nations) ତାର ସୂତ୍ରପାତ କରିଛି ମାତ୍ର ବର୍ତ୍ତମାନ ଏହି ସଂଘର କାର୍ଯ୍ୟପ୍ରଣାଳୀ ସମସ୍ତେ ମାନୁ ନାହାନ୍ତି, ତଥାପି ଆଶା କରାଯାଏ ଯେ ଭବିଷ୍ୟତରେ ଯେତେବେଳେ ସମସ୍ତେ ନିଜ ନିଜ ପ୍ରତି କର୍ତ୍ତବ୍ୟ ବୁଝି ପାରିବେ, ସେତେବେଳେ ଏ ସବୁ ଅନର୍ଥ ଦୃଷ୍ଟିଗୋଚର ହେବ ନାହିଁ । ବିଜ୍ଞାନର ଏହି ବିସ୍ଫୋରକ ଓ ମାରାତ୍ମକ ଗ୍ୟାସ ବଳରେ ଅଶେଷ କ୍ଷତି ହେଉଥିଲେ ହେଁ ସେମାନଙ୍କ ବଳରେ ଅନେକ ବିଶ୍ୱହିତକର କାର୍ଯ୍ୟ ସାଧିତ ହେଉଅଛି । ଡିନାମାଏଟ୍ ନାମକ ବିସ୍ଫୋରକ ସାହାଯ୍ୟରେ ତୁଙ୍ଗ ଗିରି ଫଟାଇ ନିଜର ଈପ୍ସିତ କାର୍ଯ୍ୟ ଅକ୍ଳେଶରେ ସାଧନ କରାଯାଇ ପାରୁଛି । ବିଭିନ୍ନ ସାମୟିକ ପଦାର୍ଥ ବଳରେ ମାନବର ବିଭିନ୍ନ ରୋଗ ଓ ରୋଗର ଜୀବାଣୁ ପ୍ରଭୃତି ନଷ୍ଟ କରାଯାଇ ପାରୁଛି । ସେମାନଙ୍କର ଅପକାରିତା ମାନବର ଜ୍ଞାନର ଅଜ୍ଞତା ଯୋଗୁଁ ସଂଘଟିତ ହେଉଅଛି, ବିଜ୍ଞାନ ବଳରେ ନୁହେଁ ।

ଧର୍ମଭାବ ଓ ଈଶ୍ୱରବିଶ୍ୱାସ ବିଜ୍ଞାନ କମାଇ ଦେଇଛି ବୋଲି ଅନେକେ ଅଭିଯୋଗ କରିଥାନ୍ତି । ମାତ୍ର ବାସ୍ତବରେ କ'ଣ ହୋଇଛି ଦେଖାଯାଉ । ଯେଉଁମାନେ ଉଲ୍ଲିଖିତ ମତ ପୋଷଣ କରନ୍ତି, ସେମାନେ ପ୍ରାଚୀନ ସଭ୍ୟତାକୁ ନିଜର ଆଦର୍ଶ ବୋଲି ଧରି ନେଇ ନିଶ୍ଚିତ ଅଛନ୍ତି ଯେ, ଈଶ୍ୱର ବିଦ୍ୟମାନ ଓ ତାଙ୍କଠାରେ ବିଶ୍ୱାସ ସ୍ଥାପନ କର୍ତ୍ତବ୍ୟ । ମାତ୍ର ବର୍ତ୍ତମାନର ସଭ୍ୟତା ଗତିପଥରେ ଅବସ୍ଥିତ । ତାହା ଲାଭ କରିବାକୁ ଆମ୍ଭେମାନେ ଅତୀତ ଅଭିଜ୍ଞତାର ସାହାଯ୍ୟ ନେଉଥାଉଁ, ମାତ୍ର ଅତୀତ କଥାକୁ ମାନି ନେଇ ନଥାଉଁ, ଆମ୍ଭେମାନେ ବିଜ୍ଞାନ ବଳରେ ସେହି ବିରାଟ ଶକ୍ତିର କଳନା

କରିବାକୁ ଯାଉଥାଇଁ, ତେଣୁ ପ୍ରଥମେ ତାହାର ଉପସ୍ଥିତି କାହିଁକି ବିଶ୍ୱାସ କରିନେବୁଁ ? ଏହିଯୋଗୁଁ ଯାହା ଧର୍ମଭାବର ଶୈଥିଲ୍ୟ ଓ ଈଶ୍ୱରବିଶ୍ୱାସର ଅପଚୟ ହୋଇଛି । କିନ୍ତୁ ଅପର ଦିଗକୁ ଦୃଷ୍ଟି ଦେଲେ ଆମ୍ଭେମାନେ ଦେଖିବା ଯେ, ବିଜ୍ଞାନର ଅନୁଶୀଳନରେ ଆମ୍ଭେମାନେ ସର୍ବତ୍ର ଶକ୍ତିର ଅବସ୍ଥିତି ବିଭିନ୍ନ ଅବସ୍ଥାରେ ଦେଖିବାକୁ ପାଉଁ । ଜୀବନ୍ତରେ ଥିବା ଶକ୍ତି ଏହି ଶକ୍ତିର ଏକତମ ଅବସ୍ଥା । ଏଣୁ ଏହି ଶକ୍ତି କ'ଣ, ତାହାର ଜଡ଼ ଓ ଜୀବନ୍ତ ସହିତ କି ସମ୍ପର୍କ ତାହା ଆମ୍ଭେମାନେ ଜାଣିବାପାଇଁ ଚେଷ୍ଟିତ ଥାଇଁ । ଏପରି ସ୍ଥଳେ ଆମ୍ଭମାନଙ୍କର ଧର୍ମଭାବ କମିଯାଇଛି ବୋଲି କହିବା ସମ୍ପୂର୍ଣ୍ଣ ଅଯୌକ୍ତିକ । ବରଂ ଏହା ବୋଲାଯାଇପାରେ ଯେ ଆମ୍ଭେମାନେ ଏହି ଧର୍ମର ଅନୁସନ୍ଧାନରେ ନିୟୋଜିତ, ଯଦି ସୃଷ୍ଟିରହସ୍ୟ ଭେଦ କରିବା ଧର୍ମ ପଦବାଚ୍ୟ ହୋଇଥାଏ । ଆମ୍ଭମାନଙ୍କର ଏହି ପ୍ରାଚୀନ ଧର୍ମଭାବର ଶୈଥିଲ୍ୟ ଦେଖି ଯଦି ଲୋକେ ବିଚଳିତ ହେଉଛନ୍ତି, ତାହାହେଲେ ଆମ୍ଭେମାନେ ଯେ ପ୍ରାଚୀନ ପ୍ରଥା ଅନେକେ ଛାଡ଼ିଦେଇ ଅଛୁଁ, ତାହା ପାଇଁ ସେମାନଙ୍କର ବିଚଳିତ ହେବା ତ ଦେଖା ନାହିଁ ? ଏଣୁ ଆମ୍ଭେମାନେ କହୁଁ, ଯେତେବେଳେ ଆମ୍ଭେମାନେ ଏକ ନୂତନ ପଥର ଅନୁସନ୍ଧାନରେ ନିଯୁକ୍ତ ସେତେବେଳେ ଆମ୍ଭମାନଙ୍କୁ ଅର୍ଦ୍ଧପଥରେ ନୈରାଶ୍ୟଜର୍ଜରିତ ନ କରି, ପ୍ରାଚୀନ ପଥଦେଇ ଅଗ୍ରସର ହେବା ପାଇଁ ଉପଦେଶ ନ ଦେଇ, ଆମ୍ଭେମାନେ ନୂତନ ପଥରେ କେତେଦୂର ସଫଳକାମ ହୋଇ ପାରୁଥାଇଁ, ତାହା ହିଁ ଦେଖିବା ଉଚିତ ଓ ଶେଷ ସୀମାରେ ପହଞ୍ଚିବାପାଇଁ ଚେଷ୍ଟିତ ହେବା ଆବଶ୍ୟକ ।

ଅବଶ୍ୟ ଆଧୁନିକ ବୈଜ୍ଞାନିକ ପ୍ରଣାଳୀର ଅନୁଗାମୀ ବିଭିନ୍ନ ରୀତିନୀତି ଶିକ୍ଷା ସଭ୍ୟତାରେ କେତେକ ପରିମାଣରେ ଦୋଷ ଥାଇପାରେ, ମାତ୍ର ତାହାର ସଂଶୋଧନ କରଣୀୟ । ଅନେକ ବିଷୟରେ ଅଜ୍ଞତା ଆମ୍ଭମାନଙ୍କର କଲ୍ୟାଣକର ବୋଲି ଅନେକେ ବିଚାରିଥାନ୍ତି । ମାତ୍ର ସେମାନଙ୍କର ମନେ ରଖିବା ଉଚିତ, ଯେଉଁ ଘରଟିରେ ତାଲା ଦେଇ ବାରଣ କରି ଦିଆଯାଏ ଯେ ତାହା ଖୋଲିବ ନାହିଁ, ତାହାକୁହିଁ ଖୋଲିବାପାଇଁ କୌତୂହଳ ଜନ୍ମିଥାଏ । ଏ ବିଷୟରେ ସୁବିଧା ବାଟ ହେଉଛି ତାଲାଟା ଖୋଲି ତାହାର ଅପକାରିତା ଦେଖାଇ ଦେଇ ସେଥିରୁ ରକ୍ଷା ପାଇବାର ଉପାୟ ନିରୂପଣ କରିବା ଉଚିତ । ବର୍ତ୍ତମାନର ବିଜ୍ଞାନ ତାହାହିଁ କରିଛି । ଯାବତୀୟ ବିଷୟରେ ନିଜର ଜ୍ଞାନଲାଭରେ ନିଜର ସଭ୍ୟତାର ଭିତ୍ତି ସ୍ଥାପନ ପାଇଁ ଆଧୁନିକ ମାନବ ଚେଷ୍ଟିତ । ଯେତେବେଳେ ଆମ୍ଭେମାନେ ସମସ୍ତ ବିଷୟ ଜାଣିପାରିବା, ଯେତେବେଳେ ପର୍ବତ ଶିଖରରେ ପହଞ୍ଚି ପାରିବା , ସେତେବେଳେ ବିଜ୍ଞାନର ଅନ୍ଧକାର ଦିଗଟି ଅପସାରିତ ହୋଇଯିବ, ରହିବ ଆଲୋକମୟ ପ୍ରଭାବ ।

ଦେଖିବାକୁ ଗଲେ ପ୍ରାଚୀନ ସଭ୍ୟତା ମଧ୍ୟ ଏହି ବିଜ୍ଞାନକୁ ପଥପ୍ରଦର୍ଶକ ବୋଲି ଧରି ନେଇ ଥିଲା । ତତ୍କାଳୀନ ଲୋକେ କେତେକ ବିଷୟରେହିଁ ଜ୍ଞାନଲାଭ କରିଥିଲେ, ଅପର କେତେକ ବିଷୟ ପାରି ନଥିଲେ । ପାର୍ଥକ୍ୟହିଁ ହେଉଛି ଏହିଠାରେ ।

ଏଣୁ ଆମ୍ଭେମାନେ କହିବାକୁ ଚାହୁଁ ଯେ ଆଧୁନିକ ସଭ୍ୟତା ତାର ଲକ୍ଷ୍ୟପଥରେ ପହଞ୍ଚିବା ପାଇଁ ଉଦ୍‌ଯୋଗ କରୁଛି ମାତ୍ର । ଏହି ପଥରେ ପହଞ୍ଚିବାପାଇଁ ସେ ବିଜ୍ଞାନକୁ ପଥପ୍ରଦର୍ଶକ ରୂପେ ବରଣ କରି ନେଇଅଛି । ତାହାରି ବଳରେ ଯେ ଆମ୍ଭେମାନେ ଅନେକ ଦୂର ଅଗ୍ରସର ହୋଇଥାଇଁ ତାହା ସମସ୍ତେ ଦେଖି ପାରୁଥିବେ । ଯେଉଁଗୁଡ଼ିକ ପଥ ପ୍ରଦର୍ଶକର ଦୋଷରୂପେ ବର୍ଣ୍ଣିତ ହେଉଛି, ସେଗୁଡ଼ିକ ବାସ୍ତବରେ ପାରିପାର୍ଶ୍ୱିକ ପଦାର୍ଥମାନଙ୍କରୁ ଜାତ, ସେଥିରେ ବିଜ୍ଞାନର ଦୋଷ ନାହିଁ । ଆମ୍ଭେମାନେ ଅତୀତ ପ୍ରତି ଦୃଷ୍ଟିପାତ କରି ବର୍ତ୍ତମାନକୁ ଦେଖିଲେ ଦେଖୁଥାଇଁ ଯେ, ବିଜ୍ଞାନ ଆଶାତୀତ ଭାବରେ ଆମ୍ଭମାନଙ୍କୁ ସଭ୍ୟତା ଅନ୍ୱେଷଣରେ ବାଟ ଦେଖାଇ ଆସିଅଛି । ଏଣୁ ଆମ୍ଭେମାନେ ଦିନେ ସେହି ପଥ ପ୍ରଦର୍ଶକ ସାହାଯ୍ୟରେ ଯାବତୀୟ ବିଷୟରେ ସର୍ବାଙ୍ଗୀନ ଉନ୍ନତି ଓ ଜ୍ଞାନଲାଭ କରି ଏକ ଅଲୌକିକ ସଭ୍ୟତାର ଅଧିକାରୀ ହୋଇପାରିବୁ ବୋଲି ପୂର୍ଣ୍ଣ ଆଶା ପୋଷଣ କରୁଁ ।

**ସୂଚନା :**

| | | |
|---|---|---|
| ବୈଷୟିକ | - | ବିଷୟ ସମ୍ବନ୍ଧୀୟ |
| ନ୍ୟୂନତର | - | ତୁଚ୍ଛ, ଛୋଟ |
| ଅଧୁନାତନ | - | ଆଜିକାଲିକା |
| ଆତ୍ମସଂଯମ | - | ନିଜକୁ ନିୟନ୍ତ୍ରଣରେ ରଖିବା |
| ପରିବେଷ୍ଟିତ | - | ଆଚ୍ଛାଦିତ, ଚାରିପଟୁ ଘେରା |
| ଗୃହସ୍ଥ | - | ସଂସାରୀ, ଗୃହୀ |
| ସଂଶ୍ଳିଷ୍ଟ | - | ଅନ୍ତର୍ଭୁକ୍ତ, ଜଡ଼ିତ |
| ନିଦର୍ଶନ | - | ଦୃଷ୍ଟାନ୍ତ, ଉଦାହରଣ, ଚିହ୍ନ |
| ଉତ୍କର୍ଷ | - | ଶ୍ରେଷ୍ଠତା |
| ଦୁର୍ଲଙ୍ଘ୍ୟ | - | ଟପିଯିବା ବା ଲଙ୍ଘନ କରିବା କଷ୍ଟକର |
| ଦୁରୂହ | - | କଷ୍ଟସାଧ୍ୟ |
| ସଫଳ ମନୋରଥ | - | ଯାହାର ବାଞ୍ଛାସିଦ୍ଧି ହୋଇଅଛି |
| ନିଗ୍ରୋ | - | ଦକ୍ଷିଣ ଆଫ୍ରିକାର ଆଦିମ କଳାଜାତିର ମଣିଷ |
| ପଞ୍ଚଭୂତ | - | କ୍ଷିତି, ଅପ୍, ତେଜଃ, ମରୁତ୍, ବ୍ୟୋମ |
| ପ୍ରବହମାନ | - | ଯାହା ବହି ଯାଉଥିବା ଅବସ୍ଥାରେ ଅଛି । |
| ଦ୍ୱେଷ | - | ହିଂସାଯୁକ୍ତ ବିରାଗ |
| ତୁଙ୍ଗଗିରି | - | ଉଚ୍ଚ ପାହାଡ଼ |
| ଅକ୍ଲେଶ | - | ଅନାୟାସ, ବିନା କଷ୍ଟରେ |
| ଅନୁଗାମୀ | - | ପଛେ ପଛେ ଗମନ |
| ଅପସାରିତ | - | ଯାହାକୁ ଦୂର କରାଇ ଦିଆଯାଇଛି |
| ଉଦ୍‌ଯୋଗ | - | ଉଦ୍ୟମ, ଯୋଗାଡ଼, ଚେଷ୍ଟା |
| ଅଲୌକିକ | - | ଅସାମାନ୍ୟ, ମର୍ତ୍ତ୍ୟରେ ଯାହା ଦୁର୍ଲଭ |
| ଆହରଣ | - | ସଂଗ୍ରହ |

## ପ୍ରଶ୍ନାବଳୀ

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୧. ବିପରୀତାର୍ଥବୋଧକ ଶବ୍ଦ ଲେଖ ।

ନୈତିକ, ଉନ୍ନତି, ପ୍ରାଚୀନ, ଇଚ୍ଛାକୃତ, ଅକ୍ଷୁଣ୍ଣ, ପୂର୍ବବର୍ତ୍ତୀ, ବିକାଶ, ସଂଯୋଗ

୨. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର ।

ବୈଷୟିକ, ମାନବିକତା, ଆରୋହଣ, ଅନବରତ, ଦୁରୂହ, ବିସ୍ମୃତ, ବିଚଳିତ

୩. ସନ୍ଧିବିଚ୍ଛେଦ କର ।

ଅନ୍ୟାନ୍ୟ, ଅନ୍ତର୍ଗତ, ସଂଯୋଗ, ଆୟୁର୍ବେଦ, ମନସ୍ତତ୍ତ୍ୱ, ଉଲ୍ଲିଖିତ

୪. ନିମ୍ନଲିଖିତ ଶବ୍ଦଗୁଡ଼ିକର ପ୍ରକୃତି ପ୍ରତ୍ୟୟ ନିର୍ଣ୍ଣୟ କର ।

ଶାରୀରିକ, ମାନସିକ, ପାର୍ବତୀୟ, ଭାରତୀୟ, ତ୍ୟାଗ, ସର୍ବାଙ୍ଗୀନ, କରଣୀୟ, ବୈଜ୍ଞାନିକ, କର୍ତ୍ତବ୍ୟ

୫. ନିମ୍ନଲିଖିତ ଶବ୍ଦଗୁଡିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

ହସ୍ତୀ, ମାନବ, ଧ୍ୱଜା, ପର୍ବତ

୬. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ସଂଶୋଧନ କରି ଲେଖ ।

ଶାରିରୀକ, ସାହାର୍ଯ୍ୟ, ସଶ୍ଳିଂଷ୍ଟ, ଆଶ୍ରୀର୍ବାଦ

୭. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥଗତ ପାର୍ଥକ୍ୟ ଦର୍ଶାଅ ।

ଲକ୍ଷ - ଲକ୍ଷ୍ୟ, କୁଳ - କୂଳ, ଚରିତ - ଚରିତ୍ର

**କ୍ଷୁଦ୍ର ଉତ୍ତରମୂଳକ :**

୮. ଆମେ ସଭ୍ୟତା ଆଖ୍ୟା କାହାକୁ ଦେଇଥାଉ ?

୯. ରୋମୀୟ ଓ ଭାରତୀୟ ସଭ୍ୟତାର ଆଦର୍ଶ ମଧ୍ୟରେ ପାର୍ଥକ୍ୟ କ'ଣ ?

୧୦. ଭାରତୀୟ ସଭ୍ୟତାର ଆଦର୍ଶ କହିଲେ କ'ଣ ବୁଝ ?

୧୧. ଗୃହସ୍ଥର ପଥ କେତେବେଳେ ସଂପୂର୍ଣ୍ଣ ପୃଥକ୍ ହୋଇଯାଏ ?

୧୨. ବର୍ତ୍ତମାନର ପୃଥିବୀରେ ସଭ୍ୟତାର ଆଦର୍ଶଟି କ'ଣ ?

୧୩. ଜଡ଼ ବିଜ୍ଞାନ କେତେ ଭାଗରେ ବିଭକ୍ତ ଓ କ'ଣ କ'ଣ ?

୧୪. ଆମେ କେଉଁ ଉପକରଣରୁ ବୈଷୟିକ ସୁଖ ସମୃଦ୍ଧି ଲାଭ କରିଥାଉଁ ?

୧୫. ଜୀବ ବିଜ୍ଞାନର ଚର୍ଚ୍ଚାରୁ କି ସନ୍ଧାନ ମିଳିଥାଏ ?

୧୬. ଆମ୍ଭମାନଙ୍କର ଜ୍ଞାନର ସୀମା କିପରି ବିସ୍ତୃତ କରିଥାଉଁ ?

୧୭. ଜୀବବିଜ୍ଞାନରୁ ଜୀବନ୍ତର ଶରୀର ସଂପର୍କରେ ଧାରଣା ମିଳେ ?

୧୮. ବୈଜ୍ଞାନିକମାନେ ମାନବକୁ ଧ୍ୱଂସ ପଥର ପଥିକ କରୁଛନ୍ତି ବୋଲି ଲେଖକ କାହିଁକି କହିଛନ୍ତି ?

୧୯. ମୈତ୍ରୀର ଧ୍ୱଜା କେତେବେଳେ ଉଡ଼ିବ ବୋଲି ପ୍ରବନ୍ଧରେ କୁହାଯାଇଛି ?

୨୦. ବିଜ୍ଞାନର ଅନ୍ଧକାର ସ୍ଥାନଟି ଅପସାରିତ ହେଲେ କ'ଣ ହେବ ବୋଲି ଲେଖକ କହିଛନ୍ତି ?

**ସପ୍ରସଙ୍ଗ ସରଳାର୍ଥ :**

୨୧. ତ୍ୟାଗ ମାର୍ଗରେ ଦୀକ୍ଷିତ ହୋଇ ଯେତେବେଳେ ସେ ବିଷୟରେ ମାଲିକ ହୁଏ, ତେତେବେଳେ ଭୋଗ ମାର୍ଗଗାମୀ ଜାତିଠାରୁ ତା'ର ପଥ ସଂପୂର୍ଣ୍ଣ ପୃଥକ୍ ହୋଇଯାଏ ।

୨୨. ଭାରତର ବୈଶିଷ୍ଟ୍ୟ ତା'ର ଆଧ୍ୟାତ୍ମିକତା ।

୨୩. ଏହାର ଶେଷ ଫଳ କ'ଣ ହେବ, ତାହା ଭବିଷ୍ୟତ ଗର୍ଭରେ ନିହିତ, ବର୍ତ୍ତମାନ କେବଳ ପରୀକ୍ଷଣ ହିଁ ଚାଲିଛି ।

୨୪. ବିରାଟ ସାଗର ଆଜି ଦୁର୍ଲଙ୍ଘ୍ୟ ହୋଇନାହିଁ କି ତୁଙ୍ଗ ହିମାଳୟ ଦୁରୂହ ହୋଇ ରହିନାହିଁ ।

## ଦୀର୍ଘ ଉତ୍ତରମୂଳକ :

୨୫. ସଭ୍ୟତାର ବିକାଶରେ ବିଜ୍ଞାନର ଥିବା ଅବଦାନ ପଠିତ ପ୍ରବନ୍ଧ ଅନୁସରଣରେ ଆଲୋଚନା କର ।

୨୬. ଭାରତୀୟ ସଭ୍ୟତା ଓ ବାହ୍ୟ ସଭ୍ୟତା ସଂପର୍କରେ ଲେଖକଙ୍କ ଦୃଷ୍ଟିଭଙ୍ଗୀ ପ୍ରତିପାଦନ କର ।

୨୭. 'ସଭ୍ୟତା ଓ ବିଜ୍ଞାନ ପରସ୍ପର ଆଶ୍ରୟୀ' - ଏହାର ଯଥାର୍ଥତା ନିଜର ଅନୁଭୂତିରୁ ଲେଖ ।

## ତୁମ ପାଇଁ କାମ :

୨୮. ପ୍ରାବନ୍ଧିକଙ୍କର ଅନ୍ୟାନ୍ୟ ବିଜ୍ଞାନ ଭିତ୍ତିକ ପ୍ରବନ୍ଧ ସଂଗ୍ରହ କରି ପଢ଼ିବାକୁ ଚେଷ୍ଟା କର ।

୨୯. ବିଭିନ୍ନ ଦେଶର ସଭ୍ୟତା ସଂପର୍କରେ ସଂକ୍ଷିପ୍ତ ସୂଚନା ଲେଖି ଶିକ୍ଷକଙ୍କୁ ଦେଖାଅ ।

୩୦. ଶ୍ରେଣୀରେ 'ସଭ୍ୟତା ଓ ବିଜ୍ଞାନ' ଶୀର୍ଷକ ଏକ ତର୍କସଭାର ଆୟୋଜନ କର ।

◆

R2U4K6

# ମାତୃଭାଷା ଓ ଲୋକଶିକ୍ଷା

● ଗୋଲୋକ ବିହାରୀ ଧଳ
(୧୯୨୧-୧୯୮୪)

**ଲେଖକ ପରିଚୟ :**

*ଓଡ଼ିଆ ଗଦ୍ୟଭାଷାକୁ ନିଜସ୍ୱ କଳା କୌଶଳରେ ରୁଚିକର କରାଇ ପାରିଥିବା ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଢେଙ୍କାନାଳର ଅନତିଦୂରରେ ଅବସ୍ଥିତ ଗଙ୍ଗୋଇଡ଼ିହ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସଂସ୍କୃତ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଓ ଭାଷା ବିଜ୍ଞାନରେ ବିଶେଷ ଶିକ୍ଷା ଲାଭକରି ସେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗରେ ସଂସ୍କୃତ ଓ ଓଡ଼ିଆ ବିଭାଗର ଅଧ୍ୟାପକ ଓ ପରେ ଓଡ଼ିଆ ବିଭାଗର ପ୍ରଫେସର ରୂପେ ରେଭେନ୍‌ସା ମହାବିଦ୍ୟାଳୟରେ ଦାୟିତ୍ୱ ସଂପାଦନ କରିଥିଲେ । ଭାଷା ବିଜ୍ଞାନୀ, ପ୍ରାବନ୍ଧିକ, ଅନୁବାଦକ, ଭ୍ରମଣ-ସାହିତ୍ୟ ରଚୟିତା, ଶିଶୁସାହିତ୍ୟ ଲେଖକ ଭାବେ ସେ ସୁପରିଚିତ । ତାଙ୍କ ରଚିତ ଭାଷା ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକଗୁଡ଼ିକ ହେଉଛି ମଣିଷର ଭାଷା, ଧ୍ୱନି ବିଜ୍ଞାନ, ଇଂରାଜୀ ଉଚ୍ଚାରଣ ଶିକ୍ଷା ଓ ଭାଷାଶାସ୍ତ୍ର ପରିଚୟ । ଭ୍ରମଣ ସାହିତ୍ୟ ମଧ୍ୟରେ ଉଲ୍ଲେଖଯୋଗ୍ୟ କୃତିଗୁଡ଼ିକ ହେଉଛି ଲଣ୍ଡନ ଚିଠି, ଆମେରିକା ଅନୁଭୂତି, ଗଙ୍ଗାରୁ ଗୋଦାବରୀ । ତାଙ୍କ ଦ୍ୱାରା ଓଡ଼ିଆ ଭାଷାକୁ ଅନୂଦିତ ପୁସ୍ତକଗୁଡ଼ିକ ହେଉଛି; ଗୋଦାନ, ଗବନ, ବନ୍ଦୀ ନେହେରୁ, ବିସ୍ମୃତିର ଚିତ୍ର ଇତ୍ୟାଦି । ବିଭିନ୍ନ ସମୟରେ ସେ ଲେଖିଥିବା ପ୍ରବନ୍ଧଗୁଡ଼ିକ ମଣିଷର ଭାଷା, ଓଡ଼ିଆ କେବେ, ବିଚାର ଆଲୋଚନା ପୁସ୍ତକରେ ସଂକଳିତ ।*

*'ମାତୃଭାଷା ଓ ଲୋକଶିକ୍ଷା' ପ୍ରବନ୍ଧଟି 'ଓଡ଼ିଆ କେବେ' ବହିରୁ ସଂଗୃହୀତ । ଏହି ପ୍ରବନ୍ଧରେ ମାତୃଭାଷାର ଉପାଦେୟତା ଓ ଲୋକଶିକ୍ଷା ପାଇଁ ତାହା କିଭଳି ଉପଯୋଗୀ ସେ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଅଛି ।*

---

ଆମ ଦେଶରେ ଭାଷା ସମସ୍ୟା କହିଲାମାତ୍ରେ ଲୋକେ ବୁଝନ୍ତି ହିନ୍ଦୀ-ଇଂରେଜି ବିବାଦ କଥା । ଆଞ୍ଚଳିକ ଭାଷା କଥାଟା ବେଶି ମନକୁ ଆସେନାହିଁ । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ଆଞ୍ଚଳିକ ଭାଷା ହେଉଛି ଜନତାର ପ୍ରଥମ ପ୍ରୟୋଜନ । ଅନ୍ନବସ୍ତ୍ର ପରି ତାର ଦରକାର ନିଜର ଭାଷା । ସେଥିପାଇଁ ଅର୍ଥନୀତି କ୍ଷେତ୍ରରେ ଗାନ୍ଧିଜୀ ବିଦେଶୀ ବର୍ଜନ କରି ସ୍ୱଦେଶୀ ବ୍ୟବହାର କରିବାପାଇଁ ଯେମିତି ଡାକ ଦେଲେ, ଭାଷା କ୍ଷେତ୍ରରେ ସେମିତି ଇଂରେଜି ଛାଡ଼ି ମାତୃଭାଷାକୁ ସମୃଦ୍ଧ କରିବାପାଇଁ ଘୋଷଣା କଲେ । ତାଙ୍କର ଡାକହେଲା କେନ୍ଦ୍ରଭାଷା ହେବ ହିନ୍ଦୀ ଓ ଭିନ୍ନ ଭିନ୍ନ ରାଜ୍ୟଗୁଡ଼ିକରେ ରାଜ୍ୟଭାଷା ହେବ ଆଞ୍ଚଳିକ ଭାଷା ଅର୍ଥାତ୍ ରାଜ୍ୟ ଲୋକମାନଙ୍କର ମାତୃଭାଷା । ଗାନ୍ଧିଜୀ ମାତୃଭାଷାକୁ ମାତୃସ୍ତନ୍ୟ ପରି ମୂଲ୍ୟବାନ ମନେକରୁଥିଲେ । ତାଙ୍କ ଦୃଷ୍ଟିରେ ଯେଉଁ ଲୋକର ମାତୃଭାଷା ପ୍ରତି ମମତା ନାହିଁ, ତାକୁ

ନେବେ ଦେଶଭକ୍ତ କୁହାଯାଇପାରେନା । ଓଡ଼ିଆ କବି ଠିକ୍ କହିଥିଲେ - 'ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ, ତାକୁ ଯେବେ ଜ୍ଞାନିଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?' କିନ୍ତୁ ଇଂରେଜି ଭାଷା ପ୍ରଭାବରେ ଆମ ଦେଶରେ ଭାଷା ପରିସ୍ଥିତି ଏମିତି ହେଲା ଯେ, ମାତୃଭାଷା ନ ଜାଣି ମଧ ଲୋକେ ହେଲେ ଜ୍ଞାନୀ । ଏହି ଜ୍ଞାନୀ ଲୋକମାନଙ୍କର ମାତୃଭାଷା ଅବହେଳା ହେଲା ଜାତି ପକ୍ଷରେ ଘୋର ଦୁର୍ଭାଗ୍ୟର କାରଣ । ଯେଉଁମାନେ ଜ୍ଞାନୀ, ପଦସ୍ଥ, ଯାହାଙ୍କ କଥାରେ ମୂଲ୍ୟଥିଲା, ସେମାନେ ମାତୃଭାଷା ପ୍ରତି ଉଦାସୀନ ହେବାଫଳରେ ମାତୃଭାଷାର ଅଗ୍ରଗତି ଅସମ୍ଭବ ହେଲା । ଗାନ୍ଧିଜୀ ଠିକ୍ ବୁଝିପାରିଲେ ଯେ, ଇଂରେଜି ଶିକ୍ଷା ଶାସନର ମାଧ୍ୟମ ହୋଇ ରହିଥିବା ଯାକେ ଆଞ୍ଚଳିକ ଭାଷାଗୁଡ଼ିକ ପ୍ରତି କାହାରି ଦୃଷ୍ଟି ଫେରିବ ନାହିଁ, ବଡ଼ ବରଗଛ ତଳେ ଛୋଟ ବରକୋଳି ଗଛ ଉଧେଇ ପାରିବ ନାହିଁ । ବିଜୁଳିବତି ଜଳୁଥିବାଯାକେ ଛୋଟ ଦୀପକୁ କେହି ଚାହିଁବେ ନାହିଁ । ଛୋଟକୁ ରକ୍ଷା କରିବାକୁ ହେଲେ ବଡ଼କୁ ବାରଣ କରିବାକୁ ହେବ, ଠିକ୍ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଯେମିତି ହେଉଛି । ଦେଶର କ୍ଷୁଦ୍ର ଶିଳ୍ପମାନଙ୍କୁ ବଞ୍ଚାଇ ରଖିବାକୁ ହେଲେ ବିଦେଶୀ ଆମଦାନିକୁ ବାରଣ କରିବାକୁ ହେବ । ଏହି ଦୃଷ୍ଟିରୁ ବିଚାର କଲେ ଇଜ୍ରାଇଲର ଆଧୁନିକ ହିବ୍ରୁଭାଷା ଏକ ପ୍ରକୃଷ୍ଟ ଉଦାହରଣ । ହିବ୍ରୁ ଭାଷା ମୃତପ୍ରାୟ ଅବସ୍ଥାରୁ ଉଠି ଏବେ ଇଜ୍ରାଇଲର ରାଜ୍ୟଭାଷାରେ ପରିଣତ ହୋଇଛି । ସେଠି ହିବ୍ରୁକୁ ଉଠାଇବା ପାଇଁ ଅନ୍ୟ ଭାଷା ବିରୋଧରେ ପ୍ରଚାର ପର୍ଯ୍ୟନ୍ତ କରାଗଲା । ସ୍କୁଲରେ ପିଲାମାନଙ୍କୁ ରୀତିମତ ଶିକ୍ଷା ଦିଆଗଲା ବିଦେଶୀ ଭାଷା ବ୍ୟବହାର କରିବା ଭୁଲ୍ । ଫଳରେ ଫ୍ରେଞ୍ଚ, ଜର୍ମାନୀ, ପୋଲିସ ପ୍ରଭୃତି ଯେଉଁ ଭାଷା ସବୁ ହିବ୍ରୁ ସଙ୍ଗରେ ପ୍ରତିଯୋଗିତା କରୁଥିଲେ, କାଳକ୍ରମେ ସେମାନେ ପଛରେ ପଡ଼ିଗଲେ ଓ ଖୁବ୍ ଅଳ୍ପ ସମୟ ଭିତରେ ଶତକଡ଼ା ଅଶୀଜଣ ଲୋକ ହିବ୍ରୁରେ କାମ ଚଳାଇବା ପାଇଁ ଉପଯୁକ୍ତ ହେଲେ । ଭାଷାକୁ ନିର୍ଦ୍ଦେଶ ଦେବାପାଇଁ ପୃଥିବୀର ଖୁବ୍ ସଭ୍ୟ ଦେଶମାନଙ୍କରେ ମଧ୍ୟ ଏକାଡ଼େମୀ ଅଛି । ଇଜ୍ରାଇଲରେ ହିବ୍ରୁପାଇଁ ଗୋଟାଏ ଭାଷା କାଉନସିଲ ଅଛି ।

ଦ୍ୱିତୀୟ କଥା, ଗଣତନ୍ତ୍ରର ମୂଳମନ୍ତ୍ର ହେଲା ଶିକ୍ଷା । ପ୍ରତ୍ୟେକ ଭୋଟର ଉପଯୁକ୍ତ ଶିକ୍ଷା ନପାଇବା ପର୍ଯ୍ୟନ୍ତ ଗଣତନ୍ତ୍ର ସଫଳ ହୋଇପାରିବ ନାହିଁ । ସମୂହ ଜନତାକୁ ଅଳ୍ପ ସମୟ ଭିତରେ ଶିକ୍ଷିତ କରିବାକୁ ହେଲେ ମାତୃଭାଷା ହିଁ ସର୍ବୋତ୍କୃଷ୍ଟ ମାଧ୍ୟମ । ବିଦେଶୀ ଭାଷାରେ ସମୂହ ଶିକ୍ଷାର ଉଦାହରଣ ପୃଥିବୀରେ କେଉଁଠି ବୋଧହୁଏ ନାହିଁ । ସେଇଥିପାଇଁ ଇଂରେଜି ଶିକ୍ଷା ଏ ଦେଶରେ ଦେଢ଼ଶହ ବର୍ଷ ହେଲା ଚାଲିଥିଲେ ମଧ୍ୟ ଶତକଡ଼ା ଦେଢ଼ଜଣ ଭାରତୀୟ ବି ଇଂରେଜି ଶିଖିପାରି ନାହାନ୍ତି । ଇଂରେଜି ବିରୋଧରେ ଆମମାନଙ୍କର ଏହି ହେଲା ପ୍ରଧାନ ଅଭିଯୋଗ । ତା'ଛଡ଼ା ମାତୃଭାଷାରେ ଯେତେଶୀଘ୍ର ଯେତେ କାମ କରିହେବ, ବିଦେଶୀ ଭାଷାରେ ସେତେଶୀଘ୍ର କରିହେବ ନାହିଁ । ଆପଣ ପରୀକ୍ଷା କରି ଦେଖନ୍ତୁ- ଶହେ ପୃଷ୍ଠାର ଓଡ଼ିଆ ବହି ପଢ଼ିବା ପାଇଁ ଆପଣଙ୍କୁ କେତେ ସମୟ ଲାଗେ ଓ ସେତିକି ପୃଷ୍ଠାର ଇଂରେଜି ବହି ପଢ଼ିବା ପାଇଁ କେତେ ସମୟ ଲାଗେ ଓ ତା'ପାଇଁ କେତେ ଅଧିକ ମାନସିକ ପରିଶ୍ରମ କରିବାକୁ ପଡ଼େ । ମାତୃଭାଷାରେ ମନୁଷ୍ୟର ଯେଉଁ ସ୍ଫୂର୍ତ୍ତି ହୁଏ, ଅନ୍ୟ କୌଣସି ଦ୍ୱିତୀୟ ଭାଷାରେ ତା ହୁଏନାହିଁ । ଭାରତର ଜଣେ ବିଶିଷ୍ଟ ଲେଖକ ଶ୍ରୀଯୁକ୍ତ ଅନ୍ନଦାଶଙ୍କର ରାୟ ଢେଙ୍କାନାଳରେ ଜନ୍ମ ହୋଇ ଆଇ.ସି.ଏସ୍. ହେବା ପର୍ଯ୍ୟନ୍ତ ଓଡ଼ିଶାରେ ଜୀବନ କାଟିଥିଲେ । ସେ ଓଡ଼ିଆ କହୁଥିଲେ ଓ ଓଡ଼ିଆରେ ଲେଖୁଥିଲେ । ଖାଲି ଲେଖୁ ନଥିଲେ, ଖୁବ୍ ଖ୍ୟାତି ମଧ

ଅର୍ଜନ କରିଥିଲେ । କିନ୍ତୁ ବର୍ତ୍ତମାନ ସେ ଓଡ଼ିଆରେ ଲେଖନ୍ତି ନାହିଁ, ଲେଖନ୍ତି ବଙ୍ଗଳାରେ । ସେ ଏହି ୧୯୬୩ ଜୁନରେ କଟକର ଗୋଟିଏ ସଭାରେ ସ୍ୱୀକାର କରିଯାଇଛନ୍ତି - କାହିଁକି ସେ ଓଡ଼ିଆ ଛାଡ଼ି ବଙ୍ଗଳାରେ ଲେଖିଲେ । ତାଙ୍କର ମାତୃଭାଷା ବଙ୍ଗଳା ହୋଇଥିବାରୁ ସେହି ଭାଷାରେ ତାଙ୍କର ଯେଉଁ ସ୍ୱାଭାବିକ ସ୍ଫୂର୍ତ୍ତି ହେବ, ଓଡ଼ିଆ ଭାଷାରେ ତାହା ହୋଇପାରିବ ବୋଲି ସେ କଳ୍ପନା କରିପାରିଲେ ନାହିଁ । ଫଳରେ ସେ ମାତୃଭାଷାକୁ ଫେରିଗଲେ । ନିଜକୁ ପ୍ରକାଶ କରିବାପାଇଁ ମାତୃଭାଷା ସବୁଠାରୁ ସହଜ ଓ ସ୍ୱାଭାବିକ ମାଧ୍ୟମ, ଏଥିରେ କହିବାର କିଛି ନାହିଁ ।

ବିଦେଶୀ ଭାଷାରେ ଶିକ୍ଷା ଦେବାରେ ଗୋଟିଏ ପ୍ରଧାନ ଅସୁବିଧା ହେଉଛି ଶିକ୍ଷାଟା ସହଜରେ ଲୋକଙ୍କ ଭିତରେ ପ୍ରସାରିତ ହୋଇପାରେ ନାହିଁ । ବିଦେଶୀ ଶିକ୍ଷା ସମସ୍ତେ ପାଇପାରନ୍ତି ନାହିଁ । ଯେଉଁ କେତେ ଜଣ ପାଆନ୍ତି, ସେମାନେ ସ୍କୁଲ, କଲେଜରୁ ଫେରି ଘରେ ପହଞ୍ଚିଲେ ସାଧାରଣତଃ ବିଦେଶୀ ଭାଷାକୁ ଆଉ ବ୍ୟବହାର କରନ୍ତି ନାହିଁ । ଧରନ୍ତୁ ଇଂରେଜି କଥା । ଆମ ଦେଶରେ ଖୁବ୍ କମ୍ ପରିବାର ଅଛନ୍ତି ଯେଉଁଠି ସମସ୍ତେ ଇଂରେଜି ଜାଣନ୍ତି । ସମସ୍ତେ ଇଂରେଜି ଜାଣିଥିଲେ ମଧ୍ୟ ମାତୃଭାଷାପରି କେହି ତାକୁ ବ୍ୟବହାର କରନ୍ତି ନାହିଁ । କୌଣସି ବିଦେଶୀ ଭାଷାକୁ ମାତୃଭାଷାପରି ବ୍ୟବହାର କରିବା ସ୍ୱାଭାବିକ ନୁହେଁ କିମ୍ବା ସହଜ ବି ନୁହେଁ । ତା'ଛଡ଼ା ପରିବାରରେ ଲୋକେ ଇଂରେଜି ନ ଜାଣିଥିବାରୁ ପାଠୁଆ ପୁଅଝିଅଙ୍କ ଇଂରେଜି ବହିରୁ କୌଣସି ଜ୍ଞାନ ଆହରଣ କରିପାରନ୍ତି ନାହିଁ । ତେଣୁ ଜ୍ଞାନଟା ସହଜରେ ପ୍ରସାରିତ ନହୋଇ ସଙ୍କୁଚିତ ହୋଇ ରହେ । ଧରନ୍ତୁ, ଘରେ ଟେବୁଲ ଉପରେ ଖଣ୍ଡିଏ ବହି ରଖାହୋଇଛି । ବହିଟା ଯଦି ମାତୃଭାଷାରେ ଲେଖା ହୋଇଥାଏ, ତେବେ ବିଷୟବସ୍ତୁ ଯାହା ଥାଉନା କାହିଁକି, ଘରର ଯେକୌଣସି ଲୋକ ସେଥିପ୍ରତି ଆଗ୍ରହ ପ୍ରକାଶ କରିବେ ନିଶ୍ଚୟ । କିଛି ନ ହେଲେ ବି ବହିର ନାଁଟା ପଢ଼ିପାରିବେ । ଧରନ୍ତୁ, ଧାନଚାଷ ବିଷୟରେ ଖଣ୍ଡିଏ ପୁସ୍ତକ ଓଡ଼ିଆ ଭାଷାରେ ଲେଖା ହୋଇଛି । ତାକୁ ଦେଖିଲେ ଯେକୌଣସି କୃଷକର କୌତୂହଳ ହେବ, ଏଥିରେ ସନ୍ଦେହ କ'ଣ ଅଛି ? ପ୍ରତିଦିନ ଯେ ଚାଷ କରୁଛନ୍ତି, ବର୍ଷ ବର୍ଷ ଧରି ନାନା ଅଭିଜ୍ଞତା ଭିତରେ ଯେ ସମୟ କାଟୁଛନ୍ତି, ସେ ନିଶ୍ଚୟ ଜାଣିବାକୁ ଚାହିଁବେ- ପୃଥିବୀର ଅନ୍ୟ ଅଭିଜ୍ଞ କୃଷକମାନେ କୃଷି ବିଷୟରେ କ'ଣ କହିଛନ୍ତି । ଖୁବ୍ ଗଭୀର ତଥ୍ୟଗୁଡ଼ା ଅବା ବୁଝି ନପାରିବେ, ସାଧାରଣ କଥାଗୁଡ଼ା ତ ନିଶ୍ଚୟ ଜାଣିପାରିବେ । କିନ୍ତୁ ପାଠଗୁଡ଼ା ଇଂରେଜିରେ ଲେଖା ହୋଇଥିବାରୁ ବହିକୁ ଛୁଇଁବା ତାଙ୍କ ପକ୍ଷରେ ଅସମ୍ଭବ ହେଉଛି । ଏହି ଦୃଷ୍ଟିରୁ ବିଚାର କଲେ ବିଦେଶୀ ଭାଷା ମାଧ୍ୟମରେ ଦିଆଯାଉଥିବା ଶିକ୍ଷା ଲୋକଙ୍କ ଭିତରେ ସହଜରେ ବିସ୍ତୃତ ହୋଇପାରୁନାହିଁ । ବିଲାତ ପ୍ରଭୃତି ଦେଶରେ ଦେଖିବା କଥା ତାଙ୍କ ବହି । ବିଲେଇ, କୁକୁର ପାଳିବା ଠାରୁ ଆରମ୍ଭ କରି ଉଡ଼ାଜାହାଜ ଉଡ଼େଇବା ପର୍ଯ୍ୟନ୍ତ ସବୁପ୍ରକାର ଜ୍ଞାନକୁ ସରଳ ଭାଷାରେ ଲୋକେ ବୁଝିଲାପରି ଲେଖି ଦିଆଯାଉଛି । ଯେକୌଣସି ଲୋକ ବହି ଖଣ୍ଡିଏ କିଣିନେଇ ପଢୁଛି । ତାରି ଫଳରେ ଜ୍ଞାନ ସହଜରେ ବିସ୍ତୃତ ହୋଇପାରୁଛି । କିନ୍ତୁ ଆମ ଦେଶରେ ଜ୍ଞାନଭଣ୍ଡାରଟା ଇଂରେଜିରେ ଥିବାରୁ କୋଟି କୋଟି ଜନତା ଆଖି ଥାଇଁ ଥାଇଁ ଅନ୍ଧ । ଯେ ଇଂରେଜି ପଢ଼ିପାରୁଛି, ସେହି ପାରଙ୍ଗମତା ପାଇଁ ତା ମନରେ ଯେଉଁ ଅଭିମାନ ଓ ଯେ ନ ପଢ଼ିପାରୁଛି, ସେହି ଅପାରଗତା ପାଇଁ ତାର ଯେଉଁ ନ୍ୟୂନମନ୍ୟତା ଯାକୁଇ ନେଇ ଦେଶ ଦୁଇଭାଗରେ ବିଭକ୍ତ ହୋଇଛି, ପାଠୁଆ ଓ ଅପାଠୁଆ, ଏକାଘର ଭିତରେ ଉଠିଛି ଅଦୃଶ୍ୟ ପାଚେରି । ବିଦେଶୀ ମାଧ୍ୟମର ଏହି ଅପ୍ରାକୃତିକ ପାଚେରିକୁ ଭାଙ୍ଗିବା ପାଇଁ ପ୍ରଥମେ ପ୍ରୟାସ କରିଥିଲେ ସେହି ଅଦୃଶ୍ୟଦ୍ରଷ୍ଟା ଗାନ୍ଧିଜୀ ।

ସେହି କୃଷି କଥାର ଉଦାହରଣ ନେଇ ଅନ୍ୟ ପକ୍ଷରୁ ବିଚାର କଲେ ବିଦେଶୀ ମାଧ୍ୟମ ଯୋଗୁଁ ଆମ ଭାଷା କ'ଣ ହରାଇଛି, ତା' ସ୍ପଷ୍ଟ ଜାଣିହେବ । ଇଂରେଜି ଭାଷାରେ ସବୁ ଲେଖିବା ପଢ଼ିବା ଫଳରେ ମାତୃଭାଷାରେ କୃଷି ବିଷୟରେ ଯେତେ ଟେକ୍‌ନିକାଲ ଇଡ଼ିୟମ ଅଛି, ତାକୁ ଇଂରେଜି ପଢ଼ୁଆ କୃଷକ କାଳକ୍ରମେ ଭୁଲିଯାଉଛନ୍ତି । ସେହି ପରିମାଣରେ ଆମ ମାତୃଭାଷାର କ୍ଷତି ହେଉଛି । ଇଂରେଜି ପଢ଼ୁଆ ଲୋକ ମାତୃଭାଷାରେ ଲେଖିବା ପଢ଼ିବା ପାଇଁ ନାରାଜ । ତେଣୁ ମାତୃଭାଷାରେ କୃଷି ବିଷୟରେ ଟେକ୍‌ନିକାଲ ଶବ୍ଦ ତିଆରି ହେବାର ସମ୍ଭାବନା ନାହିଁ । ପୁଣି ଯାକୁଇ ଆଳକରି କୁହାଯାଉଛି – ଆମ ଭାଷାରେ ତ ପାରିଭାଷିକ ଶବ୍ଦ ନାହିଁ, ଆମେ ଲେଖାପଢ଼ା କରିବୁ କେମିତି ? ଏହି ହେଲା ଭାଷା ମାପଚକ୍ର । କରିବାର ସୁଯୋଗ ନାହିଁ ଓ ନକରିଥିବାରୁ ଆଉ ସୁଯୋଗ ଦିଆଯିବ ନାହିଁ । ଫଳରେ ଇଂରେଜି ଛଡ଼ା ଆମର ଆଉ ମୁକ୍ତି ନାହିଁ । ଓଡ଼ିଶାରେ ଯେତେବେଳେ କୃଷିକଲେଜ ସ୍ଥାପନ କରାଗଲା, ଶିକ୍ଷା ମାଧ୍ୟମକୁ ଓଡ଼ିଆ କରିବାପାଇଁ କେହି କେହି ଉପଦେଶ ଦେଇଥିଲେ, କିନ୍ତୁ ଆମର ଆବଶ୍ୟକ ଶକ୍ତି କିମ୍ବା ସାହସ ନଥିବାରୁ ସେହି ଗତାନୁଗତିକ ବାଟରେ କାମ ଚାଲିଲା । ମାତୃଭାଷାରେ ଶିକ୍ଷା ହୋଇପାରିଥିଲେ, ଦେଶର ଇଂରେଜି ଅନଭିଜ୍ଞ ଅଥଚ ଭଲ ଭଲ ଅଭିଜ୍ଞ କୃଷକମାନେ ସେଠି ସାମୟିକ ଶିକ୍ଷା ନେଇପାରିଥାନ୍ତେ ଓ ଆମ କୃଷିଛାତ୍ରମାନେ ସେମାନଙ୍କ ପାଇଁ ସରଳ ପୁସ୍ତକମାନ ସହଜରେ ଲେଖିପାରିଥାଆନ୍ତେ । କୃଷକଙ୍କ ଠାରୁ ଦୂରରେ ରହି ଯେଉଁ କୃଷି, ସେଥିରେ ଋଷିଙ୍କ ଶ୍ରାଦ୍ଧ ବି ହୋଇପାରିବ ନାହିଁ । ଏ ଦେଶ କୃଷକର ଯେଉଁ ପରମ୍ପରାଗତ ଅଭିଜ୍ଞତା, ତା'ର ମୂଲ୍ୟ କିଛି ନାହିଁ, କିନ୍ତୁ ଜାପାନୀ ଓ ଆମେରିକାନ୍ କୃଷକମାନଙ୍କର ଯେଉଁ ଅଭିଜ୍ଞତା, ସେହି ଆମର ଅମୂଲ୍ୟ ସମ୍ପଦ ।

x x x x

ଆଜିର ଏହି ଯୋଜନାମୟ ଦେଶରେ ଚାରିଆଡ଼େ ଉନ୍ନୟନ କାର୍ଯ୍ୟ ଚାଲୁ ହେଉଛି । ରାସ୍ତା, ଘାଟ, କାନ୍ଥ, ବାଡ଼ ସବୁଠି ପ୍ରଚାରପତ୍ର ଦେଖିବାକୁ ମିଳୁଛି । ଯେଉଁତକ ମାତୃଭାଷାରେ ଲେଖା ହୋଇଛି, ସେତକ ଅକ୍ଷର ଚିହ୍ନିଥିବା ଯେକୌଣସି ଲୋକ ପଢ଼ିବାକୁ ଚେଷ୍ଟା କରୁଛି, କିନ୍ତୁ ଇଂରେଜିରେ ଯାହା ଲେଖାହୋଇଛି, ଅନ୍ଧ ଆଗରେ ବତି ଜାଳିଲାପରି ତା'ସେଇମିତି ରହିଯାଉଛି । ଗଛପତ୍ର, କାନ୍ଥବାଡ଼ ଯୁଆଡ଼େ ଆଜିକାଲି ଦେଖିବ, ଲେଖାହେଉଛି N.M.E.P ମାନେ ଜାତୀୟ ମେଲେରିଆ ନିରାକରଣ ପ୍ରୋଗ୍ରାମ, ଇଂରେଜିରେ କହିଲେ ନ୍ୟାସନାଲ ମେଲେରିଆ ଇରାଡ଼ିକେସନ ପ୍ରୋଗ୍ରାମ । ମେଲେରିଆ ବିରୋଧରେ ସରକାର କେମିତି ଯୁଦ୍ଧ ଘୋଷଣା କରୁଛନ୍ତି, ଲୋକମାନଙ୍କ ମଧ୍ୟରେ ତାକୁ ଇ ପ୍ରଚାର କରିବାପାଇଁ ଯଦି ଏହା ଲେଖା ହୋଇଥାଏ, ତା'ହେଲେ ଇଂରେଜି ଅକ୍ଷରରେ ଲେଖାହୋଇଛି କାହିଁକି ? ଓଡ଼ିଆରେ ଲେଖା ହୋଇଥିଲେ ଲୋକ ଓ ସରକାର ଉଭୟଙ୍କର ଲାଭ ହୋଇଥାନ୍ତା । ଲୋକେ ଜାଣନ୍ତେ- ସରକାର ତାଙ୍କ ପାଇଁ କେତେ କାମ କରୁଛନ୍ତି !

ଧରନ୍ତୁ, ସଡ଼କରେ ମଝିରେ ମଝିରେ ଯେଉଁ ନିର୍ଦ୍ଦେଶନାମା ଲେଖାହୋଇଛି, ଯଥା- Caution, Sharp bend ahead, Dangerous curve, Bazar area ahead, Drive slow, ଏଗୁଡ଼ା କ'ଣ ଖାଲି ମୋଟରଚଢ଼ା ସାହେବଙ୍କ ପାଇଁ ଲେଖାହୋଇଛି ? କରଦାତା ସାଧାରଣ ପଥିକର ଏଥିରେ କିଛି ଭାଗ ନାହିଁ ? ଇଂରେଜି ସାଙ୍ଗକୁ ଏଥିରେ ଯଦି ଓଡ଼ିଆ ଲେଖା ହୋଇଥାନ୍ତା, ତେବେ ଯେକୌଣସି ଓଡ଼ିଆପଢ଼ା ଲୋକ ସେଥିରୁ ଜ୍ଞାନ ଆହରଣ କରିପାରୁଥାନ୍ତା । ଏବେ ଅବଶ୍ୟ ଅନେକ ଜାଗାରେ ଓଡ଼ିଆରେ ଲେଖାହେଲାଣି । ଇଂରେଜ ଶାସକମାନେ ତାଙ୍କ ପ୍ରତାପ ବଳରେ ଜନତାକୁ ଦୂରରେ ରଖିଥିଲେ, କିନ୍ତୁ ଦେଶୀ

ସରକାର ଇଂରେଜି ବଳରେ ଲୋକଙ୍କୁ ଦୂରରେ ରଖିଛନ୍ତି । ସେଇଥିପାଇଁ ଗାନ୍ଧିଜୀ ଏତେ ବ୍ୟାକୁଳ ହେଉଥିଲେ ମୂକ ଜନତାକୁ ତା'ର ମାତୃଭାଷାର ଅଧିକାର ଦେବାପାଇଁ । ରୁଷ ସରକାର ପ୍ରତ୍ୟେକ ସୋଭିଏଟ୍‌ରେ ଲୋକମାନଙ୍କୁ ସେମାନଙ୍କର ମାତୃଭାଷାରେ ଶିକ୍ଷା ଓ ଶାସନ ଚଳାଇବାର ଅଧିକାର ଦେଇଛନ୍ତି । ବାସ୍ତବରେ ଲୋକଙ୍କ ହାତକୁ କ୍ଷମତା ଦେଇ ତାଙ୍କ ନିଜ ଭାଷାରେ ଶାସନକାର୍ଯ୍ୟ ଚଳାଇବା ପାଇଁ ସୁଯୋଗ ନଦେଲେ ସେ କ୍ଷମତାର କିଛି ଅର୍ଥ ନାହିଁ । ଗାଁ ଗହଳରେ ବି.ଡ଼ି.ଓ ଏବଂ ପଞ୍ଚାୟତ ଇଞ୍ଜିନିୟର ଇଂରେଜିରେ କଥାବାର୍ତ୍ତା ହେଉଥିଲାବେଳେ ପାଖରେ ଠିଆ ହୋଇଥିବା ଇଂରେଜି ଅନଭିଜ୍ଞ ସରପଞ୍ଚଙ୍କ ଚେହେରା ଯଦି ଆପଣ କେବେ ଦେଖିଥିବେ ତା'ହେଲେ ଜାଣିଥିବେ, ସେପରି କ୍ଷେତ୍ରରେ ଲୋକପ୍ରତିନିଧିମାନଙ୍କର ଅବସ୍ଥାଟା କ'ଣ ? ଇଂରେଜି ଉଠିଯାଇ କାଗଜପତ୍ର ଯେଉଁଦିନ ଓଡ଼ିଆରେ ହୋଇଯିବ, ସେଦିନ ସାଧାରଣ ଲୋକଙ୍କର ଅନେକ ଅସୁବିଧା ଉଠିଯିବ ।

ଗାନ୍ଧିଜୀ ଓ ରବୀନ୍ଦ୍ରନାଥ ମାତୃଭାଷା ସମ୍ପର୍କରେ ଯାହା କହୁଥିଲେ, ସେମାନେ ଯେ କେବଳ ଜାତୀୟତା ସ୍ରୋତରେ ଭାସିଯାଇ କହୁଥିଲେ ତା' ନୁହେଁ । ସେମାନଙ୍କର ଦୃଷ୍ଟିକୋଣ ଥିଲା ଖୁବ୍ ପ୍ରାକ୍ଟିକାଲ । ଶିକ୍ଷା ବିଷୟ ନେଇ ଯେତେ କମିଟି ବସିଥିଲା, ଯଥା- ତାରାଚାନ୍ଦ କମିଟି, ମୁଦାଲିୟର କମିଟି, ରାଧାକୃଷ୍ଣ କମିଟି ଓ ଜାକିର ହୁସେନ କମିଟି - ସମସ୍ତେ ସମସ୍ୱରରେ କହିଥିଲେ ମାତୃଭାଷା ଶିକ୍ଷା ସବୁ ଶିକ୍ଷାର ମୂଳମନ୍ତ୍ର, କିନ୍ତୁ ଲକ୍ଷ୍ୟ କରିବାର କଥା - ଇଂରେଜି ଭାଷା ଏ ଜାତି ଉପରେ କି ଇନ୍ଦ୍ରଜାଲ ସୃଷ୍ଟି କରିଛି, ଏପର୍ଯ୍ୟନ୍ତ ଏତେ ଝଡ଼ଝଞ୍ଜା ଭିତରେ ମଧ୍ୟ ମାତୃଭାଷା ପ୍ରତି ଆମର ସମ୍ମାନ ଆସିନାହିଁ । ଆମ ବିବାହବ୍ରତ ନିମନ୍ତ୍ରଣ ଲେଖାଯାଉଛି ଇଂରେଜିରେ, ଆମ ଲୋକସଭା ହେଉଛି ଇଂରେଜିରେ, ପୁଅଝିଅଙ୍କ ନାଁ ବି ଦିଆଯାଉଛି ଇଂରେଜିରେ, ଅଥଚ ଆମ ଭାଷାପ୍ରତି ଯେ ଯେପରି ବ୍ୟବହାର କଲେ ମଧ୍ୟ ଆମେ ବେଶି ବ୍ୟଗ୍ର କିମ୍ବା ଚିନ୍ତିତ ନୋହୁଁ । ୧୯୬୩ ମସିହାରେ ଓଡ଼ିଶାର ସଂସ୍କୃତିକେନ୍ଦ୍ର ପୁରୀଠାରେ ଗୋଟିଏ ନୂଆ ରେଳଷ୍ଟେସନ ତିଆରି ହେଲା । ସେହି ଷ୍ଟେସନର ପୋଟିକୋ ଛାତ ଉପରେ ଶାମୁକା ସାହାଯ୍ୟରେ ଷ୍ଟେସନର ନାମ ଲେଖାଥିଲା ହିନ୍ଦୀ ଓ ଓଡ଼ିଆ ଭାଷାରେ । ହିନ୍ଦୀରେ 'ପୁରୀ' ବନାନ ଲେଖାହେଲା ଠିକ୍, ଅଥଚ ଓଡ଼ିଆରେ ଲେଖାହେଲା ଭୁଲ୍ । କେନ୍ଦ୍ର ସରକାରଙ୍କର ଇଞ୍ଜିନିୟର କିମ୍ବା କଣ୍ଟ୍ରାକ୍ଟରଙ୍କୁ ଯଦି ଓଡ଼ିଆ ଜଣାନାହିଁ, ସେମାନେ କ'ଣ ପୁରୀରେ କାହାକୁ ହେଲେ ଜଣକୁ ପଚାରି ଶୁଦ୍ଧଭାବରେ ଲେଖିପାରିଲେ ନାହିଁ ? ଏ କ'ଣ ସେମାନଙ୍କର ଅଜ୍ଞତା ନା ଓଡ଼ିଆ ଭାଷା ଓ ଜାତିପ୍ରତି ଅବହେଳାର ନିଦର୍ଶନ ! ଲକ୍ଷ ଲକ୍ଷ ଟଙ୍କାର ସୁନ୍ଦର କୋଠାଟିଏ, ଅଥଚ ସେଥିରେ ଭୁଲରେ ଲେଖାହେଲା ଓଡ଼ିଆ ନାଁଟା । ସେଠି ଯେଉଁ 'ପୁରି' ଶବ୍ଦ ଲେଖାହେଲା, 'ପୁରୀ'ର ସେପରି ବନାନ ଭାଷାକୋଷରେ ବି ନାହିଁ । ଏବେ ଅବଶ୍ୟ ତାକୁ ଠିକ୍ କରି ଦିଆଯାଇଛି । ରାଉରକେଲାରେ କେନ୍ଦ୍ର ସରକାରଙ୍କର ଯେଉଁ ତାରଘର ତିଆରି ହୋଇଛି, ସେଥିରେ ଘରର ନାଁଟା ଉଭୟ ହିନ୍ଦୀ ଓ ଓଡ଼ିଆ ଅକ୍ଷରରେ ଲେଖା ହୋଇଥିଲା । ସେହି ଗୃହ ଉନ୍ମୋଚନ କରିବା ପାଇଁ କେନ୍ଦ୍ର ସରକାରୀ ହାକିମ ଆସିଥିଲେ, ସେ କୁଆଡ଼େ ଓଡ଼ିଆ ଅକ୍ଷରକୁ ଲିଭାଇ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ ବୋଲି ଖବରକାଗଜରେ ବାହାରିଥିଲା । ଏକଥା ଯଦି ସତ୍ୟ ହୋଇଥାଏ, ତେବେ ଭାଷାପ୍ରତି ଆମମାନଙ୍କର ଉଦାସୀନତା କେତେ, ତାହା ସହଜରେ ଜଣାଯିବ । ଲଣ୍ଡନରେ ଗୋଟିଏ ଷ୍ଟ୍ରୀଟ ଅଛି, ତା ନାଁ ହେଉଛି Conduit Street । ବି.ବି.ସି. ସମ୍ବାଦ ପ୍ରଚାରବେଳେ ସେହି ନାଁକୁ ଯେଉଁଳି ଭାବରେ ଉଚ୍ଚାରଣ କରାଗଲା ସ୍କଟଲାଣ୍ଡର ଲୋକେ ତାକୁ ପସନ୍ଦ କଲେ ନାହିଁ । ତା'ରି ଉପରେ ମାସ ମାସ ଧରି ଆନ୍ଦୋଳନ ଚାଲିଲା । ଶେଷରେ ଇଂଲଣ୍ଡ, ସ୍କଟଲାଣ୍ଡ ଉଭୟଙ୍କୁ

ସୁହାଇଲା ଭଳି ଏକ ଉଚ୍ଚାରଣ ଗୃହୀତ ହେଲା । ତା'ର କାରଣ ହେଉଛି, ନିଜ ଭାଷା ପାଇଁ ସେମାନଙ୍କର ଯଥେଷ୍ଟ ଚେତନା ଓ ସମ୍ମାନ ଅଛି । କିନ୍ତୁ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଆମେ ନିଜ ଭାଷା ବିଷୟରେ ସଚେତ ହେବାକୁ ଆରମ୍ଭ କରିନାହୁଁ ।

ଲୋକ ଘରୁ ଗୋଡ଼ କାଢ଼ିଲେ ବରାବର ମନେମନେ ଭାବେ, ବାହାର ଲୋକେ ତାକୁ ଚିହ୍ନନ୍ତି କି ନାହିଁ । ଯଦି ସେ ଦେଶ ବାହାର ଲୋକେ ତାକୁ ଜାଣନ୍ତି, ତାଙ୍କ ଗାଁ ନାଁ କିମ୍ବା ତା' ରାଜ୍ୟର କୌଣସି କଳା, ସଂସ୍କୃତି କିମ୍ବା ଭାଷା ନାଁ ଜାଣନ୍ତି, ତେବେ ସେ ଭାରି ଖୁସିହୁଏ । ନିଜର ପ୍ରତିଷ୍ଠା ଅଛି ବୋଲି ଭାବି ଅଭିମାନ ଅନୁଭବ କରେ । ଏହିପ୍ରକାର ଅଭିମାନ ମଣିଷର ଦରକାର ମଧ୍ୟ । ତା' ନହେଲେ ଲୋକେ ଦେଶ, ଜାତି , ଭାଷା, ସଂସ୍କୃତିର ସୁନାମ ପାଇଁ ଚେଷ୍ଟା କରନ୍ତେ କାହିଁକି ? ବ୍ୟକ୍ତିଗତ ଅନୁଭୂତିରୁ ମୁଁ ଦେଖିଛି - ଓଡ଼ିଶା ବାହାରେ ଲୋକେ ଯେତେବେଳେ ପଚାରନ୍ତି ଓଡ଼ିଶା କ'ଣ ବିହାର- ଓଡ଼ିଶା ? ଓଡ଼ିଆ ଲୋକେ କି ଭାଷା କହନ୍ତି ? ବଙ୍ଗଳା ନା ତେଲୁଗୁ ? ମନେ ମନେ ଟିକେ ବିରକ୍ତ ଲାଗେ ସତ, କିନ୍ତୁ ଭାବି ଦେଖିଲେ ଦୁର୍ବଳତା ଆମ ନିଜର । ବିଲାତପରି ଏତେ ଟିକିଏ ରାଜ୍ୟକୁ ଯଦି ସବୁ ଲୋକେ ଜାଣୁଛନ୍ତି, ଆମକୁ ଜାଣୁନାହାନ୍ତି କାହିଁକି ? ଆମରି ଭାଷାପରି ଗୋଟିଏ ବଙ୍ଗଳା ଭାଷାକୁ ଯଦି ପୃଥିବୀ ଲୋକେ ଜାଣୁଛନ୍ତି, ଆମକୁ ଜାଣୁନାହାନ୍ତି କାହିଁକି ? ଭାରତୀୟ ଭାଷାର ଉଦାହରଣ ଦେଲାମାତ୍ରେ ଲୋକେ ହିନ୍ଦୀ, ବଙ୍ଗଳା, ଗୁଜରାଟୀ, ମରାଠୀ, ତେଲୁଗୁ, ତାମିଲର ନାଁ କହୁଛନ୍ତି, ଅଥଚ ଆମ ନାଁ କେହି ଧରୁନାହାନ୍ତି, ତା'ର କାରଣ ବୋଧହୁଏ ଆମେ ଆମ ରାଜ୍ୟକୁ ଓ ତା'ର ଭାଷା ସାହିତ୍ୟକୁ ବିଶେଷ ପ୍ରଗତିଶୀଳ କରିପାରିନାହୁଁ । x x x ସେଥିପାଇଁ ନିରଳସ, ନିରବଚ୍ଛିନ୍ନ ସାଧନା ଦରକାର । ଯେଉଁ ସୁବିଧା, ସୁଯୋଗ ଓ ସାଧନା ନେଇ କେତେକ ଭାରତୀୟ ଭାଷା ଆଗେଇ ଯାଇଛନ୍ତି, ଓଡ଼ିଶା ଭାଗ୍ୟରେ ତା ଜୁଟିନାହିଁ । ବିଦେଶୀ ଶାସନ ତଳେ ଭାରତୀୟ ଭାଷାମାନଙ୍କର ଯେତିକି ଗତିରୋଧ ହୋଇଛି, ତାଠୁ ବେଶୀ ହୋଇଛି ଓଡ଼ିଆ ଭାଷାର । ଓଡ଼ିଆ କେବଳ ବ୍ରିଟିଶମାନଙ୍କ ତଳେ ନଥିଲା, ବହୁକାଳ ପର୍ଯ୍ୟନ୍ତ ବଙ୍ଗ-ବିହାର ପ୍ରଭୃତି ପ୍ରଦେଶ ସଙ୍ଗେ ଯୋଡ଼ାହୋଇ ରହିଥିଲା । ଓଡ଼ିଶାର ବାବୁଶ୍ରେଣୀ ଏବେ ବି ପୂରା ଓଡ଼ିଆ ହୋଇନାହାନ୍ତି, ସେତେବେଳେ ତ ପ୍ରାୟ ସମସ୍ତେ ଥିଲେ ବିଦେଶୀ । ସେକାଳ ଗଡ଼ଜାତମାନଙ୍କରେ, ପୁଣି ଓଡ଼ିଶାରେ ଛବିଶଟା ଗଡ଼ଜାତ, ବାବୁ କହିଲେ କେବଳ ବଙ୍ଗୀୟ ଭଦ୍ରଲୋକମାନଙ୍କୁ ବୁଝାଉଥିଲା । ତେଣୁ ଓଡ଼ିଆ ଭାଷା ପାଇଁ ଚିନ୍ତା କରୁଥିଲା କିଏ ? ଫକୀରମୋହନଙ୍କ ପରି ଯେଉଁମାନେ ଚିନ୍ତା କରୁଥିଲେ, ସେମାନଙ୍କୁ କୁହାଯାଉଥିଲା 'ରିଙ୍ଗ୍ ଲିଡ଼ର' । ହିନ୍ଦୀଲୋକେ ଆସି ଓଡ଼ିଆ ପାଇଁ କାମ କରିବା କିମ୍ବା ଓଡ଼ିଆଲୋକେ ଯାଇ ମରାଠୀ ଭାଷାର ଉନ୍ନତି ପାଇଁ ଚେଷ୍ଟା କରିବାର ଉଦାହରଣ ଖୁବ୍ କମ୍ । ଏସବୁ କ୍ଷେତ୍ରରେ ପ୍ରତ୍ୟେକେ ନିଜ ଭାଷା ପାଇଁ କାମ କରିବା କଥା । ଆମେ ଯଦି ଭାବୁଥାଉଁ, ଆମପାଇଁ ଆଉ ଲୋକେ କରିବେ- ସେ ଭାବନା ଆମର ଭୁଲ । ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ ।

- ଆଞ୍ଚଳିକ ଭାଷାପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ହେଲେ ଇଂରେଜି ଆଧିପତ୍ୟକୁ କମାଇବାକୁ ହେବ ।
- ଜନତାର ସାମୂହିକ ଶିକ୍ଷାପାଇଁ ମାତୃଭାଷା ହିଁ ପ୍ରକୃତ ମାଧ୍ୟମ ।
- ଶାସିତଙ୍କୁ ଶାସକଙ୍କଠାରୁ ଦୂରରେ ରଖିଛି ଇଂରେଜି ଭାଷା ।
- ମାତୃଭାଷା ପାଇଁ ଅଭିମାନ ଓ ମାତୃଭାଷାର ଉନ୍ନତିସାଧନ କାମ୍ୟ ।

ସୂଚନା :

ପଦସ୍ଥ - ପଦାଧିକାରୀ

କାଉନସିଲ - ପ୍ରାଶାସନିକ ପରିଷଦ

ସମୂହ - ସମଷ୍ଟି

ସ୍ଫୂର୍ତ୍ତି - ଚଞ୍ଚଳତା, ଫୂର୍ତ୍ତି, ଉତ୍ସାହ

ନିରବଚ୍ଛିନ୍ନ - ଅବିରତ ଭାବରେ

ହିବ୍ରୁ - ଇଜରାଇଲର ଆଧୁନିକ ଭାଷା

ଋଷିଙ୍କ ଶ୍ରାଦ୍ଧ - ଆୟୋଜନ ବଡ଼ ଜଣାପଡୁଥିଲେ ହେଁ ଫଳାଫଳ ନ୍ୟୂନ (ଅଜାଯୁଦ୍ଧେ, ଋଷିଶ୍ରାଦ୍ଧେ ପ୍ରଭାତେ ମେଘଡମ୍ବରୁ, ଦାମ୍ପତ୍ୟେ କଳହଶ୍ଚୈବ ବହ୍ୱାଡମ୍ବରେ ଲଘୁକ୍ରିୟା)

ପୋଲିସ - ପୋଲାଣ୍ଡବାସୀଙ୍କ ମାତୃଭାଷା

## ପ୍ରଶ୍ନାବଳୀ

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୧. ଦୁଃ + ଭାଗ୍ୟ = ଦୁର୍ଭାଗ୍ୟ । ଏହିପରି 'ଦୁଃ' ଉପସର୍ଗ ଲଗାଇ ଆଉ ଚାରୋଟି ଶବ୍ଦ ଲେଖ ।

୨. 'ଅନ୍ନବସ୍ତ୍ର' ପରି ଆଉ ଚାରୋଟି ଯୋଡ଼ା ଶବ୍ଦ ପଠିତ ବିଷୟରୁ ଚୟନ କର ।

୩. ଯେପରି 'ମନସ୍' ଶବ୍ଦରେ 'ଇକ' ପ୍ରତ୍ୟୟ ଲାଗି ମାନସିକ ହୋଇଛି, ସେହିପରି ଆଉ ଚାରୋଟି 'ଇକ' ପ୍ରତ୍ୟୟ ଯୁକ୍ତ ଶବ୍ଦ ଲେଖ ।

୪. ସନ୍ଧିବିଚ୍ଛେଦ କର ।
ସର୍ବୋତ୍କୃଷ୍ଟ, ନିରଳସ, ନିରବଚ୍ଛିନ୍ନ, ନିଶ୍ଚୟ, ଉନ୍ମୋଚନ ।

୫. ବିପରୀତାର୍ଥବୋଧକ ଶବ୍ଦ ଲେଖ ।
ଜ୍ଞାନୀ, ଆମଦାନି, ସନ୍ଦେହ, ଆରମ୍ଭ, ସୁଯୋଗ, ଆଦର୍ଶ

୬. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ଯୋଗ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଗଣତନ୍ତ୍ର | ମାତୃଭାଷା |
| ହିବ୍ରୁ | ଗାନ୍ଧିଜୀ |
| ମାତୃଭୂମି | ପୁରୀ |
| ଅଦୃଶ୍ୟଦ୍ରଷ୍ଟା | ଇଜ୍ରାଇଲ |
| ସଂସ୍କୃତିକେନ୍ଦ୍ର | ଟେକ୍‌ନିକାଲ ଇଡ଼ିୟମ |
| କୃଷି | ଆଞ୍ଚଳିକ |
| | ଶିକ୍ଷା |

୭. ପ୍ରଦତ୍ତ ଉତ୍ତରଗୁଡ଼ିକରୁ ଠିକ୍ ଉତ୍ତରଟି ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ଅନ୍ନଦାଶଙ୍କରଙ୍କର ମାତୃଭାଷା ଥିଲା ________ ।

(ଓଡ଼ିଆ, ବଙ୍ଗଳା, ଇଂରାଜି, ହିନ୍ଦୀ)

(ଖ) ଇଜ୍‌ରାଇଲ ସହିତ ________ ଭାଷା ସଂପର୍କିତ ।

(ହିନ୍ଦୀ, ଇଂରାଜି, ହିବ୍ରୁ, ଆରବି)

(ଗ) ________ ସ୍ୱଭାବକବି ଅଟନ୍ତି ।

(ମଧୁସୂଦନ ରାଓ, ମାୟାଧର ମାନସିଂହ, ଗଙ୍ଗାଧର ମେହେର, ଉପେନ୍ଦ୍ରଭଞ୍ଜ )

**କ୍ଷୁଦ୍ର ଉତ୍ତରମୂଳକ :**

୮. ଜନତାର ପ୍ରଥମ ପ୍ରୟୋଜନ କ'ଣ ?

୯. ଦେଶଭକ୍ତ ବୋଲି କାହାକୁ କୁହାଯାଇ ପାରିବ ନାହିଁ ?

୧୦. ଗଣତନ୍ତ୍ରର ମୂଳମନ୍ତ୍ର କହିଲେ କ'ଣ ବୁଝ ?

୧୧. ସମୂହ ଜନତା ଅଳ୍ପସମୟ ମଧ୍ୟରେ କିପରି ଶିକ୍ଷିତ ହୋଇପାରିବେ ?

୧୨. ବିଦେଶୀ ଭାଷା ଲୋକମାନଙ୍କ ଭିତରେ ସହଜରେ ପ୍ରସାରିତ ନହେବାର କାରଣ କ'ଣ ?

୧୩. କେଉଁ ଅପ୍ରାକୃତିକ ପାଚେରିକୁ ଭାଙ୍ଗିବା ପାଇଁ ଗାନ୍ଧିଜୀ ପ୍ରଥମେ ପ୍ରୟାସ କରିଥିଲେ ?

୧୪. କୃଷି ବିଷୟକ ଶିକ୍ଷା ମାତୃଭାଷାରେ ହେଲେ କି ସୁଫଳ ହୁଅନ୍ତା ?

୧୫. ମାତୃଭାଷା ସଂପର୍କରେ ଗାନ୍ଧିଜୀ ଓ ରବୀନ୍ଦ୍ରନାଥଙ୍କର ଦୃଷ୍ଟିକୋଣ କିପରି ଥିଲା ?

୧୬. ରୁଷ ସରକାର ପ୍ରତ୍ୟେକ ସୋଭିଏଟ୍‌ରେ ଲୋକମାନଙ୍କୁ କେଉଁ ଅଧିକାର ଦେଇଛନ୍ତି ?

୧୭. ଗାଁ ଗହଳରେ ଇଂରେଜି ପଢ଼ୁଆ ବି.ଡି.ଓ ଏବଂ ପଞ୍ଚାୟତ ଇଂଜିନିୟରଙ୍କ ଉଦାହରଣ ଦେଇ ଲେଖକ କି ମନ୍ତବ୍ୟ ଦେଇଛନ୍ତି ?

୧୮. କେଉଁ ଘଟଣା ପାଇଁ ସ୍କଟଲାଣ୍ଡରେ ମାସ ମାସ ଧରି ଆନ୍ଦୋଳନ ଚାଲିଥିଲା ?

୧୯. କେଉଁମାନଙ୍କୁ 'ରିଙ୍ଗ୍ ଲିଡ଼ର' କୁହାଯାଉଥିଲା ?

୨୦. ଶାସିତଙ୍କୁ ଶାସକଙ୍କଠାରୁ କିଏ ଦୂରେଇ ରଖିଛି ବୋଲି ଲେଖକ ଲେଖିଛନ୍ତି ?

## ସପ୍ରସଙ୍ଗ ସରଳାର୍ଥ :

୨୧. ମାତୃଭାଷାରେ ମନୁଷ୍ୟର ଯେଉଁ ସ୍ଫୂର୍ତ୍ତି ହୁଏ, ଅନ୍ୟ କୌଣସି ଦ୍ଵିତୀୟ ଭାଷାରେ ତା' ହୁଏ ନାହିଁ ।

୨୨. କିନ୍ତୁ ଆମ ଦେଶରେ ଜ୍ଞାନ ଭଣ୍ଡାରଟା ଇଂରେଜୀରେ ଥିବାରୁ କୋଟି କୋଟି ଜନତା ଆଖି ଥାଉଁ ଥାଉଁ ଅନ୍ଧ ।

୨୩. ବାସ୍ତବରେ ଲୋକଙ୍କ ହାତକୁ କ୍ଷମତା ଦେଇ ତାଙ୍କ ନିଜ ଭାଷାରେ ଶାସନ କାର୍ଯ୍ୟ ଚଳାଇବା ପାଇଁ ସୁଯୋଗ ନଦେଲେ ସେ କ୍ଷମତାର କିଛି ଅର୍ଥ ନାହିଁ ।

୨୪. ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ ।

## ଦୀର୍ଘ ଉତ୍ତରମୂଳକ :

୨୫. ମାତୃଭାଷା ଶିକ୍ଷା ହିଁ ଦେଶ ଓ ଜାତିର ପ୍ରଗତିର ପରିଚାୟକ - ଆଲୋଚନା କର ।

୨୬. ମାତୃଭାଷାପ୍ରତି ଓଡ଼ିଆମାନଙ୍କଠାରେ ଯେଉଁ ଉଦାସୀନତା ପରିଲକ୍ଷିତ ହୁଏ, ତାହାର ଦୂରୀକରଣ କିପରି କରାଯାଇପାରିବ ଲେଖ ।

୨୭. ମାତୃଭାଷାର ପ୍ରସାର ପାଇଁ ପ୍ରାବନ୍ଧିକ ଯେଉଁ ଚିନ୍ତନ ପ୍ରୟାସ କରିଛନ୍ତି, ତାହା ପଠିତ ପ୍ରବନ୍ଧକୁ ଭିତ୍ତିକରି ବିଶ୍ଳେଷଣ କର ।

୨୮. 'ଜନତାର ସାମୂହିକ ଶିକ୍ଷାପାଇଁ ମାତୃଭାଷା ହିଁ ପ୍ରକୃତ ମାଧ୍ୟମ' - ଉକ୍ତିଟିର ସତ୍ୟତା ପ୍ରତିପାଦନ କର ।

## ତୁମ ପାଇଁ କାମ :

୨୯. ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ଯେଉଁମାନଙ୍କର ତ୍ୟାଗ ଓ ସାଧନା ଉଲ୍ଲେଖନୀୟ ସେହି ମହାନ୍ ସ୍ରଷ୍ଟାମାନଙ୍କର ଜୀବନୀ ପାଠ କର ।

୩୦. 'ଜନଜୀବନରେ ମାତୃଭାଷାର ଆବଶ୍ୟକତା - ଏହି ପ୍ରସଙ୍ଗରେ ଏକ ତର୍କ ସଭାର ଆୟୋଜନ କର ।

◆

# ନରେନ୍‌ରୁ ବିବେକାନନ୍ଦ

T5M7F9

● ଶରତ କୁମାର ମହାନ୍ତି

(୧୯୩୮-୨୦୦୬)

**ଲେଖକ ପରିଚୟ :**

*ଶରତ କୁମାର ମହାନ୍ତି ବିଜ୍ଞାନ, ଦର୍ଶନ, ସମାଜ, ସାହିତ୍ୟ, ସଂସ୍କୃତି, ଆଧ୍ୟାତ୍ମିକତା ସମ୍ବନ୍ଧରେ ପ୍ରବନ୍ଧ ରଚନା କରି ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । କଟକ ଜିଲ୍ଲାର ଟାଙ୍ଗୀ ନିକଟବର୍ତ୍ତୀ ଜରିପଡ଼ା ଗ୍ରାମରେ ତାଙ୍କର ଜନ୍ମ । ଅଧ୍ୟାପନା ଥିଲା ତାଙ୍କର ବୃତ୍ତି । ପ୍ରବୃତ୍ତିରେ ସେ ଥିଲେ ଜଣେ ମନନଶୀଳ ପ୍ରାବନ୍ଧିକ । ତାଙ୍କ ଲିଖିତ ବିଜ୍ଞାନ ବିଷୟକ ପ୍ରବନ୍ଧ ସଂକଳନ ରୂପେ ବିଜ୍ଞାନ ଦୃଷ୍ଟି, ଆକାଶର ଆହ୍ୱାନ, ଆଟମ୍‌ରୁ କ୍ୱାଣ୍ଟମ୍, ବିଜ୍ଞାନ ଦିଗନ୍ତ, ଏକବିଂଶ ଶତାବ୍ଦୀର ନଷ୍ଟ ପରିବେଶ ପ୍ରଭୃତି ପୁସ୍ତକ ସ୍ମରଣୀୟ । ସାହିତ୍ୟ, ସଂସ୍କୃତି, ଦର୍ଶନ ଓ ଜୀବନୀ ଆଧାରିତ ପୁସ୍ତକଗୁଡ଼ିକ ମଧ୍ୟରେ ତାଙ୍କ ରଚିତ ସକ୍ରେଟିସ ଓ ପ୍ଲେଟୋ, ଅସ୍ତିତ୍ୱବାଦର ମର୍ମକଥା, ଗ୍ରୀକ୍ ଜାତିର ଜୀବନଗାଥା, ଜ୍ୟାଁପଲସାର୍ତ୍ତ, ଛତ୍ରପତି ବିବେକାନନ୍ଦ, ଗାନ୍ଧୀ ମଣିଷ, ଗାନ୍ଧୀ ପରିବାର, ବୁଦ୍ଧଂ ଶରଣଂ ଗଚ୍ଛାମି, ସଂସ୍କୃତି ଅପସଂସ୍କୃତି, ବୋଦାଙ୍କର ଦାଦାଗିରି ଓ ଅନ୍ୟାନ୍ୟ ପ୍ରବନ୍ଧ, ଏଣୁ ତେଣୁ କିଛି, ଆଧୁନିକତାର ରୂପରେଖ, ବିବର୍ତ୍ତନଶୀଳ ମଣିଷର ରୂପରେଖ ପ୍ରଭୃତି ଉଲ୍ଲେଖଯୋଗ୍ୟ ।*

*'ନରେନ୍‌ରୁ ବିବେକାନନ୍ଦ' ପ୍ରବନ୍ଧଟି ଲେଖକଙ୍କ 'ଛତ୍ରପତି ବିବେକାନନ୍ଦ' ପୁସ୍ତକର ଅଂଶବିଶେଷ । ଏଥିରେ ଭାରତ ବର୍ଷର ଜଣେ ପ୍ରଖ୍ୟାତ ସନ୍ନ୍ୟାସୀ ତଥା ସନ୍ଥ ବିବେକାନନ୍ଦଙ୍କ ଜୀବନୀର କିଛି ଉପାଦେୟ ଦିଗ ଅତ୍ୟନ୍ତ ହୃଦୟସ୍ପର୍ଶୀ ତଥା ସହଜବୋଧ୍ୟ ଭାଷାରେ ସ୍ଥାନ ପାଇଛି ।*

---

**ଶ୍ରୀ**ରାମକୃଷ୍ଣ ପୃଥିବୀରୁ ବିଦାୟ ନେବା ବେଳକୁ ନରେନ୍ ବାଇଶ ବର୍ଷର ସଂସାର ଅନଭିଜ୍ଞ ଯୁବକ । ବର୍ଷକ ପୂର୍ବରୁ ତାଙ୍କର ପିତା ବିଶ୍ୱନାଥ ଦତ୍ତ ଇହଧାମ ତ୍ୟାଗ କରିଥାଆନ୍ତି । ଗୁରୁ ପିତାଙ୍କୁ ହରାଇ ସଂସାରରେ ଚଳିବା ଓ ସଂସାରକୁ ଚଳାଇବା, ଉଭୟ ବିଷୟରେ ନରେନ୍ ଏକୁଟିଆ ହୋଇଗଲେ । ଏକୁଟିଆ ସତ, କିନ୍ତୁ ଦୁର୍ବଳ ନୁହନ୍ତି । ଜଗତରେ ସବୁ ମହାନ୍ କର୍ମ ଏକୁଟିଆ ମଣିଷଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ଦୃଢ଼ମନା ବୀରପୁରୁଷ ନରେନ୍‌ଙ୍କୁ ଶ୍ରୀରାମକୃଷ୍ଣ ତାଙ୍କର ଜୀବନର କର୍ମ ଓ ଲକ୍ଷ୍ୟ ଭଲ ଭାବେ ଦେଖାଇ ଦେଇଥିଲେ । କହିବା ବାହୁଲ୍ୟ, ନରେନ୍‌ଙ୍କୁ ସେ ସେହି ଭାବେ ଗଢ଼ିଥିଲେ । ନରେନ୍‌ରୁ ବିବେକାନନ୍ଦଙ୍କୁ ଜନ୍ମ ଦେବା ପାଇଁ ଦକ୍ଷିଣେଶ୍ୱର ହୋଇଥିଲା ଏନ୍ତୁଡ଼ିଶାଳ ଓ ସ୍ୱୟଂ ରାମକୃଷ୍ଣ ହୋଇଥିଲେ ଧାତ୍ରୀ । ଜନ୍ମ ନେବା ପରେ ଜଗତ ବିବେକାନନ୍ଦଙ୍କୁ ଚିହ୍ନିଛି, କିନ୍ତୁ ଗୋଟାଏ ବିବେକାନନ୍ଦଙ୍କର ଜନ୍ମ ପ୍ରକ୍ରିୟା ଏପରି ଜଟିଳ, ସୂକ୍ଷ୍ମ ଓ ରହସ୍ୟମୟ ଯେ ତାକୁ ବୁଝିବାର ଆଶା ରଖିବା, ଧୃଷ୍ଟତା ମାତ୍ର । ଶ୍ରୀରାମକୃଷ୍ଣଙ୍କ ସହିତ ନରେନ୍‌ଙ୍କର ପାଞ୍ଚଛଅ ବର୍ଷର ନିବିଡ଼ ସମ୍ପର୍କ ଓ ସେହି କାଳ ମଧ୍ୟରେ ଦ୍ରୁତ ଭାବେ ଘଟି

ଯାଇଥିବା ସୂକ୍ଷ୍ମ ଘଟଣାପ୍ରବାହରୁ ନରେନ୍‌ରୁ ବିବେକାନନ୍ଦ ପର୍ଯ୍ୟନ୍ତ ପଥଟିକୁ ଝାପ୍‌ସା ଭାବେ ଦେଖିହୁଏ । ଏହାଠାରୁ ଅଧିକ କିଛି ଆଶା କରିବା ବୃଥା ।

ରାମକୃଷ୍ଣ ନରେନ୍‌ଙ୍କୁ କେଉଁ ନିର୍ଦ୍ଦିଷ୍ଟ ବାଟରେ ମୁହାଁଇ ଦେଇଥିଲେ ତାର ସୂଚନା କେତୋଟି ବିଶିଷ୍ଟ ଘଟଣାରୁ ଧରାପଡ଼େ । ନିର୍ବିକଳ୍ପ ସମାଧିର ଦିବ୍ୟ ଅନୁଭୂତି ପାଇବାକୁ ନରେନ୍‌ଙ୍କର ବ୍ୟାକୁଳତା ଠାକୁରଙ୍କୁ ଜଣାଥାଏ । ନରେନ୍ ମଧ୍ୟ ଜାଣିଥାନ୍ତି, ବିନା ଗୁରୁକୃପାରେ ଏହା ଲଭ୍ୟ ନୁହେଁ । ଶ୍ରୀରାମକୃଷ୍ଣଙ୍କର ଇହଧାମ ତ୍ୟାଗ କରିବାର ଦିନ ପାଖେଇ ଆସୁଥାଏ । ଦିନେ ସନ୍ଧ୍ୟାବେଳେ ନରେନ୍‌ଙ୍କର ବହୁ ଆକାଂକ୍ଷିତ ପରମ ଶୁଭମୁହୂର୍ତ୍ତଟି ଉପସ୍ଥିତ ହେଲା । ଜ୍ଞାନଶୂନ୍ୟ ହୋଇ ନରେନ୍ ସମାଧିରେ ବୁଡ଼ିଗଲେ । ରାତି ନଅଟା ବେଳକୁ ସମାଧି ଭଙ୍ଗ ହେଲା । ନରେନ୍‌ଙ୍କର ଅନ୍ତର ଅପୂର୍ବ ଦିବ୍ୟ ଆନନ୍ଦରେ ପରିପୂର୍ଣ୍ଣ ଥାଏ । ଠାକୁର ତାଙ୍କ ପାଖକୁ ଆସି କହିଲେ, 'ତାହେଲେ ମାଆ ତତେ ସବୁ ଦେଖାଇ ଦେଲେ । ତେବେ ବର୍ତ୍ତମାନ ଠାରୁ ଏସବୁର ତାଲା ବନ୍ଦ ହେଲା ଓ ଚାବି ମୋ ପାଖରେ ରହିଲା । ଯେତେବେଳେ ସବୁ କାର୍ଯ୍ୟ ଶେଷ ହେବ, ସେତେବେଳେ ଏହା ପୁଣି ଫେରି ପାଇବୁ ।'

ଶ୍ରୀରାମକୃଷ୍ଣ ଏପରି କହିବାର ପୃଷ୍ଠଭୂମି ରହିଛି । ଉଲ୍ଲିଖିତ ଘଟଣାର କିଛି ଦିନ ପୂର୍ବରୁ ସେ କଅଣ ଚାହାନ୍ତି ବୋଲି ଠାକୁର ନରେନ୍‌ଙ୍କୁ ପଚାରିଥିଲେ । ଉତ୍ତରରେ ନରେନ୍ଦ୍ର ନାଥ କହିଥିଲେ, "ମୋର ଇଚ୍ଛା ହୁଏ ଶୁକଦେବଙ୍କ ପରି ଏକାଦିକ୍ରମେ ପାଞ୍ଚଛଅ ଦିନ ସମାଧିରେ ଲୀନ ହୋଇ ରହିବି, ପରେ ଟିକିଏ ତଳକୁ ଆସି ଦେହରକ୍ଷା ପାଇଁ କିଛି ଖାଦ୍ୟ ଗ୍ରହଣ କରି ପୁଣି ସମାଧିରେ ବୁଡ଼ିଯିବି ।'' ତାଙ୍କର ଏ କଥା ଶୁଣି ହୁଏତ ପ୍ରଥମଥର ପାଇଁ ନରେନ୍‌ଙ୍କୁ ଧିକ୍‌କାର କରି ଶ୍ରୀରାମକୃଷ୍ଣ କହିଥିଲେ, "ତୋତେ ଏ କଥା କହିବାକୁ ଲଜ୍ଜାବୋଧ ହେଉନାହିଁ ? ଭାବିଥିଲି, ତୁ ଗୋଟାଏ ପ୍ରକାଣ୍ଡ ବଟବୃକ୍ଷ ପରି ହେବୁ ଏବଂ ତୋ' ଛାଇରେ ହଜାର ହଜାର ମଣିଷ ଆଶ୍ରୟ ପାଇବେ, କିନ୍ତୁ ତା ନହୋଇ ତୁ କେବଳ ନିଜର ମୁକ୍ତି ଚାହୁଁଛୁ ?''

ଠାକୁରଙ୍କର ଏହି କଠୋର କଥା ନରେନ୍‌ଙ୍କ ଅନ୍ତରରେ ଚାଲିଥିବା ଏକ ବଡ଼ ଦ୍ୱନ୍ଦ୍ୱର ସମାଧାନ କରିଥିବ । ଗୋଟାଏ ପଟେ ଧ୍ୟାନ, ଧାରଣା, ଯୋଗ, ସମାଧି, ଇହଲୋକ ବିମୁଖ ସନ୍ନ୍ୟାସୀର ଆଦର୍ଶ, ଅନ୍ୟପଟେ ତେଜହୀନ, ଉଦ୍ୟମହୀନ, ପ୍ରାଣହୀନ, ଉତ୍‌ଥାନଶକ୍ତି ରହିତ ଭାରତର ଅଭ୍ୟୁତ୍‌ଥାନ ପାଇଁ ସଂଗ୍ରାମ । ବିଶାଳ, ବୁଭୁକ୍ଷୁ ଜନସମଷ୍ଟିର ଦୁର୍ଦ୍ଦଶା ମୋଚନାର୍ଥେ ସେବାବ୍ରତ ଆଚରଣ । ଶ୍ରୀରାମକୃଷ୍ଣଙ୍କ ଅନ୍ତେ ଦୁଇପଟର ଆକର୍ଷଣରେ ବିବେକାନନ୍ଦ ହୁଏତ ସାମୟିକ ଭାବେ ବିଚଳିତ ହୋଇଛନ୍ତି କିନ୍ତୁ କେଉଁ ପଟରେ ରହି ସେ ଈଶ୍ୱରୋପଲବ୍ଧି କରିବେ ତାହା ଠାକୁରଙ୍କର ସେଦିନର ଧିକ୍‌କାର ଫଳରେ ସ୍ଥିର ହୋଇଯାଇଥିଲା । ଭାରତୀୟ ଦର୍ଶନରେ 'ମନୁଷ୍ୟର ସେବା ହିଁ ଈଶ୍ୱର ସେବା'– ଏପରି ଚିନ୍ତାର ଅଭାବ ନାହିଁ କିନ୍ତୁ ଯେଉଁ ନିଷ୍ଠାର ସହିତ ବିବେକାନନ୍ଦ ଜନତାକୁ ଜନାର୍ଦ୍ଦନ ରୂପେ ପୂଜା କରିବାକୁ ଆଗେଇ ଆସିଥିଲେ, ତାହା ଏହି ପ୍ରାଚୀନ ଭୂଖଣ୍ଡରେ ବିରଳ । 'ଜନତା ଜନାର୍ଦ୍ଦନ'– ରାଜନୈତିକ ଛଳନାର ଶିକାର ହେବା ଫଳରେ ଏହି ଶବ୍ଦ ଯୁଗଳଙ୍କ ଉପରେ କେତେ ମଇଳା ଜମି ନ ଯାଇଛି ! ସେଥିପାଇଁ ବିବେକାନନ୍ଦଙ୍କ ନାମ ସହିତ ଏହି ଶବ୍ଦକୁ ଯୋଡ଼ିବାକୁ କୁଣ୍ଠା ଆସିବା ସ୍ୱାଭାବିକ । କିନ୍ତୁ ଶବ୍ଦଙ୍କ ପାଖରେ କ୍ଷମା ମାଗି ସେମାନଙ୍କୁ ଯଥା ସ୍ଥାନରେ ଥାପିବା ଉଚିତ ହେବ ନାହିଁ କି ?

ଇହଧାମ ତ୍ୟାଗ କରିବାପୂର୍ବରୁ ଶ୍ରୀରାମକୃଷ୍ଣ ତାଙ୍କର ତରୁଣ ଶିଷ୍ୟମାନଙ୍କୁ ନରେନ୍‌ଙ୍କ ହାତରେ ସମର୍ପି ଦେଇଥିଲେ । ଜଗତର କଲ୍ୟାଣ ସାଧନ କରିବାକୁ ସେ ନରେନ୍‌ଙ୍କୁ ନିର୍ଦ୍ଦେଶ ଦେଇ ବିଦାୟ ନେଲେ । କିନ୍ତୁ ନିଃସ୍ୱ, ଅନଭିଜ୍ଞ ଯୁବକ କେଇଜଣଙ୍କ ପକ୍ଷରେ କ'ଣ କରିବା

ସମ୍ଭବ ? କହିବା ବାହୁଲ୍ୟ, ଏମାନଙ୍କ ମଧ୍ୟରୁ କେହି ସନ୍ନ୍ୟାସୀ ଭାବେ ସମାଜରେ ପରିଚିତ ନଥିଲେ । ରାମକୃଷ୍ଣଙ୍କ ଶିଷ୍ୟ ବୋଲି ସେମାନଙ୍କୁ କେହି ଚିହ୍ନି ନଥିଲେ, 'ମୁଁ ଠାକୁରଙ୍କ ଶିଷ୍ୟ' କହି କର୍ତ୍ତୃତ୍ୱ ଜାରି କରିବା ତ ଦୂରର କଥା, ଠାକୁରଙ୍କ ନାମରେ ଭିକ ମୁଠାଏ ପାଇବାର ବାଟ ମଧ୍ୟ ଏମାନଙ୍କର ନଥିଲା ।

ଶ୍ରୀରାମକୃଷ୍ଣଙ୍କର ଜଣେ ଗୃହସ୍ଥ ଭକ୍ତ ଶ୍ରୀ ସୁରେଶ ଚନ୍ଦ୍ର ମିତ୍ର ବରାହନଗରଠାରେ ତାଙ୍କର ଗୋଟିଏ ପୁରୁଣା କୋଠା ଏହି ଯୁବକ ଶିଷ୍ୟମାନଙ୍କୁ ଛାଡ଼ିଦେଲେ । ଠାକୁରଙ୍କର ପବିତ୍ର ଦେହାବଶେଷ ଓ ତାଙ୍କର ବ୍ୟବହୃତ ଜିନିଷପତ୍ର ଧରି ନରେନ୍ ସଦଳବଳେ ବରାହନଗର ଆସିଲେ । ଅଳ୍ପଦିନ ଭିତରେ ପରିତ୍ୟକ୍ତ ଭୂତକୋଠିଟି ଗୋଟିଏ ପବିତ୍ର ସ୍ଥାନରେ ପରିଣତ ହେଲା । କିନ୍ତୁ ଏହି ନବୀନ ସନ୍ନ୍ୟାସୀଗଣ ଯେଉଁ ଦୁଃଖକଷ୍ଟ ଭିତରେ ଗତି କରିଥିଲେ, ତାହା ବର୍ଣ୍ଣନାତୀତ । କହିବା ବାହୁଲ୍ୟ, ଏମାନେ ପ୍ରାୟ ସମସ୍ତେ ଉଚ୍ଚଶିକ୍ଷିତ ଓ ସ୍ୱଚ୍ଛଳ ପରିବାରର ପିଲା । ଦି' ଓଳି ଦି' ମୁଠା ଖାଦ୍ୟ ମିଳିବା ଏମାନଙ୍କ ପାଇଁ ସ୍ୱପ୍ନ ହେଲା । ମାସ ମାସ ଧରି କଇଁଚିକାକୁଡ଼ି ପତ୍ର ସିଝା ଓ ଲୁଣ ଲଗାଇ ଏମାନେ ଭାତ ଖାଇଛନ୍ତି । ବାହାରକୁ ଯିବା ପାଇଁ ଖଣ୍ଡିଏ ଲୁଗା ପାଉନାହାନ୍ତି । ଏଥିରେ ସନ୍ଦେହ ନାହିଁ ଯେ ଠାକୁରଙ୍କର ଆଦର୍ଶ ଓ ପ୍ରେମ ସେମାନଙ୍କୁ ଏକାଠି କରି ରଖିଥିଲା । ଦୁଃଖକଷ୍ଟରେ ପଡ଼ି ସେମାନଙ୍କର ମନୋବଳ ଭାଙ୍ଗି ନଥିଲା । କିନ୍ତୁ ସେମାନେ କ'ଣ କରିବେ ତା'ର କିଛି ବାଟ ପାଉ ନଥିଲେ । ଏହିପରି ଭାବେ କାଳ କାଟୁଥିବା ବେଳେ ଗୋଟିଏ ଉଲ୍ଲେଖଯୋଗ୍ୟ ଘଟଣା ଘଟିଥିଲା । ବାବୁରାମ(ସ୍ୱାମୀ ପ୍ରେମାନନ୍ଦ)ଙ୍କ ମାଆଙ୍କର ନିମନ୍ତ୍ରଣ ରକ୍ଷା କରି ନରେନ୍ଦ୍ରନାଥ ଗୁରୁଭାଇଙ୍କ ସହିତ ପାଖ ଗ୍ରାମ ଆଣ୍ଟପୁରକୁ ଗଲେ । ଡିସେମ୍ବର ମାସ । କିଛିଦିନ ଆନନ୍ଦରେ କଟିଗଲା । ଶୀତ ରାତିରେ ଧୁନି ଲଗାଇ ତା ଚାରିପଟେ ବସି ସମସ୍ତେ ଘଣ୍ଟା ଘଣ୍ଟା ଧର୍ମ ଆଲୋଚନା କରନ୍ତି । ଦିନେ ରାତିରେ ନରେନ୍ଦ୍ରନାଥ ଭାବବିହ୍ୱଳ ହୋଇ ଯିଶୁଙ୍କ କଥା କହିବାକୁ ଲାଗିଲେ । ନରେନ୍ଙ୍କ କଣ୍ଠରେ ପରମ କାରୁଣିକ ଯିଶୁଙ୍କର ଅପୂର୍ବ ପ୍ରେମ, ତ୍ୟାଗର କାହାଣୀ ସମସ୍ତଙ୍କ ହୃଦୟରେ ଗଭୀର ରେଖାପାତ କଲା । ସମସ୍ତେ ଖ୍ରୀଷ୍ଟ ଭାବରେ ଉଦ୍‌ବୁଦ୍ଧ ହୋଇ ଅଗ୍ନିକୁ ସାକ୍ଷୀ ରଖି ସନ୍ନ୍ୟାସ ବ୍ରତ ଗ୍ରହଣ କରିବାକୁ ସଂକଳ୍ପ କଲେ । ପରେ ଜଣାପଡ଼ିଲା ସେହି ରାତିଟି ଥିଲା ଖ୍ରୀଷ୍ଟମାସ ଇଭ୍‌ର ରାତି ।

ବରାହନଗରକୁ ଫେରି ୧୮୮୭ ଖ୍ରୀଷ୍ଟାବ୍ଦ ଜାନୁୟାରୀ ମାସରେ ସେମାନେ ପାରମ୍ପରିକ ଶାସ୍ତ୍ରୀୟ ବିଧି ଅନୁଯାୟୀ ସନ୍ନ୍ୟାସ ଗ୍ରହଣ କଲେ । ଶ୍ରୀରାମକୃଷ୍ଣଙ୍କର ଷୋଳଜଣ ସନ୍ନ୍ୟାସୀ ଶିଷ୍ୟ ହେଉଛନ୍ତି ସ୍ୱାମୀ ବିବେକାନନ୍ଦ (ନରେନ୍ଦ୍ରନାଥ), ସ୍ୱାମୀ ବ୍ରହ୍ମାନନ୍ଦ (ରାଖାଲ ଚନ୍ଦ୍ର), ସ୍ୱାମୀ ପ୍ରେମାନନ୍ଦ(ବାବୁରାମ), ସ୍ୱାମୀ ଯୋଗାନନ୍ଦ (ଯୋଗେନ୍ଦ୍ରନାଥ), ସ୍ୱାମୀ ନିରଞ୍ଜନାନନ୍ଦ(ନିରଞ୍ଜନ), ସ୍ୱାମୀ ରାମକୃଷ୍ଣାନନ୍ଦ (ଶଶିଭୂଷଣ), ସ୍ୱାମୀ ଶିବାନନ୍ଦ (ତାରକନାଥ), ସ୍ୱାମୀ ତୁରୀୟାନନ୍ଦ(ହରିନାଥ), ସ୍ୱାମୀ ଅଭେଦାନନ୍ଦ (କାଳୀପ୍ରସାଦ), ସ୍ୱାମୀ ସାରଦାନନ୍ଦ(ଶରତ ଚନ୍ଦ୍ର) ସ୍ୱାମୀ ଅଦ୍ୱୈତାନନ୍ଦ (ଗୋପାଳ), ସ୍ୱାମୀ ଅଦ୍ଭୁତାନନ୍ଦ (ଲାଟୁ) ସ୍ୱାମୀ ତ୍ରିଗୁଣାନନ୍ଦ (ସାରଦା), ସ୍ୱାମୀ ସୁବୋଧାନନ୍ଦ( ସୁବୋଧ), ସ୍ୱାମୀ ଅଖଣ୍ଡାନନ୍ଦ (ଗଙ୍ଗାଧର) ଓ ସ୍ୱାମୀ ବିଜ୍ଞାନାନନ୍ଦ (ହରିପ୍ରସନ୍ନ) । ଏମାନେ ସମସ୍ତେ ଏକାଦିନ ସନ୍ନ୍ୟାସ ଗ୍ରହଣ କରି ନଥିଲେ । ଯେଉଁମାନେ ଅନୁପସ୍ଥିତ ଥିଲେ ସେମାନେ ପରେ ଯଥାବିଧି ସନ୍ନ୍ୟାସବ୍ରତ ଗ୍ରହଣ କରିଥିଲେ । ସତେକି ଠାକୁରଙ୍କ ସହିତ ଓ ପରସ୍ପର ସହିତ ହୃଦୟର ବନ୍ଧନକୁ ଚିରଦିନ ଅତୁଟ ରଖିବାର ଘୋଷଣାପତ୍ର ସ୍ୱରୂପ ସମସ୍ତଙ୍କର ସନ୍ନ୍ୟାସ ଘେନିବା ଜରୁରୀ ହୋଇ ପଡ଼ିଲା । କଥା ହେଉଛି, ବରାହନଗରରେ ବାନ୍ଧି ହୋଇ ରହିବାକୁ କେହି ଚାହୁଁନଥିଲେ । ଅଥଚ ବରାହନଗରରୁ ଥରେ ଫିଟିଗଲେ ଆଉ ଏକାଠି ନ ହୋଇପାରନ୍ତି- ଏ ଆଶଙ୍କା ସମସ୍ତଙ୍କ ମନକୁ ଆସୁଥିଲା ।

ସମସ୍ତେ ଗୋଟିଏ ମଠର ବାବାଜି, ଜଣେ ଗୁରୁଙ୍କର ଶିଷ୍ୟ- ଏ କଥାଟି ଘୋଷିତ ହୋଇଯିବା ପରେ ବୁଲା ବାବାଜି ଦିନେ ମଠକୁ ଫେରିବା ନିଶ୍ଚିତ । ତେଣୁ କାମ ଛିଣ୍ଡିଯିବା ପରେ ସତକୁ ସତ ନବୀନ ସନ୍ନ୍ୟାସୀଗଣ ଜଣ ଜଣ ହୋଇ ତୀର୍ଥଯାତ୍ରାରେ ବାହାରିଗଲେ ।

ଅନ୍ତରରେ ପରିବ୍ରାଜକ ଜୀବନର ଦୁର୍ବାର ଆକର୍ଷଣକୁ ଚାପିରଖି ମଠର ସଙ୍ଗଠନ କାମରେ ନରେନ୍ ଦୁଇବର୍ଷ ଲାଗିପଡ଼ିଲେ । ସାଙ୍ଗରେ ଥାଆନ୍ତି ସ୍ୱାମୀ ରାମକୃଷ୍ଣାନନ୍ଦ । ଅବଶ୍ୟ ସ୍ୱାମୀ ରାମକୃଷ୍ଣାନନ୍ଦ କେବେହେଲେ ମଠ ଛାଡ଼ି ବାହାରକୁ ଯାଇନାହାନ୍ତି । ଉଡ଼ିଯାଇଥିବା ପକ୍ଷୀଦଳଙ୍କ ଭିତରୁ କିଏ କେତେବେଳେ ଫେରିବ ତାକୁ ଅପେକ୍ଷା କରି ସେ ଏକୁଟିଆ ମଠକୁ ଜଗିଥାନ୍ତି ।

୧୮୮୬ରେ ପ୍ରଥମକରି ବିବେକାନନ୍ଦ ପରିଭ୍ରମଣରେ ବାହାରିଲେ । ହିମାଳୟ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କରି ବାଟରେ ବନାରସ୍, ଅଯୋଧ୍ୟା, ବୃନ୍ଦାବନ, ଆଗ୍ରା ଓ ଲକ୍ଷ୍ନୌ ପ୍ରଭୃତି ତୀର୍ଥସ୍ଥାନ ଭ୍ରମଣ କଲେ । ତୀର୍ଥ କରିବା ଅପେକ୍ଷା ବିଶାଳ ଭାରତବର୍ଷ ଓ ତା'ର ଦରିଦ୍ର ଜନତା ସହିତ ଘନିଷ୍ଠ ଭାବେ ପରିଚୟ ହେବାର ସୁଯୋଗ ତାଙ୍କ ପାଖରେ ବଡ଼ ଥିଲା । ବାଟରେ ଅପ୍ରତ୍ୟାଶିତ ଭାବେ ସେ ତାଙ୍କର ପ୍ରଥମ ଶିଷ୍ୟଙ୍କୁ ଗ୍ରହଣ କରିଥିଲେ । ସେ ହେଉଛନ୍ତି ହାଥରାସ ନାମକ ଗୋଟିଏ ଛୋଟ ଷ୍ଟେସନର ଷ୍ଟେସନମାଷ୍ଟର ଶ୍ରୀ ଶରତ ଚନ୍ଦ୍ର ଗୁପ୍ତ । ବିବେକାନନ୍ଦଙ୍କର ପ୍ରଥମ ଶିଷ୍ୟ ହେଲା ପରି ଯୋଗ୍ୟ ମଣିଷଟିଏ । ଶ୍ରୀ ଗୁପ୍ତଙ୍କର ସନ୍ନ୍ୟାସୀ ନାମ ହେଉଛି ସ୍ୱାମୀ ସଦାନନ୍ଦ । ବିବେକାନନ୍ଦ ସଦାନନ୍ଦଙ୍କ ସହିତ ଦିନ ଦିନ ଭୋକ ଉପାସରେ କଟାଇ ଦରିଦ୍ର ଲୋକଙ୍କର ଦୁଃଖକୁ ଅଙ୍ଗେ ନିଭାଇ ଥିଲେ । ଶରୀର ଉପରେ କ୍ରମାଗତ ଅତ୍ୟାଚାର ଫଳରେ ଗୁରୁଶିଷ୍ୟ ଦୁହେଁ ବେମାର ପଡ଼ିଲେ ଓ ବରାହନଗରକୁ ଫେରିଆସିଲେ ।

ଦୁଇବର୍ଷ ପରେ ବିବେକାନନ୍ଦ ଦ୍ୱିତୀୟବାର ଭ୍ରମଣରେ ବାହାରିଲେ । ଏଥର ଆଲାହାବାଦ ଓ ଗାଜୀପୁର ଦେଇ ହରଦ୍ୱାର ଗଲେ । ଗାଜୀପୁରରେ ସିଦ୍ଧଯୋଗୀ ପାଓହାରୀ ବାବାଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ପାଓହାରୀ ବାବାଙ୍କର ସିଦ୍ଧି ଓ ବ୍ୟକ୍ତିତ୍ୱ ଦ୍ୱାରା ଆକୃଷ୍ଟ ହୋଇ ସେହି ମଠରେ ତପସ୍ୟାରତ ରହିବାକୁ ବିବେକାନନ୍ଦଙ୍କର ବିଶେଷ ଇଚ୍ଛା ଜାତ ହୋଇଥିଲା । କିନ୍ତୁ ସେ ଯେତେଥର ପାଓହାରୀ ବାବାଙ୍କର ଶିଷ୍ୟତ୍ୱ ଗ୍ରହଣ କରିବାକୁ ମନ ଭିତରେ ସ୍ଥିର କରିଛନ୍ତି, ସେତେଥର ରାତିରେ କେହି ଜଣେ ଆସି ତାଙ୍କୁ ବାରଣ କରିଛି । ଏଥର ମଧ୍ୟ ବିବେକାନନ୍ଦ କେତେ ମାସ ପରେ ବରାହନଗର ମଠକୁ ଫେରି ଆସିଲେ ।

କିନ୍ତୁ ବେଶିଦିନ ସେ ମଠରେ ଥୟ ହୋଇ ରହିପାରିଲେ ନାହିଁ । ତାଙ୍କ ଭିତରେ ପ୍ରଚଣ୍ଡ ଶକ୍ତି ନିଗମପଥ ନ ପାଇ ସର୍ବଦା ବିବେକାନନ୍ଦଙ୍କୁ ଅସ୍ଥିର କଲା । ଦୁଇଥର ଭ୍ରମଣ ଅଭିଜ୍ଞତାରୁ ସମାଜରେ ଯେତିକି ଆବର୍ଜନା କୁଢ଼ କୁଢ଼ ହୋଇ ଜମିଥିବାର ଦେଖିଥିଲେ ସେ ସବୁକୁ ଦୂର କରିବାର ବ୍ୟାକୁଳତା ତାଙ୍କୁ ଶାନ୍ତିରେ ରଖାଇ ଦେଲାନାହିଁ । କିଛି ବାଟ ନ ପାଇବାର କ୍ରୋଧରେ ବିବେକାନନ୍ଦ ଝଡ଼ ପରି ତୃତୀୟଥର ପାଇଁ ମଠ ପରିତ୍ୟାଗ କଲେ । ଶୂନ୍ୟ ହସ୍ତରେ ଏପରିକି ବିବେକାନନ୍ଦ ବା ଅନ୍ୟ କୌଣସି ନାମ ପର୍ଯ୍ୟନ୍ତ ଗ୍ରହଣ ନ କରି ସେ ଉଦ୍ଦେଶ୍ୟହୀନ ଭାବେ ବାହାରିଗଲେ । ପାଦରେ ଚାଲି ଚାଲି ଦେଶସାରା ବୁଲିଲେ । ତାଙ୍କର ଅନ୍ତର୍ବୋଧ ବାରି ପାରିଥିଲା ଯେ କର୍ମପନ୍ଥା ସ୍ଥିର କରିବା ପାଇଁ ତାଙ୍କୁ ଦେଶଟାକୁ ଭଲଭାବେ ଚିହ୍ନି ନେବାକୁ ପଡ଼ିବ । ସେନାପତି ଯୁଦ୍ଧକ୍ଷେତ୍ରକୁ ପରଖି ନେଲା ପରି ବିବେକାନନ୍ଦ ଏ ବିଶାଳ ଦେଶର ପ୍ରତିକୋଣକୁ ଖେଦି ଯାଇଥିଲେ । ଅବଶ୍ୟ ସେନାପତି ରୂପରେ ନୁହେଁ, ସନ୍ନ୍ୟାସୀ ରୂପରେ । ସନ୍ନ୍ୟାସୀ ରୂପ ଭିତରୁ ସେନାପତି କିନ୍ତୁ ଧରାପଡ଼ି ଯାଉଥିଲା । ଏଇ ଅନାମଧେୟ ସନ୍ନ୍ୟାସୀଙ୍କର ତେଜରେ ବିସ୍ମିତ ହୋଇ ରାଜା ମହାରାଜାମାନେ ତାଙ୍କୁ ଦିନକ ପାଇଁ

ଅତିଥି ଭାବେ ପାଇ ଆପଣାକୁ କୃତାର୍ଥ ମଣୁଥିଲେ । ତେବେ ରାଜା ମହାରାଜାଙ୍କ ଅପେକ୍ଷା ସମାଜର ତଳିଆ ଲୋକ, ଦୀନ ଦରିଦ୍ରଙ୍କ ଆତିଥ୍ୟ ଗ୍ରହଣ କରି ସେମାନଙ୍କ ସୁଖ ଦୁଃଖରେ ଭାଗୀଦାର ହେବାକୁ ବିବେକାନନ୍ଦ ଭଲ ପାଉଥିଲେ । ଧନୀ, ଦରିଦ୍ର, ଉଚ୍ଚଜାତି ଓ ନୀଚଜାତି ଭେଦ ଭୁଲି ସମାଜର ସବୁ ଶ୍ରେଣୀର ଲୋକଙ୍କର ଘନିଷ୍ଠ ସଂସ୍ପର୍ଶରେ ଆସି ମଣିଷ ପ୍ରତି ତାଙ୍କର ଶ୍ରଦ୍ଧା ଓ କରୁଣା ଗଭୀରତର ହେଲା । ଭୋକିଲା ଲୋକଙ୍କର ଦୁଃଖ ନିଜ ଆଖିରେ ଦେଖି ତାଙ୍କର ହୃଦୟ ବିଗଳିତ ହେଲା । ଥରେ ସ୍ୱାମୀଜୀ ଗୋଟିଏ ଆଦିବାସୀ ବସ୍ତିରେ ସାନ୍ତାଳଙ୍କର ଅତିଥି ହୋଇଥାଆନ୍ତି । ଲକ୍ଷ୍ୟ କଲେ, ଦିନକୁ ମୁଠାଏ ଭାତ ପାଉନଥିବା, ଗଛର ପତ୍ର ଚେର ଖାଇ ଭୋକ ମାରୁଥିବା ସାନ୍ତାଳମାନେ ଶ୍ରଦ୍ଧା ଓ ଭକ୍ତିରେ ତାଙ୍କର ଖାଇବା ପିଇବା ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି । ଏହାଦେଖି ବିବେକାନନନ୍ଦଙ୍କର ହୃଦୟ ହାହାକାର କରିଉଠିଲା । ଦୁଃଖରେ, କ୍ରୋଧରେ ସରଳ ଲୋକଗୁଡ଼ିକଙ୍କ ପାଇଁ କିଛି କରି ନ ପାରିବାର ଅକ୍ଷମତାରେ ଭାଙ୍ଗିପଡ଼ି ବିବେକାନନ୍ଦ ଜଙ୍ଗଲ ଭିତରକୁ ପଶି ଚାଲିଲେ । ଉଦ୍ଦେଶ୍ୟ, ବାଘର ଆହାର ହେବା । ବାଘ ସହିତ ସତକୁ ସତ ଭେଟ ହୋଇଥିଲା । ବାଘ ତାଙ୍କୁ ଦେଖି ସାରି ତା' ବାଟରେ ଗଲା ।

ମଣିଷ ପ୍ରତି ଉଦାର ଓ ସହନଶୀଳ ଦୃଷ୍ଟିକୋଣ ଗଢ଼ିବାରେ ପରିବ୍ରାଜକ ସନ୍ନ୍ୟାସୀଙ୍କର ଏହିପରି ଅସାଧାରଣ ଅଭିଜ୍ଞତାମାନ ସାହାଯ୍ୟ କରିଥିଲା । ଉଚ୍ଚ ଆଦର୍ଶ ଓ ଶୁଦ୍ଧପୂତ ଜୀବନରୁ ସ୍ଖଳନକୁ ନରେନ୍ ସହ୍ୟ କରିପାରୁନଥିଲେ, କିନ୍ତୁ ମଣିଷକୁ ଦେଖିଲା ପରେ ସେ ସମ୍ବେଦନଶୀଳ ଓ ଉଦାର ହେଲେ । ରାଜପୁତନାରେ ବିବେକାନନ୍ଦ କ୍ଷେତରୀ ମହାରାଜାଙ୍କର ଆତିଥ୍ୟ ଗ୍ରହଣ କରିଥାନ୍ତି । ତାଙ୍କୁ ସମ୍ବର୍ଦ୍ଧନା ଜଣାଇବାକୁ ଗୋଟିଏ ଉତ୍ସବର ଆୟୋଜନ ହୋଇଥାଏ । ସେଇ ଉତ୍ସବରେ ଜଣେ ବାଈଜୀ ଗୀତ ଗାଇବାକୁ ପ୍ରସ୍ତୁତ ହେଉଛନ୍ତି ଦେଖି ବିବେକାନନ୍ଦ ରାଗିଯାଇ ଉଠିଯିବାକୁ ବସିଲେ । ସନ୍ନ୍ୟାସୀଙ୍କର ମନୋଭାବ ବାଈଜୀଙ୍କୁ ଅଛପା ରହିଲା ନାହିଁ । ସେ ମୀରା ଭଜନରୁ ସ୍ୱର ଧରିଲେ,

ପ୍ରଭୁ ମେରା ଅବଗୁଣ ଚିତ ନ ଧରୋ,
ସମଦରଶୀ ହୈ ନାମ ତୁମହାରା,
ଚାହେ ତୋ ପାର କରୋ ।

ମଧୁର, ଆବେଗପୂର୍ଣ୍ଣ କଣ୍ଠରେ ବାଈଜୀର ଏ ସଙ୍ଗୀତ ବିବେକାନନ୍ଦଙ୍କ ଉପରେ ଗଭୀର ରେଖାପାତ କରିଥିଲା । ଏଇ ଘଟଣାଟି ତାଙ୍କ ଭିତରେ ଏକ ବଡ଼ ପରିବର୍ତ୍ତନର ସୂତ୍ରପାତ କରିଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ସ୍ୱାମୀଜୀ ତାଙ୍କର ଶିଷ୍ୟମାନଙ୍କୁ ଏକାଧିକବାର ଉକ୍ତ ବାଈଜୀଙ୍କ ପ୍ରସଙ୍ଗ କହିଛନ୍ତି । ଘଟଣାଟି ଘଟିବାର ଅନେକ ବର୍ଷ ପରେ ଭଗିନୀ ନିବେଦିତା ନୈନୀତାଲ୍‌ରେ ସ୍ୱାମୀଜୀଙ୍କ ଠାରୁ ପ୍ରଥମ କରି ଏହା ଶୁଣିବାକୁ ପାଇଥିଲେ । ବିବେକାନନ୍ଦ କେତେକ ଗୁରୁଭ୍ରାତା ଓ ଶିଷ୍ୟଙ୍କ ସହିତ ନୈନୀତାଲ୍ ଯାଇଥାଆନ୍ତି । ନୈନୀ ସରୋବର ନିକଟରେ ଦୁଇଜଣ ରମଣୀ ନିବେଦିତା ଓ ତାଙ୍କର ସହଯାତ୍ରୀଙ୍କୁ ଭେଟି ଆଳାପ କରୁଥିଲେ । ଜଣାପଡ଼ିଲା ଯେ ରମଣୀ ଦୁହେଁ ବାଈଜୀ । ସ୍ୱାମୀଜୀଙ୍କୁ ଘେରିଥିବା ଲୋକେ ଭାବିଥିଲେ ଯେ ଏକଥା ଜାଣିଲା ପରେ ସ୍ୱାମୀଜୀ ଦୁହିଁଙ୍କୁ ତଡ଼ିଦେବେ । ମାତ୍ର ସେ ସେମାନଙ୍କୁ ତଡ଼ିବାକୁ ଅସ୍ୱୀକାର କରିବାରୁ ଉପସ୍ଥିତ ଜନତା ମଧ୍ୟରେ ଗୋଟାଏ ଆଲୋଡ଼ନ ଖେଳିଗଲା । ସେହିଦିନ ସ୍ୱାମୀଜୀ ନିବେଦିତାଙ୍କୁ କ୍ଷେତରୀର ବାଈଜୀଙ୍କ କଥା କହିଥିଲେ ।

ଦକ୍ଷିଣେଶ୍ୱରରେ ଓ ପରେ ବରାହନଗରରେ ଗୁରୁଭାଇମାନେ ନରେନ୍‌ଙ୍କୁ ଭଲଭାବେ ଚିହ୍ନିଥିଲେ । କିନ୍ତୁ ବିବେକାନନ୍ଦଙ୍କ ସହିତ ସେମାନଙ୍କର ପରିଚୟ ନଥିଲା । ବରାହନଗର ଛାଡ଼ିବା ପରେ ସେମାନଙ୍କ ସହିତ ନରେନ୍‌ଙ୍କର ଆଉ ସାକ୍ଷାତ ହୋଇନଥିଲା । ନରେନ୍ ବିବେକାନନ୍ଦ ହୋଇ ଚିକାଗୋ ଚାଲିଗଲେ ।

ବିଭିନ୍ନ ପ୍ରକାର ଲୋକଙ୍କ ସହିତ ମିଶିବା ଫଳରେ ବିବେକାନନ୍ଦ ଯେଉଁ ଜ୍ଞାନ ଓ ଅଭିଜ୍ଞତା ଅର୍ଜନ କରିଥିଲେ, ତାହା ତାଙ୍କୁ କୌଣସି ଶାସ୍ତ୍ରପୁରାଣ ଦେଇ ପାରିନଥାନ୍ତା । ଅଧ୍ୟୟନରୁ ଅର୍ଜିତ ଜ୍ଞାନ ଅଭିଜ୍ଞତା ଓ ଜୀବନର ନିବିଡ଼ ଅନୁଭୂତିରୁ ଜୀବନନ୍ୟାସ ପାଇ କ୍ରିୟାଶୀଳ ହୁଏ । ପୁଣି ପରିବ୍ରାଜକ ସନ୍ନ୍ୟାସୀ ଭାବେ ବିବେକାନନ୍ଦ ଜ୍ଞାନାର୍ଜନରେ କମ୍ ସୁଯୋଗ ପାଇ ନାହାନ୍ତି । ଦେଶରେ ଯେଉଁଠି ଜ୍ଞାନୀ ପଣ୍ଡିତଙ୍କୁ ଦେଖିଛନ୍ତି, ସେଠି କିଛିଦିନ ରହି ସେମାନଙ୍କ ଠାରୁ ଜ୍ଞାନ ଆହରଣ କରିବାକୁ ଚେଷ୍ଟା କରିଛନ୍ତି । ସେମାନଙ୍କ ସହିତ ଦେଶର ଐତିହ୍ୟ ଓ ଶାସ୍ତ୍ରପୁରାଣ ଚର୍ଚ୍ଚା କରିଛନ୍ତି ।

ସାରା ଦେଶରେ ଦି' ଓଳି ଦି' ମୁଠା ଖାଇବାକୁ ପାଉ ନଥିବା ଅଗଣିତ ମଣିଷଙ୍କୁ ଦେଖି ବିବେକାନନ୍ଦ ଗୋଟିଏ ନୂତନ ଜ୍ଞାନ ପାଇଲେ । ତାହା ହେଉଛି, 'ଭୋକିଲା ପେଟରେ ଧର୍ମ ଅନାବଶ୍ୟକ' । ଉକ୍ତିଟି ମାର୍କସ ବା ତାଙ୍କର ଅନୁଗାମୀଙ୍କର ବୋଲି ଅନୁମାନ କରିନେବା ସ୍ୱାଭାବିକ । କିନ୍ତୁ ଏ ପଦଟି ନରେନ୍ ରାମକୃଷ୍ଣଙ୍କ ଠାରୁ ଶୁଣିଥିଲେ । ଦେଶର ଅନ୍ଧିକନ୍ଧି ବୁଲି ଏହାର ସତ୍ୟତାକୁ ମର୍ମେ ମର୍ମେ ଅନୁଭବ କଲେ । ସେ ଠିକ୍ କଲେ, ଦରିଦ୍ରନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ । ଦେଶସାରା ଦାରିଦ୍ର୍ୟର ନିରଙ୍କୁଶ ରାଜତ୍ୱ ଦେଖି ବିବେକାନନ୍ଦ ଆପଣାକୁ ଓ ସନ୍ନ୍ୟାସୀକୁ ଧିକ୍କାର କରି ଭାବୁଥିଲେ "ବୁଭୁକ୍ଷୁ ଜନତା ପାଇଁ ଆମେ ସନ୍ନ୍ୟାସୀଗଣ କ'ଣ କରିଛୁ ?'' ଜୟ ପରାଜୟ ଉର୍ଦ୍ଧ୍ୱକୁ ଉଠିଥିବା ଅନାସକ୍ତ ସନ୍ନ୍ୟାସୀ ବ୍ୟତୀତ ଆଉ କିଏ ପ୍ରବଳ ପ୍ରତାପୀ ଓ ଅଜେୟ ଦାରିଦ୍ର୍ୟ ଦାନବ ବିରୋଧରେ ଖଡ଼୍ଗ ଉତ୍ତୋଳନ କରିପାରେ ? ଯୁଗ ଯୁଗ ଧରି ସିଂହାସନରେ ଅଧିଷ୍ଠିତ ପ୍ରତାପୀ ସମ୍ରାଟଙ୍କ ବିରୋଧରେ ସଂଗ୍ରାମର ଫଳାଫଳକୁ ନିଜର ଶୌର୍ଯ୍ୟବୀର୍ଯ୍ୟ ଦ୍ୱାରା ନ ମାପି ସୁପ୍ତ ଜାତିର ଶକ୍ତି କଳିଥିବା ଦିବ୍ୟଦ୍ରଷ୍ଟା ସନ୍ନ୍ୟାସୀ ବ୍ୟତୀତ ଆଉ କିଏ ରଣଦୁନ୍ଦୁଭି ବଜାଇ ଯୁଦ୍ଧର ଡାକରା ଦେଇପାରେ ? ଏ ଦାନବ ପାଇଁ ଦଧିଚିଙ୍କ ପରି ଜଣେ ମହର୍ଷିଙ୍କ ଅସ୍ଥିରେ ନିର୍ମିତ ଅମୋଘ ଅସ୍ତ୍ର ମଧ୍ୟ ଯଥେଷ୍ଟ ନୁହେଁ । ମଣିଷଙ୍କର ଦୀର୍ଘଶ୍ୱାସ ଓ ଅଶ୍ରୁରୁ ଶତ୍ରୁ ସଂହାର ଅସ୍ତ୍ର ନିର୍ମାଣର ମନ୍ତ୍ର ଜାଣିଥିବା ତରୁଣ ସନ୍ନ୍ୟାସୀ ପ୍ରତିଟି ଆର୍ତ୍ତନାଦ ଓ ପ୍ରତିବୁନ୍ଦା ଅଶ୍ରୁକୁ ସଂଗ୍ରହ କରି ତାଙ୍କ ବିଶାଳ ହୃଦୟରେ ସଞ୍ଚି ରଖିବା ପାଇଁ ଆକୁମାରୀହିମାଚଳ ପଦବ୍ରଜରେ ବୁଲିଥିଲେ ।

ଯାତ୍ରା ଆରମ୍ଭ ହୋଇଥିଲା ବରାହନଗରରୁ । କେଉଁଠି ଯାଇ ରାଜପୁତନା, ଜୟପୁର, ଆଜମୀର । ସେଠାରୁ ପୁଣି ଜୁନାଗଡ଼, ପୋରବନ୍ଦର, ଦ୍ୱାରକା, ବମ୍ବେ, ପୁନା । ଶେଷରେ ବିବେକାନନ୍ଦ ଦକ୍ଷିଣରେ ପହଞ୍ଚିଥିଲେ । ସାରା ଦେଶରେ ଏହି ଅଚିହ୍ନା ସନ୍ନ୍ୟାସୀ ଅନେକ ଗୁଣମୁଗ୍ଧ ବନ୍ଧୁ, ସହକର୍ମୀ ଓ ଅନୁଗତ ଶିଷ୍ୟ ସୃଷ୍ଟି କରିଥିଲେ ମଧ୍ୟ ମାଡ୍ରାସରେ ତାଙ୍କର ପ୍ରଭାବ ବିଶେଷ ଭାବେ ଅନୁଭୂତ ହୋଇଥିଲା । ଯୁଦ୍ଧ ଘୋଷଣା କରିବା ପୂର୍ବରୁ ଛତ୍ରପତି ସନ୍ନ୍ୟାସୀ ବେଶରେ ତାଙ୍କର ଯୋଦ୍ଧାମାନଙ୍କୁ ଠାବ କରିଗଲେ । ଧନୀ ରାଜା ମହାରାଜା ବଡ଼ ବଡ଼ ପଣ୍ଡିତମାନଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ମଧ୍ୟରେ ଥିବା ଅନୁରକ୍ତ ସୈନିକମାନେ ଏହି ଛଦ୍ମବେଶୀ ଛତ୍ରପତିଙ୍କଠାରୁ କି ଏକ ରହସ୍ୟମୟ ଇସାରା ପାଇ ଆଦେଶକୁ ଅପେକ୍ଷା କରି ରହିଲେ ।

ଧନୀ, ଦରିଦ୍ର, ମୂର୍ଖ, ପଣ୍ଡିତ, ନିର୍ବିଶେଷରେ ଏତେ ଲୋକ ଜଣେ ନିଃସ୍ୱ ସନ୍ନ୍ୟାସୀ ପ୍ରତି ଆକୃଷ୍ଟ ହୋଇଥିଲେ କାହିଁକି ? କିଛି ହଟଚମକ ବିଦ୍ୟା ଦେଖି ନୁହେଁ କିମ୍ବା 'ମୋ ଶିଷ୍ୟ ହେଲେ ବା ମୋତେ ପୂଜା କଲେ ଆଉ ଗୋଟାଏ ବଡ଼ ରାଜ୍ୟ ମିଳିବ, ବଡ଼ ଚାକିରି ମିଳିବ'- ଏପରି ପ୍ରତିଶ୍ରୁତି ପାଇ ନୁହେଁ । କ'ଣ ପାଇଁ, କି ଶକ୍ତି ଦେଖି

ତାଙ୍କ ସଂସ୍ପର୍ଶରେ ଆସୁଥିବା ଲୋକଙ୍କର ବଞ୍ଚିବାର ଢଙ୍ଗ ବଦଳି ଯାଉଥିଲା ? କିଛି ପାଇବା ପରିବର୍ତ୍ତେ ଦେବା ପାଇଁ ସେମାନେ ଆଗଭର ହେଉଥିଲେ ? ସ୍ୱାମୀ ଶୁଦ୍ଧାନନ୍ଦ ବର୍ଣ୍ଣନା କରିଥିବା ଗୋଟିଏ ଘଟଣା ଏପରି ପ୍ରଶ୍ନର ଯଥାର୍ଥ ଉତ୍ତର ଦେଇପାରିବ । ଦିନେ ସ୍ୱାମୀ ଶୁଦ୍ଧାନନ୍ଦ ଦେଖିଲେ, କେତେଜଣ ଗୁଜୁରାଟୀ ପଣ୍ଡିତ ସ୍ୱାମୀଜୀଙ୍କ (ସେ ଆମେରିକାରୁ ଫେରିବା ପରର ଘଟଣା) ସହିତ ସଂସ୍କୃତ ଭାଷାରେ ଅନର୍ଗଳ ଧର୍ମ ବିଷୟକ ଆଲୋଚନା କରୁଛନ୍ତି । କିଛି ସମୟ ପରେ ଆଲୋଚନା ଚାଲିଥିବା ଘରୁ ଗୋଟାଏ ଗୋଳମାଳ ଶୁଭିଲା । ଘଟଣା ଅନୁସନ୍ଧାନ କରି ଶୁଦ୍ଧାନନ୍ଦ ବୁଝିଲେ, ସ୍ୱାମୀଜୀ ସଂସ୍କୃତ ଭାଷାରେ କଥା କହୁ କହୁ ଗୋଟାଏ ବ୍ୟାକରଣଗତ ଭୁଲ କରି ପକାଇଛନ୍ତି । ସେହି କାରଣରୁ ପଣ୍ଡିତଗଣ ଜ୍ଞାନ- ଭକ୍ତି-ବୈରାଗ୍ୟ ବିଷୟକ ଚର୍ଚ୍ଚା ଛାଡ଼ିଦେଇ ବିଜୟ ଉଲ୍ଲାସରେ 'ଆମେ ସ୍ୱାମୀଜୀଙ୍କୁ ହରାଇ ଦେଲୁ' କହି ହଲ୍ଲା କରୁଛନ୍ତି । ଦୃଶ୍ୟଟି ଦେଖି ଶୁଦ୍ଧାନନ୍ଦଙ୍କର ଠାକୁର କହୁଥିବା ଗୋଟିଏ କଥା ମନେପଡ଼ିଲା । 'ଚିଲ, ଶାଗୁଣା ଖୁବ୍ ଉଚ୍ଚରେ ଉଡ଼ନ୍ତି, କିନ୍ତୁ ସେମାନଙ୍କର ଦୃଷ୍ଟି ଥାଏ ତଳେ ଗୋରୁ ମଢ଼ ଉପରେ' । ପଣ୍ଡିତଗଣ କୌଣସି ଉଚ୍ଚ ଭାବ ବା ଗହନ ତତ୍ତ୍ୱ କଥା ଚର୍ଚ୍ଚା କରିବାକୁ ଆସି ନଥିଲେ । ଆସିବାର ଉଦ୍ଦେଶ୍ୟ ଥିଲା, ସ୍ୱାମୀଜୀଙ୍କୁ ଶାସ୍ତ୍ର ଆଲୋଚନାରେ ପରାସ୍ତ କରିବା ।

ସେ କଥା ଜାଣିଲା ପରେ ସ୍ୱାମୀଜୀ ଅପ୍ରତିଭ ନ ହୋଇ ଅପରାଧ ପାଇଁ କ୍ଷମା ମାଗିଲେ ।

ପଣ୍ଡିତଙ୍କର ତ ଉଦ୍ଦେଶ୍ୟ ପୂରଣ ହୋଇଯିବାରୁ ଆଲୋଚନା ସରିଲା । ସେମାନେ ଧୁଆଁଧୁଳ ହେବାକୁ ଗଙ୍ଗା କୂଳକୁ ଗଲେ । ଏହି ପଣ୍ଡିତମାନେ ନିଶ୍ଚିତଭାବେ ବିବେକାନନ୍ଦଙ୍କ ପ୍ରେମରେ ପଡ଼ିଥିବା ମଣିଷ ନୁହନ୍ତି । ସେଇଥିପାଇଁ ସ୍ୱାମୀଜୀଙ୍କ ସମ୍ପର୍କରେ ସେମାନଙ୍କର ମନ୍ତବ୍ୟର ମୂଲ୍ୟ ସ୍ୱତନ୍ତ୍ର । ଶୁଦ୍ଧାନନ୍ଦ ଶୁଣିଲେ, ଗଙ୍ଗାକୂଳକୁ ଯିବା ବାଟରେ ସେମାନେ କୁହାକୁହି ହେଉଛନ୍ତି, 'ସ୍ୱାମୀଜୀ ତାଦୃଶ ପଣ୍ଡିତ ନୁହନ୍ତି, ତେବେ ଏହାଙ୍କ ଚକ୍ଷୁରେ ଏକ ମୋହିନୀ ଶକ୍ତି ଅଛି । ସେହି ଶକ୍ତି ବଳରେ ସେ ଦିଗ୍‌ବିଜୟ କରିଛନ୍ତି ।' ପଣ୍ଡିତମାନେ କିଛି ଭୁଲ କହି ନାହାନ୍ତି । ସେମାନେ ସ୍ୱାମୀଜୀଙ୍କର ଶକ୍ତିର ଉତ୍ସକୁ ଠିକ୍ ବାରିଥିଲେ । ଶତ୍ରୁ ମିତ୍ର କେହି ହେଲେ ସେହି 'ମୋହିନୀ ଶକ୍ତି' ଠାରୁ ଖସିଯିବା ସମ୍ଭବ ନୁହେଁ । ସ୍ୱାମୀଜୀଙ୍କର ପାଣ୍ଡିତ୍ୟ ବିଷୟରେ ପଣ୍ଡିତମାନଙ୍କର ମନ୍ତବ୍ୟ ସମ୍ପର୍କରେ କିଛି ମନ୍ତବ୍ୟ ନ କରିବା ହୁଏତ ଉଚିତ, କିନ୍ତୁ ଏ ଦେଶରେ ଗୋଟିଏ ବ୍ୟାକରଣଗତ ତ୍ରୁଟି ବା ଭୁଲ ଶବ୍ଦ ପ୍ରୟୋଗରୁ ପାଣ୍ଡିତ୍ୟ କଳନା କରିବାର ପରମ୍ପରା ତଥାପି ବଞ୍ଚିଥିବାରୁ ପଦେ କହିବାକୁ ପଡୁଛି । ବିବେକାନନ୍ଦଙ୍କ ଜ୍ଞାନ ଓ ପାଣ୍ଡିତ୍ୟର ପଟାନ୍ତର ନାହିଁ । ଭାବ ପାଇବାର ବ୍ୟାକୁଳତା ନଥିବା, ଶବ୍ଦ ତର୍ଜମାର କସରତ୍‌ରେ ମାତିଥିବା ଶାସ୍ତ୍ରଘୋଷ ପଣ୍ଡିତଗଣ ବହୁ ଯୁଗ ଧରି ବେଦ ବେଦାନ୍ତ ଓ ମହାନ୍ ଧର୍ମଶାସ୍ତ୍ର ଉପରେ ଯେତେ ଆବର୍ଜନା କୁଢ଼ାଇଥିଲେ, ସେ ସବୁକୁ ଦୂର କରିବାରେ ଥିଲା ବିବେକାନନ୍ଦଙ୍କର ଐତିହାସିକ ଭୂମିକା ।

ସେ ଯାହା ହେଉ, ଚୁମ୍ବକ ଲୁହାକୁ ତା ଆଡ଼କୁ ଟାଣି ନେଲା ପରି ଲୋକଙ୍କୁ ଧର୍ମ ଓ ତ୍ୟାଗ ମାର୍ଗରେ ମୁହାଁଇ ଦେବା ଥିଲା ତାଙ୍କର ଅସଲ ଶକ୍ତି । ବିବେକାନନ୍ଦ ବାରମ୍ବାର କହିଛନ୍ତି, ମଣିଷକୁ ସ୍ପର୍ଶ ମାତ୍ରକେ ବଦଳେଇ ଦେବାର ଶକ୍ତି ଖ୍ରୀଷ୍ଟ, ବୁଦ୍ଧ ଓ ଶ୍ରୀରାମକୃଷ୍ଣଙ୍କ ପରି ଅବତାରଙ୍କର ଥିଲା । ମଣିଷ ଉପରେ ନିର୍ଦ୍ଦିଷ୍ଟ ପ୍ରଭାବ ପକାଇବାର ଶକ୍ତି ହାସଲ କରିବାକୁ ପଣ କରି ବିବେକାନନ୍ଦ ବରାହନଗର ତ୍ୟାଗ କରିଥିଲେ । ଯିବାବେଳେ ଗୁରୁଭାଇମାନଙ୍କୁ କହିଥିଲେ, 'ଯେତେଦିନ ସ୍ପର୍ଶ ମାତ୍ରକେ ଅପରର ଜୀବନ ପରିବର୍ତ୍ତିତ କରିବା ପରି ଶକ୍ତି ଅର୍ଜନ କରି ନପାରିବି,

ସେତେଦିନ ଯାଏ ଫେରିବି ନାହିଁ ।' ବରାହନଗର ଛାଡ଼ିଲା ପରେ କାଶୀରେ କିଛିଦିନ ଜଣେ ଭକ୍ତଙ୍କ ଘରେ ଅବସ୍ଥାନ କରିଥିଲେ । ତାଙ୍କଠାରୁ ବିଦାୟ ନେବା ସମୟରେ କହିଥିଲେ, 'ମୁଁ ଯାଉଛି, ଯେତେଦିନ ଏହି ଗଳିତ ସମାଜ ଉପରେ ମୁଁ ବୋମା ପରି ଫାଟି ନପଡିଛି ଏବଂ ସମାଜ ମୋତେ କୁକୁର ପରି ଅନୁସରଣ ନ କରିଛି, ସେତେଦିନ ଯାଏ ମୁଁ ଆଉ ଫେରିବି ନାହିଁ। ଏଠି ସମାଜ ସହିତ କୁକୁରକୁ ଯୋଡ଼ିବା ଦ୍ୱାରା କୌଣସି ପ୍ରକାର ତାଚ୍ଛଲ୍ୟ ପ୍ରକାଶ ପାଉନାହିଁ । ଅନୁସରଣ କରିବାରେ କୁକୁର ଯେ ଆଦର୍ଶ, ସେହି କଥାଟି କେବଳ ବ୍ୟକ୍ତ ହେଉଛି ଏବଂ ତତ୍‌କାଳୀନ ସମାଜର ଅବାଧ ତାମସିକତା ପ୍ରତି ମଧ୍ୟ କିଛି କ୍ରୋଧ ପ୍ରକାଶ ପାଉଛି ।

ପ୍ରତିଜ୍ଞା ସାର୍ଥକ ବିବେକାନନ୍ଦ ସତରେ ଆଉ ବରାହନଗର ଫେରି ନଥିଲେ । ସାରା ଭାରତ ପରିଭ୍ରମଣ କରିସାରିଲା ପରେ ମଧ୍ୟ । କାରଣ ବୋମା ପରି ଫାଟି ପଡ଼ିବାର ଶକ୍ତି ଅର୍ଜନ ପାଇଁ ସାତ ସମୁଦ୍ର ଡେଇଁ ଯିବା ବାକି ଥିଲା ।

ମଣିଷଙ୍କୁ ନ ବଦଳେଇ ପୁରୁଣା ସମାଜକୁ ଭାଙ୍ଗି ହେବ ନାହିଁ । ସମାଜକୁ ନୂଆକରି ଗଢ଼ିବା ସମ୍ଭବ ହେବନାହିଁ । ସେଥିପାଇଁ ବିବେକାନନ୍ଦ ଧନୀ-ଦରିଦ୍ର, ନିର୍ବିଶେଷରେ ସମସ୍ତଙ୍କ ହୃଦୟରେ ସେବାର ମହିମା ଜାଗ୍ରତ କରିବା ପାଇଁ ଯତ୍ନ କରିଥିଲେ । ଥରେ ଶୁଦ୍ଧାନନ୍ଦ ସ୍ୱାମୀଜୀଙ୍କୁ ପଚାରିଥିଲେ, ସନ୍ନ୍ୟାସୀ ହୋଇ ସେ ରାଜାରାଜୁଡ଼ାଙ୍କ ସହିତ ସମ୍ପର୍କ ରଖନ୍ତି କାହିଁକି ? ସ୍ୱାମୀଜୀ ଉତ୍ତର ଦେଇଥିଲେ, 'ହଜାର ହଜାର ଦରିଦ୍ର ଲୋକଙ୍କୁ ଉପଦେଶ ଦେଇ ଓ ସତ୍‌କର୍ମ ପ୍ରତି ଆକୃଷ୍ଟ କରାଇ ଯେ ଫଳ ହେବ, ଜଣେ ମାତ୍ର ରାଜାଙ୍କୁ ସେହି ଦିଗରେ ନେଇପାରିଲେ କେତେ ଅଧିକ ଫଳ ହେବ ଥରେ ଚିନ୍ତାକର । ଗରିବ ପ୍ରଜାର ଇଚ୍ଛା ହେଲେ ମଧ୍ୟ ସତ୍‌କାର୍ଯ୍ୟ କରିବାର କ୍ଷମତା କାହିଁ ? କିନ୍ତୁ ରାଜାଙ୍କ ହାତରେ ହଜାର ହଜାର ପ୍ରଜାଙ୍କର ମଙ୍ଗଳ ବିଧାନର କ୍ଷମତା ରହିଛି । କେବଳ ସେପରି କରିବାର ଇଚ୍ଛା ନାହିଁ । ସେହି ଇଚ୍ଛା ଯଦି କୌଣସି ପ୍ରକାର ତାଙ୍କ ମନରେ ଥରେ ଜଗାଇ ଦେଇପାରେ, ତେବେ ତାଙ୍କର ତଥା ତାଙ୍କ ପ୍ରଜାଙ୍କର ଅବସ୍ଥା ବଦଳିଯିବ ଓ ଜଗତର ଅନେକ କଲ୍ୟାଣ ହେବ ।''

ମହୀଶୂର ମହାରାଜା ସାର୍ ଓ୍ୟାଦିଆର୍ ବାହାଦୂର ସ୍ୱାମୀଜୀଙ୍କର ଜଣେ ଅନୁରକ୍ତ ଭକ୍ତ । ଥରେ ଆମେରିକାରୁ ତାଙ୍କ ପାଖକୁ ଖଣ୍ଡେ ଚିଠିରେ ସ୍ୱାମୀଜୀ ଲେଖିଥିଲେ, 'ଦୀନ ଦୁଃଖୀଙ୍କର ସେବା କରିବାର କାମନାରେ ଆପଣଙ୍କ ହୃଦୟ ପ୍ରଜ୍ୱଳିତ ହେଉଥାଉ - ଏହାହିଁ ଈଶ୍ୱରଙ୍କ ନିକଟରେ ବିବେକାନନ୍ଦଙ୍କର ପ୍ରାର୍ଥନା ।'

ମହୀଶୂରର ମହାରାଜାଙ୍କ ବ୍ୟତୀତ ରାଜୋୟାରା, କ୍ଷେତରୀ ଓ କୋଲାପୁରର ରାଜା, ଦାକ୍ଷିଣାତ୍ୟର ଆଉ ଅନେକ ରାଜରାଜୁଡ଼ା ବିବେକାନନ୍ଦଙ୍କୁ ବିଶେଷ ଭକ୍ତି କରୁଥିଲେ । ଚିକାଗୋ ଧର୍ମ ମହାସଭାରେ ଯୋଗ ଦେବା ପାଇଁ ତାଙ୍କଠାରୁ ଆବଶ୍ୟକ ଅର୍ଥ ଗ୍ରହଣ କରିବାକୁ ମହୀଶୂର ମହାରାଜା ସ୍ୱାମୀଜୀଙ୍କୁ ଅନୁରୋଧ କରିଥିଲେ । ମାତ୍ର ସେ ତାହା ଗ୍ରହଣ କଲେ ନାହିଁ । ଉତ୍ସାହୀ ଶିଷ୍ୟମାନଙ୍କ ଦ୍ୱାରା ସର୍ବସାଧାରଣଙ୍କଠାରୁ ସଂଗୃହୀତ ଚାନ୍ଦା ତାଙ୍କ ବିଦେଶ ଯାତ୍ରାର ସମ୍ବଳ ହୋଇଥିଲା ।

ମାନ୍ଦ୍ରାସରେ ସ୍ୱାମୀଜୀଙ୍କର ବହୁ ଉତ୍ସାହୀ ଶିଷ୍ୟ ଜୁଟିଥିଲେ । ଚିକାଗୋରେ ଅନୁଷ୍ଠିତ ହେଉଥିବା ଧର୍ମ ମହାସଭାରେ ଯୋଗ ଦେବାପାଇଁ ସେମାନେ ତାଙ୍କୁ ପ୍ରବର୍ତ୍ତାଇଲେ । କିନ୍ତୁ ସେ ପର୍ଯ୍ୟନ୍ତ ସ୍ୱାମୀଜୀ ଭବିଷ୍ୟତ କର୍ମପନ୍ଥା ସ୍ଥିର କରିପାରୁ ନଥାନ୍ତି । ଦକ୍ଷିଣରେ ବିଭିନ୍ନ ତୀର୍ଥ

ଭ୍ରମଣ କରି ସେ ରାମେଶ୍ୱରରେ ପହଞ୍ଚିଲେ । ସେଠାରୁ ଗଲେ କନ୍ୟାକୁମାରୀ । ଭାରତର ଦକ୍ଷିଣ ସୀମାନ୍ତର ପୁଣ୍ୟଭୂମି କନ୍ୟାକୁମାରୀ । ଆଗକୁ ଦିଗନ୍ତ ବିସ୍ତାରୀ ସମୁଦ୍ର । ସାରା ଭାରତବର୍ଷ ବୁଲିବୁଲି କନ୍ୟାକୁମାରୀରେ ପହଞ୍ଚିଲା ବେଳକୁ ବିବେକାନନ୍ଦ କ୍ଳାନ୍ତ । ଏହାପରେ ଆଉ ଯିବେ କୁଆଡ଼େ ? ସମୁଦ୍ରକୂଳର ଅଳ୍ପ ଦୂରରେ ଦକ୍ଷିଣ ଦିଗରେ ଭାରତର ଶେଷ ଭୂଖଣ୍ଡ ରୂପେ ପାହାଡଟିଏ ମୁଣ୍ଡ ଟେକିଛି । ନାଉରିକୁ ପଇସା ଦେବାକୁ ତାଙ୍କ ପାଖରେ କାଣି କଉଡ଼ିଟିଏ ମଧ୍ୟ ନଥିଲା । ସାର୍କ-ସଙ୍କୁଳ ସମୁଦ୍ରକୁ ଭୟ ନ କରି ପହଁରି ପହଁରି ବିବେକାନନ୍ଦ ପାହାଡ଼ ପାଖକୁ ଯାଇଥିଲେ । ଅଦ୍ଭୁତ ସ୍ଥାନ । ଭାରତବର୍ଷର ଶେଷ ପ୍ରସ୍ତର ଖଣ୍ଡ ଉପରେ ଉପବେଶନ କରି ବିବେକାନନ୍ଦ ଦେଖିଥିଲେ, ତାଙ୍କର ଗୋଟିଏ ପଟେ ଦିଗନ୍ତବ୍ୟାପୀ ବିଶାଳ ଭୂଖଣ୍ଡ ପ୍ରିୟ ଜନ୍ମଭୂମି ଓ ଅନ୍ୟପଟେ ଅନନ୍ତ ଜଳରାଶି । ସତେ କି ଜଳ ଓ ସ୍ଥଳକୁ ଦି' ଭାଗ କରି ତାଙ୍କ ଅନ୍ତରର ଦ୍ୱନ୍ଦ୍ୱ ଗୋଟିଏ ଛୋଟ ପାହାଡ଼ ଆକାରରେ ମୁଣ୍ଡ ଟେକିଛି ।

ସେଇଠି ବସି ସେ ଧ୍ୟାନସ୍ଥ ହେଲେ । ଏ ଦେଶର ରକ୍ଷାକର୍ତ୍ତ୍ରୀ, ଭାରତବର୍ଷର ଆତ୍ମାପୁରୁଷ ବା ତାଙ୍କୁ ପୃଥିବୀକୁ ପଠାଇଥିବା ବିଶ୍ୱନିୟନ୍ତା କାହାଠାରୁ କି ନିର୍ଦ୍ଦେଶ ତାଙ୍କ ପାଖକୁ ଆସିଥିଲା ସେ କଥା ରହସ୍ୟମୟ । ତେବେ ସେହି ସ୍ଥାନରେ ବିବେକାନନ୍ଦ ସ୍ଥିର କରିଥିଲେ ଯେ ତାଙ୍କୁ ଦରିଆପାରି ଯିବାକୁ ପଡ଼ିବ ।

ସେହି ସ୍ଥାନ, ଯେଉଁଠୁ ଦିନେ ସତୀ ସୀତାଙ୍କୁ ଠାବ କରିବା ପାଇଁ ମହାବୀର ହନୁମାନ ଏକା ଲମ୍ଫକେ ସମୁଦ୍ର ପାର ହୋଇ ଯାଇଥିଲେ ।

ଯେଉଁଠି ଜଗଜ୍ଜନନୀ କନ୍ୟା ବେଶରେ ଦେବ ଦେବ ମହାଦେବଙ୍କ ପ୍ରତୀକ୍ଷାରେ ଥାଆନ୍ତି, ଭବିଷ୍ୟତ ପାଇଁ ଆଶା ଆକାଂକ୍ଷା ଓ ପ୍ରତିଶ୍ରୁତି ବହନ କରୁଥିବା ସେହି ପବିତ୍ର ପୀଠରେ ବିବେକାନନ୍ଦ ଜଗଦମ୍ବାଙ୍କର ଚରଣ ବନ୍ଦନା କରି ବହୁ ସମ୍ଭାବନାମୟ ବିଦେଶ ଯାତ୍ରାରେ ବାହାରି ଯିବାକୁ ସଙ୍କଳ୍ପବଦ୍ଧ ହୋଇଥିଲେ ।

**ସୂଚନା :**

ଅନଭିଜ୍ଞ - ଅଭିଜ୍ଞତାହୀନ

ଦୃଢ଼ମନା - ସ୍ଥିର ମନ

ଏନ୍ତୁଡ଼ିଶାଳ - ଗାଁ ଗହଳିରେ ପିଲା ଜନ୍ମଗ୍ରହଣ ପ୍ରକୋଷ୍ଠ ।

ନିର୍ବିକଳ୍ପ - ଯାହାର ବିକଳ୍ପ ବା ଅନ୍ୟରୂପ ନାହିଁ । ନିତ୍ୟ ସଂଶୟ ରହିତ / ଅଦ୍ୱିତୀୟ

ମୋଚନାର୍ଥେ - ମୁକ୍ତ କରିବା ପାଇଁ

ଜନତା ଜନାର୍ଦ୍ଦନ - ଲୋକମାନେ ହିଁ ଦେବତା

ପରିବ୍ରାଜକ - ଭ୍ରମଣକାରୀ

ନିଗମପଥ - ନିର୍ଗମନ ପଥ ଅର୍ଥାତ ବାହାରିବା ପାଇଁ ବାଟ

ଅନୁଗାମୀ - ପଶ୍ଚାଦ୍‌ଗାମୀ, ସହଯାତ୍ରୀ

ଅପ୍ରତିଭ - ଅପ୍ରସ୍ତୁତ

ତାମସିକତା - ତମୋଗୁଣ ସମ୍ପନ୍ନ

ଅନୁରକ୍ତ - ଭଲପାଇବା

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ପ୍ରାଣର ଅଭାବ ପ୍ରାଣହୀନ, ସେହିପରି କ'ଣ ହେବ ଲେଖ ।

(କ) ତେଜର ଅଭାବ

(ଖ) ଉଦ୍ୟମର ଅଭାବ

(ଗ) ଆଶାର ଅଭାବ

(ଘ) ଉଦ୍ଦେଶ୍ୟର ଅଭାବ

୨. ନିମ୍ନଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ ।

ଜଟିଳ, ସୂକ୍ଷ୍ମ, ଦ୍ରୁତ, ସ୍ୱାର୍ଥ, ଆଦର୍ଶ

୩. ବ୍ୟାସବାକ୍ୟ ସହ ସମାସର ନାମ ଲେଖ ।

ଅନଭିଜ୍ଞ, ଅନାସକ୍ତ, ନିଃସ୍ୱ, ସହଯାତ୍ରୀ

୪. 'ଗୁଣରେ ଯିଏ ମୁଗ୍ଧ' 'ଗୁଣମୁଗ୍ଧ' ସେହିପରି 'ମୁଗ୍ଧ' ଶେଷରେ ଥାଇ ଅନ୍ୟ ପାଞ୍ଚଟି ଶବ୍ଦ ଗଢ଼ ।

୫. ସୂତ୍ରପାତ, ଆଲୋକପାତ ଭଳି 'ପାତ' ଯୋଗ ହୋଇଥିବା ଏହି ପ୍ରସଙ୍ଗରୁ ଶବ୍ଦଗୁଡ଼ିକ ବାଛି ଲେଖ ।

୬. ବିବେକ + ଆନନ୍ଦ = ବିବେକାନନ୍ଦ । ସେହିପରି କ'ଣ ହେବ ଲେଖ ।

ହ୍ରଦ + ଆନନ୍ଦ

ନିତ୍ୟ + ଆନନ୍ଦ

ବ୍ରହ୍ମ + ଆନନ୍ଦ

ପରମ + ଆନନ୍ଦ

### କ୍ଷୁଦ୍ର ଉତ୍ତରମୂଳକ :

୭. 'ନରେନ୍ ଦୁଇପିତାଙ୍କୁ ହରାଇଲା' କହିବାର କାରଣ କ'ଣ ?

୮. ମହାନ କର୍ମ କିଏ ସଂପାଦନ କରିଥାନ୍ତି ?

୯. ନରେନ୍‌ଙ୍କ ମନରେ କେଉଁ ବ୍ୟାକୁଳତା ଥିଲା ବୋଲି ଲେଖକ କହିଛନ୍ତି ?

୧୦. ସମାଧିରେ ବୁଡ଼ି ନ ଯିବାପାଇଁ ଶ୍ରୀରାମକୃଷ୍ଣ ନରେନ୍‌ଙ୍କୁ କାହିଁକି କହିଥିଲେ ?

୧୧. ସନ୍ନ୍ୟାସୀର କେଉଁ ଧର୍ମକୁ ବିବେକାନନ୍ଦ ବାଛି ନେଇଥିଲେ ?

୧୨. ଜନତା ଜନାର୍ଦ୍ଦନ କାହିଁକି ଅବହେଳିତ ଅବସ୍ଥାରେ ଥିଲେ ?

୧୩. ଇହଧାମ ତ୍ୟାଗ ପୂର୍ବରୁ ଶ୍ରୀରାମକୃଷ୍ଣଙ୍କର ଶିଷ୍ୟ ନରେନ୍ ପ୍ରତି ଆଦେଶ କ'ଣ ଥିଲା ?

୧୪. ଶିଷ୍ୟମାନେ କେଉଁଠି ନିଜର କ୍ଷେତ୍ର ପ୍ରସ୍ତୁତ କଲେ ?

୧୫. ସ୍ୱାମୀ ରାମକୃଷ୍ଣାନନ୍ଦ ମଠ ଛାଡ଼ି ବାହାରକୁ ଯାଇନଥିଲେ କାହିଁକି ?

୧୬. ପ୍ରଥମ କରି ବିବେକାନନ୍ଦ କେଉଁଠାକୁ ଯାତ୍ରା କରିଥିଲେ ?

୧୭. ବିବେକାନନ୍ଦ ଭୋକରେ ରହୁଥିବାର କାରଣ କ'ଣ ?

୧୮. ବିବେକାନନ୍ଦ ଉଦ୍ଦେଶ୍ୟହୀନ ଭାବରେ ପାଦରେ ଚାଲିଚାଲି ଭାରତସାରା ବୁଲିଥିଲେ କାହିଁକି ?

୧୯. କେଉଁ ଘଟଣାରେ ବିବେକାନନ୍ଦଙ୍କ ହୃଦୟ ବିଗଳିତ ହୋଇଥିଲା ?

୨୦. 'ଭୋକିଲା ପେଟରେ ଧର୍ମ ଅନାବଶ୍ୟକ' - ଏହା କାହାର ଉକ୍ତି ଥିଲା ?

୨୧. ମଣିଷର ପ୍ରକୃତ ଶତ୍ରୁ କିଏ ବୋଲି ବିବେକାନନ୍ଦ ଭାବିଲେ ?

୨୨. ବିବେକାନନ୍ଦଙ୍କର ଅସଲ ଶକ୍ତି କ'ଣ ?

୨୩. ଶେଷରେ ବିବେକାନନ୍ଦ କ'ଣ କରିବାକୁ ସ୍ଥିର କଲେ ?

**ସପ୍ରସଙ୍ଗ ସରଳାର୍ଥ :**

୨୪. ଭାରତୀୟ ଦର୍ଶନରେ, ମନୁଷ୍ୟର ସେବା ହିଁ ଈଶ୍ୱର ସେବା ।

୨୫. ଭୋକିଲା ଲୋକଙ୍କର ଦୁଃଖକୁ ନିଜ ଆଖିରେ ଦେଖି ତାଙ୍କ ହୃଦୟ ବିଗଳିତ ହେଲା ।

୨୬. ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ।

**ଦୀର୍ଘ ଉତ୍ତରମୂଳକ :**

୨୭. ବିବେକାନନ୍ଦଙ୍କର ଭାରତ ପରିଭ୍ରମଣର ଉଦ୍ଦେଶ୍ୟ ଓ ପରିଣତି ଆଲୋଚନା କର ।

୨୮. କେଉଁ କେଉଁ ଘଟଣାବଳୀ ବିବେକାନନ୍ଦଙ୍କୁ ଗୃହତ୍ୟାଗୀ ସନ୍ନ୍ୟାସୀ ପରିବର୍ତ୍ତେ ସମାଜ ସଂସ୍କାରକ ହେବାରେ ସହାୟକ ହୋଇଥିଲା, ଆଲୋଚନା କର ।

୨୯. ଅଧ୍ୟୟନରୁ ଅର୍ଜିତ ଜ୍ଞାନ, ଅଭିଜ୍ଞତା ଓ ଜୀବନର ନିବିଡ଼ ଅନୁଭୂତିରୁ ଜୀବନ୍ୟାସ ପାଇ କ୍ରିୟାଶୀଳ ହୁଏ- ପଠିତ ପ୍ରବନ୍ଧ ଅନୁସରଣରେ ଏ ଉକ୍ତିର ଯଥାର୍ଥତା ପ୍ରତିପାଦନ କର ।

**ତୁମପାଇଁ କାମ :**

୩୦. ଶରତ କୁମାର ମହାନ୍ତିଙ୍କ ଲିଖିତ 'ଛତ୍ରପତି ବିବେକାନନ୍ଦ' ପୁସ୍ତକଟି ପାଠ କର ।

୩୧. ବିବେକାନନ୍ଦଙ୍କ ଲେଖା ଓ ବାଣୀଗୁଡ଼ିକୁ ସଂଗ୍ରହ କରି ଲେଖ ।

୩୨. ଶ୍ରୀରାମକୃଷ୍ଣଙ୍କ ଜୀବନୀ ସଂଗ୍ରହ କରି ପଢ଼ ।

◆

F3D2C4

# ଓଡ଼ିଆ ସାହିତ୍ୟ କଥା

## (ଆଧୁନିକ ଭାଗ - ୧୮୭୦-)

● **ପ୍ରସ୍ତୁତି : ଓଡ଼ିଆ ସିଲାବସ୍ କମିଟି**

**ସୂଚନା :**

*ଓଡ଼ିଆ ଭାଷା ସାହିତ୍ୟର କ୍ରମବିକାଶ ସଂପର୍କରେ ଛାତ୍ରଛାତ୍ରୀମାନଙ୍କର ପ୍ରାଥମିକ ପରିଚୟ ନିମିତ୍ତ ଓଡ଼ିଆ ସାହିତ୍ୟ କଥା (ଆଦ୍ୟଭାଗ) ନାମକ ଏକ ସ୍ୱତନ୍ତ୍ର ରଚନା ଓଡ଼ିଆ ସିଲାବସ୍ କମିଟି ଦ୍ୱାରା ପ୍ରସ୍ତୁତ କରାଯାଇ ପୂର୍ବରୁ ନବମ ଶ୍ରେଣୀ ପୁସ୍ତକରେ ଦିଆଯାଇଛି । ତାହାର କ୍ରମିକତା ରକ୍ଷା ଦୃଷ୍ଟିରୁ ଓଡ଼ିଆ ସାହିତ୍ୟ କଥା (ଆଧୁନିକ ଭାଗ) ଏହି ପୁସ୍ତକରେ ଦିଆଯାଉଛି । ଏହି ରଚନାରୁ କେତୋଟି ସାଧାରଣ ପ୍ରଶ୍ନ ଛାତ୍ରଛାତ୍ରୀମାନଙ୍କୁ ପଚରାଯିବ । କିନ୍ତୁ କୌଣସି ସରଳାର୍ଥ କିମ୍ବା ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ଲେଖିବା ପାଇଁ ଦିଆଯିବ ନାହିଁ ।*

---

ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦୀର ଆରମ୍ଭରୁ ଇଂରେଜମାନେ ଓଡ଼ିଶାକୁ ଅଧିକାର କଲା ପରେ ଓଡ଼ିଶା ସମେତ ସମଗ୍ର ଭାରତବର୍ଷ ଇଂରେଜ ଶାସନାଧୀନ ହୋଇଗଲା । ଓଡ଼ିଶାରେ ଯଦିଓ ଇଂରେଜମାନଙ୍କ ବିରୋଧରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ସୁରେନ୍ଦ୍ର ସାଏ, ତାପଙ୍ଗ ଦଳବେହେରା ପ୍ରମୁଖ ବିଭିନ୍ନ ସମୟରେ ବିଦ୍ରୋହ କରିଥିଲେ, ତାହା ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଇଂରେଜ ସେନାବାହିନୀ ଦ୍ୱାରା ଅବଦମିତ ହୋଇଯାଇଥିଲା । ସୁଚତୁର ଇଂରେଜମାନେ ସୂର୍ଯ୍ୟାସ୍ତ ନିଲାମ ଆଇନ୍ ଦ୍ୱାରା ଓଡ଼ିଶାର କୃଷକ ଓ ଜମିମାଲିକଙ୍କ ଜମିକୁ ହସ୍ତାନ୍ତରିତ କରି ନୂତନ ସୃଷ୍ଟ ଅନୁଗତ ଜମିଦାରଙ୍କ ଦାୟିତ୍ୱରେ ନ୍ୟସ୍ତ କରିଦେଲେ । ଫଳରେ ଓଡ଼ିଆ ଜାତି ଦାରିଦ୍ର୍ୟ ଭିତରେ ରହି ନାନା କୁସଂସ୍କାରରେ ବୁଡ଼ି ରହିବାକୁ ବାଧ୍ୟ ହେଲା । ଏହି ସମୟରେ ଯେଉଁ ରାଜା, ଜମିଦାରମାନେ ରହିଲେ ସେମାନେ ଜନସାଧାରଣଙ୍କ ପ୍ରତି ଅନୁଦାର ଭାବ ପୋଷଣ କଲେ । ନାନା ଅତ୍ୟାଚାର, ଶୋଷଣ, ପୀଡ଼ନ ଭିତରେ ଓଡ଼ିଆ ଜାତି ହାହୁତାଶ ଭିତରେ ଜୀବନ କଟାଇବାକୁ ବାଧ୍ୟ ହେଲା । ଖ୍ରୀଷ୍ଟିୟାନ ମିଶନାରୀମାନେ ୧୮୨୨ ମସିହାରୁ ଓଡ଼ିଶାରେ ମିଶନ ସ୍କୁଲମାନ ପ୍ରତିଷ୍ଠା କରି ଶିକ୍ଷାଦାନ ପାଇଁ ବ୍ୟବସ୍ଥା କଲେ ମଧ୍ୟ ଓଡ଼ିଆମାନେ ସେହିସବୁ ସ୍କୁଲରେ ପିଲାମାନଙ୍କୁ ପାଠ ପଢ଼ିବା ପାଇଁ ପଠାଇଲେ ନାହିଁ । ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଭୟ, ଆତଙ୍କ, ଅଶିକ୍ଷା, ଅନ୍ଧବିଶ୍ୱାସ ଇତ୍ୟାଦି ଦ୍ୱାରା ଓଡ଼ିଆ ଜାତିକୁ ସଂପୂର୍ଣ୍ଣ ଆତ୍ମବିଲୁପ୍ତ କରିଦେଲା । ଏହି ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ କିଛି କାଳ ପର୍ଯ୍ୟନ୍ତ ମଧ୍ୟ ଜାତିର ନିର୍ବେଦତା ଲାଗି ରହିଲା । ସେହି ନିର୍ବେଦତା ଓ ଆତ୍ମବିଲୁପ୍ତିର ଚରମ ନିଦର୍ଶନ ହେଲା ନ'ଅଙ୍କ ଦୁର୍ଭିକ୍ଷ (୧୮୬୬) । ଗୋଟାଏ ଇତିହାସ ପ୍ରସିଦ୍ଧ ଜାତି ଯେମିତି ଶ୍ମଶାନିତ

ହୋଇଗଲା । ଏହି ମହାଶ୍ମଶାନରୁ ସୁପ୍ତ ଓଡ଼ିଆ ଜାତିର ହେଲା ନିଦ୍ରାଭଙ୍ଗ । ତା'ର ହେଲା ଆତ୍ମଜାଗୃତି । ମାତୃଭାଷା ଓ ମାତୃଭୂମିକୁ ଆଧାର କରି ଓଡ଼ିଆ ଜାତୀୟତାର ଶୁଭଶଙ୍ଖ ନିନାଦିତ ହେଲା ଓ ସେହି ଶଙ୍ଖଧ୍ୱନି କର୍ମଯୋଗୀ **ଗୌରୀଶଙ୍କର ରାୟଙ୍କ** ପ୍ରତିଷ୍ଠିତ ଓ ସଂପାଦିତ 'ଉତ୍କଳଦୀପିକା' (୧୮୬୬) ପ୍ରଥମେ ବାଦନ କରିଥିଲା । ତାହାହିଁ ପ୍ରତିଧ୍ୱନିତ ହେଲା ସମଗ୍ର ଓଡ଼ିଶାରେ । ଏହି ପତ୍ରିକାକୁ ଆଦର୍ଶ କରି ପରେ ପରେ ପ୍ରକାଶ ପାଇଲା 'ବାଲେଶ୍ୱର ସମ୍ବାଦ ବାହିକା' (୧୮୬୮), 'ଉତ୍କଳ ହିତୈଷିଣୀ' (୧୮୬୯), 'ଓଡ଼ିଆ ଓ ନବସଂବାଦ'(୧୮୮୮)ସମ୍ବଲପୁର ହିତୈଷିଣୀ (୧୮୮୯), 'ଉତ୍କଳପୁତ୍ର' (୧୮୭୩) ଆଦି ସମ୍ବାଦ ପତ୍ରିକା, ଉତ୍କଳ ଦର୍ପଣ (୧୮୭୩)'ଉତ୍କଳ - ମଧୁପ'(୧୮୭୮), 'ଉତ୍କଳ ପ୍ରଭା' (୧୮୯୧), 'ଉତ୍କଳ ସାହିତ୍ୟ' (୧୮୯୭), 'ମୁକୁର' (୧୯୦୬), 'ସତ୍ୟବାଦୀ' (୧୯୧୫) ଆଦି ସାହିତ୍ୟ ପତ୍ରିକା । ଏହି ପତ୍ରିକାଗୁଡ଼ିକ ହେଲା ଆଧୁନିକ ଓଡ଼ିଆ ସାହିତ୍ୟର ବାର୍ତ୍ତାବହ ଓ ଆଧୁନିକ ଲେଖକମାନଙ୍କର ଆତ୍ମପ୍ରକାଶର ମାଧ୍ୟମ ।

ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ବେଳକୁ କଲିକତା ଏକ ମୁଖ୍ୟ ସହରରେ ପରିଣତ ହୋଇଗଲା ଓ ସେଠାରେ ଇଂରାଜି ଶିକ୍ଷାର ପ୍ରସାର ଘଟି ନବଶିକ୍ଷିତ ଗୋଷ୍ଠୀର ଆବିର୍ଭାବ ଘଟିଲା । ଫଳରେ ବଙ୍ଗଳାରେ ରେନେସାଁ ବା ନବଜାଗରଣ ଦେଖାଦେଲା । **ରାଜା ରାମମୋହନ ରାୟ** ପ୍ରତିଷ୍ଠା କଲେ ବ୍ରାହ୍ମ ଧର୍ମ (୧୮୨୮) । ଏହି ଧର୍ମ ପିତୁଳାପୂଜାକୁ ବିରୋଧ କରି ଏକେଶ୍ୱର ବ୍ରହ୍ମବାଦ ଉପରେ ଗୁରୁତ୍ୱ ଦେଲା । ଏହି ନବଜାଗରିତ ଚେତନାରେ ଯେଉଁ ସବୁ ଆଭିମୁଖ୍ୟ ପ୍ରକାଶ ପାଇଲା, ତାହା ହେଲା ମାନବବନ୍ଦନା, ସମାଜ-ସଂସ୍କାର, ମାତୃଭୂମି ଓ ମାତୃଭାଷା ପ୍ରୀତି, ପ୍ରକୃତି-ପ୍ରୀତି, ନାରୀ-ସ୍ୱାତନ୍ତ୍ର୍ୟ, ନାରୀ-ଶିକ୍ଷା, ବ୍ୟକ୍ତି-ସ୍ୱାତନ୍ତ୍ର୍ୟ, ଏକ ଈଶ୍ୱର ଭାବନା, ଇତିହାସ ଓ ଐତିହ୍ୟ ପ୍ରତି ଶ୍ରଦ୍ଧା, ବିଜ୍ଞାନ-ମନସ୍କତା, ବିଧବା-ବିବାହ ପ୍ରତି ସମର୍ଥନ, ବାଲ୍ୟବିବାହ-ବିରୋଧ, ସ୍ୱାଧୀନତାବୋଧ ପ୍ରଭୃତି । ଏହି ସମୟରେ ବଙ୍ଗଳାରେ ନୂତନ ଲେଖକ ଗୋଷ୍ଠୀର ଆବିର୍ଭାବ ଘଟିଲା । **ମାଇକେଲ ମଧୁସୂଦନ ଦତ୍ତ, ବଙ୍କିମ ଚନ୍ଦ୍ର, ନବୀନ ସେନ୍, ହେମଚନ୍ଦ୍ର, ରବୀନ୍ଦ୍ରନାଥ ଠାକୁର** ପ୍ରମୁଖ ଲେଖକମାନେ ବଙ୍ଗଳା ଭାଷାରେ ରଚନା କଲେ ନୂତନ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଓ ସମାଲୋଚନା ଇତ୍ୟାଦି । ଓଡ଼ିଶାରେ ୧୮୭୦ ମସିହା ବେଳକୁ ନବଶିକ୍ଷିତ ଗୋଷ୍ଠୀର ହେଲା ଆବିର୍ଭାବ । ବ୍ରାହ୍ମଧର୍ମ ମଧ୍ୟ ଓଡ଼ିଶାରେ ପ୍ରସାରିତ ହେଲା । ପତ୍ରପତ୍ରିକା ପ୍ରକାଶ ପାଇଲା । ନ'ଅଙ୍କ ଦୁର୍ଭିକ୍ଷର ମହାଶ୍ମଶାନ ଭିତରୁ ଓଡ଼ିଆ ଜାତିର ହେଲା ନବଜନ୍ମ । ଓଡ଼ିଆ ଭାଷାକୁ ଓଡ଼ିଶାରୁ ଉଠାଇ ଦେବାର ସରକାରୀ ଆଦେଶନାମା ବିରୋଧରେ ଆରମ୍ଭ ହେଲା ଭାଷା-ସୁରକ୍ଷା-ଆନ୍ଦୋଳନ (୧୮୬୯/୭୦) ଓ ଓଡ଼ିଆ ଭାଷା ମରଣ ସଂକଟରୁ ରକ୍ଷା ପାଇଲା । ଏହି ମାତୃଭାଷା-ପ୍ରୀତିରୁ ଜନ୍ମ ନେଲା ଆଧୁନିକ ଓଡ଼ିଆ ସାହିତ୍ୟ । ଇଂରେଜ-ଶିକ୍ଷା-ପ୍ରାପ୍ତ ତରୁଣ ଶିକ୍ଷିତ ଗୋଷ୍ଠୀଙ୍କ ମଧ୍ୟରୁ କେତେକ ସମାଜ ଓ ମାତୃଭୂମି-ସଚେତନ ଶିକ୍ଷିତ ବ୍ୟକ୍ତି ପ୍ରାଚୀନ ଓଡ଼ିଆ ସାହିତ୍ୟ ପ୍ରତି ବୀତସ୍ପୃହ ହୋଇ ସୃଷ୍ଟି କଲେ ପାଶ୍ଚାତ୍ୟ ସାହିତ୍ୟ ଆଦର୍ଶରେ ନୂତନ ଓଡ଼ିଆ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ରମ୍ୟରଚନା, ଜୀବନୀ, ଆତ୍ମଜୀବନୀ, ଭ୍ରମଣ କାହାଣୀ, ସମାଲୋଚନା ଇତ୍ୟାଦି । ତେଣୁ ଆଧୁନିକ ଓଡ଼ିଆ ସାହିତ୍ୟ ହେଲା ପାଶ୍ଚାତ୍ୟ ସାହିତ୍ୟର ଅନୁତମୟ ଫଳଶ୍ରୁତି । ଯେଉଁ ନବ ରୁଚି ଓ ନବ ଚେତନା ଦେଖା ଦେଲା ତାହାହିଁ ଆଧୁନିକ ଓଡ଼ିଆ ସାହିତ୍ୟର ଆଦିପର୍ବର ହେଲା ପ୍ରଧାନ ଉପଜୀବ୍ୟ । ଯଦିଓ ଆଧୁନିକ ଚେତନାର ଭିନ୍ନ ଭିନ୍ନ ଦିଗ ସାହିତ୍ୟରେ ରୂପ ନେଲା ତଥାପି ଔପନିବେଶିକ ଶାସନ ଭିତରେ ଯେଉଁ ମାନସିକତା ଜନ୍ମ ନେଇଥିଲା ତାହା ଔପନିବେଶିକ ମାନସିକତାରୁ ସଂପୂର୍ଣ୍ଣ ମୁକ୍ତ ହେଲା ନାହିଁ ଓ ସେହି ସାହିତ୍ୟ ମଧ୍ୟ ସେଥିରୁ ମୁକ୍ତ ନ ହୋଇ, ହୋଇଗଲା ଔପନିବେଶିକ ଆଧୁନିକ ସାହିତ୍ୟ ।

ଆଧୁନିକ ଓଡ଼ିଆ ସାହିତ୍ୟ ୧୮୭୦ ମସିହା ପରଠାରୁ କ୍ରମବିକାଶ ପଥରେ ଗତି କରିଆସିଅଛି । ବିଭିନ୍ନ ସମୟର ରୁଚି ଅନୁସାରେ ତା'ର ମଧ୍ୟ ହୋଇଛି ନବକଳେବର । ଆଧୁନିକ ଓଡ଼ିଆ ସାହିତ୍ୟକୁ ଆମେ ନିମ୍ନୋକ୍ତ ପ୍ରକାରେ ବିଚାର କରିପାରିବା । ଯଥା -

(୧) ରାଧାନାଥ ଯୁଗ ବା ଆଧୁନିକ ଯୁଗ

(୨) ସତ୍ୟବାଦୀ ପର୍ବ

(୩) ସବୁଜ ପର୍ବ

(୪) ପ୍ରଗତି ପର୍ବ

(୫) ଅତ୍ୟାଧୁନିକ ପର୍ବ

(୬) ଉତ୍ତର-ଆଧୁନିକ ପର୍ବ

ଆଧୁନିକ ଯୁଗର ଆଦି ପର୍ବ (୧୮୭୦-୧୯୨୦) କୁ ରାଧାନାଥ ଯୁଗ କୁହାଯାଏ, ଯଦିଓ ଏହି ଯୁଗର ଗୋଧୂଳି ଲଗ୍ନରେ ସତ୍ୟବାଦୀ ପର୍ବ (୧୯୦୯-୧୯୨୫) ର ଆରମ୍ଭ ଓ ବିକାଶ ହୋଇଥିଲା । ତଥାପି ରାଧାନାଥ ଯୁଗର କେତେକ କବି ଓ ଲେଖକ ସତ୍ୟବାଦୀ ପର୍ବ ଦେଇ ସବୁଜ ପର୍ବକୁ ମଧ୍ୟ ଅଙ୍ଗେ ନିଭେଇଥିଲେ । କବିବର ରାଧାନାଥ ରାୟ(୧୮୪୮-୧୯୦୮) ଉଚ୍ଚଶିକ୍ଷିତ । ଜଣେ ଶିକ୍ଷକ ଭାବରେ କାର୍ଯ୍ୟ ଆରମ୍ଭ କରି ଓଡ଼ିଶାର ସ୍କୁଲସମୂହର ପରିଦର୍ଶକ ହୋଇଥିଲେ । ସେ ଥିଲେ ଇଂରାଜି, ସଂସ୍କୃତ, ବଙ୍ଗଳା ଆଦି ଭାଷାରେ ସୁପଣ୍ଡିତ । ସେ ପ୍ରଥମେ ବଙ୍ଗଳା ଭାଷାରେ ଲେଖୁଥିଲେ । ପରେ ସେ ଓଡ଼ିଆ ଭାଷାରେ ଲେଖାଲେଖି କଲେ । ତାଙ୍କ ରଚିତ 'ବିବେକୀ' (୧୮୭୩) ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରବନ୍ଧ । ଏହି ପ୍ରବନ୍ଧରୁ ରାଧାନାଥଙ୍କର ଆଦର୍ଶବାଦୀ ବ୍ୟକ୍ତିତ୍ୱର ପରିଚୟ ମିଳିଥାଏ । ଏହା ପରେ ସେ ରଚନା କଲେ 'ଇଟାଲୀୟ ଯୁବା' (୧୮୭୪) ପରି ଏକ ଗଳ୍ପ ଓ କେତୋଟି କବିତା । ୧୮୮୫ ମସିହାଠାରୁ ସେ ଗ୍ରୀକ୍ ଓ ଇଂରାଜି ସାହିତ୍ୟରୁ କଥାବସ୍ତୁ ଚୟନ ପୂର୍ବକ ଓଡ଼ିଶାର ବିଭିନ୍ନ ସ୍ଥାନିକ ପଟ୍ଟଭୂମି ସହିତ ତାହାକୁ ସମନ୍ୱୟ କରି ନୂତନ ଗାଥା କାବ୍ୟ ରଚନା କଲେ । 'କେଦାରଗୌରୀ', 'ଉଷା', 'ଚନ୍ଦ୍ରଭାଗା', 'ନନ୍ଦିକେଶ୍ୱରୀ' ଓ 'ପାର୍ବତୀ' ତାଙ୍କର ପ୍ରଥମ ପାଞ୍ଚୋଟି ଗାଥା କାବ୍ୟ । ଏସବୁ କାବ୍ୟରେ ବିଭିନ୍ନ ସ୍ଥାନର ଭୌଗୋଳିକ, ପ୍ରାକୃତିକ, ଐତିହାସିକ ଓ କିମ୍ବଦନ୍ତୀମୂଳକ ନାନା ପ୍ରସଙ୍ଗ ବର୍ଣ୍ଣିତ । ଏହା ପରେ ସେ ରଚନା କଲେ ପ୍ରକୃତି କାବ୍ୟ 'ଚିଲିକା' । ଏହା ତାଙ୍କ କବି ପ୍ରତିଭାର ଏକ ସାର୍ଥକ ନିଦର୍ଶନ । ଅମିତ୍ରାକ୍ଷର ଛନ୍ଦରେ ରଚିତ 'ମହାଯାତ୍ରା' ତାଙ୍କର ଏକ ଅସଂପୂର୍ଣ୍ଣ ମହାକାବ୍ୟ । 'ଦରବାର' ତାଙ୍କର ଏକ ବ୍ୟଙ୍ଗ କାବ୍ୟ । ଏହା ବ୍ୟତୀତ 'ଯଯାତିକେଶରୀ', 'ଦଶରଥ ବିୟୋଗ', 'ସାବିତ୍ରୀ ଚରିତ', 'ଉର୍ବଶୀ' ଆଦି କେତେକ କାବ୍ୟ ସହିତ 'ଶିବାଜୀଙ୍କର ଉତ୍ସାହବାକ୍ୟ', 'ଦୁର୍ଯ୍ୟୋଧନଙ୍କର ରକ୍ତନଦୀ ସନ୍ତରଣ' ଆଦି କ୍ଷୁଦ୍ର କବିତା ଓ କେତେକ ଗଦ୍ୟ ରଚନା ତାଙ୍କ ପ୍ରତିଭାର ପରିଚୟ ଦିଏ । ସେ ହିଁ ସର୍ବ ପ୍ରଥମେ ଓଡ଼ିଆ ସାହିତ୍ୟରେ ଇତିହାସ ଓ ଐତିହ୍ୟ ପ୍ରୀତି, ଉତ୍କଳୀୟ ଓ ଭାରତୀୟ ଜାତୀୟତାବୋଧ, ବହିଃପ୍ରକୃତି ଓ ଅନ୍ତଃପ୍ରକୃତିର ସମନ୍ୱୟରେ ପ୍ରକୃତି ବନ୍ଦନା ଇତ୍ୟାଦିକୁ ରୂପ ଦେଲେ । ତାଙ୍କ ସାହିତ୍ୟରେ ମାନବ-ପ୍ରକୃତିର ନାନା ଦିଗ ଉନ୍ମୋଚିତ । ସୌନ୍ଦର୍ଯ୍ୟବୋଧ ଓ ନୈତିକତାବୋଧ ଯୁଗପତ୍ ତାଙ୍କ ସାହିତ୍ୟରେ ପ୍ରାଧାନ୍ୟ ଲାଭ କରିଥିବା ଲକ୍ଷ୍ୟ କରାଯାଏ ।

ରାଧାନାଥ ଯୁଗର ଅନ୍ୟତମ ବଳିଷ୍ଠ କବି ଓ ଗଦ୍ୟକାର ଭକ୍ତକବି ମଧୁସୂଦନ ରାଓ (୧୮୫୩-୧୯୧୨) । କବିବର ରାଧାନାଥ ରାୟଙ୍କର ସେ ପ୍ରିୟ ଶିଷ୍ୟ । ମଧୁସୂଦନ କିନ୍ତୁ ବ୍ରାହ୍ମଧର୍ମ ଗ୍ରହଣ କରି ସାହିତ୍ୟରେ ଆଦର୍ଶବାଦ ଓ ନୈତିକତାବୋଧ ଉପରେ ଗୁରୁତ୍ୱ ଦେଇଥିଲେ । ଉଦାର ଧର୍ମଭାବ ତାଙ୍କ ସାହିତ୍ୟର ଅନ୍ତଃସ୍ୱର । ଉପନିଷଦୀୟ ଅମୃତ ଦୃଷ୍ଟି ତାଙ୍କ ସାହିତ୍ୟକୁ

ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଅଛି । ସେ ମଧ୍ୟ ଶିକ୍ଷକରୁ ସ୍କୁଲ ବିଭାଗର ପରିଦର୍ଶକ ହୋଇଥିଲେ ।

ଓଡ଼ିଆ ସାହିତ୍ୟରେ ଚତୁର୍ଦ୍ଦଶପାଦୀ ବା ସନେଟ୍ ରଚନାରେ ସେ ଥିଲେ ଦକ୍ଷ । ତାଙ୍କର 'ବସନ୍ତ ଗାଥା' ଚତୁର୍ଦ୍ଦଶପାଦୀ କବିତାର ଏକ ମନୋଜ୍ଞ ସଂକଳନ । ଏହା ବ୍ୟତୀତ ସେ ରଚନା କରିଥିଲେ 'କୁସୁମାଞ୍ଜଳି', 'ଛାନ୍ଦମାଳା', 'କବିତାବଳୀ', 'ଉତ୍କଳଗାଥା' ଆଦି କବିତା ପୁସ୍ତକ । ସେ ମଧ୍ୟ ଜଣେ ବିଶିଷ୍ଟ ପ୍ରବନ୍ଧକାର, ଶିଶୁ ସାହିତ୍ୟିକ ଓ ବ୍ୟଙ୍ଗ କବିତାର ଲେଖକ ଭାବରେ ପରିଚିତ ।

ରାଧାନାଥ ଯୁଗର ଜାତୀୟ ଓ ସାମାଜିକ ଅଙ୍ଗୀକାରବଦ୍ଧ ଅନ୍ୟତମ ସାରସ୍ୱତ ଶିଳ୍ପୀ **ବ୍ୟାସକବି ଫକୀରମୋହନ ସେନାପତି** (୧୮୪୩-୧୯୧୮) । ପିଲାଦିନରୁ ସେ ପିତାମାତାଙ୍କୁ ହରାଇ ବଡ଼ବାପା ଓ ବଡ଼ମାଆଙ୍କ ଦ୍ୱାରା ବହୁଭାବରେ ନିର୍ଯାତିତ ଓ ଉପେକ୍ଷିତ ହୋଇଥିଲେ ମଧ୍ୟ ଠାକୁରମାଆଙ୍କ ସ୍ନେହ ଓ ଶ୍ରଦ୍ଧାରେ ଲାଳିତପାଳିତ ହୋଇ ମାତ୍ର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ି ଆଧୁନିକ ଓଡ଼ିଆ ସାହିତ୍ୟରେ ଜଣେ ସାର୍ଥକ ସେନାପତି ଭାବରେ ଆବିର୍ଭୂତ ହେଲେ । ଅଝାଲ ସିଲାଇ ଓ ନିମକ ମାହାଲରେ ମେଟ୍‌ବୟ ଭାବରେ କାର୍ଯ୍ୟକରି ଆପଣାର ସାଧନା ବଳରେ ସେ ହେଲେ ସ୍କୁଲ ଶିକ୍ଷକ ଓ ପରେ ବିଭିନ୍ନ ଷ୍ଟେଟର ପ୍ରଶାସକ । ବିଭିନ୍ନ ଗଡ଼ଜାତ ରାଜ୍ୟରେ ଦେଓ୍ୱାନ, ମ୍ୟାନେଜର ଭାବରେ କାର୍ଯ୍ୟ କରି ଓଡ଼ିଶାର ସାମାଜିକ ପରିସ୍ଥିତି, ପ୍ରାଶାସନିକ ମନୋଭାବ ଓ ସାଧାରଣ ଲୋକଙ୍କ ଦୁର୍ଦ୍ଦଶାକୁ ସେ ଉପଲବ୍ଧି କରିଥିଲେ । ସ୍କୁଲ ଶିକ୍ଷକ ଥିଲାବେଳେ ସେ ପ୍ରକାଶ କରିଛନ୍ତି 'ବାଲେଶ୍ୱର ସମ୍ବାଦ ବାହିକା' ପରି ସମ୍ବାଦପତ୍ର ଓ ପ୍ରଥମ ସାହିତ୍ୟ ପତ୍ରିକା 'ବୋଧଦାୟିନୀ' (୧୮୬୮) । ପରେ ପରେ ସେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ ଅନ୍ୟତମ ମହାରଥୀ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି । ପାଠ୍ୟପୁସ୍ତକ ରଚନା କରିଛନ୍ତି । ପ୍ରଥମ ପତ୍ନୀଙ୍କର ବିୟୋଗ ପରେ ସେ ଦ୍ୱିତୀୟ ଥର ବିବାହ କରିଛନ୍ତି କୃଷ୍ଣ କୁମାରୀଙ୍କୁ । କୃଷ୍ଣ କୁମାରୀ ହିଁ ହେଲେ ତାଙ୍କ ପ୍ରଗତି ପଥରେ ସହାୟିକା । ଓଡ଼ିଆ ସାରସ୍ୱତ ଜଗତକୁ ତାଙ୍କର ପ୍ରାଥମିକ ଅବଦାନ ରାମାୟଣ, ମହାଭାରତ, ଉପନିଷଦ ଆଦି ଅନୁବାଦ । ପରେ ସେ ରଚନା କରିଛନ୍ତି ବହୁ କବିତା, ଗଳ୍ପ, ଉପନ୍ୟାସ ଓ ପ୍ରବନ୍ଧ । 'ଉତ୍କଳ ଭ୍ରମଣଂ' (୧୮୯୨) ତାଙ୍କର ପ୍ରଥମ ଭିନ୍ନ ସ୍ୱାଦର କବିତା ପୁସ୍ତକ । କେନ୍ଦୁଝରେ ଭୂୟାଁ ମେଳିରୁ ରକ୍ଷା ପାଇ ଆସିଲା ପରେ ସେ ଏହି କବିତା ପୁସ୍ତକ ରଚନା କରିଥିଲେ । ଏହା ପରେ ପରେ ସେ ରଚନା କଲେ 'ପୁଷ୍ପମାଳା', 'ପୂଜାଫୁଲ', 'ଅବସର ବାସରେ', 'ଧୂଳି' ଇତ୍ୟାଦି କବିତା ପୁସ୍ତକ ଓ 'ବୌଦ୍ଧାବତାର କାବ୍ୟ' । ଓଡ଼ିଆ ସାହିତ୍ୟକୁ ତାଙ୍କର ଶ୍ରେଷ୍ଠ ଅବଦାନ ଗଳ୍ପ ଓ ଉପନ୍ୟାସ । 'ଛ'ମାଣ ଆଠଗୁଣ୍ଠ' ତାଙ୍କର ଏକ କ୍ରାନ୍ତିକାରୀ ଉପନ୍ୟାସ । ତତ୍‌କାଳୀନ ଓଡ଼ିଶାର ଗ୍ରାମ୍ୟ ଜୀବନର ଏହା ଏକ ମାର୍ମିକ ଆଲେଖ୍ୟ । 'ଲଛମା', 'ମାମୁଁ', 'ପ୍ରାୟଶ୍ଚିତ୍ତ' ତାଙ୍କର ଆଉ ତିନୋଟି ଉପନ୍ୟାସ । ତାଙ୍କ ରଚିତ 'ରେବତୀ' (୧୮୯୮), ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ଗଳ୍ପ । ଏତଦ୍‌ବ୍ୟତୀତ ସେ ଆହୁରି କୋଡ଼ିଏଟି ଗଳ୍ପ ରଚନା କରିଥିଲେ । ତାଙ୍କର 'ଆତ୍ମଚରିତ' ଓଡ଼ିଆ ସାହିତ୍ୟର ଅମୂଲ୍ୟ ନିଧି । ଏହାହିଁ ଥିଲା ଓଡ଼ିଆ ସାହିତ୍ୟର ପ୍ରଥମ ପୂର୍ଣ୍ଣାଙ୍ଗ ଆତ୍ମଚରିତ । 'ନନାଙ୍କ ପାଞ୍ଜି' ତାଙ୍କର ଏକ ରମ୍ୟରଚନା । ଏହା ବ୍ୟତୀତ ତାଙ୍କର କେତେ ପ୍ରବନ୍ଧ ରହିଅଛି । ତାଙ୍କୁ ବାମଣ୍ଡାର ରାଜସଭା 'ସରସ୍ୱତୀ' ସମ୍ମାନରେ ଭୂଷିତ କରିଥିଲେ । **କୁଳବୃଦ୍ଧ ମଧୁସୂଦନ ଦାସ** ୧୯୦୩ ମସିହାରେ 'ଉତ୍କଳ ସମ୍ମିଳନୀ' ପ୍ରତିଷ୍ଠା କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଓଡ଼ିଆ ଜାତିକୁ ଏକତ୍ର କଲେ । ସେ ମଧ୍ୟ କେତେକ ଉଦ୍‌ବୋଧନମୂଳକ ଗୀତିକା ଓ ଅଭିଭାଷଣ ଲେଖିଥିଲେ ।

ରାଧାନାଥ ଯୁଗର ଅନ୍ୟତମ ବିଶିଷ୍ଟ କବି ହେଲେ **ଗଙ୍ଗାଧର ମେହେର** (୧୮୬୨-୧୯୨୪) । ସମ୍ବଲପୁରର (ବରଗଡ଼ଜିଲ୍ଲା) ବରପାଲିରେ ତାଙ୍କର ଜନ୍ମ ଓ କର୍ମ-ସାଧନା । ଜଣେ ସାଧାରଣ କୁଡ଼ିସିଏଲ ମୋହରିର ହୋଇ ମଧ୍ୟ ସେ ଯେଉଁ କାବ୍ୟ କବିତା ରଚନା କରିଗଲେ ସେଥିପାଇଁ ଓଡ଼ିଆ ଜାତି ତାଙ୍କୁ ପ୍ରଣାମ ଜଣାଇଥାଏ । 'ଇନ୍ଦୁମତୀ', 'କୀଚକବଧ', 'ଉତ୍କଳଲକ୍ଷ୍ମୀ', 'ପ୍ରଣୟବଲ୍ଲରୀ', 'ତପସ୍ୱିନୀ', 'ପଦ୍ମିନୀ' ଆଦି ତାଙ୍କର କାବ୍ୟ । 'ଅର୍ଘ୍ୟଥାଳୀ', 'କବିତା-କଲ୍ଲୋଳ', 'କବିତାମାଳା', 'ଭାରତୀ ଭାବନା', 'ଅହଲ୍ୟାସ୍ତବ', 'ମହିମା', 'କୃଷକସଂଗୀତ' ଆଦି ଓଡ଼ିଆ ସାହିତ୍ୟକୁ ତାଙ୍କର ବିଶିଷ୍ଟ ଦାନ । **ପଲ୍ଲୀକବି ନନ୍ଦକିଶୋର ବଳ** (୧୮୭୫-୧୯୨୮) ରାଧାନାଥ ଯୁଗର ଭିନ୍ନ ରୁଚି ଓ ଭିନ୍ନ ଭାବନାର କବି । ସରଳ ସାବଲୀଳ ଲୋକ ମୁଖର ଭାଷାରେ ସେ ରଚନା କଲେ ପଲ୍ଲୀ- କବିତା । ପଲ୍ଲୀ-ପ୍ରକୃତି, ପଲ୍ଲୀ-ଜୀବନ, ପଲ୍ଲୀ-ସଂସ୍କୃତି ସବୁ କିଛି ତାଙ୍କ କବିତାମାନଙ୍କରେ ପ୍ରକାଶ ପାଇ ଓଡ଼ିଆ ପାଠକମାନଙ୍କୁ ଗଭୀର ଆନନ୍ଦ ଦେଲା । ତାଙ୍କ ରଚିତ 'ପଲ୍ଲୀଚିତ୍ର', 'ନିର୍ଝରିଣୀ', 'ଜନ୍ମଭୂମି', 'ବସନ୍ତ କୋକିଳ', 'ତରଙ୍ଗିଣୀ', 'ଚାରୁଚିତ୍ର', 'ନିର୍ମାଲ୍ୟ', 'ପ୍ରଭାତ ସଂଗୀତ', 'ସଂଧ୍ୟାସଂଗୀତ', 'ନାନାବାୟା ଗୀତ' ଆଦି କବିତା ପୁସ୍ତକ ସହିତ 'କୃଷ୍ଣକୁମାରୀ', 'ଶର୍ମିଷ୍ଠା' ଓ 'ସୀତା ବନବାସ' ପରି କାବ୍ୟ ପାଠକମାନଙ୍କର ଶ୍ରଦ୍ଧା ଅର୍ଜନ କରିଅଛି । ସେ ମଧ୍ୟ 'କନକଲତା' ନାମରେ ଏକ ଉପନ୍ୟାସ, 'ଲକ୍ଷ୍ମୀ' ଶୀର୍ଷକ ଏକ ଗଳ୍ପ ଓ କେତେକ ପ୍ରବନ୍ଧ ଏବଂ ସମାଲୋଚନା ଲେଖିଥିଲେ ।

ଆଦିପର୍ବରେ ଅନ୍ୟାନ୍ୟ ଲେଖକମାନଙ୍କ ମଧ୍ୟରେ **ଜଗନ୍ମୋହନ ଲାଲ, ରାମଶଙ୍କର ରାୟ, ଉମେଶ ଚନ୍ଦ୍ର ସରକାର, ବିଶ୍ୱନାଥ କର, ଗୋପାଳ ଚନ୍ଦ୍ର ପ୍ରହରାଜ, ଚନ୍ଦ୍ରମୋହନ ମହାରଣା, ଗୋପୀନାଥ ନନ୍ଦ, ଶଶିଭୂଷଣ ରାୟ, ମୃତ୍ୟୁଞ୍ଜୟ ରଥ, ଚନ୍ଦ୍ରଶେଖର ନନ୍ଦ, ଦୟାନିଧି ମିଶ୍ର, ଦିବ୍ୟସିଂହ ପାଣିଗ୍ରାହୀ, ମଦନମୋହନ ପଟ୍ଟନାୟକ, ଗୋବିନ୍ଦ ରଥ** ପ୍ରମୁଖ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିଥାନ୍ତି । ଜଗନ୍ମୋହନ ଲାଲ ଓଡ଼ିଆ ସାହିତ୍ୟର ପ୍ରଥମ ନାଟ୍ୟକାର । 'ବାବାଜୀ' (୧୮୭୭) ତାଙ୍କର ପ୍ରଥମ ନାଟକ । 'ସତୀ', 'ପ୍ରୀତି' ଓ 'ବୃଦ୍ଧବିବାହ' ତାଙ୍କର ନାଟ୍ୟ ପ୍ରତିଭାର ପରିଚୟ ଦିଅନ୍ତି । 'କାଞ୍ଚିକାବେରୀ' (୧୮୮୦) ରାମଶଙ୍କର ରାୟଙ୍କର ପ୍ରଥମ ନାଟକ ଓ ପରେ ପରେ ସେ ଆହୁରି ତେରଖଣ୍ଡ ନାଟକ ରଚନା କରିଥିଲେ । ସେ ମଧ୍ୟ 'ବିବାସିନୀ' (୧୮୯୧) ନାମକ ଗୋଟିଏ ଉପନ୍ୟାସ ଓ କେତେକ ପ୍ରବନ୍ଧ ଲେଖିଥିଲେ । ଉମେଶଚନ୍ଦ୍ର ସରକାରଙ୍କର 'ପଦ୍ମମାଳୀ' (୧୮୮୮) ଓଡ଼ିଆ ସାହିତ୍ୟର ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସ । ଆଲୋଚ୍ୟ ସମୟରେ ବିଶ୍ୱନାଥ କର ଜଣେ ବିଶିଷ୍ଟ ପ୍ରାବନ୍ଧିକ ଭାବରେ ପ୍ରତିଷ୍ଠିତ । 'ବିବିଧ ପ୍ରବନ୍ଧ' ତାଙ୍କର ପ୍ରବନ୍ଧ ପୁସ୍ତକ । 'ଉତ୍କଳ-ସାହିତ୍ୟ' (୧୮୯୭) ପତ୍ରିକାର ସେ ସୁଯୋଗ୍ୟ ସଂପାଦକ । ଆଧୁନିକ ଓଡ଼ିଆ ସାହିତ୍ୟର ନବନିର୍ମାଣରେ ଏହି ପତ୍ରିକାର ଭୂମିକା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ଗୋପାଳଚନ୍ଦ୍ର ପ୍ରହରାଜ ଜଣେ ବିଶିଷ୍ଟ ରମ୍ୟରଚକ ଓ ପ୍ରାବନ୍ଧିକ ଭାବରେ ସୁପରିଚିତ । 'ଭାଗବତ ଟୁଙ୍ଗୀରେ ସଂଧ୍ୟା', 'ବାଇମହାନ୍ତି ପାଞ୍ଜି', 'ଆମଘରର ହାଲଚାଲ', 'ଦୁନିଆର ହାଲଚାଲ', 'ନନାଙ୍କ ବସ୍ତାନି', 'ବାଇନାନୀଙ୍କ ବୁକୁଲି', 'ମିଆଁ ସାହେବଙ୍କ ରୋଜନାମଚା' ଆଦି ପୁସ୍ତକର ସେ ପ୍ରଣେତା । 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ତାଙ୍କର ଅକ୍ଷୟକୀର୍ତ୍ତି । ଏହା ସାତଖଣ୍ଡରେ ପ୍ରକାଶିତ । ଏହାକୁ କୁହାଯାଏ ଓଡ଼ିଆ ଭାଷାର କଳା-କୋଣାର୍କ । ପଣ୍ଡିତ ଗୋପୀନାଥ ନନ୍ଦଙ୍କର 'ଶ୍ରୀ ଭାରତ ଦର୍ପଣ' ସାରଳା ମହାଭାରତ ଉପରେ ପ୍ରଥମ ପ୍ରାମାଣିକ ଆଲୋଚନା ଗ୍ରନ୍ଥ । ସେ ମଧ୍ୟ କେତେକ ସଂସ୍କୃତ ନାଟକକୁ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ । ତାଙ୍କର ବିଶିଷ୍ଟ

କୃତି 'ଓଡ଼ିଆ ଶବ୍ଦତତ୍ତ୍ୱବୋଧ ଅଭିଧାନ' ଓ 'ଓଡ଼ିଆ ଭାଷାତତ୍ତ୍ୱ' । ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କର 'ଶାରଳା ଚରିତ' ଓ ଅନ୍ୟାନ୍ୟ ରଚନା ତଥା ସମାଲୋଚନା ଉଲ୍ଲେଖଯୋଗ୍ୟ । ତାରିଣୀ ଚରଣ ରଥ 'ଉତ୍କଳ ସାହିତ୍ୟର ଇତିହାସ' ରଚନା କରିବା ସହିତ କେତୋଟି ଗଳ୍ପ ଓ ଉପନ୍ୟାସ ରଚନା କରିଥିଲେ ।

ରାଧାନାଥ ଯୁଗର ଅବସାନ ନହେଉଣୁ ସତ୍ୟବାଦୀ ପର୍ବର ଉନ୍ମେଷ ( ୧୯୦୯ ) ଘଟେ ଓ ଏହି ପର୍ବ ୧୯୨୫ ମସିହା ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରେ । ସତ୍ୟବାଦୀ ପର୍ବର ମୁଖ୍ୟ ଆଦର୍ଶ ହେଲା ଉତ୍କଳୀୟ ଜାତୀୟ ଚେତନାର ଜାଗରଣ, ସର୍ବଭାରତୀୟ ଜାତୀୟତାବୋଧର ପ୍ରତିଷ୍ଠା, ମାନବ ସେବା, ଇତିହାସ ଓ ଐତିହ୍ୟର ଆବିଷ୍କାର ମାଧ୍ୟମରେ ଜାତିର ଅତୀତ ଐଶ୍ୱର୍ଯ୍ୟକୁ ଦର୍ଶାଇଦେବା, ସର୍ବୋପରି ଜାତୀୟ ଚରିତ୍ର ଗଠନ ପାଇଁ ପ୍ରେରଣା ପ୍ରଦାନ କରିବା । **ପଣ୍ଡିତ ଗୋପବନ୍ଧୁ ଦାସ** ସତ୍ୟବାଦୀ ଯୁଗର କର୍ଣ୍ଣଧାର । ୧୯୦୯ ମସିହାରେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରି ଜାତୀୟ ସ୍ୱାଭିମାନର ମନ୍ତ୍ର ଉଚ୍ଚାରଣ କଲେ । ଏହି ବନ ବିଦ୍ୟାଳୟରେ ଯୋଗ ଦେଲେ ଉଚ୍ଚଶିକ୍ଷିତ **ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର, ପଣ୍ଡିତ ବାସୁଦେବ ମହାପାତ୍ର** ପ୍ରମୁଖ ବିଦ୍ୱାନ । ସମସ୍ତେ ଗୋପବନ୍ଧୁଙ୍କ ଆଦର୍ଶରେ ହେଲେ ଅନୁପ୍ରାଣିତ । ଏମାନଙ୍କ ପୂର୍ବରୁ କୁଳବୃଦ୍ଧ ମଧୁସୂଦନ ଦାସ ୧୯୦୩ ମସିହାରେ ଉତ୍କଳ-ସମ୍ମିଳନୀ ପ୍ରତିଷ୍ଠା କରି ତାହାରି ମାଧ୍ୟମରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ । ଜାତିପ୍ରେମ ବହ୍ନି ପ୍ରଜ୍ୱଳିତ କରି ସ୍ୱାର୍ଥମେଧ ଯଜ୍ଞରେ ବ୍ୟକ୍ତିଗତ ସ୍ୱାର୍ଥକୁ ଆହୁତି ଦେଇ ଜାତିର କଲ୍ୟାଣ ପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ । ଉତ୍କଳ-ଜନନୀଙ୍କର ପୂର୍ଣ୍ଣାଙ୍ଗ ରୂପ ଦେଖିବାକୁ ସେ ଉତ୍କଣ୍ଠିତ ହୋଇପଡ଼ିଥିଲେ । କେତେକ ଉଦ୍‌ବୋଧନମୂଳକ ଗୀତିକା ଓ ଅଭିଭାଷଣ ତାଙ୍କ ପ୍ରତିଭାର ନିଦର୍ଶନ । ସତ୍ୟବାଦୀର ଶିକ୍ଷକ ଓ ଜନନାୟକ ମାନେ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ । ପଣ୍ଡିତ ଗୋପବନ୍ଧୁ ଦେଶପ୍ରେମୀ, ତ୍ୟାଗୀ, ସତ୍ୟ ଓ ଅହିଂସାର ପୂଜକ । 'ସତ୍ୟବାଦୀ' ( ୧୯୧୫ ) ତାଙ୍କର ଏକ ଆଲୋଚନାଧର୍ମୀ ସାହିତ୍ୟ ପତ୍ରିକା, 'ସମାଜ' ( ୧୯୧୯ ) ତାଙ୍କର ଅମଳିନ କୀର୍ତ୍ତି । ତାଙ୍କର ମତ ଥିଲା ପୁଣ୍ୟ ଜନ୍ମମାଟିକୁ ଉଦ୍ଧାର କରିବା ଦ୍ୱାରା ମାନବଜୀବନ ସଫଳ ହୁଏ । 'ଅବକାଶ ଚିନ୍ତା', 'ଧର୍ମପଦ', 'କାରାକବିତା', 'ବନ୍ଦୀର ଆତ୍ମକଥା', 'ବ୍ରହ୍ମତତ୍ତ୍ୱ ବା ନଚିକେତା ଉପାଖ୍ୟାନ', 'ଗୋମାହାତ୍ମ୍ୟ' ଆଦି କବିତାପୁସ୍ତକ ସହିତ ବହୁ ପ୍ରବନ୍ଧର ସେ ରଚୟିତା । ପଣ୍ଡିତ ନୀଳକଣ୍ଠ ଦାସ ଜଣେ ଜ୍ଞାନଦୀପ୍ତ ସ୍ୱାଧୀନଚେତା ବ୍ୟକ୍ତି । ଶିକ୍ଷକତାରୁ ଜାତୀୟ ମୁକ୍ତିସଂଗ୍ରାମ ଓ ରାଜନୀତିକୁ ତାଙ୍କର ଗତି । ମାତ୍ର ସେ ଜଣେ ଉଚ୍ଚକୋଟୀର ସାରସ୍ୱତ ସାଧକ । 'କୋଣାର୍କେ','ଖାରବେଳ' ତାଙ୍କର ଦୁଇଟି ଇତିହାସ ଆଧାରିତ ଜାତୀୟ ଭାବଧାରାର ପ୍ରାଣବନ୍ତ କାବ୍ୟ । 'ଦାସନାଏକ'ଓ 'ପ୍ରଣୟିନୀ' ତାଙ୍କର ଅନୂଦିତ କାବ୍ୟ । ସେ ଥିଲେ ସଂସ୍କାରଧର୍ମୀ । 'ମୋ ନିଶ,' 'ପ୍ରତିଭା ପୂଜା ଓ ପ୍ରତିମା ପୂଜା', 'ଅଛୁଁ ଓ ହେବୁ' ଆଦି ପ୍ରବନ୍ଧରୁ ତାଙ୍କର ସ୍ୱାଧୀନ ଚିନ୍ତା ଓ ସଂସ୍କାରଧର୍ମିତାର ପରିଚୟ ମିଳେ । 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ', 'ଓଡ଼ିଆ ଭାଷା ଓ ସାହିତ୍ୟ' 'ସଂସ୍କୃତି ଓ ସଂସ୍କୃତି', 'ଆର୍ଯ୍ୟଜୀବନ' ଆଦି ତାଙ୍କ ପ୍ରଜ୍ଞାମାନସର ପରିଚୟ ଦେଇଥାଏ । ପଣ୍ଡିତ ଗୋଦାବରୀଶ ମିଶ୍ର ମଧ୍ୟ ଉଚ୍ଚଶିକ୍ଷିତ ଓ ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ । ପରବର୍ତ୍ତୀ ସମୟରେ ସେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳରେ ବୁଲି ସଂଗଠନ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଜଣେ କବି ଭାବରେ ତାଙ୍କର ଖ୍ୟାତି ରହିଛି । 'ଆଲେଖିକା' ତାଙ୍କର ଗାଥା କବିତାର ମନୋଜ୍ଞ ସଂକଳନ । ଏହାବ୍ୟତୀତ 'ଗୀତାୟନ' 'କିଶଳୟ' 'ଚୟନିକା', 'କଳିକା' ଆଦି ତାଙ୍କର ମନୋଜ୍ଞ କବିତା

ସଂକଳନ। 'ମୁକୁନ୍ଦଦେବ' 'ପୁରୁଷୋତ୍ତମଦେବ' ନାମରେ ତାଙ୍କର ଦୁଇଟି ନାଟକ ଅଛି । ସେ ମଧ୍ୟ 'ଘଟାନ୍ତର', 'ଅଭାଗିନୀ', ଅଠରଶହ ସତର', 'ବିସର୍ଜନ' ଆଦି ଉପନ୍ୟାସ ଓ ୨୭ଟି ଗଳ୍ପର ଲେଖକ । ତାଙ୍କର 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଆତ୍ମଚରିତ। ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କର 'କୋଣାର୍କ', 'ବାରବାଟୀ' ଓ 'ଉତ୍କଳ ଇତିହାସ' ତଥା 'ଲୀଳା', 'କା', 'ଅଦୃଷ୍ଟବାଦ' ଆଦି କେତେକ ପ୍ରବନ୍ଧ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ବାସୁଦେବ ମହାପାତ୍ରଙ୍କର 'ଶାନ୍ତିଧାରା', ଜଗବନ୍ଧୁ ସିଂହଙ୍କର 'ପ୍ରାଚୀନ ଉତ୍କଳ', 'ପ୍ରବନ୍ଧସାର', 'ଶ୍ରୀକୃଷ୍ଣ', ପଦ୍ମଚରଣ ପଟ୍ଟନାୟକଙ୍କର 'ପଦ୍ମପାଖୁଡା', 'ଆଶା ମଞ୍ଜରୀ', 'ସୂର୍ଯ୍ୟମୁଖୀ' ଆଦି କବିତା ପୁସ୍ତକ ସତ୍ୟବାଦୀ ଯୁଗର ଆଭିମୁଖ୍ୟରେ ଋଦ୍ଧିମନ୍ତ । ଏହି ସମୟରେ **ଆର୍ତ୍ତବଲ୍ଲଭ ମହାନ୍ତି** ଜଣେ ବିଶିଷ୍ଟ ଗବେଷକ ଭାବରେ ଓଡ଼ିଆ ସାହିତ୍ୟରେ ଆବିର୍ଭୂତ ହୋଇ ଯେଉଁମାନେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ଓ ମଧ୍ୟଯୁଗୀୟ କାବ୍ୟକୁ ନିନ୍ଦା କରୁଥିଲେ ସେମାନଙ୍କୁ ସମୁଚିତ ଉତ୍ତର ଦେବା ପାଇଁ ୧୯୨୬ ମସିହାରେ ପ୍ରାଚୀ ସମିତି ଗଠନ କରି ତାହାରି ଆନୁକୂଲ୍ୟରେ ପ୍ରାଚୀନ ସାହିତ୍ୟର ପୋଥି-ଅହଲ୍ୟାଙ୍କୁ ନୂତନ ଜୀବନ ଦେଲେ ଓ ଦର୍ଶାଇଦେଲେ ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟର ମହତ୍ତ୍ୱ ସଂପର୍କରେ । 'ଲାବଣ୍ୟବତୀ', 'ବିଦଗ୍ଧ ଚିନ୍ତାମଣି', 'ରସକଲ୍ଲୋଳ' ଆଦି ନାନା ଗ୍ରନ୍ଥର ସଂପାଦନା ଓ ମୁଖବନ୍ଧ ତାଙ୍କ ପାଣ୍ଡିତ୍ୟର ପରିଚୟ ଦିଏ । **ସୁଧାକର ପଟ୍ଟନାୟକ, ବିଚ୍ଛନ୍ଦଚରଣ ପଟ୍ଟନାୟକ, କେଦାରନାଥ ମହାପାତ୍ର** ପ୍ରମୁଖ ମଧ୍ୟ ପୋଥି ସଂପାଦନା କରି ପ୍ରାଚୀନ ଓଡ଼ିଆ ସାହିତ୍ୟର ରତ୍ନ ଭଣ୍ଡାରକୁ ଖୋଲିଦେଇଥିଲେ ।

ସତ୍ୟବାଦୀ ଯୁଗର ଆଦର୍ଶ ପ୍ରତିଧ୍ୱନିତ ହୋଇଛି ଅନ୍ୟାନ୍ୟ କେତେଜଣ ଲେଖକଙ୍କ କୃତିରେ । **କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର** 'ଜାତୀୟ ସଂଗୀତ', 'ଜୀବନ ସଂଗୀତ' ପରି କବିତା ପୁସ୍ତକ, ବିବିଧ ହାସ୍ୟରସାତ୍ମକ କବିତା ଓ ଲାଳିକା, 'କଣାମାମୁ' ପରି ଉପନ୍ୟାସ ଓ ନାନା ଗଳ୍ପ ତାଙ୍କ ପ୍ରତିଭାର ପରିଚୟ ଦିଏ । **କୁନ୍ତଳାକୁମାରୀ ସାବତ** ସତ୍ୟବାଦୀ ଆଦର୍ଶରେ ଅନୁପ୍ରାଣିତ ହୋଇ ରଚନା କରିଥିଲେ 'ଅଞ୍ଜଳି', 'ଉଚ୍ଛ୍ୱାସ', 'ସ୍ଫୁଲିଙ୍ଗ', 'ଅର୍ଚ୍ଚନା', 'ଆହ୍ୱାନ', 'ପ୍ରେମଚିନ୍ତାମଣି', 'ଗଡ଼ଜାତ କୃଷକ', 'ଓଡ଼ିଆଙ୍କ କାନ୍ଦଣା' ଆଦି କବିତା ପୁସ୍ତକ, 'ପରଶମଣି', 'ଭ୍ରାନ୍ତି, 'ନଅତୁଣ୍ଡୀ', 'କାଳୀବୋହୂ', 'ରଘୁଅରକ୍ଷିତ' ଆଦି ଉପନ୍ୟାସ । ସତ୍ୟବାଦୀ ଆଦର୍ଶର ଅନ୍ୟତମ ବିଶିଷ୍ଟ ସାରସ୍ୱତ ଶିଳ୍ପୀ **ଗୋଦାବରୀଶ ମହାପାତ୍ର** । ତାଙ୍କର 'ପାହାଚ ତଳର ଘାସ' 'ହେ ମୋର କଲମ', ହାଣ୍ଡିଶାଳର ବିପ୍ଳବ', 'ବଙ୍କା ଓ ସିଧା', 'କଣ୍ଟା ଓ ଫୁଲ', ଆଦି କବିତା ପୁସ୍ତକ, 'ଏବେ ମଧ୍ୟ ବଂଚିଛି, 'ନୀଳ ମାଷ୍ଟ୍ରାଣୀ', 'ମୁଁ ଦିନେ ମନ୍ତ୍ରୀ ଥିଲି' 'ମାଟିର ମାୟା', 'ଗରିବର ଭଗବାନ'ଓ 'ସ୍ମୃତି ସଞ୍ଚୟନ' ଆଦି ଗଳ୍ପ ପୁସ୍ତକ ଏବଂ ରାଜଦ୍ରୋହୀ, 'ରକ୍ତପାତ', 'ବନ୍ଦୀର ମାୟା' ଆଦି ଉପନ୍ୟାସ ପାଠକମାନଙ୍କ ନିକଟରେ ଏକାନ୍ତ ଆଦରଣୀୟ । 'ନିଆଁଖୁଣ୍ଟା' ତାଙ୍କର ଏକ ସମାଲୋଚନାଧର୍ମୀ ପତ୍ରିକା ।

ସତ୍ୟବାଦୀ-ଚେତନା ଓଡ଼ିଆ ସାହିତ୍ୟରେ ଜାତୀୟତାବାଦୀ ଭାବଧାରା ସୃଷ୍ଟି କରିବାରେ ଥିଲା ପ୍ରମୁଖ ପ୍ରେରଣା । ମାନବବନ୍ଦନା ଥିଲା ଏହାର ଅନ୍ୟତମ ଆଦର୍ଶ । ୧୯୨୧ ମସିହାରୁ ଭାରତବର୍ଷରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହେଲା ମୁକ୍ତି ସଂଗ୍ରାମ । ଓଡ଼ିଶାରେ ମଧ୍ୟ ତାହା ପ୍ରଭାବ ବିସ୍ତାର କଲା । ଉତ୍କଳମଣି ଗୋପବନ୍ଧୁ ଦାସ ନେଲେ ତାହାର ନେତୃତ୍ୱ । ଏହି ସମୟରେ **ଜାତୀୟ କବି ବୀରକିଶୋର ଦାସ ଓ ବାଞ୍ଛାନିଧି ମହାନ୍ତି** ରଚନା କଲେ ଜାତୀୟ ଉଦ୍‌ବୋଧନମୂଳକ ଗୀତିକା । ସତ୍ୟବାଦୀ ପର୍ବର ଅବସାନ ନ ଘଟୁଣୁ ଓଡ଼ିଆ ସାହିତ୍ୟରେ ଆରମ୍ଭ ହେଲା ସବୁଜ ଚେତନାର ନୂତନ ପର୍ବ (୧୯୨୧-୧୯୩୫) । ଏହି ପର୍ବର ପାଞ୍ଚଜଣ ତରୁଣ ଲେଖକ ହେଲେ **ଅନ୍ନଦାଶଙ୍କର ରାୟ, କାଳିନ୍ଦୀଚରଣ ପାଣିଗ୍ରାହୀ,**

ବୈକୁଣ୍ଠନାଥ ପଟ୍ଟନାୟକ, ଶରତଚନ୍ଦ୍ର ମୁଖାର୍ଜୀ ଓ ହରିହର ମହାପାତ୍ର । ଏମାନଙ୍କ ଲେଖାରେ ପ୍ରକାଶ ପାଇଲା ସ୍ୱପ୍ନ, କଳ୍ପନା, ପ୍ରେମ, ଯୌବନ, ପ୍ରକୃତି ଓ ସୌନ୍ଦର୍ଯ୍ୟବୋଧର ନାନା ଭାବ ଓ ଭାବନା । ଏମାନେ ସମକାଳୀନ ସ୍ୱାଧୀନତା ସଂଗ୍ରାମ ତଥା ସତ୍ୟବାଦୀ ଚେତନା ପ୍ରତି ଅନାସକ୍ତ ରହିଲେ । କାଳିନ୍ଦୀଚରଣ ଗଳ୍ପ, କବିତା, ଉପନ୍ୟାସ, ପ୍ରବନ୍ଧ, ସମାଲୋଚନା ଆଦି ରଚନା କଲେ । ୧୯୩୦ ମସିହା ପରବର୍ତ୍ତୀ ସମୟରୁ ତାଙ୍କର ସ୍ରଷ୍ଟା ମାନସ କ୍ରମଶଃ ପ୍ରଗତିବାଦୀ ଭାବଧାରା ପ୍ରତି ଆକୃଷ୍ଟ ହୋଇଛି । 'ମାଟିର ମଣିଷ', 'ଲୁହାର ମଣିଷ', 'ଆଜିର ମଣିଷ', 'ମୁକ୍ତାଗଡ଼ର କ୍ଷୁଧା' ଏବଂ 'ଅମରଚିତା' ତାଙ୍କର ପ୍ରସିଦ୍ଧ ଉପନ୍ୟାସ । ସେ ମଧ୍ୟ ବହୁ ଗଳ୍ପର ସ୍ରଷ୍ଟା । ମାନବବାଦୀ ଭାବଧାରା ଓ ଗାନ୍ଧିବାଦ ତାଙ୍କ ଗଳ୍ପ ଓ ଉପନ୍ୟାସର ପ୍ରାଣସତ୍ତା । ତାଙ୍କର କବିତା କ୍ରମଶଃ ସ୍ୱପ୍ନ ଓ କଳ୍ପନାରୁ ପ୍ରଗତିବାଦୀ ଭାବଧାରାକୁ ଗତି କରିଯାଇଛି । ଅନ୍ନଦାଶଙ୍କର ଓଡ଼ିଆ ଭାଷାରେ କିଛି କବିତା ଓ ପ୍ରବନ୍ଧ ରଚନା କଲାପରେ ୧୯୨୬ ବେଳକୁ ଓଡ଼ିଆ ଭାଷାକୁ ଛାଡ଼ି ଦେଇ ବଙ୍ଗଳା ଭାଷାକୁ ଆପଣେଇ ନେଲେ । ବୈକୁଣ୍ଠନାଥ ଆଜୀବନ କବିତା ଲେଖୁଥିଲେ । 'କାବ୍ୟ ସଞ୍ଚୟନ', 'ଉତ୍ତରାୟଣ' ଆଦି ତାଙ୍କର କବିତା ଗ୍ରନ୍ଥ । ଶରତ ଚନ୍ଦ୍ର ଓ ହରିହର ମଧ୍ୟ କେତେକ କବିତା ରଚନା କରିଥିଲେ । ସତ୍ୟବାଦୀ ଆଦର୍ଶରେ ଅନୁପ୍ରାଣିତ **ରତ୍ନାକର ପତି** ଥିଲେ ଜଣେ ବିଶିଷ୍ଟ ପ୍ରାବନ୍ଧିକ । ତାଙ୍କ ବ୍ୟତୀତ **ମୋହିନୀ ମୋହନ ସେନାପତି, ବିପିନ ବିହାରୀ ରାୟ, ବ୍ରଜ ବିହାରୀ ମହାନ୍ତି, କପିଳେଶ୍ୱର ଦାଶ** ପ୍ରମୁଖ ପ୍ରବନ୍ଧ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ **ଜଗନ୍ନାଥ ପାଣି** ଗୀତାଭିନୟ ଜଗତରେ ଯେଉଁ ଧାରା ସୃଷ୍ଟି କଲେ ସେଥିରେ ପରିବର୍ତ୍ତନ ଆଣି **ବୈଷ୍ଣବ ପାଣି, ଗୋପାଳ ଦାଶ, ବାଳକୃଷ୍ଣ ମହାନ୍ତି, କୃଷ୍ଣପ୍ରସାଦ ବସୁ, କୃଷ୍ଣ ପ୍ରସାଦ ବେହେରା** ନୂତନ ଚମକ ସୃଷ୍ଟି କଲେ । **ଭିକାରୀଚରଣ ପଟ୍ଟନାୟକ, କାମପାଳ ମିଶ୍ର** ପ୍ରମୁଖ ନାଟକ ରଚନା କରିଥିଲେ ମଧ୍ୟ ନାଟ୍ୟଭାରତୀ **ଅଶ୍ୱିନୀ କୁମାର ଘୋଷ** ସ୍ୱାଧୀନତା ଲାଭର ପୂର୍ବ ତିରିଶ ବର୍ଷ କାଳ ନାଟକ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ । ତାଙ୍କ ରଚିତ 'କୋଣାର୍କ', 'କଳାପାହାଡ଼', 'ଗୋବିନ୍ଦ ବିଦ୍ୟାଧର', 'କେଶରୀଗଙ୍ଗ', 'ଭୀଷ୍ମ', 'ସାବିତ୍ରୀ', 'ସାଲବେଗ', 'ବନ୍ଧୁ ମହାନ୍ତି', 'ଶ୍ରୀଲୋକନାଥ', 'ତାଜମହଲ', 'ପାଇକ ପୁଅ', 'ଓଡ଼ିଆ ଝିଅ', 'କପିଳେନ୍ଦ୍ର ଦେବ', 'ରଘୁ ଅରକ୍ଷିତ', 'ଦାସିଆ ବାଉରୀ', 'ଶ୍ରୀମନ୍ଦିର', 'ଚଷାଝିଅ' ଆଦି ନାଟକାବଳୀ ଓଡ଼ିଆ ନାଟ୍ୟ ସାହିତ୍ୟର ମଧ୍ୟପର୍ବରେ ଉଲ୍ଲେଖଯୋଗ୍ୟ ସୃଷ୍ଟି ।

ଭାରତୀୟ ମୁକ୍ତି-ସଂଗ୍ରାମକୁ ଅବଲମ୍ବନ କରି ଜାତୀୟତାର ଭାବ ତରଙ୍ଗ ସମଗ୍ର ଭାରତର ଲେଖକମାନଙ୍କ ହୃଦୟରେ ତରଙ୍ଗାୟିତ ହୋଇ ଉଠିଥିଲା । ଗାନ୍ଧିବାଦ ଥିଲା ସେକାଳର ପ୍ରଧାନ ଆଦର୍ଶ । ୧୯୩୦ ମସିହା ପରେ ମାର୍କ୍ସବାଦ ଭାରତବର୍ଷରେ କ୍ରମେ ପ୍ରଭାବ ବିସ୍ତାର କଲା । ସେହି ଆଦର୍ଶରେ ଅନୁପ୍ରାଣିତ ହୋଇ **ଭଗବତୀ ଚରଣ ପାଣିଗ୍ରାହୀ** ୧୯୩୫ ମସିହା ଡିସେମ୍ବର ମାସରେ ନବଯୁଗ ସାହିତ୍ୟ ସଂସଦ ପ୍ରତିଷ୍ଠା କଲେ ଓ ଏହି ସଂସଦ ଆନୁକୂଲ୍ୟରେ ପ୍ରକାଶ କଲେ 'ଆଧୁନିକ' (୧୯୩୬ ମେ) ପତ୍ରିକା । ପ୍ରଗତିବାଦୀ ଆଭିମୁଖ୍ୟ ନେଇ ପତ୍ରିକାର ହେଲା ଗତି । **ଭଗବତୀ ଚରଣ, ଅନନ୍ତ ପଟ୍ଟନାୟକ, ସୁନନ୍ଦ କର** ପ୍ରମୁଖ ଏହି ନବଯୁଗ ସଂସଦର ସଭ୍ୟ ହେଲେ । ମାର୍କ୍ସବାଦ ଓ ପ୍ରଗତିବାଦ ଦ୍ୱାରା ଅନୁପ୍ରାଣିତ ହୋଇ ବହୁ ଲେଖକ ସାହିତ୍ୟ ସୃଷ୍ଟି କଲେ । ଭଗବତୀ ଚରଣଙ୍କର 'ଶିକାର', 'ହାତୁଡ଼ି ଓ ଦା', 'ଜୀବନର ସମାଧି', 'ଜଙ୍ଗଲୀ' ଆଦି ଗଳ୍ପ ଓ ବିବିଧ ପ୍ରବନ୍ଧ, କାଳିନ୍ଦୀ ଚରଣଙ୍କର 'ଆଗାମୀ', 'ଯାଦୁଘର', 'ମୋ କବିତା' ଆଦି କବିତା ସହିତ ଅନନ୍ତ ପଟ୍ଟନାୟକଙ୍କର 'ରକ୍ତଶିଖା', 'ଶାନ୍ତିଶିଖା', 'କିଞ୍ଚିତ, 'ତର୍ପଣ' କରେ ଆଜି' **ସଚ୍ଚିଦାନନ୍ଦ**

ରାଉତରାୟଙ୍କର 'ଅଭିଯାନ', 'ଭାନୁମତୀର ଦେଶ', 'ବାଜି ରାଉତ' ଆଦି କବିତା ପୁସ୍ତକ, **ରଘୁନାଥ ଦାସ, ସୁନନ୍ଦ କର** ଓ **ମନମୋହନ ମିଶ୍ର**ଙ୍କର କବିତା ଓ ଗଳ୍ପ ପ୍ରଗତିବାଦୀ ପର୍ବର ସମକାଳରେ **ମାୟାଧର ମାନସିଂହ, ରାଧାମୋହନ ଗଡନାୟକ** ଓ ପରେ ପରେ **ବିନୋଦ ଚନ୍ଦ୍ର ନାୟକ, କୁଂଜବିହାରୀ ଦାଶ** ପ୍ରମୁଖ କବିତା ରଚନା କଲେ । ମାନସିଂହଙ୍କ କବିତା ପ୍ରେମ, ପ୍ରଣୟ, ସୌନ୍ଦର୍ଯ୍ୟବୋଧ, ଜାତୀୟତାବୋଧ ଓ ମାନବ-ବନ୍ଦନାର ମାର୍ମିକ ଆଲେଖ୍ୟ । ରାଧାମୋହନ ଗଡ଼ନାୟକ ଜଣେ ବିଶିଷ୍ଟ ଗାଥା କବି । ତାଙ୍କ କବିତାରେ ମଧ୍ୟ ଜାତୀୟତାବୋଧ ଓ ମାନବ-ବନ୍ଦନା ମୁଖ୍ୟ ସ୍ଥାନ ଗ୍ରହଣ କରିଅଛି । ସଚ୍ଚିଦାନନ୍ଦ ରାଉତରାୟ ଓ **କୃଷ୍ଣଚନ୍ଦ୍ର ତ୍ରିପାଠୀ** ମଧ୍ୟ ସ୍ୱାଧୀନତାର ବହୁ ପୂର୍ବରୁ କବିତା ଲେଖି ଆସୁଥିଲେ । ସ୍ୱାଧୀନତା ପରେ ମଧ୍ୟ ସେମାନେ କବିତା ଲେଖିଅଛନ୍ତି । ସଚ୍ଚିଦାନନ୍ଦ ପ୍ରଗତିବାଦୀ କବିତା ରଚନାରୁ ଗତି କଲେ ପ୍ରୟୋଗବାଦୀ କବିତା ରଚନା କ୍ଷେତ୍ରକୁ । 'ପଲ୍ଲୀଶ୍ରୀ', 'ଅଭିଯାନ', 'ଭାନୁମତୀର ଦେଶ', 'ବାଜିରାଉତ', 'ପାଣ୍ଡୁଲିପି' ଆଦି ସ୍ୱାଧୀନତା ପୂର୍ବବର୍ତ୍ତୀ କବିତା ପୁସ୍ତକ । ଏହି ସମୟରେ ମଧ୍ୟ ସେ ରଚନା କରିଥିଲେ 'ଚିତ୍ରଗ୍ରୀବ' ପରି ଉପନ୍ୟାସ, 'ମଶାଣିର ଫୁଲ', 'ମାଟିର ତାଜ୍' ପରି ଗଳ୍ପ ପୁସ୍ତକ । ସ୍ୱାଧୀନତା ପରେ 'ସ୍ୱଗତ' 'କବିତା-୧୯୬୨', 'କବିତା-୧୯୬୯', 'କବିତା-୧୯୭୪', 'କବିତା-୧୯୮୫', 'କବିତା-୧୯୯୪', 'କବିତା-୨୦୦୪' ଆଦି କବିତା ପୁସ୍ତକ ଓ କେତୋଟି ଆଲୋଚନା ଗ୍ରନ୍ଥ ପ୍ରକାଶ ପାଇଅଛି । ତାଙ୍କର ଆତ୍ମ ଚରିତ 'ଉରରକକ୍ଷ' ଦୁଇଟି ଭାଗରେ ପ୍ରକାଶିତ ।

ସ୍ୱାଧୀନତା ପୂର୍ବରୁ **କାହ୍ନୁଚରଣ ମହାନ୍ତି** ଜଣେ ବିଶିଷ୍ଟ ଔପନ୍ୟାସିକ ଭାବରେ ଆବିର୍ଭୂତ ହୋଇ ରଚନା କଲେ 'ବାଲିରାଜା', 'ହା'ଅନ୍ନ', 'ପଳାତକ', 'ଶାସ୍ତି' ଆଦି ଉପନ୍ୟାସ । ସ୍ୱାଧୀନତା ପରେ ମଧ୍ୟ ସେ ପ୍ରକାଶ କଲେ 'ଝଞ୍ଜା', 'ବଜ୍ରବାହୁ', 'ତମସା ତୀରେ', 'ଛୁଟିଲେ ଘଟ', 'ମେଲାଣି ମାଗୁଣି' ଆଦି ଉପନ୍ୟାସ । ସ୍ୱାଧୀନତା ପୂର୍ବରୁ **ରାଜକିଶୋର ରାୟ, ରାଜକିଶୋର ପଟ୍ଟନାୟକ, ପ୍ରାଣବନ୍ଧୁ କର** ମଧ୍ୟ ଗଳ୍ପ ରଚନା କରିଥିଲେ । ସ୍ୱାଧୀନତା ପରେ ମଧ୍ୟ ସେମାନେ ଗଳ୍ପ ରଚନା କରିଛନ୍ତି । ରାଜକିଶୋର ପଟ୍ଟନାୟକ ଜଣେ ଗାଳ୍ପିକ ଓ ଔପନ୍ୟାସିକ ଭାବରେ ପରିଚିତ । **ଅନନ୍ତ ପ୍ରସାଦ ପଣ୍ଡା, ରାମ ପ୍ରସାଦ ସିଂହ, ଚକ୍ରଧର ମହାପାତ୍ର, ରାମଚନ୍ଦ୍ର ଆଚାର୍ଯ୍ୟ** ପ୍ରମୁଖ ଆହୁରି କେତେ ଜଣ ଗଳ୍ପ ଓ ଉପନ୍ୟାସ ଲେଖି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ । ସ୍ୱାଧୀନତା ଲାଭ ପରେ ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ସଂକ୍ରମଣ ଫଳରେ ଅତ୍ୟାଧୁନିକ ଯୁଗର ହେଲା ଉନ୍ମେଷ । ଏହି ସମୟରେ ସମାଜ ଅପେକ୍ଷା ବ୍ୟକ୍ତି- ମଣିଷଟି ପ୍ରାଧାନ୍ୟ ଲାଭ କଲା । ସ୍ୱାଧୀନତାର ସ୍ୱପ୍ନ ଭଙ୍ଗ, ଗଣତନ୍ତ୍ରର ବ୍ୟର୍ଥତା, ଆଦର୍ଶ ଓ ମୂଲ୍ୟବୋଧର ଅବକ୍ଷୟ, ଅସ୍ତିତ୍ୱବାଦୀ ଚେତନା ଇତ୍ୟାଦି ନାନା ବିଷୟ ସାହିତ୍ୟରେ ପ୍ରକାଶ ପାଇଲା । କବିତା, ଗଳ୍ପ, ଉପନ୍ୟାସ ନାଟକ ଆଦି ସବୁ କ୍ଷେତ୍ରରେ ହେଲା ଦ୍ରୁତ ପରିବର୍ତ୍ତନ । ସଚ୍ଚିଦାନନ୍ଦ ରାଉତରାୟ 'ପାଣ୍ଡୁଲିପି'ରେ ଆଧୁନିକ ଚେତନାର ଯେଉଁ ରୂପ ଅଙ୍କନ କରିଥିଲେ ତାହା ସ୍ୱାଧୀନତା ପରବର୍ତ୍ତୀ କାଳରେ ନୂତନ ରୂପରେ **ଗୁରୁପ୍ରସାଦ ମହାନ୍ତି, ବେଣୁଧର ରାଉତ, ଚିନ୍ତାମଣି ବେହେରା, କୃଷ୍ଣଚରଣ ବେହେରା, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ଦୀପକ ମିଶ୍ର, ହରିହର ମିଶ୍ର, କମଳାକାନ୍ତ ଲେଙ୍କା, ପ୍ରତିଭା ଶତପଥୀ** ପ୍ରମୁଖଙ୍କ କବିତାରେ ପ୍ରକାଶ ପାଇଲା । ଅପରପକ୍ଷରେ ପ୍ରଗତିବାଦୀ ଅଭିମୁଖ୍ୟକୁ ନେଇ **ଅନନ୍ତ ପଟ୍ଟନାୟକ, ରବି ସିଂହ, ବ୍ରଜନାଥ ରଥ, ରଘୁନାଥ ଦାସ** ପ୍ରମୁଖ ରଚନା କଲେ କବିତା ।

ସ୍ୱାଧୀନତା ପୂର୍ବରୁ ଗୋପୀନାଥ ମହାନ୍ତି ରମ୍ୟ ରଚନା, ଗଳ୍ପ ଓ ଉପନ୍ୟାସ ଲେଖି ଆସୁଥିଲେ । ଆଦିବାସୀ ଜୀବନଧାରାକୁ ନେଇ ଓଡ଼ିଆ ସାହିତ୍ୟରେ ପ୍ରଥମେ ଗୋପାଳବଲ୍ଲଭ ଦାସ ରଚନା କରିଥିଲେ 'ଭୀମା ଭୂୟାଁ' (୧୯୦୮) ଉପନ୍ୟାସ । ଗୋପୀନାଥ ମହାନ୍ତି ସେହି ଧାରାରେ ଆପଣାର ଦକ୍ଷତା ପ୍ରଦର୍ଶନ କଲେ । ତାଙ୍କର 'ଦାଦିବୁଢ଼ା', 'ପରଜା', 'ଅମୃତର ସନ୍ତାନ', 'ଶିବଭାଇ', 'ଅପହଞ୍ଚ', 'ଅନାମ' ଆଦି ଆଦିବାସୀ ଜୀବନଧାରାକୁ ନେଇ ରଚିତ ଉପନ୍ୟାସ । ଏହା ବ୍ୟତୀତ 'ହରିଜନ' 'ରାହୁର ଛାୟା', 'ଦାନାପାଣି', 'ମାଟିମଟାଳ', 'ଆକାଶ ସୁନ୍ଦରୀ', ବୁନ୍ଦାଏ ପାଣି, ଆଦି ତାଙ୍କର ଉପନ୍ୟାସ ଓ 'ଘାସଫୁଲ', 'ଉଡ଼ନ୍ତା ଖଇ', 'ଗୁପ୍ତଗଙ୍ଗା' ଆଦି ତାଙ୍କର ଗଳ୍ପ ପୁସ୍ତକ । **ସୁରେନ୍ଦ୍ର ମହାନ୍ତି** ମଧ୍ୟ ସ୍ୱାଧୀନତା ପୂର୍ବରୁ ଗଳ୍ପ ଓ ଉପନ୍ୟାସ ରଚନା କରିଥିଲେ ଓ ସ୍ୱାଧୀନତା ପରେ ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ଲେଖି ଚାଲିଥିଲେ । 'ବଧୂ ଓ ପ୍ରିୟା' 'ଅନ୍ଧ ଦିଗନ୍ତ', ନୀଳଶୈଳ', 'ନୀଳାଦ୍ରି ବିଜୟ', 'କୃଷ୍ଣାବେଣୀରେ ସଂଧ୍ୟା', 'ହଂସଗୀତି', 'କାଳାନ୍ତର', 'ସବୁଜ ପତ୍ର ଓ ଧୂସର ଗୋଲାପ', 'ମରାଳର ମୃତ୍ୟୁ', 'ମହାନିର୍ବାଣ', 'ମହାନଗରୀର ରାତ୍ରି', 'ଓଃ କାଲ୍‌କାଟା', 'ଦୁଇ ସୀମାନ୍ତ', 'କବି ଓ ନର୍ତ୍ତକୀ', 'ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ', 'ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପ' ଆଦି ତାଙ୍କର ଗଳ୍ପ ପୁସ୍ତକ । ସେ ମଧ୍ୟ ଜଣେ ସମାଲୋଚକ, ପ୍ରାବନ୍ଧିକ, ଆତ୍ମକାହାଣୀ ଓ ଭ୍ରମଣକାହାଣୀ ଲେଖକ ଭାବରେ ସୁପରିଚିତ । ସ୍ୱାଧୀନତା ପରେ ଅନ୍ୟାନ୍ୟ କଥାକାରମାନଙ୍କ ମଧ୍ୟରେ **ବାମାଚରଣ ମିତ୍ର, କିଶୋରୀ ଚରଣ ଦାସ, ମନୋଜ ଦାସ, କୃଷ୍ଣ ପ୍ରସାଦ ମିଶ୍ର, ମହାପାତ୍ର ନୀଳମଣି ସାହୁ, ଶାନ୍ତନୁ ଆଚାର୍ଯ୍ୟ, ବସନ୍ତ କୁମାରୀ ପଟ୍ଟନାୟକ, ବସନ୍ତ କୁମାର ଶତପଥୀ, ଗୋବିନ୍ଦ ଦାସ, ଚନ୍ଦ୍ରଶେଖର ରଥ, ରବି ପଟ୍ଟନାୟକ, ବୀଣାପାଣି ମହାନ୍ତି, ରାମଚନ୍ଦ୍ର ବେହେରା, ବିଭୂତି ପଟ୍ଟନାୟକ ଓ ପ୍ରତିଭା ରାୟ** ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ । ସ୍ୱାଧୀନତା ପରବର୍ତ୍ତୀ କାଳରେ **ଭୁବନେଶ୍ୱର ବେହେରା** ଜଣେ ଉଚ୍ଚକୋଟୀର ରମ୍ୟରଚକ, ଗାଳ୍ପିକ ଓ ଭ୍ରମଣ କାହାଣୀ ଲେଖକ ଭାବରେ ଆପଣାର ଦକ୍ଷତା ପ୍ରଦର୍ଶନ କରିଅଛନ୍ତି । ସ୍ୱାଧୀନତା ପୂର୍ବରୁ ଉପନ୍ୟାସ ଓ କବିତା ରଚନା କରି ଯଶସ୍ୱୀ ହୋଇଥିବା **ହରେକୃଷ୍ଣ ମହତାବ** ସ୍ୱାଧୀନତା ପରେ ନିରବଚ୍ଛିନ୍ନ ଭାବରେ କବିତା, ଗଳ୍ପ, ଉପନ୍ୟାସ ଓ ରମ୍ୟରଚନା ଲେଖିଛନ୍ତି । 'ଗାଁ ମଜଲିସ୍' ତାଙ୍କର ଚିନ୍ତାମୂଳକ ରମ୍ୟରଚନା ଓ ପ୍ରବନ୍ଧ । 'ସ୍ୱର୍ଗରେ ଇମରଜେନ୍‌ସି' ତାଙ୍କର ଏକ ଗଳ୍ପ ପୁସ୍ତକ । 'ନୂତନ ଧର୍ମ,' 'ପ୍ରତିଭା', 'ଅବ୍ୟାପାର', 'ଟାଉଟର', 'ତୃତୀୟ ପର୍ବ', 'ଉଣେଇଶି ଶହ ପଞ୍ଚସ୍ତରୀ' ତାଙ୍କର ଉପନ୍ୟାସ । 'ଝଙ୍କାର' (୧୯୪୯) ପତ୍ରିକା ମାଧ୍ୟମରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ନବ ନିର୍ମାଣ କ୍ଷେତ୍ରରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । 'ସାଧନାର ପଥେ' ଓ 'ଆରବସାଗରରୁ ଚିଲିକା' ତାଙ୍କର ଆତ୍ମଚରିତ ।

ସ୍ୱାଧୀନତା ପୂର୍ବରୁ ଓ ପରେ ଓଡ଼ିଆ ନାଟକ ରଚନା କ୍ଷେତ୍ରରେ **କାଳୀଚରଣ ପଟ୍ଟନାୟକ, ରାମଚନ୍ଦ୍ର ମିଶ୍ର, ଗୋପାଳ ଛୋଟରାୟ, ଭଂଜ କିଶୋର ପଟ୍ଟନାୟକ, କମଳ ଲୋଚନ ମହାନ୍ତି, ରଘୁନାଥ ପଣ୍ଡା, ଭୁବନେଶ୍ୱର ମହାପାତ୍ର ଓ କୃଷ୍ଣପ୍ରସାଦ ବେହେରା** ପ୍ରମୁଖଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । କାଳୀଚରଣଙ୍କର 'ଭାତ', 'ରକ୍ତମାଟି', 'ଅଭିଯାନ', ରାମଚନ୍ଦ୍ର ମିଶ୍ରଙ୍କର ' ଭାଇଭାଉଜ', 'ଘରସଂସାର', ଭଂଜକିଶୋରଙ୍କର 'ମାଣିକଯୋଡ଼ି', 'ଜୟମାଲ୍ୟ', ଗୋପାଳ ଛୋଟରାୟଙ୍କର 'ଭରସା', 'ପରକଲମ' ଆଦି ନାଟକ ଏକଦା ଓଡ଼ିଶାର ରଙ୍ଗମଞ୍ଚମାନଙ୍କରେ ଚହଳ ପକାଇଥିଲା । **ମନୋରଂଜନ ଦାସ**ଙ୍କର 'ଆଗାମୀ' ଓ 'ସାଗର ମନ୍ଥନ' ନାଟକ ପରେ ପରେ ଓଡ଼ିଆ ନାଟକର ହେଲା ପରିବର୍ତ୍ତନ । ପରେ ମନୋରଂଜନ ରଚନା କଲେ 'ଅରଣ୍ୟ ଫସଲ',

'ବନହଂସୀ', 'ଶବ୍ଦଲିପି', 'କାଠଘୋଡ଼ା', 'ନନ୍ଦିକାକେଶରୀ', ପରି ନୂତନ ଶୈଳୀର ନାଟକ । ଏହି ନୂତନ ପ୍ରାୟୋଗିକ ଶୈଳୀକୁ ନେଇ **ବିଶ୍ୱଜିତ୍ ଦାସ, ବିଜୟ ମିଶ୍ର, ରମେଶ ପ୍ରସାଦ ପାଣିଗ୍ରାହୀ** ପ୍ରମୁଖ ନାଟକ ରଚନା କଲେ ।

ଓଡ଼ିଆ ନାଟକ ସହିତ ଗଳ୍ପ, ଉପନ୍ୟାସ ମଧ୍ୟ ନୂତନ ନୂତନ ପରୀକ୍ଷା ନିରୀକ୍ଷା ଦେଇ ଗତି କଲା । ଓଡ଼ିଆ ପ୍ରବନ୍ଧ ଓ ରମ୍ୟ ରଚନାର ମଧ୍ୟ ବିକାଶ ହେଲା । **କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଦାସ, ସଦାଶିବ ମିଶ୍ର, ଚନ୍ଦ୍ରଶେଖର ରଥ, ମହାପାତ୍ର ନୀଳମଣି ସାହୁ, ଶରତ କୁମାର ମହାନ୍ତି, ବାମାଚରଣ ମିତ୍ର,** ପ୍ରମୁଖ ଓଡ଼ିଆ ପ୍ରବନ୍ଧ ଓ ରମ୍ୟରଚନା କ୍ଷେତ୍ରରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି । ସ୍ୱାଧୀନତା ପରବର୍ତ୍ତୀ କାଳରେ ଆତ୍ମଚରିତ ରଚନା କରାଯିବାର ଗୋଟିଏ ନୂତନ ପ୍ରବଣତା ପ୍ରକାଶ ପାଇଅଛି । ପ୍ରାୟ ଶତାଧିକ ଆତ୍ମଚରିତ ଲେଖାଯାଇ ଏହି ବିଭାଗଟି ଓଡ଼ିଆ ସାହିତ୍ୟରେ ଏକ ସମ୍ମାନଜନକ ସ୍ଥାନ ଗ୍ରହଣ କରିଅଛି । ଭ୍ରମଣ କାହାଣୀ ବହୁ ସଂଖ୍ୟାରେ ରଚିତ ହୋଇ ଓଡ଼ିଆ ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି । ସ୍ୱାଧୀନତା ପୂର୍ବକାଳରୁ ସମାଲୋଚନା ଲେଖାଯାଇଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ କାଳରେ ସମାଲୋଚନାର ହୋଇଛି ଭୂୟୋବିକାଶ । **ମାୟାଧର ମାନସିଂହ, ସୁରେନ୍ଦ୍ର ମହାନ୍ତି, ନଟବର ସାମନ୍ତରାୟ, ନରେନ୍ଦ୍ର ନାଥ ମିଶ୍ର, କୁଞ୍ଜବିହାରୀ ଦାଶ** ପ୍ରମୁଖ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିଅଛନ୍ତି । ପୂର୍ବରୁ **ପଣ୍ଡିତ ବିନାୟକ ମିଶ୍ର** ସମାଲୋଚନା ଲେଖିବା ସହିତ ଓଡ଼ିଆ ସାହିତ୍ୟର ଇତିହାସ ଲେଖିଥିଲେ । ପରେ ପରେ **ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ସୁରେନ୍ଦ୍ର ମହାନ୍ତି, ମାୟାଧର ମାନସିଂହ, ନଟବର ସାମନ୍ତରାୟ, କୃଷ୍ଣଚରଣ ବେହେରା, ବଂଶୀଧର ମହାନ୍ତି** ପ୍ରମୁଖ ଓଡ଼ିଆ ସାହିତ୍ୟର ଇତିହାସ ରଚନା କରିଅଛନ୍ତି । (ଏହି ସମୟରେ ମଧ୍ୟ ଶିଶୁ ସାହିତ୍ୟର ହୋଇଛି ବିକାଶ) । ବହୁ ସାହିତ୍ୟ ପତ୍ରିକା ଓ ସମ୍ବାଦପତ୍ର ପ୍ରକାଶ ପାଇ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରକାଶ ଓ ପ୍ରସାରରେ ପ୍ରେରଣାପ୍ରଦ ଭୂମିକା ନେଇଅଛି ।

ଓଡ଼ିଆ ସାହିତ୍ୟର ଅତ୍ୟାଧୁନିକ ପର୍ବରେ ବ୍ୟକ୍ତି-ସ୍ୱାତନ୍ତ୍ର୍ୟ, ଆତ୍ମଅନ୍ୱେଷା ଓ ବାମାବାଦ ବା ନାରୀବାଦ ବିଶେଷ ଗୁରୁତ୍ୱ ନେଇଅଛି । ଆଧୁନିକତା ନାମରେ ସାହିତ୍ୟର କେନ୍ଦ୍ରରୁ ମଣିଷକୁ ନିର୍ବାସନ କରାଗଲା । ଇତିହାସ ଓ ଆଦର୍ଶର ମୃତ୍ୟୁ ଘୋଷଣା କରାଗଲା । ସାହିତ୍ୟ ହୋଇଗଲା ଏକାନ୍ତ ବ୍ୟକ୍ତିଗତ ଚିନ୍ତା ଓ ଚେତନାର ରୂପ ବିନ୍ୟାସ । କବିତା ହେଲା ଦୁର୍ବୋଧ । ଗଳ୍ପ ମଧ୍ୟ ହରାଇ ବସିଲା ଗଳ୍ପତ୍ୱ । ନାଟକ ଆଉ ଦର୍ଶକଙ୍କୁ ଆକର୍ଷଣ କଲା ନାହିଁ । ଏପରି ଅବସ୍ଥାରେ ଉତ୍ତର ଆଧୁନିକ ପର୍ବର ହେଲା ଉନ୍ମେଷ । ସାହିତ୍ୟର କେନ୍ଦ୍ରରେ ପୁଣି ଥରେ ମଣିଷକୁ ସ୍ଥାପନ କରାଗଲା । ପରଂପରାନୁସନ୍ଧାନ ଓ ତାର ପୁନଃସଂସ୍ଥାନ, ଲୋକାନୁଷଙ୍ଗ ଓ ଲୋକାୟତ ଚିନ୍ତାଧାରା ଗୁରୁତ୍ୱ ଲାଭ କରି ସାହିତ୍ୟକୁ ପ୍ରଦାନ କଲା ନୂତନ ଜୀବନୀ ଶକ୍ତି । ଓଡ଼ିଆ ସାହିତ୍ୟ ଉତ୍ତର-ଆଧୁନିକ ପର୍ବରେ ଗତି କରି ଆପଣାର ମାଟି ଧରିବାକୁ ଚେଷ୍ଟା କରୁଛି । ଅତଏବ ଆଧୁନିକ ଓଡ଼ିଆ ସାହିତ୍ୟ ଦୀର୍ଘ ଏକଶତ ଛତିଶ ବର୍ଷ ମଧ୍ୟରେ କେତେ ପରୀକ୍ଷା ନିରୀକ୍ଷା ଦେଇ ଗତି କରିଆସିଅଛି । ତାହା ଆଉ ପଛକୁ ଫେରି ଚାହିଁ ନାହିଁ । ଆଗକୁ ଆଗକୁ ତାହା ଗତି କରିଚାଲିଛି । ଜାତୀୟ ସଂପର୍କ ପ୍ରତିଷ୍ଠା ସହିତ ଆନ୍ତର୍ଜାତିକ ସଂପର୍କ ପ୍ରତିଷ୍ଠା କରିବାରେ ସମର୍ଥ ହୋଇପାରିଛି । ସାହିତ୍ୟର ବିଭିନ୍ନ ବିଭାଗରେ ଓଡ଼ିଆ ସାହିତ୍ୟ ଯେ ସ୍ୱଷ୍ଟ ମୁଦ୍ରାଙ୍କ ରଖିଛି ତାହା ପାଠକ ସହଜରେ ଉପଲବ୍ଧି କରିଥାଏ ।

---

* ବାମାବାଦ ବା ନାରୀବାଦ- ଇଂରାଜିରେ ଫେମିନିଜିମ୍ କୁହାଯାଏ । ନାରୀ-ମୁକ୍ତି, ନାରୀ -ସ୍ୱାତନ୍ତ୍ର୍ୟ, ନାରୀ-ଅଧିକାର ସୂଚିତ ।

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ୧୮୨୨ ମସିହାରୁ ଖ୍ରୀଷ୍ଟିୟାନ ମିଶନାରୀମାନେ ଓଡ଼ିଶାରେ କ'ଣ ପ୍ରତିଷ୍ଠା କରିଥିଲେ ?

କ) ଚର୍ଚ୍ଚ ଖ) ପ୍ରେସ

ଗ) ମିଶନ ସ୍କୁଲ ଘ) ଦାତବ୍ୟ ଚିକିତ୍ସାଳୟ

୨. ୧୮୬୬ ରେ 'ଉତ୍କଳ ଦୀପିକା' ପତ୍ରିକାର ସଂପାଦନା କିଏ କରୁଥିଲେ ?

କ)ମଧୁସୂଦନ ଦାସ

ଖ) ରାମଶଙ୍କର ରାୟ

ଗ) ଗୌରୀଶଙ୍କର ରାୟ

ଘ) ରାଧାନାଥ ରାୟ

୩. କେଉଁଟି କବିବର ରାଧାନାଥଙ୍କ କୃତି ନୁହେଁ ?

କ) ବିବେକୀ ଖ) ଇତାଲୀୟ ଯୁବା

ଗ) କେଦାରଗୌରୀ ଘ) ଅବସରବାସରେ

୪. 'କନକଲତା' ଉପନ୍ୟାସର ରଚୟିତା କିଏ ?

କ) ଗଙ୍ଗାଧର ମେହେର

ଖ) ଫକୀରମୋହନ ସେନାପତି

ଗ) ନନ୍ଦକିଶୋର ବଳ

ଘ) ରାଧାନାଥ ରାୟ

୫. କେଉଁ କୃତିଟି ସଚ୍ଚିଦାନନ୍ଦ ରାଉତରାୟଙ୍କର ?

କ) କାଳାନ୍ତର ଖ) ଶିବଭାଇ

ଗ) ମଶାଣିର ଫୁଲ ଘ) ବଜ୍ରବାହୁ

୬. 'ଅଭିଯାନ' ନାଟକର ରଚୟିତା କିଏ ?

କ) ଗୋପାଳ ଛୋଟରାୟ

ଖ) କାଳୀଚରଣ ପଟ୍ଟନାୟକ

ଗ) ଭଞ୍ଜକିଶୋର ପଟ୍ଟନାୟକ

ଘ) କମଳ ଲୋଚନ ମହାନ୍ତି

 କ୍ଷୁଦ୍ର ଉତ୍ତରମୂଳକ :

୭. ସୂର୍ଯ୍ୟାସ୍ତ ନିଲାମ ଆଇନ୍ ଦ୍ୱାରା ଓଡ଼ିଆ ଜନତା କିପରି କ୍ଷତିଗ୍ରସ୍ତ ହେଲେ ?

୮. ଭାରତବର୍ଷରେ ବ୍ରାହ୍ମସମାଜର ପରିକଳ୍ପନା କିଏ କରିଥିଲେ ?

୯. ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରବନ୍ଧର ନାମ ଲେଖ ।

୧୦. କବିବର ରାଧାନାଥ ରାୟଙ୍କର କି କି କୃତି ରହିଛି ?

୧୧. ଓଡ଼ିଆ ଭାଷା ସୁରକ୍ଷା ନିମିତ୍ତ ଫକୀରମୋହନଙ୍କର ଅବଦାନ ସଂପର୍କରେ ଲେଖ ।

୧୨. ବାମଣ୍ଡା ରାଜସଭାରୁ ଫକୀରମୋହନ କେଉଁ ଉପାଧି ପାଇଥିଲେ ?

୧୩. 'କୃଷକ ସଙ୍ଗୀତ' ର ରଚୟିତା କିଏ ?

୧୪. ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ନାଟ୍ୟକାର କିଏ ?

୧୫. ଓଡ଼ିଆ ସାହିତ୍ୟର ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସର ନାଁ କ'ଣ ?

୧୬. ଗୋପାଳଚନ୍ଦ୍ର ପ୍ରହରାଜଙ୍କର କେଉଁଟି ଏକ ଅକ୍ଷୟ କୀର୍ତ୍ତି ?

୧୭. ସତ୍ୟବାଦୀ ପର୍ବର ମୁଖ୍ୟ ଆଦର୍ଶ କ'ଣ ଥିଲା ?

୧୮. ସତ୍ୟବାଦୀ ବନବିଦ୍ୟାଳୟର ସ୍ୱନାମଧନ୍ୟ ଶିକ୍ଷକମାନଙ୍କର ନାମ ଲେଖ ।

୧୯. 'କୋଣାର୍କେ' କେଉଁ କବିଙ୍କର କୃତି ?

୨୦. କବି କୁନ୍ତଳାକୁମାରୀଙ୍କର ଯେକୌଣସି ତିନୋଟି କୃତିର ନାମ ଲେଖ ।

୨୧. ସବୁଜ ଚେତନାର ପାଞ୍ଚଜଣ ପ୍ରମୁଖ ତରୁଣ ସାହିତ୍ୟିକ କିଏ ?

୨୨. ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଜନମାନସରେ ପରିଚିତ କରିବାପାଇଁ ଜାତୀୟ ଉଦ୍‌ବୋଧନମୂଳକ ଓଡ଼ିଆ ଗୀତିକା କେଉଁମାନେ ରଚନା କରିଥିଲେ ?

୨୩. ନବଯୁଗ ସାହିତ୍ୟ ସଂସଦର ପ୍ରତିଷ୍ଠାତା କିଏ ?

୨୪. କବି ମାୟାଧର ମାନସିଂହ ଓ ରାଧାମୋହନ ଗଡ଼ନାୟକଙ୍କ କାବ୍ୟିକ ବିଶେଷତ୍ୱ ସଂପର୍କରେ ଯାହା ଜାଣ ଲେଖ ।

୨୫. ସ୍ୱାଧୀନତା ପୂର୍ବରୁ ଓ ସ୍ୱାଧୀନତା ପରେ ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ କେଉଁମାନେ ସ୍ମରଣୀୟ ?

୨୬. 'ଭୀମାଭୂୟାଁ' ଉପନ୍ୟାସର ରଚୟିତା କିଏ ?

୨୭. ସୁରେନ୍ଦ୍ର ମହାନ୍ତିଙ୍କର ଯେକୌଣସି ଦୁଇଟି କୃତିର ନାମ ଲେଖ ।

୨୮. 'ଗାଁ ମଜଲିସ୍'ର ଲେଖକ କିଏ ?

୨୯. ଓଡ଼ିଆ ସାହିତ୍ୟର ଇତିହାସ- କେଉଁ କେଉଁ ସାହିତ୍ୟ ଗବେଷକ ଲେଖିଅଛନ୍ତି ?

୩୦. ଓଡ଼ିଆ ଭାଷାରେ ଗୀତାଭିନୟ ରଚନା କରିଥିବା ଦୁଇଜଣ ଯଶସ୍ୱୀ ସ୍ରଷ୍ଟାଙ୍କ ନାମ ଲେଖ ।

**ତୁମ ପାଇଁ କାମ :**

୩୧. ଓଡ଼ିଆ ସାହିତ୍ୟର ଇତିହାସ ସଂପର୍କରେ ଜାଣିବାପାଇଁ ଅବସର ସମୟରେ ବିଦ୍ୟାଳୟ ପାଠାଗାରରୁ ବହି ସଂଗ୍ରହ କରି ପଢ଼ ।

୩୨. ତୁମକୁ ଭଲ ଲାଗୁଥିବା କବି ବା ଲେଖକଙ୍କ ଜୀବନୀ ଓ କୃତିଗୁଡ଼ିକୁ ସଂଗ୍ରହ କରି ପଢ଼ ଓ ତାଲିକା କର ।

◆

I2I9I3

# କାଠ

• ବସନ୍ତ କୁମାର ଶତପଥୀ

(୧୯୧୩-୧୯୯୪)

**ଲେଖକ ପରିଚୟ :**

*ମୟୂରଭଞ୍ଜ ଜିଲ୍ଲା, ବାରିପଦା ସହରର ଅନତିଦୂରରେ ପାଣ୍ଡଡା ଗ୍ରାମରେ ୨୬ଜୁନ୍, ୧୯୧୩ରେ ଗାଳ୍ପିକ ବସନ୍ତ କୁମାର ଶତପଥୀଙ୍କ ଜନ୍ମ । ବହୁ ସଂଘର୍ଷ ଭିତରେ ଜୀବନ କଟାଇ ଇଂରାଜୀ ସାହିତ୍ୟରେ ଏମ୍.ଏ ପାଶ୍ ପରେ ବାରିପଦା ରାଜାଙ୍କ ଅଧୀନରେ ଚାକିରି ଜୀବନ ଆରମ୍ଭ । 'ଭଞ୍ଜ ପ୍ରଦୀପ'ର ସମ୍ପାଦନା, ୧୯୪୯ ମସିହାରେ ମୟୂରଭଞ୍ଜ ଓଡ଼ିଶା ସହ ମିଶି ଯିବାରୁ ସେ ଇଂରାଜୀ ସାହିତ୍ୟର ଅଧ୍ୟାପକ ଭାବରେ କାର୍ଯ୍ୟ କଲେ । ଫକୀରମୋହନ କଲେଜରୁ ଅବସର ନେବା ପରେ ସେ କିଛି କାଳ ସୋର କଲେଜରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ । ଜଣେ ବିଶିଷ୍ଟ କଥାକାର ଭାବେ ସେ ତାଙ୍କର 'ଆଣ୍ଟିରୋମାଣ୍ଟିକ' ଗଳ୍ପ ସଂକଳନ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ । ତାଙ୍କର ଗଳ୍ପ ପୁସ୍ତକଗୁଡ଼ିକ ମଧ୍ୟରେ 'ଗୋଟାଏ ଆଳୁ', 'ଗଂଗା ଓ ଗାଂଗୀ', 'ଆକାଶୀଫୁଲ', 'ନାଡ଼ାଗ୍ରୟୀ', 'ହାଇଦ୍ରାବାଦ ଅଙ୍ଗୁର', 'ମାଂସାସୀମାନଙ୍କ ଉଦ୍ଦେଶ୍ୟରେ', 'ଅଜାଗା ଘାଆ', 'ମେଜର ଅପରେସନ୍', 'ଗରିବୀ ହଟାଓ ଓ ଅନ୍ୟାନ୍ୟ ଗଳ୍ପ', 'ପୁଅ ପାଇଁ ଝିଅ' ପ୍ରଭୃତି ଉଲ୍ଲେଖଯୋଗ୍ୟ । ସେ ମଧ୍ୟ ନାଟକ ଓ ଏକାଙ୍କିକା ରଚନା କରିଛନ୍ତି । ଫକୀରମୋହନଙ୍କ ସାହିତ୍ୟକୃତି ଉପରେ ତାଙ୍କର ଆଲୋଚନା ମଧ୍ୟ ଉଚ୍ଚକୋଟୀର ।*

*'କାଠ' ଗଳ୍ପରେ ଆଧୁନିକ ମଣିଷର ସ୍ୱାର୍ଥ ଓ ଶଠତାର ଚିତ୍ର ଏବଂ ସମାଜର ନିମ୍ନବର୍ଗର ଲୋକଙ୍କର ସରଳତା ଓ ସ୍ୱାଭିମାନର ସ୍ୱରୂପ ପ୍ରଦର୍ଶିତ ।*

---

ବହୁ ତର୍କବିତର୍କ ପରେ ନିଷ୍ପତ୍ତି ହେଲା ଚିରା କାଠ କିଣିବା ଅପେକ୍ଷା ଗୋଦାମରୁ ଗୋଟାଏ ଗଡ଼ ବା ମୁଣ୍ଡା କାଠ କିଣି ଆଣି ଘରେ ଚିରାଇବା ଲାଭଜନକ ହେବ ।

ତଦନୁଯାୟୀ ଭାରତ କାଠ ଗୋଦାମରୁ ଦୁଇ କୁଇଣ୍ଟାଲ ଗଣ୍ଡିକାଠ ଠେଲାଗାଡ଼ିରେ ଆଣି ଘର ସାମନା ପଡ଼ିଆରେ ପକାଇ ଦେଲି ।

ଗୋଦାମବାଲା କହିଲା, "ଏଇ ଯେଉଁ ଶୁଖିଲା ମୁଣ୍ଡା ଦେଖୁଛନ୍ତି ତାହା ଦୁଇବରଷର ପୁରୁଣା । ଶୁଖି ଠଣ୍ ଠଣ୍ କରୁଛି । ଧଅ କାଠ । ଚିରିଦେଲେ ବାରୁଦ ପରି ଜଳିବ । ବାର ଟଙ୍କା କୁଇଣ୍ଟାଲ, କମ୍ ଦାମ୍ ନେବେତ ଶାଳଗଣ୍ଡି ଅଛି, କଞ୍ଚା ପଡ଼ିବ, ଛେଲି ଅଛି, ଧୂଆଁ ହେବ ।"

ଜଙ୍ଗଲ ରାଜ୍ୟର ଲୋକ ମୁଁ ଜାଣିଛି କେଉଁ କାଠ କିମିତି ଜଳେ । ବେଶି ଦାମ ପଛୁ ପଛକେ ଫୁରୁଫୁରୁ ହୋଇ ଜଳିବା କାଠକୁ ପସନ୍ଦ କଲି । ଘରକଣରେ ଅଳନ୍ଧୁ ଜମିବ ନାହିଁ କି ଧୂଆଁରେ ପଙ୍ଖାଗୁଡ଼ିକ କଳା ହେବନାହିଁ ।

କିନ୍ତୁ ଆଜକୁ ହପ୍ତାଏ ହେଲା କାଠ ଯେଉଁଠି ସେଇଠି ପଡ଼ିଚି । ଚିରା ହେବାର ନାଆ ଗନ୍ଧ ନାହିଁ । [illegible] ଯୋଗୁଁ ସାନ୍ତାଳଙ୍କ ଦେଖା ଦର୍ଶନ ମିଳୁ ନାହିଁ । ତାଙ୍କର ହାଣ୍ଡିଆ ଖିଆ, କୁକୁଡ଼ା ଲଢ଼େଇ, ଧୁମ୍ସା ମାଦଳ ସରିବ ନା ମୋ' କାଠ ଚିରା ହେବ ?

ଏଣେ ଘରେ ଫାଳିଏ ବୋଲି କାଠ ନାହିଁ । କାଠ କଟା ହେଲେ ଜଳାଯିବ । ଆଜି ରବିବାର, ବେଳ ନଅଟା ହେଲାଣି, ପ୍ରଚଣ୍ଡ କଣିକଣି ଶୀତସାଙ୍ଗକୁ ହିମାଳ ପବନ । ବାରଣ୍ଡାରେ ଆରାମଚେୟାରଟା ପକାଇ ଖରାକୁ ପିଠିକରି ବସିଥାଏଁ । ଖବର କାଗଜରୁ ଆଦିବାସୀମାନଙ୍କ ପାଇଁ ଗତ ତିରିଶ ବର୍ଷ ଧରି ଆମେ କ'ଣ କ'ଣ କରିଛୁ, ତା'ର ବିବରଣୀ ଓ ହିସାବକିତାବ ଅନୁଧ୍ୟାନ କରୁଥାଏଁ ।

ହଠାତ୍ ମୋତି ଭୋ ଭୋ ଭୁକି ଉଠିଲା । ଚମକିପଡ଼ି ଦେଖିଲି କାନ୍ଧରେ କୁରାଢ଼ି ପକାଇ ଗୋଟିଏ ଦରବୁଢ଼ା କାଠ ଚିରାଳି ସଡ଼କରୁ ମୋ ଆଡ଼କୁ ଢଳି ଢଳି ଆସୁଛି । ସିଧା ସାମନାକୁ ଆସି ସେ ପଚାରିଲା, 'କାଠ କାଟିବୁ ବାବୁ ?"

ମନେମନେ ଭାବିଲି ବର୍ଷ ବର୍ଷ ଧରି କୋଟିକୋଟି ଟଙ୍କା ଖର୍ଚ୍ଚ କରି ଏମାନଙ୍କୁ ଆମେ ସକ୍ଷମ କରିବାର ଚେଷ୍ଟା କଲୁଁ ସିନା, ଲାଭ କିଛି ହେଲାନି, ଭାଷା ଟିକକ ବି ଶିଖାଇ ପାରିଲୁନି । କହୁଛି କ'ଣ ନା 'କାଠ କାଟିବୁ ବାବୁ ?" କି କ୍ରିୟା ! କି କର୍ତ୍ତା !

ଖତେଇ ହୋଇ ତା'ର ଗଳା ସ୍ୱର ଅନୁକରଣ କରି କହିଲି "ହଁ ହଁ, କାଟିବି, କାଟିବି; କେତେ ନେବୁ ?"

ସେ କାଠ ଆଡ଼କୁ ଚାହିଁଲା । କହିଲା ଦୁଇ କୁଇଣ୍ଟାଲ ହେବ । ଗୁଦାମରେ ତ ବାବୁ ଆମକୁ ଦୁଇ ଟଙ୍କା କରି ଦଉଛି କୁଇଣ୍ଟାଲ । ଏଇ ବଜାର୍‌ଟାରେ ଗୁଟେ ଦର ନା ଦୁଇଟା ? ତୁ ଚାର୍ ଟଙ୍କା ଦବୁ, ଆର୍ କେତେ ?

"ନାହିଁନାହିଁ, ଚାରିଟଙ୍କା ହବନି, ମୋତେ ବହୁତ ପଡ଼ିଯାଉଛି । ସାଢ଼େ ତିନି ଦେବି, କାଠବାଲା ନେଲା ଚବିଶି, ଠେଲାବାଲା ଚାରି, ତୁ ନବୁ ଚାରି, ବତିଶି ପଡ଼ିଲା । ଗେସ ବୁଲି ତ ବରଂ ଶସ୍ତା ହବ । ତିନି ଟଙ୍କାଆଠଣାରେ କାଟିବୁ ତ କାଟ୍, ନ ହେଲେ ଚାଲିଯା ।"

ସେ କଅଁଳ ଗଳାରେ କହିଲା 'ତୁ ବି ବାବୁ ଏମିତି କାଠୁଆ ହବୁ ତ ଆମର ଗୁରିବ୍ ନୁକ ବଞ୍ଚିବ କିମତି ଚାରଣା ଆଠଣା ନାଗି ଆମର ସାଙ୍ଗରେ ଝଗଡ଼ା କରିବୁ? ତତେ ଭଗବାନ୍ ବଡ଼ ନୁକ କରିଚି । କେତେ ପଇସା ତର କେଉଁଆଡ଼େ ଚାଲିଯାଉଛି । ଆମର ଗରିବ ନୁକ୍‌ର ପେଟରୁ କାଟିଲେ ତର ପେଟ ପୂରିବ ? ଗୁଦାମବାଲା ଗୁଦାମରେ ଚାବି ଦେଇ କରି ପାହାଡ଼କୁ ଗେଲା ବୁଲି - ତର ଏଠାକୁ ଆସିଛି, ନ ହେଲେ..."

କଲେଜ ପଢୁଆ ପୁଅ (ଯେ ଜୀବନରେ ପଇସାଟିଏ ରୋଜଗାର କରି ନାହିଁ) ଦରଜା ପାଖରେ ଛିଡ଼ା ହୋଇ ଶୁଣୁଥିଲା । ହଠାତ୍ ତରଳିଯାଇ କହି ପକାଇଲା, "ହେଲା, ହେଲା, ଚୁପ୍‌କର, ଆଉ ଚାରିଅଣା ନବୁ ।"

ପୁଅ ଆଡ଼କୁ କଟମଟ ଚାହିଁ ଇଂରାଜୀରେ କହିଲି, "ପଇସା ତତେ ଶସ୍ତାହୋଇଛି । ଦେଖିଥାଉ ସେ ସେତିକିରେ କାଟିଥାନ୍ତା କି ନାହିଁ ।" କାଠ କଟାଳିକୁ କହିଲି "ଯା ଯା ଏଥର କାଟ୍ । ପୁଅ ତ କହିଦେଲାଣି ।"

ଦୁଇ ପରସ୍ତକରି ଘୋଡ଼ିଥିବା ଅଳପ ଓସାର ନାଲିଧଡ଼ିର ଶାଢ଼ିଟାକୁ ସେ ଦେହରୁ କାଢ଼ି ପାଖ ବେଗୁନିଆଁ ଗଛ ଡାଳରେ ଲଟକାଇଦେଲା । କାନିର ଗଣ୍ଠି ଫିଟାଇ ଦୋକତାଚୂନ ବାହାର କରି କଳରେ ଜାକି କୁରାଢ଼ି ଧଇଲା ।

ବୟସ ଓ ଚେହେରାରୁ ତାର ପାରିବାରପଣିଆଁରେ ମୋର ଘୋର ସନ୍ଦେହ ହେଲା । ଭାବିଲି, ଲୋଭରେ କାମ ଧରିଛି ସିନା, ଦି' ଦିନ ଲାଗିବ କାଟିବାକୁ ।

ଗୋଟାଏ ଗଡ଼ ଉପରେ ଲମ୍ୱେଲମ୍ୱେ ଆଉ ଗୋଟାଏ ଗଣ୍ଡି ରଖି ମାରିଲା ପ୍ରଥମ ଚୋଟ । ପ୍ରାୟ ଦୁଇ ଇଞ୍ଚ ଭିତରକୁ କୁରାଢ଼ିଟା ଭେଦିଗଲା । ଟାଣିବାହାର କରିବାକୁ କଷ୍ଟ ହେଲା ତାକୁ ।

ପଚାରିଲି ଏ କାଠ କିମିତି ଦେଖୁଛୁ ? ଭଲ ଜଳିବ ନା ?

ସେ କହିଲା "କାଠ ଭଲ୍ ଯେ ବାବୁ! ହେଲେ ତର ନାଭ, ମର ନୁକ୍‌ସାନ । ଦେଖ୍‌ନା କାଠ କିମିତି ବାଙ୍ଖୁଆ, ଗଣ୍ଠିଆ । ଯେତିକି ଚେମଡ଼ ସେତିକି ଟାଣ । ଧଅ କାଠ । ବାବୁ କୁରାଢ଼ି ବାଙ୍କିଯିବ । ଆମର ଗୁଦାମରେ ତ ଏଗା ଦୁଇ ବରଷ ପଡ଼ିଥିଲା । କେହି ନେଲା ନାହିଁ, କେହି କାଟିତେ ଖୁଜେ ନାହିଁ, ଭଲ ଜଳିବ । ହେଲେ ଯିଏ କାଟିବ ତା'ର ହାତ ଫୁଟୁକା ହେଇଯିବ, ଚମଡ଼ା ଛାଡ଼ିଯିବ ।"

ଆଉ ପାହାରେ ଦେଲା । ଠିକ୍ ଜାଗାରେ ମାଡ଼ ବସିଲା । ପୁଣି ପାହାରେ । ଫାଳିଏ କାଠ ଖଣ୍ଡେ ଦୂରେ ଛିଟିକି ପଡ଼ିଲା ଘୂରିଘୂରି ।

ମୁହୂର୍ତ୍ତେ ଅପେକ୍ଷା ନ କରି କହିଲି, "ଏତେ ବଡ଼ ଫାଳ କରିବୁ ନାହିଁ । ଆମର ଚୁଲି ସାନ । ଆହୁରି ଛୋଟ, ପତଳା କରିଦେ ।"

ତାଚ୍ଛଲ୍ୟରେ ମୋ ଆଡ଼କୁ ଚାହିଁ ସେ କହିଲା "ଏ ବାବୁ! ତୁ ଚୁପ୍ କରିବସିଥା ନା । ଦେଖ, ମୁଁ ଠିକ୍ ସାଇଜ କରି ଦଉଛି କି ନାହିଁ । ଏତେ ବରଷ ଆମ ବଜାରକୁ ଆସିଲା, ତର କାଠ କି ରକମ ଦରକାର ଜାଣେ ନାଇଁ ଭାବିଛୁ ?"

କୌତୂହଳୀ ହୋଇ ପଚାରିଲି, "କେତେ ବରଷହେଲା ବଜାରକୁ ଆସିଲୁ ? କେଉଁଠୁ ଆସିଲୁ ?"

"ମୟୂରଭଞ୍ଜରେ ମର ଘର ବାବୁ! ବେତନଟୀ ପାଖରେ । ଯୁଦ୍ଧ ନାଗିଲା ବରଷ ଆମର ରେମୁଣାକୁ ପଳେଇ ଆସିଲା । ମୟୂରଭଞ୍ଜରେ ଦେଢ଼େ ଡାହାଣୀ ଦେବତା, କଞ୍ଚା ଖାଇଦେବେ । ମର ଡଗର ଡାଗର ପୁଅ ଦୁଇଟା ଆଉ ଆଗ ତିର୍ଲୀଟା ଏକାଦିନରେ ମରିଗଲେ । ଜମି ଜାଇଗା ଖୋଳିତାଡ଼ି ଯାହା କରିଥିଲା ସବୁ ତୁମର ହାତୁଆମାନେ ନେଇଗଲା !"

"ସରକାରରୁଁ ଜମି ନେଲୁଣି ? ସରକାର ଘର, ଜମି ସବୁ ଦଉଚି, ତୋର ତ ଜମିଜାଇଗା ଘର ଦ୍ୱାର କିଛି ନାହିଁ ।"

"ଦେନା ବାବୁ ଘରଦୁଆର ଜମିଜାଇଗା କରଉେଦେ । ଦେଖେଁ କେଡ଼େ ଅଣ୍ଡିଆ ଦେଖେଇ ହେଉଚୁ । ଆମର ଯେତେ ନୁକର ଘର, ଜମି ନାଇଁ ସମସ୍ତଙ୍କୁ ଦେଲେ ତୁମରମାନେ କି କରିବ, କାହିଁ ରହିବ ?"

"ଛୁଆମାନଙ୍କୁ ପାଠ ପଢ଼ଉଛୁ ?"

"ଏ ବାବୁ ! ପାଠ ଶାଠ ତାଙ୍କୁ ପଢ଼େଇଲେ ତର ସଉଦ କାମ କରିବ କିଏ ? ଜମି ଚଷିଦବ କିଏ ?"

ପରିବାର କଲ୍ୟାଣ ବିଷୟରେ ପଚାରିଲାରୁ ସେ କହିଲା, "ତୁମର ମାନଙ୍କର ସିନା ବାବୁ ବେଶି ଛୁଆ । ଆମର ଜାତିରେ ଜଣକା ଗୁଟେ ନ ହେଲେ ଦୁଇଟା । ତର ତିରିଲା ଛୁଆପିଲା ତ କାମଦାମ କିଛି କରେନି, ସେଇନାଗି ତ ହଇରାଣ ହଉଛୁ, କଟେଇ ହଉଛୁ ।"

ଏଥର ସେ ମୋତେ ପଚାରିଲା, "ହେଁ ବାବୁ ! ଆମର ମୟୂରଭଞ୍ଜର ମହାରାଜା ଗେଲାଠୁଁ ଆଉ ତ ରଜା ନାଇଁ । ଖାଲି ମନ୍ତ୍ରୀ ଆସୁଛନ୍ ଯାଉଛନ୍ । ନାଇଁ ?"

ଭାବିଲି ଏ ଏକବାଗିଆ ମୂର୍ଖକୁ ହିତକଥା ପଚାରି ବା ଶୁଣାଇ କିଚି ଲାଭ ନାହିଁ । ବରଂ ମୋ କାମ ଧିମେଇ ଯାଉଛି । ତେଣୁ ତା କାଠକଟା ଚାତୁରୀ ଦେଖିବାକୁ ଲାଗିଲି ।

ପୋଖତ ସମାଲୋଚକ ଯିମିତି ଡେଇଁ ପଡ଼ି ଆଧୁନିକ କ୍ଳିଷ୍ଟ, ଅବୋଧ କବିତାକୁ ତନ୍ନ ତନ୍ନ ବିଶ୍ଳେଷଣ କରି ଅନ୍ତର୍ନିହିତ ସାରତତ୍ତ୍ୱ ପ୍ରକଟ କରନ୍ତି, ଏ କାଠୁରିଆ ବି ସିମିତି ଅତୀବ ଆଗ୍ରହରେ ଗ୍ରନ୍ଥିଳ ଶିରାଳ କାଠକୁ ଛିନ୍ନ ଭିନ୍ନ କରି ମଞ୍ଜା ବାହାର କରି ଦେଉଛି । ଭଗବାନ ତାର ଶିରାପ୍ରଶିରା ରକ୍ତମାଂସକୁ ଏମିତି ନୈସର୍ଗିକ ଶକ୍ତିଦେଇ ଗଢ଼ିଛନ୍ତି, ଯିମିତି ଜୀବନସାରା ଏଇ ବୃକ୍ଷରାକ୍ଷସ ଗୁଡ଼ାକୁ ସେଖଣ୍ଡ ଖଣ୍ଡ କରି କାଟି ଆନନ୍ଦ ପାଉଥିବ ।

ଦେଖୁଁ ଦେଖୁଁ ସେଘଣ୍ଟାଏ ଦେଢ଼ ଘଣ୍ଟା ଭିତରେ ଅଧାଅଧି କାଠ ଚିରିଦେଲା । ଗତଥର ତାରି ଜାତିର ଲୋକଟା କାଠସବୁ ମୋଟା ଲମ୍ବା ଲମ୍ବା କରି ଚିରିଥିଲା । ମାସେ ଜାଗାରେ ଅଠାଇଶ ଦିନ ଗଲା । ଏଥର କାମ ଆଦାୟ କରିବା ପାଇଁ ନିଜେ ମୁଁ ଜଗି ବସିଛି । ଯିବ କୁଆଡ଼େ ?

ତା' ପାଖକୁ ଯାଇ କେତୁଟା ଫାଳ ଅଲଗା କରି ଦେଇ କହିଲି "ଏଗୁଡ଼ାକ ପତଳା କରିଦେବୁ" ଯଦିଓ ସେଗୁଡ଼ାକ ଛୋଟ ଛୋଟ ଥିଲା ।

ଲୋକଟା କ୍ରମେ କ୍ରମେ ଥକି ହାଲିଆ ହୋଇଗଲାଣି ବୋଲି ମୋର ଭୟ ହେଲା । ପ୍ରତିଥର ଚୋଟ ସାଙ୍ଗକୁ ତା ପାଟିରୁ ଏଁଃ ଏଁଃ ଶବ୍ଦ ବାହାରୁଥାଏ ।

କୌତୂହଳବଶତଃ ତା ହାତରୁ କୁରାଢ଼ିଟା ନେଇ ଉଠାଇଲି । ବାବା ! କେଡ଼େ ଭାରି ! ଥରେ କାଠଗଣ୍ଡିରେ ଚୋଟେ ପକାଇଲି । ଲକ୍ଷ୍ୟ ସ୍ଥଳର ଆଠ ଅଙ୍ଗୁଳିଦୂରରେ ଠିକିରି ପଡ଼ିଲା କୁରାଢ଼ିଟା । ପଚାରିଲି "କେତେ ଓଜନ ଅଛି ?"

ଢ଼ିମା ପଥର ଗୋଟାକରେ କୁରାଢ଼ି ପୁନ ପକାଉ ପକାଉ ସେ କହିଲା 'ଦୁଇ କିଲ ନୁହାରେ କରିଚି ବାବୁ! ଗୁଦାମରଟା ଦୁଇକିଲ ଆଉ ଅଧେ ।"

ପଚାରିଲି 'ବାର ବାଜିବ । ଆଜି ସାରି ପାରିବୁ ତ ?"

'ତୁ ତ ବାବୁ ଖାଲି ବକରବକର ହେଉଛୁ, ତର କାମ ତୁ କର । ତର କାଠ କେତେ ଟାଣ ଦେଖିଲୁ ଯେ ।"

ଦେଖିଲି ତାର ପେଟ ପିଠି ଏକାଠି ଲାଗିଯାଇଛି । ମୋ ପେଟରେ ଯେତେ ଚର୍ବି ତାର ଶହେ ଭାଗରୁ ଭାଗେ ଭଲା ନାହିଁ । ଭୁଲରେ ପାଟିରୁ ବାହାରି ପଡ଼ିଲା 'ସକାଳୁ କି ଖାଇ କରି ଆସିଛୁ ?'

'ଗରିବ ନୂକର ଘରେ କି ଅଛି ଯେ ସକାଳୁ ଉଠି ବସି କରି ଖାଇବ ? ଖାଲି ତୋରାଣି କଂସାଏ ପିଇ କରିଆସିଚି । ଚଲା ଆଉ ଛୁଆଦୁଇଟା ପଖାଳ ମୁଠାଏ ମୁଠାଏ ଖାଇ କରି ସଡ଼ପ୍ କାମକୁ ଗଲା ।'

ରୋଷାଇ ଘର ଆଡୁ ଆସୁଥିବା ମହକ ଶୁଙ୍ଘି ମୁଢ଼ି ଆଉ କଷା ମାଉଁସ ଖାଇବି ବୋଲି ଘର ଭିତରକୁ ଗଲି । ଟାକର ପିଲା ଚୈତନ କହିଲା 'ବାପା ! ତାକୁ ରୁଟି ଦୁଇଟା ଦେବା ? ବଳିଛି ।'

'କୁକୁରକୁ ଦେଲୁନି ? ଏତେରୁଟି କରୁଛୁ କାହିଁକି ? ରୁଟି ଦିଖଣ୍ଡର ଦାମ ଚାରଣା ସେ ସେଇ ଚାରଣା ଛାଡୁ ନାହିଁ ପରା !'

'କାଲି ସକାଳର ରୁଟି ବାପା !" ଅସରପା ବୁଲି ଯାଉଛନ୍ତି । କୁକୁର ବି ଛୁଇଁଲା ନାହିଁ ।'

ବାହାରକୁ ଆସି ମୁଢ଼ି, କଷା ମାଉଁସ ପାଟିରେ ପକାଇ ପକାଇ ଶରଧାରେ ପଚାରିଲି 'ରୁଟି ଖାଇବୁ କିରେ ?'

'ଦବୁ ତ ଦେ ବାବୁ, ତର ଛୁଆପିଲାର ପେଟରୁ ବଳୁଛି ଯଦି ।'

ରୁଟି ଓ ଏଲୁମିନିୟମ ପାଇଖାନା ଲୋଟାରେ ପାଣି, ଚୈତନ ଥୋଇ ଦେଇଗଲା । ପାମ୍ପଡ଼ ଚୋବାଇଲା ପରି ରୋଟି ଦୁଇଟା କଡ଼ କଡ଼ ଚୋବାଇ ଢକଢକ କରି ପାଣି ଲୋଟାକ ପିଇଗଲା ସେ ଏବଂ ଲୋଟାକୁ ପାଉଁଶରେ ମାଜି ସଫା କରିଦେଲା, ଏବଂ ପୁଣି ବୁନ ଦୋକତା ପାଟିକୁ ପକାଇ ଶେଷପ୍ରସ୍ତ କାମ ଧରିଲା ।

କହିଲି, ଦେଖ, ମୁଁ ତ ଭାତ ଖାଇବାକୁ ଯାଉଛି । କାଠସବୁ ଘର ଭିତରକୁ ବୋହିଦବୁ। ଯଦିଓ କାଠ ବୋହିବା କାମ ତା'ର ନୁହେଁ ମୋର ।

ସେ କିନ୍ତୁ ତତ୍‌କ୍ଷଣେ କହିଲା 'ଏ ବାବୁ ! ମୁଁ କାଟିବି, ତୁ ବୋହିବୁ ? କୁକୁରଟା ବାନ୍ଧିଦେ। କାଠ ଘରଟା ଦେଖା ।' ଚୈତନ କୁକୁର ବାନ୍ଧି କାଠ ଘର ଦେଖାଇଦେଲା ।

ଗାଧୋଇପାଧୋଇ ରବିବାରିଆ ଗରିଷ୍ଠ ଭୋଜନ ପରେ ସିଗାରେଟ ଲଗାଇ ଅଗଣାକୁ ଯାଇ ଦେଖିଲି କାଠ ସବୁ ବଢ଼ିଆ ସଜାହୋଇ ସାଇତା ହୋଇଛି । ବାହାରକୁ ଯାଇ ଦେଖିଲି ଇଞ୍ଚେ ଦି' ଇଞ୍ଚିଆ ଟୁକୁରା କାଠ ସବୁ ଭିଣି ହୋଇ ପଡ଼ିଚି । ଗୋଟାଇ ଆଣିଲେ ପ୍ରାୟ ଆଠଣାର କାଠ ବାହାରିବ । ବିନା କିରୋସିନୀରେ ଚୁଲି ଧରାଇ ହେବ । ନିଜେ ଝୁଡ଼ି ଓ ଖରକା ଆଣି ତାହା ହାତକୁ ବଢ଼ାଇ ଦେଇ କହିଲି "ଚେନାଚେପାରା ସବୁ ଭଲ କରି ଖରକି ଗୋଟାଇ ଦେ, କୁକୁର ପାଦରେ ପଶିଯିବ । ସେ ଏଠି ଖେଳେ ।"

ବିନା ଓଜର ଆପତ୍ତିରେ ସେ କାମ ବି ସେ କଲା ଏବଂ ବେଗୁନିଆ ଗଛରୁ ଓଢଣି ଆଣି କୁରାଢ଼ି କାନ୍ଧରେ ପକାଇ ବିଦା ହେଲା ପାଉଣାର ଆଶାରେ ।

ଦି'ଖଣ୍ଡି ଦି'ଟଙ୍କିଆ ନୋଟ ତା ହାତକୁ ବଢ଼ାଇ ଦେଇ କହିଲି "ଦେ ଚାରଣାପଇସା ।"

ଅସହାୟ ଚକ୍ଷୁରେ ଚାହିଁ ସେ କହିଲା "ମର୍ ପାଖରେ ପଇସା କାଇଁବାବୁ! ଖାଲି ହାତଟାରେ ତ ସଖାଲୁ ଘରୁ ଆସିଲା ।"'

ମୋ ଘରେ ଖୁଚୁରା ଯେ ନ ଥିଲା ତା ନୁହେଁ କିନ୍ତୁ ପଞ୍ଚସ୍ତରି ପଇସା ଦେଉଛି କିଏ ? କହିଲି "ଗୋଟାଏ ନୋଟ୍ ନେଇ ବଜାରରୁ ଭଙ୍ଗେଇ ଆଣ ।"

"ଆଜି ରଇବାର ପରା ବାବୁ! ଦୁକାନବଜାର ସବୁବନ୍ଦ ଯେ । ଚାରଣା ପଇସା ଥାଉ ମର ଉପରେ । ଆର ମାସକୁ କଟେଇ ନବୁ ।"

"ନା, ନା, ସେକଥା ହବ ନାହିଁ । ତୁ ଆସିବୁ ନ ଆସିବୁ କି ବିଶ୍ୱାସ !"

ହାଣ୍ଡିଆ ଖାଇଲେ ଆଖି ଯିମିତି ଲାଲି ହୁଏ ସେମିତି ଆଖିରେ ମୋ ଆଡ଼କୁ ଚାହିଁ ଯୁଗ ଯୁଗର ସଞ୍ଚିତ ଚାପା କ୍ରୋଧ ବିସ୍ଫୋରଣ କରି ସେ କହିଗଲା, "କି କହିଲୁ ବାବୁ! କି ବିଶ୍ୱାସ! ଏତେବେଳେ ଯାଏଁ ମତେ ଟେକାଟେକି କରି ଭୁଲେଇ ଚୁଲେଇ ତର ସବୁକାମ ଆଦାୟ କରିନେଲୁ । ମର ଜମିଜାଇଗା ବି ସବୁ ତୁମରମାନେ ନେଲା, ମର ନ କରିବା କାମ ବି କରିଦେଲି । ଦୁଇଟା ଶୁଖିଲା ରୁଟିଦେଲୁ ଯେ ଭାବିଛୁ ଢେରଦେଲୁ । କହୁଛି କି ବିଶ୍ୱାସ! ଆମର କି ମଣିଷ ନାଇଁ ବଣର ଭାଲୁ ହେଇଛି ? ପଇସାରେ ବଡ଼ ନୁକି ଦେଖେଇ ହେଉଛୁ । ମୁଁ ତର ଚାଲାକି ସବୁ ବୁଝିଛି । ନେ ତର ପଇସା ।"

ନୋଟ ଦୁଇଟା ମୋ ଆଡ଼କୁ ଫଡ଼ଫାଡ଼ ଫୋପାଡ଼ି ଦେଇ ମୁହଁ ଥମଥମ କରି ଏକମୁହାଁ ଫାଟକ ପାରି ହୋଇ ସଡ଼କ ଧଇଲା ।

ତା'ର ରୁଦ୍ରମୂର୍ତ୍ତି ଦେଖି ସେଇ ମୁହୂର୍ତ୍ତରେ ମୁଁ ଉପଲବ୍ଧି କଲି ଏ ଲୋକଟିକୁ ସଜାଗ ସଚେତନ କରି ଚାଳି ଉସୁକାଇ ମୁଁ ବଡ଼ ଭୁଲକରିଛି । ଯଦି ସେବୁଝି ପାରିବ ଏ ଯାବତ୍ ତା ପ୍ରତି ମୋର ଆଚରଣ ଓ ବ୍ୟବହାରରେ ଆତ୍ମୀୟତା ବା ଆନ୍ତରିକତା ନଥାଇ, ଥିଲା ଖାଲି ସ୍ୱାର୍ଥ ଓ ପ୍ରତାରଣା, ତେବେ ସେ ହୁଏତ ଉଦ୍‌ଭ୍ରାନ୍ତ ଓ ଉତ୍‌କ୍ଷିପ୍ତ ହୋଇ ବୁଲି ପଡ଼ିବ । ଆଉ ଗୋଟାଏ ଧଅ କାଠଗଡ଼ ରହିଗଲା ଭାବି ଦୁଇ କେଜିଆ କୁରାଢ଼ୀରେ ହୁଏତ ମୋର ଛାତି ମୁଣ୍ଡକୁ ଚିରି ଦୁଇ ଫାଳ କରିଦବ । ଏ ଭୟାବହ ପରିଣତିର କଳ୍ପନାରେ ଆତଙ୍କିତ ହୋଇ ତତ୍‌କ୍ଷଣାତ୍ ଚୈତନ ହାତରେ ନୋଟ ଦୁଇଟା ତାକୁ ଦେବା ପାଇଁ ପଠାଇଦେଲି ଏବଂ ଘର ଭିତରକୁ ତରବରରେ ପଶି ଆସି କରି କବାଟ ବନ୍ଦ କରିଦେଲି । ସର୍ବାଙ୍ଗ ଝାଳରେ ବୁଡ଼ିଯାଇଥାଏ ।

# ପ୍ରଶ୍ନାବଳୀ

ନିର୍ଦ୍ଦିଷ୍ଟ ଉତ୍ତରମୂଳକ:

୧. ଚିରାକାଠ କିଣିବା ଅପେକ୍ଷା ଗୋଦାମରୁ କେଉଁ କାଠ କିଣିବା ଲାଭଜନକ ହେବ ବୋଲି ଲେଖକ ନିଷ୍ପତ୍ତି ନେଲେ ?

୨. କେଉଁ କାଠଗୋଦାମରୁ କାଠ ଅଣାଯାଇଥିଲା ?

୩. କିଣା ଯାଇଥିବା କାଠର ନାମ କ'ଣ ?

୪. ଲେଖକ କେଉଁ ରାଜ୍ୟର ଲୋକ ବୋଲି କହିଛନ୍ତି ?

୫. ହଠାତ୍ କିଏ ଭୋ ଭୋ ହୋଇ ଭୁକି ଉଠିଲା ?

୬. ଗୁଦାମରେ କୁଇଣ୍ଟାଲ କାଠ କାଟିବାକୁ କେତେ ଦିଆଯାଏ ?

୭. କାଠୁରିଆର ଘର କେଉଁଠି ?

୮. କାଠୁରିଆର ଛୁଆମାନେ ପାଠ ନ ପଢ଼ିଲେ କ'ଣ କରିବେ ?

୯. କାଠୁରିଆକୁ ହିତକଥା ନ ପଚାରି ବା ନଶୁଣାଇ ଲେଖକ କ'ଣ ଦେଖିବାକୁ ଲାଗିଲେ ?

୧୦. କିଏ ତେଇଁ ପଡ଼ି ଆଧୁନିକ କ୍ଲିଷ୍ଟ ଅବୋଧ କବିତାକୁ ତନ୍ନ ତନ୍ନ ବିଶ୍ଳେଷଣ କରି ଅନ୍ତର୍ନିହିତ ସାରତତ୍ତ୍ୱ ପ୍ରକଟ କରନ୍ତି ?

୧୧. କାଠୁରିଆ ଅତ୍ୟନ୍ତ ଆଗ୍ରହରେ ଗ୍ରନ୍ଥିଳ ଶିରାଳ କାଠକୁ ଛିନ୍ନଭିନ୍ନ କରି କ'ଣ ବାହାର କରିଦେଉଥିଲା ?

୧୨. କେତେ ଘଣ୍ଟା ଭିତରେ କାଠୁରିଆ ଅଧାଅଧି କାଠ ଚିରିଦେଲା ?

୧୩. କାଠୁରିଆଠୁଁ କ'ଣ ଆଦାୟ କରିବାକୁ ଲେଖକ ଜଗି ବସିଥିଲେ ?

୧୪. ଚିରାକାଠଗୁଡ଼ିକ ଛୋଟ ଛୋଟଥିବା ସତ୍ତ୍ୱେ ଲେଖକ କାଠୁରିଆକୁ କ'ଣ କହିଲେ ?

୧୫. ପ୍ରତିଥର ଚୋଟ ସାଙ୍ଗକୁ କାଠୁରିଆ ପାଟିରୁ କେଉଁ ଶବ୍ଦ ବାହାରୁଥାଏ ?

୧୬. କୁରାଢ଼ିଟି କେତେ କିଲ ଲୁହାରେ ତିଆରି ହୋଇଥିଲା ?

୧୭. ଲେଖକ ଦେଖିଲେ କାଠୁରିଆର କ'ଣ ଏକାଠି ଲାଗିଯାଇଛି ?

୧୮. କାଠୁରିଆ ସକାଳୁ କ'ଣ ପିଇ ଆସିଥିଲା ?

୧୯. ରୋଷେଇ ଘରଆଡୁ ମହକ ଶୁଙ୍ଘି ଲେଖକ କ'ଣ ଖାଇବାକୁ ଘର ଭିତରକୁ ଗଲେ ?

୨୦. ଚାକର ପିଲାଟିର ନାଁ କ'ଣ ?

୨୧. କାହାପାଦରେ ଚେନାଚୋପରା କାଠସବୁ ଫୁଟିଯିବ ବୋଲି ଲେଖକ କହିଲେ ?

୨୨. କାଠୁରିଆ ହାତକୁ ଦିଖଣ୍ଡ ଦି'ଟଙ୍କିଆ ନୋଟ ବଢ଼ାଇଦେଇ ଲେଖକ ତାକୁ କେତେ ପଇସା ମାଗିଲେ ?

୨୩. କାଠୁରିଆ ହାତକୁ ଦିଖଣ୍ଡ ଦି'ଟଙ୍କିଆ ନୋଟ ବଢ଼ାଇଦେଇ ଲେଖକ ତାକୁ କେତେ ପଇସା ମାଗିଲେ ?

୨୩. ଲେଖକଙ୍କ କେଉଁ ପଦିଏ କଥାରେ କାଠୁରିଆ ଲାଲ ଲାଲ ଆଖିରେ ଚାହିଁଲା ?

୨୪. କାଠୁରିଆ ଲେଖକଙ୍କ ପ୍ରତି କି ଭାବ ରଖିଥିବା କଥା ଲେଖକ ଭାବିଥିଲେ ?

୨୫. କାହା ହାତରେ ନୋଟ୍ ଦିଟା କାଠୁରିଆ ପାଖକୁ ଲେଖକ ପଠାଇ ଦେଇ କବାଟ ବନ୍ଦ କରିଦେଲେ ?

# କାଳର କପୋଳ ତଳେ

● ନନ୍ଦିନୀ ଶତପଥୀ

( ୧୯୩୧-୨୦୦୬)

**ଲେଖକ ପରିଚୟ :**

*ଓଡ଼ିଶାର ରାଜନୀତି ଓ ଓଡ଼ିଆ ସାହିତ୍ୟ ଜଗତରେ ସୁପରିଚିତା ନନ୍ଦିନୀ ଶତପଥୀ ଏକ ସୁପ୍ରତିଷ୍ଠିତ ସାହିତ୍ୟିକ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା କାଳିନ୍ଦୀଚରଣ ପାଣିଗ୍ରାହୀ ଥିଲେ ସବୁଜ ସାହିତ୍ୟର ଅନ୍ୟତମ ପ୍ରବର୍ତ୍ତକ । ତାଙ୍କ ପିତୃବ୍ୟ ଭଗବତୀଚରଣ ପାଣିଗ୍ରାହୀ ପ୍ରଗତିବାଦୀ ଓଡ଼ିଆ ସାହିତ୍ୟ-ଆନ୍ଦୋଳନର ସୂତ୍ରଧର ଥିଲେ । ଛାତ୍ରୀ ଅବସ୍ଥାରୁ ଓଡ଼ିଆ କବିତା ଓ କ୍ଷୁଦ୍ରଗଳ୍ପ ରଚନାରେ ସେ ମନୋନିବେଶ କରିଥିଲେ । କିନ୍ତୁ ରାଜନୀତିକ ଜୀବନର ବ୍ୟସ୍ତତା ମଧ୍ୟରେ ତାଙ୍କର ସାରସ୍ୱତ ସାଧନା ସ୍ୱଳ୍ପ ହେଲେ ମଧ୍ୟ ଥିଲା ଶକ୍ତିଶାଳୀ । ଏକଦା ସେ ଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ।*

*ତାଙ୍କ ରଚିତ ଓଡ଼ିଆ କ୍ଷୁଦ୍ରଗଳ୍ପ ଗୁଡ଼ିକ 'କେତୋଟି କଥା' ଓ 'ସପ୍ତଦଶୀ' ନାମକ ପୁସ୍ତକ ଦୁଇଟିରେ ସଂକଳିତ । ଅନୁବାଦ ସାହିତ୍ୟରେ ତାଙ୍କ କୃତିତ୍ୱ ଅବିସମ୍ବାଦିତ । ଅନୂଦିତ କୃତି 'ଗାନ୍ଧି କଥାମୃତ' ନିମିତ୍ତ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ । ୧୯୯୮ରେ 'ସାହିତ୍ୟ ଭାରତୀ' ସମ୍ମାନ ଦ୍ୱାରା ସେ ସମ୍ମାନିତ । କିମ୍ବଦନ୍ତୀ ଓ ଇତିହାସ ଆଧାରରେ କଳିଙ୍ଗର ଜାତୀୟତାବୋଧ, ନାରୀର ସ୍ୱାଭିମାନ, ବୀରତ୍ୱ ଓ ଦେଶପାଇଁ ଆତ୍ମବଳିଦାନ, ହିଂସାପ୍ରମତ୍ତ ଯୁଦ୍ଧଖୋର ମଣିଷର ପରିବର୍ତ୍ତନ ବେଶ୍ ଚମତ୍କାର ଭାବରେ ବର୍ଣ୍ଣନା କରାଯାଇଛି ଏହି ଗଳ୍ପରେ ।*

---

**ତ**ଳେ କ୍ଷୀଣ ଧାରରେ ବହିଯାଉଥିବା ଦୟା ନଦୀର ପାଣି ହଠାତ୍ ଫୁଲି ଫୁଲି ଉଠିଲା । ଆଉ ଅଙ୍ଗଦ ଚଉଧୁରୀଙ୍କ ଆଖି ଆଗରେ ଚାହୁଁ ଚାହୁଁ ପାଣିର ରଙ୍ଗ ବଦଳିଯାଇ ହୋଇଗଲା ଲାଲ । ପାଣି ନୁହେଁ, ରକ୍ତର ନଦୀ ।

ଧଉଳି ପାହାଡ଼ର ପାଦଦେଶରେ ଏଇ ବଡ଼ ପଥର ମୁଣ୍ଡିଆଟା ଉପରେ କେତେ– ବେଳୁଁ ବସିରହିଛନ୍ତି ସେ । ଅଙ୍ଗଦ ଚୌଧୁରୀ ଇତିହାସର ଛାତ୍ର । ଆସିଛନ୍ତି ନାଳନ୍ଦା ବିଶ୍ୱବିଦ୍ୟାଳୟରୁ ଗବେଷଣା କାର୍ଯ୍ୟରେ । ବହୁବର୍ଷ ତଳେ ମଗଧରୁ ଆସି ସମ୍ରାଟ ଅଶୋକ କଳିଙ୍ଗ ବିଜୟ କରିଥିଲେ । କିନ୍ତୁ କିଏ ଥିଲେ କଳିଙ୍ଗର ରାଜା ? କାହାକୁ ପରାଜିତ କରି ଅଶୋକ ଉଡ଼ାଇଥିଲେ ନିଜର ବିଜୟ କେତନ ?

ଅଶୋକଙ୍କ ଶିଳାଲେଖ ପଢ଼ିଛନ୍ତି ଅଙ୍ଗଦ । ସେଥିରେ ଅହିଂସା, ଦୟା, କ୍ଷମା ଇତ୍ୟାଦି ବିଷୟରେ ଉଲ୍ଲେଖ ଅଛି । ଆହୁରି ମଧ୍ୟ ଲେଖା ଅଛି ରାଜାର ରନ୍ଧନଶାଳା ଏବଂ ସାଧାରଣ ପ୍ରଜାର ରନ୍ଧନଶାଳାରେ କେତୋଟି ମୟୂର ମାଂସ ରନ୍ଧନ କରାଯାଇ ପାରିବ । କିନ୍ତୁ କଳିଙ୍ଗ ରାଜାଙ୍କ ବିଷୟରେ ତ କେଉଁଠି କିଛି ଲେଖା ହୋଇନାହିଁ ।

ଧଉଳି ପାହାଡ଼ର ଚାରିପଟେ ବୁଲି ବୁଲି ଶେଷରେ ସେ ଆସି ବସି ପଡ଼ିଛନ୍ତି ଏଇ ପଥର ଉପରେ । ସୂର୍ଯ୍ୟର ଶେଷ କିରଣ କେତେବେଳୁ ଦୟା ନଦୀର ଛାତି ଉପରୁ ଅପସରି ଗଲାଣି ।

ଉତ୍ତର ସୁଅକୁ ଚାହିଁ ଚମକି ଉଠିଲେ। ଚାରିଆଡ଼ର କ୍ଷେତବାଡ଼ି କୁଆଡ଼େ ମିଳାଇ ଗଲାଣି। ଘଞ୍ଚ ଜଙ୍ଗଲରେ ଭରି ଗଲାଣି ସମଗ୍ର ଅଞ୍ଚଳ। ତାହାରି ଭିତରୁ ଶୁଣାଯାଉଛି ଅସଂଖ୍ୟ ଘୋଡ଼ା ଟାପୁର ଶବ୍ଦ। ସେ ଆହୁରି ଟିକିଏ କାନ ଡେରିଲେ। ଘୋଡ଼ା ଟାପୁ ଆଉ ହ୍ରେଷାରବ ସହିତ ଅସ୍ତ୍ରର ଝଣତ୍କାରରେ କମ୍ପି ଉଠିଲା ଧଉଳି ପର୍ବତ।

ଦୁଇ ଆଣ୍ଠୁ ଭିତରେ ମୁହଁକୁ ଗୁଞ୍ଜି ବସି ରହିଲେ ଅଙ୍ଗଦ। ଭୟରେ ସମଗ୍ର ଶରୀର ତାଙ୍କର କମ୍ପି କମ୍ପି ଉଠୁଥିଲା।

କେତେବେଳେ ଯାଏଁ ସେ ସେହିଭଳି ବସି ରହିଛନ୍ତି, ଖିଆଲ ନାହିଁ। ହଠାତ୍ କାନ୍ଧ ଉପରେ କାହାର ସ୍ପର୍ଶରେ ସେ ଚମକିପଡ଼ି ମୁଣ୍ଡ ଟେକିଲେ। ସାମନାରେ ଠିଆ ହୋଇଛନ୍ତି ଜଣେ ଦୀର୍ଘଦେହୀ ପୁରୁଷ। ବେଶପୋଷାକରୁ ମନେହେଉଛି ରାଜବଂଶର ଲୋକ। ଆଖି ଦୁଇଟାରେ ଅସାମାନ୍ୟ ଦୀପ୍ତି। ଗୋଟିଏ ଅଭୟ ହାତ ସେ ବଢ଼ାଇ ଦେଉଛନ୍ତି ଅଙ୍ଗଦଙ୍କ ଆଡ଼କୁ।

ହଠାତ୍ ଅଙ୍ଗଦଙ୍କର ଯେପରି ସବୁ ଭୟ ଦୂର ହୋଇଗଲା। ସେ ସେଇ ପ୍ରସାରିତ ହାତଟିକୁ ଧରି ଠିଆ ହୋଇପଡ଼ି ପଚାରିଲେ, 'ଆପଣ କ'ଣ କଳିଙ୍ଗର ମହାରାଜା ?'

"ନାଁ, ମୋ ସହିତ ଆସ। ତୁମକୁ ମୁଁ ନେଇଯିବି କଳିଙ୍ଗର ମହାରାଜାଙ୍କ ପାଖକୁ।" ନିମନ୍ତ୍ରଣ ନୁହେଁ, ଆଦେଶ ଭଳି ଶୁଣାଗଲା ସେଇ ଗମ୍ଭୀର ସ୍ୱର।

ଏବଂ ମନ୍ତ୍ରଚାଳିତବତ୍ ଅଙ୍ଗଦ ଅନୁସରଣ କଲେ ସେହି ଦୀର୍ଘଦେହୀଙ୍କୁ। କିନ୍ତୁ ତାଙ୍କ ଗତି ସହିତ ତାଳ ପକାଇ ଚାଲିବା ସହଜ ନ ଥିଲା। ଅଟକି ଯାଉଥିଲେ ଅଙ୍ଗଦ ମଝିରେ ମଝିରେ। ଥରେ ମାତ୍ର ପଛରୁ କହି ଉଠିଲେ, 'ଆପଣଙ୍କ ସହିତ ଚାଲିବା ତ ଭାରି କଷ୍ଟ। ଦୟାକରି ଗତି ଟିକିଏ ଶିଥିଳ କରନ୍ତୁ।'

ମୁହୂର୍ତ୍ତକ ପାଇଁ ମଧ୍ୟ ପଛକୁ ନ ଚାହିଁ ସେ କହିଲେ, 'ମୁଁ ତ ଦୁନିଆରେ ସବୁଠାରୁ ଶୀଘ୍ର ଚାଲେ।'

କଳିଙ୍ଗ ରାଜପ୍ରାସାଦର ଦରବାର କକ୍ଷ ନିକଟରେ ପହଞ୍ଚାଇ ଦେଇ କେଉଁଆଡ଼େ ଚାଲିଗଲେ ସେହି ବ୍ୟକ୍ତି।

ଅଙ୍ଗଦ ଦେଖିଲେ, ମହାରାଣୀ କୁରୁବକୀ ଧୀରେ ଧୀରେ ଓହ୍ଲାଇ ଆସୁଛନ୍ତି ପାହାଚ ପରେ ପାହାଚ ଅତିକ୍ରମ କରି ଦରବାର କକ୍ଷକୁ। ଦୁଇପଟେ ଦାସ ଦାସୀଗଣ ମୁଣ୍ଡ ନୁଆଁଇ ସମ୍ମାନ ଜଣାଉଛନ୍ତି। ମହାରାଣୀଙ୍କ ପ୍ରବେଶ ମାତ୍ରେ ଦରବାର କକ୍ଷର ସମସ୍ତ ଗୁଞ୍ଜନ ହଠାତ୍ ସ୍ତବ୍ଧ ହୋଇଗଲା।

ପାତ୍ର ମନ୍ତ୍ରୀ ପାରିଷଦବର୍ଗଙ୍କ ସମେତ ସମସ୍ତ ସେନାନାୟକମାନେ ସସମ୍ଭ୍ରମ ଅଭିବାଦନ ଜଣାଇଲେ ମହାରାଣୀଙ୍କୁ। କୁରୁବକୀ ନିଜେ ଆସନ ଗ୍ରହଣ କରି ଅନ୍ୟମାନଙ୍କୁ ବସିବାକୁ ନିର୍ଦ୍ଦେଶ ଦେଲେ।

ଗୃହରେ ଆସୀନ ସମସ୍ତଙ୍କ ମୁହଁରେ ଗଭୀର ଉତ୍କଣ୍ଠା। କେହି କାନ ଡେରିଲେ ହୁଏତ ଶୁଣିପାରନ୍ତା କେବଳ ଦ୍ରୁତ ହୃତ୍ସ୍ପନ୍ଦନର ଶବ୍ଦ। ସମସ୍ତ ଉଦ୍‌ବେଗର ଅବସାନ ଘଟାଇ ମହାରାଣୀ କୁରୁବକୀ ଘୋଷଣା କଲେ – 'ମହାରାଜାଙ୍କ ଅବସ୍ଥାର କୌଣସି ପରିବର୍ତ୍ତନ ହୋଇନାହିଁ। କିନ୍ତୁ ସେ ଆପଣମାନଙ୍କ ବିଚାରପାଇଁ ଏକ ବାର୍ତ୍ତା ପଠାଇଛନ୍ତି।'

କେବଳ ମହାମନ୍ତ୍ରୀ ନିଜ ଆସନରୁ ଉଠି କହିଲେ, 'ଆଜ୍ଞା କରନ୍ତୁ ମହାରାଣୀ ! କଳିଙ୍ଗ ମହାରାଜାଙ୍କର ସମସ୍ତ ଆଦେଶ ଶିରୋଧାର୍ଯ୍ୟ !'

କୁରୁବକୀ ଉପସ୍ଥିତ ସମସ୍ତଙ୍କ ଉପରେ ଥରେ ଆଖି ବୁଲେଇ ଆଣିଲେ। ତା'ପରେ ଧୀରେ ଧୀରେ କହିଲେ, 'ଆମର ଏକମାତ୍ର ଦାୟାଦ ରାଜଜେମା ରାଜେଶ୍ୱରୀଙ୍କୁ ମହାରାଜ ଏ ରାଜ୍ୟର ଦାୟିତ୍ୱ ଅର୍ପଣ କରିବାକୁ ଚାହାନ୍ତି। ତାଙ୍କର ଅନୁପସ୍ଥିତିରେ ବର୍ତ୍ତମାନଠାରୁ ସେ ସମସ୍ତ କାର୍ଯ୍ୟ ପରିଚାଳନା କରନ୍ତୁ ବୋଲି ମହାରାଜଙ୍କର ଇଚ୍ଛା। ଆପଣମାନଙ୍କର କ'ଣ ଏଥିରେ ସମ୍ମତି ଅଛି ?"

ଇଏ କି ଅଦ୍ଭୁତ କଥା ! ରାଜା ନିଜର ଉତ୍ତରାଧିକାରୀ ମନୋନୀତ କରିବେ–ଇଏ ତ ଗଣତନ୍ତ୍ରର ନିୟମ ! ଏଠି ପୁଣି ପାତ୍ର ମନ୍ତ୍ରୀ ସଭାସଦ୍‌ମାନଙ୍କର ସମ୍ମତିର ପ୍ରଶ୍ନ ଉଠୁଛି କୁଆଡ଼ୁ ?

ସଭାସଦ୍‌ମାନଙ୍କ ମଧ୍ୟରେ କେତେକଙ୍କ ମୁହଁର ରେଖା ହଠାତ୍ କଠିନ ହୋଇଗଲା। କିନ୍ତୁ ମହାମନ୍ତ୍ରୀ ଓ ଅନ୍ୟମାନେ ଏହି ପ୍ରସ୍ତାବକୁ ଅତି ଆଗ୍ରହରେ ଗ୍ରହଣ କରି ନେଇ କହିଲେ, ଏ ତ ଖୁବ୍ ଆନନ୍ଦର କଥା। ପୁତ୍ର ଭଳି କନ୍ୟାକୁ ମଧ୍ୟ ରାଜସିଂହାସନ ପ୍ରଦାନ କରିବାର ପରମ୍ପରା ଏ ରାଜ୍ୟରେ ରହିଛି। ପୁଣି ବୁଦ୍ଧି ବୀରତ୍ୱରେ ରାଜଜେମା ତ କୌଣସି ରାଜପୁତ୍ରଠାରୁ ଊଣା ନୁହନ୍ତି।

ସମସ୍ତଙ୍କ ଅନୁରୋଧ କ୍ରମେ ସ-ପତି ରାଜଜେମା ରାଜେଶ୍ୱରୀ ଦରବାର କକ୍ଷକୁ ଆସିଲେ। ସଭାସଦ୍‌ମାନଙ୍କୁ ଅଭିବାଦନ କରି ବସିବା ପରେ ସେ କହିଲେ, 'ପିତାଙ୍କର ଇଚ୍ଛାକୁ ଆପଣମାନେ ସ୍ୱୀକାର କରିଛନ୍ତି–ସେଥିପାଇଁ ମୁଁ କୃତଜ୍ଞ। କିନ୍ତୁ ଆପଣମାନେ ତ ଜାଣନ୍ତି, ମୁଁ ଜଣେ ସାଧାରଣ ନାରୀ। ରାଜ ପରିବାରରେ ଜନ୍ମ ହୋଇଛି ସତ, କିନ୍ତୁ ରାଜକାର୍ଯ୍ୟ ପରିଚାଳନା କରିବା ସଂପର୍କରେ ମୋର କୌଣସି ଅଭିଜ୍ଞତା ନାହିଁ। ଏ କାର୍ଯ୍ୟ ମୁଁ ଠିକ୍ ଭାବରେ ତୁଲାଇ ପାରିବି ବୋଲି କ'ଣ ଆପଣମାନେ ବିଶ୍ୱାସ କରୁଛନ୍ତି ?'

ଯେଉଁମାନେ ନୀରବ ରହିଥିଲେ ସେମାନଙ୍କ ମଧ୍ୟରୁ ଜଣେ ଠିଆ ହୋଇ କହିଲେ, କିନ୍ତୁ ବର୍ତ୍ତମାନ ତ ଖାଲି ସାଧାରଣ ଭାବରେ ରାଜ୍ୟ ଚଳାଇବାର ଅବସ୍ଥା ନାହିଁ। ମଗଧସମ୍ରାଟ ଅଶୋକ ବିପୁଳ ସୈନ୍ୟବାହିନୀ ଧରି କଳିଙ୍ଗ ଆକ୍ରମଣ କରିଛନ୍ତି। କଳିଙ୍ଗ ଉପକଣ୍ଠରେ ଯୁଦ୍ଧ ଆରମ୍ଭ ହୋଇଗଲାଣି। ଅଚାନକ ଆକ୍ରମଣରେ ଆମର ସୀମାନ୍ତବାହିନୀ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ବର୍ତ୍ତମାନ ଅତି ଦ୍ରୁତ ବେଗରେ ସେମାନେ ରାଜ୍ୟ ଭିତରକୁ ମାଡ଼ି ଆସୁଛନ୍ତି।'

ମହାମନ୍ତ୍ରୀ ଚିନ୍ତିତ ସ୍ୱରରେ କହିଲେ, 'ହଁ ରାଜଜେମା। କଳିଙ୍ଗ ଏକ ଅତି ସଂକଟ ମୁହୂର୍ତ୍ତରେ ଆସି ପହଞ୍ଚିଛି।'

'ମୁଁ ସେ କଥା ଜାଣେ, ମହାମନ୍ତ୍ରୀ ! ଏହି ମୁହୂର୍ତ୍ତରେ ଆମେ ରଣକୌଶଳ ସ୍ଥିର କରି କାର୍ଯ୍ୟ ଆରମ୍ଭ ନ କଲେ କଳିଙ୍ଗକୁ ରକ୍ଷା କରିବା ସମ୍ଭବ ହେବ ନାହିଁ। ଆପଣମାନେ କ'ଣ ଏଥିପାଇଁ ମୋ ସହିତ ସହଯୋଗ କରିବେ ନାହିଁ ?

ରାଜେଶ୍ୱରୀଙ୍କ କଣ୍ଠର ଦୃଢ଼ତା ଏକ ଅଦ୍ଭୁତ ପ୍ରଭାବ ସୃଷ୍ଟି କଲା। ସମସ୍ତେ ସମସ୍ୱରରେ କହିଲେ, 'ହଁ, ନିଶ୍ଚୟ କରିବୁ।'

ଏହାପରେ ରାଜେଶ୍ୱରୀ ଯାହା କହିଲେ ତାହା ଅତି ବିଚିତ୍ର। 'ମୁଁ ଆପଣମାନଙ୍କ ମଧ୍ୟରୁ ଏପରି ବାରଜଣ ଯୋଦ୍ଧାଙ୍କୁ ଚାହେଁ, ଯେଉଁମାନେ ଆଜି ମୋ ସହିତ ସମ୍ମୁଖ ସମରକୁ ଯିବାକୁ ପ୍ରସ୍ତୁତ ଅଛନ୍ତି।

ଦରବାର କକ୍ଷ ସ୍ତବ୍ଧ। ସମସ୍ତେ ପରସ୍ପରର ମୁହଁକୁ ଚାହୁଁଛନ୍ତି। କେହି ଜଣେ କ୍ଷୀଣ କଣ୍ଠରେ କହିଲେ– 'ଆଜି ?'

'ହିଁ ବର୍ତ୍ତମାନ। ଆଉ ଶୁଣନ୍ତୁ, ଏହି ବାରଜଣଙ୍କୁ ମୁଁ ମନୋନୀତ କରିବି ନାହିଁ। ଯେଉଁମାନେ ସ୍ୱେଚ୍ଛାରେ ଆଗେଇ ଆସିବେ ସେଇମାନଙ୍କୁ ହିଁ ସାଙ୍ଗରେ ନେବି।

ରାଜେଶ୍ୱରୀଙ୍କ କଥାର ପ୍ରତିକ୍ରିୟା ଦେଖାଦେଲା ଏଥର। ଜଣ ଜଣ ହୋଇ ଯୋଦ୍ଧା ନିଜ ଆସନରୁ ଉଠି ଠିଆ ହେଲେ। ସେମାନଙ୍କ ଭିତରେ ରାଜେଶ୍ୱରୀଙ୍କ ପତି ବି ଥିଲେ। ଏହି ସଂଖ୍ୟା ବାରକୁ ଅତିକ୍ରମ କରିଯାଇଥିଲା।

ଏଥର ସ୍ମିତ ହସି ରାଜେଶ୍ୱରୀ ଅତି ନମ୍ରତାର ସହିତ କହିଲେ, 'ଏମାନଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ଏଥର ସଭାଗୃହ ତ୍ୟାଗ କରିବାକୁ ମୁଁ ଅନୁରୋଧ କରୁଛି। ଏଇ ଯୋଦ୍ଧାମାନଙ୍କ ସହିତ ମୋର କିଛି ଗୋପନ ମନ୍ତ୍ରଣା କରିବାକୁ ଅଛି।

ଅନ୍ୟ ସମସ୍ତେ ଅଭିବାଦନ ଜଣାଇ ସଭାଗୃହ ଛାଡ଼ି ଚାଲିଗଲା ପରେ ରାଜେଶ୍ୱରୀ ସେନାଧ୍ୟକ୍ଷମାନଙ୍କୁ କହିଲେ, 'ପ୍ରଥମ ପର୍ଯ୍ୟାୟରେ ମୁଁ କେବଳ ବାରଜଣଙ୍କୁ ଚାହିଁଛି। ଆବଶ୍ୟକ ହେଲେ ଅନ୍ୟମାନଙ୍କୁ ମୁଁ ପରେ ଡାକିବି।'

କିନ୍ତୁ କେହି ସଭାଗୃହ ଛାଡ଼ି ଯାଉ ନଥିବାର ଦେଖି ସେ ନିଜେ ସେଇ ପାଞ୍ଚଜଣଙ୍କୁ ଯିବାପାଇଁ ନିର୍ଦ୍ଦେଶ ଦେଲେ, ଯେଉଁମାନେ ପ୍ରଥମରୁ ତାଙ୍କର ନେତୃତ୍ୱ ଗ୍ରହଣ କରିବାକୁ କୁଣ୍ଠିତ ହୋଇଥିଲେ।

ତା'ପରେ ଆରମ୍ଭ ହେଲା ରାଜେଶ୍ୱରୀଙ୍କ ମନ୍ତ୍ରଣା। ଗମ୍ଭୀର ସ୍ୱରରେ ସେ କହିଲେ, 'ମଗଧର ସେନାବାହିନୀ ବିପୁଳ। ଅତି ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ। ସେମାନଙ୍କୁ ସମ୍ମୁଖ ସମରରେ ମୁକାବିଲା କରିବାପାଇଁ କଳିଙ୍ଗର ଶକ୍ତି ନାହିଁ। ସେଥିପାଇଁ ସେମାନଙ୍କୁ ପରାସ୍ତ କରିବାକୁ ହେଲେ ଦୀର୍ଘଦିନ ଧରି ଆମକୁ ଯୁଦ୍ଧ ଚଳାଇ ଯିବାକୁ ପଡ଼ିବ। 'ଆପଣମାନେ କ'ଣ ଏଥିରେ ସମ୍ମତ ?'

ଏଭଳି ରଣକୌଶଳ ବୁଝିବାକୁ ଯୋଦ୍ଧାମାନେ ଅକ୍ଷମ ହେଲେ ମଧ୍ୟ, ସମସ୍ୱରରେ କହିଲେ, 'ନିଶ୍ଚୟ' ?

ରାଜେଶ୍ୱରୀ କହିଲେ, 'ତାହେଲେ ପ୍ରଥମ କଥା ହେଲା ଆମର ଆଜିର ନିଷ୍ପତ୍ତି ସମ୍ପର୍କରେ ଏଠାରେ ଉପସ୍ଥିତ ଥିବା ବ୍ୟକ୍ତିଙ୍କ ବ୍ୟତୀତ ଆଉ ଜଣେ ବି କେହି ଯେପରି ନ ଜାଣେ ସେଥିପ୍ରତି ଆପଣମାନେ ସଜାଗ ରହିବେ। ଦ୍ୱିତୀୟତଃ, ଏ ଯୁଦ୍ଧରେ କେହି ଜଣେ ସେନାପତି ନୁହଁନ୍ତି। ଆପଣମାନେ ପ୍ରତ୍ୟେକ ଜଣେ ଜଣେ ସେନାପତି ବୋଲି ମନେରଖିବେ।' ଏତିକି କହି ବାରଜଣଯାକଙ୍କୁ ପୃଥକ୍ ପୃଥକ୍ ଭାବରେ ନିକଟକୁ ଡାକି ଅତି ନିମ୍ନସ୍ୱରରେ ରାଜେଶ୍ୱରୀ କିଛି ନିର୍ଦ୍ଦେଶ ଦେଲେ।

ଅଙ୍ଗଦଙ୍କ ସମ୍ମୁଖରେ ପୁଣି ସେହି ପୁରୁଷ। ଗୁରୁ ଗମ୍ଭୀର ସ୍ୱରରେ ନିର୍ଦ୍ଦେଶ ଦେଲେ–ଏଥର ଚାଲ ଦେଖିବ ସେହି କଳିଙ୍ଗ ଯୁଦ୍ଧ, ଯେଉଁଠାରୁ ମୁଁ ତମକୁ ଡାକି ଆଣିଥିଲି।

ଧଉଳି ଅଞ୍ଚଳ ଥରି ଉଠୁଛି ଘୋଡ଼ା ଟାପୁର ଶବ୍ଦରେ, ଅସ୍ତ୍ରର ଝଣତ୍କାରରେ, ଆହତ ସୈନିକର ଆର୍ତ୍ତ ଚିତ୍କାରରେ। ଦୟା ହୋଇଯାଇଛି ରକ୍ତର ନଦୀ। କେବେ କେମିତି ଶୁଣାଯାଉଛି ସେନାପତିଙ୍କର ଆଦେଶ। କାହାର ସେନାପତି ? କେଉଁ ସୈନ୍ୟମାନେ ନିହତ ହେଉଛନ୍ତି ? ମଗଧର ନାଁ କଳିଙ୍ଗର ?

ଦିନପରେ ଦିନ ବିତିଯାଉଛି–ମାସ ପରେ ମାସ ବି। ଧାଡ଼ି ଧାଡ଼ି ହୋଇ କଳିଙ୍ଗର ଗାଁ ଗଣ୍ଡାରୁ ଲୋକ ଆସୁଛନ୍ତି–ହାତରେ ଖଣ୍ଡା, ତଲବାର, ତୀର, ବର୍ଚ୍ଛା। ଲଢ଼େଇରେ ମିଶୁଛନ୍ତି। ଦୟାରେ ରକ୍ତର ସୁଅ ଘନ ହେଉଛି।

ଶିବିର ଭିତରେ ବସିଛନ୍ତି ଚିନ୍ତାନ୍ୱିତ ସମ୍ରାଟ ଅଶୋକ। ଆଦେଶକୁ ଅପେକ୍ଷା କରି ପାଖରେ ଠିଆ ହୋଇଛନ୍ତି ମହାମନ୍ତ୍ରୀ !

'ଏ କ'ଣ ହେଉଛି ମହାମନ୍ତ୍ରୀ, ଚାରିମାସ ହେଲାଣି ଯୁଦ୍ଧ ଚାଲିଛି। ହଜାର ହଜାର ସୈନ୍ୟ ମୃତାହତ ହେଲେଣି। ଆମ ପାଖରୁ ରସଦ ଶେଷ ହେଲାଣି। ଅଥଚ ଆପଣ ତ କହିଥିଲେ କଳିଙ୍ଗକୁ ଜୟ କରିବାକୁ ମାତ୍ର ଦୁଇଦିନ ଲାଗିବ। ରୁଗ୍ଣ ମହାରାଜ ଯୁଦ୍ଧ କରିବାକୁ ଅକ୍ଷମ–ସଙ୍ଗେ ସଙ୍ଗେ ଆତ୍ମ ସମର୍ପଣ କରିବେ। କିନ୍ତୁ ମୁଁ ତ ଯୁଦ୍ଧ ଶେଷ ହେବାର କୌଣସି ଲକ୍ଷଣ ଦେଖୁନାହିଁ। କିଏ ଏ ଯୁଦ୍ଧ ଚଳାଉଛି ?'

ସମ୍ରାଟଙ୍କ ପ୍ରଶ୍ନର କୌଣସି ଉତ୍ତର ନଥିଲା ମନ୍ତ୍ରୀଙ୍କ ପାଖରେ। ଅତ୍ୟନ୍ତ ବିଚଳିତ ସ୍ୱରରେ ସେ କହିଲେ, 'ମୁଁ ମଧ୍ୟ ଆଶ୍ଚର୍ଯ୍ୟ ହେଉଛି, ମହାରାଜ ! କିଏ ଚଳାଉଛି ଏ ଯୁଦ୍ଧ ? କେବଳ ସୈନ୍ୟ ନୁହନ୍ତି, ହଜାର ହଜାର ସଂଖ୍ୟାରେ କଳିଙ୍ଗର ସାଧାରଣ ପ୍ରଜା ଯୁଦ୍ଧ କରିବାକୁ ଆଗେଇ ଆସୁଛନ୍ତି। ଅଦ୍ଭୁତ !'

ଅଶୋକ କ୍ଷୁବ୍‌ଧ ସ୍ୱରରେ କହିଲେ, 'ମୁଁ କଳିଙ୍ଗ ପ୍ରଜାଙ୍କ ପ୍ରଶଂସା ଶୁଣିବାକୁ ଆପଣଙ୍କୁ ଏଠିକି ଡାକି ନାହିଁ। ତୁରନ୍ତ ସସମ୍ମାନରେ ଏ ଯୁଦ୍ଧ ଶେଷ କରିବାର ବ୍ୟବସ୍ଥା କରନ୍ତୁ।'

'ବ୍ୟବସ୍ଥା କରିଛି, ମହାରାଜ।' ମହାମନ୍ତ୍ରୀ ସମ୍ରାଟଙ୍କ ନିକଟକୁ ଘୁଞ୍ଚିଆସି ନିମ୍ନସ୍ୱରରେ କିଛି କହିବାକୁ ଲାଗିଲେ।

ପରଦିନ ପ୍ରତ୍ୟୁଷରେ ସମଗ୍ର କଳିଙ୍ଗ ରାଜ୍ୟରେ ନାଗରା ବାଜିଲା। ଘୋଷଣା କରାଗଲା, ମଗଧ ସମ୍ରାଟ ଅଶୋକ ଯୁଦ୍ଧର ଏ ବିଭୀଷିକା ଦେଖି ଅତ୍ୟନ୍ତ ମର୍ମାହତ। ଏହି ନରହତ୍ୟାକୁ ସେ ଆଜିଠାରୁ ବନ୍ଦ କରିବାକୁ ନିଷ୍ପତ୍ତି କଲେ। କେବଳ ଆଜି ନୁହେଁ, ଭବିଷ୍ୟତରେ ମଧ୍ୟ ସମ୍ରାଟ ଅଶୋକ ଆଉ ଯୁଦ୍ଧ କରିବେ ନାହିଁ। ସେ ବୁଦ୍ଧଙ୍କର ଅହିଂସା ମନ୍ତ୍ରରେ ଦୀକ୍ଷିତ ହେଲେ।

ପ୍ରାୟ ପୁରୁଷ–ଶୂନ୍ୟ କଳିଙ୍ଗ ରାଜ୍ୟ ବକ୍ଷରେ ସ୍ତବ୍‌ଧତା ନଇଁଆସିଲା।

ଯୋଦ୍ଧା ବେଶରେ ଅସଂଖ୍ୟ ମୃତ ଓ ଆହତ ସୈନିକଙ୍କ ମଧ୍ୟରେ ଏ ଉଜ୍ଜ୍ୱଳ ମୂର୍ତ୍ତି କିଏ ? ଧଉଳିର ଜଙ୍ଗଲ ଭିତରେ ମଗଧ ସେନାପତିଙ୍କ ସହ ପ୍ରଚଣ୍ଡ ଯୁଦ୍ଧ କରି ମୃତ୍ୟୁ ବରଣ କରିଛି ରାଜେଶ୍ୱରୀ।

ସ୍ତମ୍ଭୀଭୂତ ଅଙ୍ଗଦଙ୍କ ସମ୍ମୁଖରେ ପୁଣି ସେହି ଦୀର୍ଘଦେହୀ ! ଅତ୍ୟନ୍ତ ସାହସ ସଞ୍ଚୟ କରି ଅଙ୍ଗଦ ପଚାରିଲେ, 'କିନ୍ତୁ ଇତିହାସରେ ଯା'ଙ୍କର ନାଁ ନାହିଁ କାହିଁକି ?

'ତୁମେ କ'ଣ ଜାଣ ନାହିଁ, ଇତିହାସ ବାରମ୍ବାର ପ୍ରମାଣ କରି ଦେଇଛି ଯେ ରାଜନୀତିର ବ୍ରହ୍ମାସ୍ତ୍ର ହେଉଛି ଷଡ଼ଯନ୍ତ୍ର। ତୁମେ ଖୁବ୍ ବଡ଼ ବୀର ହୋଇଥାଇ ପାର। କିନ୍ତୁ ଯଦି ସାମ୍ରାଜ୍ୟ ସ୍ଥାପନ କରିପାରି ନାହିଁ, ତେବେ ଇତିହାସ ତୁମ ନାମ ଉଚ୍ଚସ୍ୱରରେ ପ୍ରଚାର କରିପାରିବ ନାହିଁ। ସାମ୍ରାଜ୍ୟ ରକ୍ଷା କରିବାପାଇଁ ଅଥବା ବିସ୍ତାର କରିବାପାଇଁ ତୁମକୁ ଷଡ଼ଯନ୍ତ୍ରର ବ୍ରହ୍ମାସ୍ତ୍ର ବ୍ୟବହାର କରିବାକୁ ହେବ। କଳିଙ୍ଗର ମହାରାଜା ବା ତାଙ୍କ କନ୍ୟା ତ ତାହା କରିପାରି ନାହାନ୍ତି।

ସେ ଦ୍ରୁତ ପଛକୁ ଫେରି ଚାଲିବାକୁ ଲାଗିଲେ। ଅଙ୍ଗଦ ପାଟିକରି ଉଠିଲେ–ଆପଣ, ଆପଣ କ'ଣ ଇତିହାସ–ପୁରୁଷ ?'

ଅଙ୍ଗଦ ଆଖି ଖୋଲିଲେ। ରାତି ଶେଷ ହୋଇ ଆସୁଛି। ଶାନ୍ତିସ୍ତୂପ ଉପରେ, ଆକାଶରେ କେବଳ ଗୋଟିଏ ତାରା ଉଜ୍ଜ୍ୱଳ ହୋଇ ଦେଖାଯାଉଛି।

# ପ୍ରଶ୍ନାବଳୀ

ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ଧଉଳି ପାହାଡ଼ ପାଦ ଦେଶରେ କେଉଁ ନଦୀ ବହି ଯାଉଛି ?
୨. ଅଙ୍ଗଦ ଚଉଧୁରୀ କେଉଁ ବିଷୟର ଛାତ୍ର ?
୩. ଅଙ୍ଗଦ ଚଉଧୁରୀ କେଉଁ ବିଶ୍ୱବିଦ୍ୟାଳୟର ଛାତ୍ର ?
୪. ଅଙ୍ଗଦ କାହାର ଶିଳାଲେଖ ପଢ଼ିଛନ୍ତି ?
୫. କାହା ସ୍ପର୍ଶରେ ଅଙ୍ଗଦ ଚମକି ପଡ଼ିଲେ ?
୬. "ଆପଣ କ'ଣ କଳିଙ୍ଗର ମହାରାଜା ?" - ଏହା କିଏ କାହାକୁ କହିଛି ?
୭. "ମୁଁ ତ ଦୁନିଆରେ ସବୁଠାରୁ ଶୀଘ୍ର ଚାଲେ ।" - ଏହା କାହାର ଉକ୍ତି ?
୮. କଳିଙ୍ଗ ମହାରାଣୀଙ୍କ ନାମ କ'ଣ ଥିଲା ?
୯. କେଉଁମାନେ ମହାରାଣୀଙ୍କୁ ସସଂଭ୍ରମ ଅଭିବାଦନ ଜଣାଇଲେ ?
୧୦. କାହା ସହିତ ରାଜଜେମା ଦରବାର କକ୍ଷକୁ ଆସିଲେ ?
୧୧. କଳିଙ୍ଗ କିଏ ଆକ୍ରମଣ କରିଛନ୍ତି ?
୧୨. ଯୁଦ୍ଧ କେଉଁଠି ଆରମ୍ଭ ହୋଇଗଲାଣି ?
୧୩. ଅଚାନକ ଆକ୍ରମଣରେ କଳିଙ୍ଗର କ'ଣ ଧ୍ୱଂସ ହୋଇଛି ?
୧୪. "କଳିଙ୍ଗ ଏକ ଅତି ସଙ୍କଟ ମୁହୂର୍ତ୍ତରେ ଆସି ପହଞ୍ଚିଛି" - ଏହା କାହାର ଉକ୍ତି ?
୧୫. ରାଜେଶ୍ୱରୀ କେତେ ଜଣ ଯୋଦ୍ଧାଙ୍କୁ ଚାହୁଁଥିଲେ ?
୧୬. ରାଜେଶ୍ୱରୀ କେତେଜଣ ଯୋଦ୍ଧାଙ୍କୁ ବାହାରକୁ ଯିବାକୁ କହିଲେ ?
୧୭. ଯୁଦ୍ଧରେ କେତେଜଣ ସେନାପତି ରାଜେଶ୍ୱରୀ ସ୍ଥିର କଲେ ?
୧୮. ରକ୍ତର ନଦୀ କିଏ ପାଲଟିଲା ?
୧୯. କଳିଙ୍ଗ ଯୁଦ୍ଧ କେତେ ମାସ ଲାଗିଥିଲା ?
୨୦. କେତେ ଦିନରେ ଯୁଦ୍ଧ ଶେଷ ହେବ ବୋଲି ମହାମନ୍ତ୍ରୀ ମଗଧ ସମ୍ରାଟଙ୍କୁ କହିଥିଲେ ?
୨୧. ମଗଧ ସୈନ୍ୟଙ୍କ ନିକଟରୁ କ'ଣ ସରି ଆସୁଥିଲା ?
୨୨. ଅଶୋକ କେଉଁ ମନ୍ତ୍ରରେ ଦୀକ୍ଷିତ ହେଲେ ?
୨୩. ରାଜେଶ୍ୱରୀ କାହା ସହ ଯୁଦ୍ଧ କରି ମୃତ୍ୟୁବରଣ କଲେ ?
୨୪. ରାଜନୀତିର ବ୍ରହ୍ମାସ୍ତ୍ର କ'ଣ ?
୨୫. ଶାନ୍ତିସ୍ତୂପ କେଉଁଠି ଅବସ୍ଥିତ ?

◆

Z4Q9X5

# ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ

● ରବି ପଟ୍ଟନାୟକ

(୧୯୩୫-୧୯୯୧)

**ଲେଖକ ପରିଚୟ :**

*ଓଡ଼ିଆ କ୍ଷୁଦ୍ରଗଳ୍ପ ରଚୟିତା ରବି ପଟ୍ଟନାୟକ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ରାଇରଙ୍ଗପୁରଠାରେ ଜନ୍ମଗ୍ରହଣ କରିଥିଲେ । ସେ ଭୂତତ୍ତ୍ୱବିତ୍ ଭାବେ ଚାକିରି କରୁଥିଲେ । ଅଥଚ ସେ ଓଡ଼ିଆ ଭାଷା-ସାହିତ୍ୟ, କଳା-ସଂସ୍କୃତି ପ୍ରତି ଗଭୀର ଅନୁରାଗୀ ଥିଲେ । ଜୀବନରେ ମୂଲ୍ୟବୋଧ ଓ ସାମାଜିକ ଆଦର୍ଶପ୍ରତି ଗୁରୁତ୍ୱ ତାଙ୍କ ରଚିତ କ୍ଷୁଦ୍ରଗଳ୍ପ ଗୁଡ଼ିକର ମୁଖ୍ୟ ଭାବ-ବାଣୀ । ତାଙ୍କ କ୍ଷୁଦ୍ରଗଳ୍ପ ପୁସ୍ତକଗୁଡିକ ହେଉଛି; ଅନ୍ଧଗଳିର ଅନ୍ଧକାର, ବହୁରୂପୀ, ରାଗତୋଡ଼ି, ହିରଣ୍ୟଗର୍ଭ, ବିଷୁବ ରେଖା, ବନ୍ଧ୍ୟା ଗାନ୍ଧାରୀ, ଅମରିଲତା, ବିଚିତ୍ର ବର୍ଣ୍ଣ ଇତ୍ୟାଦି । 'ହିରଣ୍ୟଗର୍ଭ' ପୁସ୍ତକଟି ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ ୧୯୮୪ ରେ ପୁରସ୍କୃତ ଓ 'ବନ୍ଧ୍ୟା ଗାନ୍ଧାରୀ' ପାଇଁ ତାଙ୍କୁ ମରଣୋତ୍ତର ଶାରଳା ପୁରସ୍କାର ୧୯୯୧ ରେ ପ୍ରଦାନ କରାଯାଇଥିଲା ।*

*'ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ' ଗଳ୍ପଟି 'ନବରବି' ପତ୍ରିକାରେ ପଞ୍ଚମ ବର୍ଷ / ପଞ୍ଚମ ସଂଖ୍ୟା ଅର୍ଥାତ ନଭେମ୍ବର ୧୯୭୪ରେ ପ୍ରକାଶ ପାଇଥିଲା । ମାତା, ମାତୃଭୂମି ପ୍ରତି ଆକର୍ଷଣ, ପରିବେଶପ୍ରତି ସଚେତନତା ଓ ସାଂପ୍ରତିକ ଜୀବନଭୂମିର ବାସ୍ତବତାକୁ ଗାଳ୍ପିକ ଏହି ଗଳ୍ପରେ ରୂପାୟନ କରିଛନ୍ତି । ବଟବୃକ୍ଷକୁ ଜନନୀର ପ୍ରତୀକ ଏବଂ ଅଶ୍ୱତ୍ଥ ତଥା ବଟବୃକ୍ଷ ଭଳି ପବିତ୍ର ବୃକ୍ଷକୁ ତହିଁରୁ ସୃଷ୍ଟ ସତ୍ତାଭାବେ ଦର୍ଶାଯାଇଛି । ବାତ୍ସଲ୍ୟ ଓ ମାତୃତ୍ୱର ମହାନତା ପ୍ରସଙ୍ଗକୁ ହୃଦୟସ୍ପର୍ଶୀ କରିଛି ।*

---

ଧନ୍ୟ ଜୀବନ ଏ ଜଗତେ । ଯେ ପ୍ରାଣ ଧରେ ପ୍ରାଣୀ ହିତେ ॥
ଧନ୍ୟ ଜୀବନ ଧନ୍ୟ ତାର । ଦୁର୍ଲଭ କର୍ମ ଏ ବେଭାର ॥
ଏହା ମୁଁ ବୃକ୍ଷଙ୍କର ସ୍ଥାନେ । ଶିଖିଲି ପର୍ବତ ଗହନେ ॥

(ଭାଗବତ)

ବସ୍‌ଷ୍ଟେଶନରେ ପହଞ୍ଚିଲା ବେଳକୁ ସରକାରୀ ବସ୍‌ଟି, କେତେବେଳୁ ଛାଡ଼ି ଦେଲାଣି । ସେଥିରେ ଯାଇଥିଲେ ସିଧା ସଳଖ ନଅଟା ବେଳକୁ ଗାଁ ପାଖରେ ପହଞ୍ଚି ଯାଇଥାନ୍ତେ । କିନ୍ତୁ ଆଉ ତ ଉପାୟ ନାହିଁ । ପଚ୍ଛ ବସ୍ ଧରି ଫୁଲନଖରାରେ ଓହ୍ଲେଇ ପୁଣି ଆଉ ଥରେ କୁଜି ଘରୋଇ ବସ୍‌ରେ ବସି ଗାଁ ପାଖ ବସ୍‌ଷ୍ଟେଶନରେ ପହଞ୍ଚିଲା ବେଳକୁ ବେଳ ଏଗାରଟା ହେଲାଣି । ଏବେ ତ ବୈଶାଖ ମାସ ଖରା । ସକାଳ ଆଠଟା ବେଳକୁ ବି ବାହାରକୁ ଗୋଡ଼ କାଢ଼ି ହୁଏନା । ଏବେ ଏଇ ଏଗାରଟା ବେଳକୁ ଚାରିଆଡ଼ ନିଆଁ ଜଳୁଛି ଯେମିତି । ଖରାକୁ ଚାହିଁ ହେଉନି । ଆଖିବୁଜି ହୋଇ ଆସୁଛି ତା ତେଜରେ । ପବନଟା ବି ନିଆଁ ପରି ତାତିଛି ।

ଏତେବେଳେ ଆଉ ଗାଁକୁ ଯିବେ କି ନ ଯିବେ ଏମିତି ଦୋଦୋପାଞ୍ଚ ହୋଇ ବସ୍‌ରୁ ଓହ୍ଲେଇ ନଟବର ବାବୁ ବସ୍‌ଷ୍ଟେଣ୍ଡ ପାଖରେ ଥିବା ବାଙ୍କୁଣ୍ଡା ଗଛ ତଳରେ ପାନ ଜଳଖିଆ ଦୋକାନ କରିଥିବା ହରି ଗୁଡ଼ିଆର ଚାଳିଆ ଆଡ଼କୁ ମୁହେଁଇଲେ ।

ଝାଟିମାଟି କାନ୍ଥ । ଉପରେ ତାଳ ବରଡ଼ାର ଛପର । ଦର ଆଉଜା ହୋଇ ରହିଛି ତାଳ ବରଡ଼ାର ତାଟି । ଚାଳିଆ ଆଗରେ ଖୁଣ୍ଟ ଦି'ଟା ପୋତି ତା ଉପରେ ଖଣ୍ଡିଏ ଦର ଚଞ୍ଚା ପଟା ପିଟା ଦି'ଟା ବେଞ୍ଚ । ଖରା ତାତିରେ ସେଇଟା ଗରମ ହୋଇ ରହିଛି । ସେଥିରେ ଟିକେ ହାତ ମାରି ଦେଉଁ ଦେଉଁ ଚାଉଁକିନା ଲାଗିଲା ହାତକୁ । ନଟବର ବାବୁ ଦର ଆଉଜା ତାଟି ଫାଙ୍କ ଦେଇ ଅନେଇଲେ ଭିତରକୁ । ଖଣ୍ଡିଏ ଦର ଭଙ୍ଗା ନଡ଼ବଡ଼ ଟେବୁଲ । ତା' ଚାରିପଟେ ସେମିତିକା ଦି'ଚାରିଟା ଚେଆର । କୋଉଟାର ହାତ ନାହିଁ । ସେ କଣକୁ ପଡ଼ିଛି ଖଣ୍ଡିଏ କାଠ ବେଞ୍ଚ । ଏ ପାଖରେ ଥାକ ହୋଇଥିବା କାଠର ଖଣ୍ଡିଏ ଆଲମିରା । ସେଇ ଥାକ ଉପରେ ସିଲଭର ଥାଳିଆ ଆଉ ବାଉଁଶ ପାଛିଆରେ ସକାଳୁ ହୋଇଥିବା ବାସି ବରା, ଗୁଲୁଗୁଲା, ପକୁଡ଼ି ଓ ବୁନ୍ଦିଆ ମିଠେଇ ସଜା ହୋଇ ରହିଛି । ତଳକୁ ଗୋଟାଏ ଖୋଲା ମୁହଁ ଡେକ୍‌ଚି ଉପରେ ଚିନି ସିରା ଭିତରେ ଭାସୁଛି ଚାରି ଛଅଟା ରସଗୋଲା । ସିଲ୍‌ଭର ଚଟୁ ଉପରେ ଚିନି ସିରା ଲାଗି ଶୁଖି ଯାଇଥିବା ଜାଗାଟିରେ ଦଳ ଦଳ ମାଛି ଭଣ ଭଣ । ଖଣ୍ଡିଏ ଛିଣ୍ଡା ସପ ଉପରେ ନାଲି କରିଆ ଖଣ୍ଡେ ପିନ୍ଧି ହରି ଗୁଡ଼ିଆ ଗୋଟିଏ କଣରେ ଗଡ଼ପଡ଼ ହେଉଛି । ବାସନଧୂଆ ଟୋକାଟା ବେଞ୍ଚ ଉପରେ ଲମ୍ବପମ୍ବ ହୋଇ ପଡ଼ିଛି ।

ନଟ ବାବୁ ଧୀର ଗଳାରେ ଡାକିଲେ 'ହରି, ଅଛୁ କିରେ ? 'ପରିଚିତ ଗଳାର ସ୍ୱର ଶୁଣି ହରି ଗୁଡ଼ିଆ ମୁଣ୍ଡ ଟେକି ଚାହିଁଲା ଆଉ ତା ପରେ ଧଡ଼ପଡ଼ ହୋଇ ଉଠି ବସି ମୁଣ୍ଡ ଉପରେ ହାତ ଦୁଇଟା ଲଗେଇ କହିଲା 'ଆରେ ନଟ ଭାଇ ଯେ, ଏ ଜଦୁଜଦିଆ ଖରାବେଳଟାରେ କୋଉଠୁ ଆଇଲ ମ ? ଏଇ ଦଶଟା ବସ୍‌ରେ ? ହରି ଗୁଡ଼ିଆର ପାଟି ଶୁଣି ବାସନମଜା ଟୋକାଟା କେତେବେଳୁ ଛିଡ଼ା ହୋଇଗଲାଣି ।

ଭିତରକୁ ପଶି ଆସି ନଡ଼ବଡ଼ ଚେଆରଟା ଉପରେ ବସି ପଡୁ ପଡୁ କହିଲେ, 'ହଇରେ ଏ ଟୋକା ! ମନ୍ଦାଏ ପାଣି ଦେଲୁ । ଶୋଷରେ ତଣ୍ଟି ଅଠା ଅଠା ହୋଇଗଲାଣି । ହଁ, ପରା । ଆଉ କହନା ସକାଳୁ ବସ୍‌ଟା ଫେଲ୍ ହେଲି । ବାଧ ହୋଇ ପଛ ବସ୍‌ଟାରେ ଆସିଲି ।'

'କାହିଁକି ସଞ୍ଜ ବସ୍‌ରେ ଆଇଲନି ?'

'ଆଉ କ'ଣ ଡର ଅଛି ? କାଲି ସଞ୍ଜବେଳକୁ ତାର ପାଇଲି । ବୋଉର ଦେହ ଖରାପ । ରାତିରେ ତ ଆସିବା ପାଇଁ କିଛି ନାହିଁ । ତେଣୁ ବାଧ ହୋଇ ସକାଳୁ ଆଇଲି ।'

'କଣ ହୋଇଛି ?'

'କିଛି କ'ଣ ଜଣା ଅଛି ? ଖାଲି ତାର । ଶୀଘ୍ର ଆସ ।'

'ଏଇନେ ପୁଣି ଗାଁକୁ ଯିବ ? ଏତେ ଖରାଟାରେ ?'

' ନ ଯାଇ ଚାରା ନାହିଁ । ଫେର ଯଦି ଏ ଭିତରେ କ'ଣ ନାଇଁ କ'ଣ ହୋଇଯାଏ ଶେଷ ବେଳକୁ ଆଉ-'

'ଛି ଛି ଛି- ଏ କାଳ କଥା ଆଉ ତୁଣ୍ଡରେ ଧର ନାହିଁ ।'

'ତୁ ତ ଜାଣୁ ହରି- ମନଟା କାଲି ସଞ୍ଜଠୁଁ ଏମିତି ପାପ ଛୁଉଁଛି । ରାତି ସାରା କାଲି ଶୋଇ ପାରିନି । ହଉ ଏଥର ଉଠେ ।'

ଗାମୁଛାଟାକୁ ପାଣିରେ ଭିଜେଇ ମୁଣ୍ଡ ଉପରେ ଥୋଇ ଛତା ଧରି ବାହାରି ପଡ଼ିଲେ ନଟବର ବାବୁ ।

ସଡ଼କ ତଳକୁ ଲମ୍ବିଛି ଅଙ୍କାବଙ୍କା ହୋଇ ପାଦଚଲା ରାସ୍ତା । ବର୍ଷା ଦିନରେ ହିଡ଼ ଉପରେ ରାସ୍ତା ବଦଳରେ ଏଥର ବିଲ ମଝିରେ ରାସ୍ତା ହୋଇଛି । ଚାରିଆଡ଼ର ଆବଡ଼ା ଖାବୁଡ଼ା, ଧାନ ଗଛର ଥୁଣ୍ଟା, ବୁଦା ମଝିରେ ସେଇ ଟିକକ ବେଶ୍ ଚିକ୍‌କଣ, ପରିଷ୍କାର । ମଣିଷ ଚାଲି ଚାଲି ଧୂଳି ହୋଇଗଲାଣି ଠାଏ ଠାଏ । ଖରା ତେଜରେ ଚାରିଆଡ଼ ଦାଉ ଦାଉ ଜଳୁଛି । ଦୂରକୁ ଚାହିଁ ହେଉନି । ଆଖି ପତା ବୁଜି ଆସୁଛି ଖରା ତେଜରେ । ନିଆଁ ବର୍ଷୁଛି ଯେମିତି । ପବନଟା ବୁଲି ମୁଣ୍ଡର ପବନ ପରି ତାତିଛି । ଦେହ ହାତ ପୋଡ଼ି ଯାଉଛି ଗରମରେ ।

ଏ ସବୁକୁ ଭ୍ରୂକ୍ଷେପ ନ କରି ନଟବର ବାବୁ ଛତା ମୁଣ୍ଡାଇ ମୁଣ୍ଡରେ ଓଦା ଗାମୁଛା ଥୋଇ ଚାଲିବାକୁ ଆରମ୍ଭ କଲେ ଏକ ଲୟରେ । ପହଞ୍ଚୁ ପହଞ୍ଚୁ ଯଦି ବେଶୀ ଡେରି ହୋଇଯାଏ ।

ସେମିତି କିଛି ବେଶୀ ନ ହୋଇଥିଲେ ବୋଉ କେବେ ଟେଲିଗ୍ରାମ କରି ନଥାନ୍ତା । ସେଇ ଯେ ପାଞ୍ଚ ବର୍ଷ ଦିନରୁ ବାପା ମଲାଠାରୁ ସେ ବୋଉର ଏମିତି ଦେହ ଖରାପ କେବେ ଦେଖି ନାହାନ୍ତି । ଦେଖି ଥିଲେ ମଧ୍ୟ ବୁଝି ପାରି ନାହାନ୍ତି । ଆଉ ହୋଇଥିଲେ ବି ବୋଉ ତାଙ୍କ ଠାରୁ ଲୁଚେଇ ରଖିଛି । କେତେ କଷ୍ଟରେ ମଣିଷ କରିଛି ସେ । ସବୁ ଦୁଃଖ-ଅଭାବ-ଦୈନ୍ୟ ସତ୍ତ୍ୱେ ସେ ତାଙ୍କରି ମୁହଁକୁ ଚାହିଁ ସିଧା ସଳଖ ଛିଡ଼ା ହୋଇ ତାଙ୍କୁ ପାଠ ପଢ଼େଇଛି- ମଣିଷ କରିଛି । ବାହା କରେଇଛି । ନିଜର ସବୁ ସୁଖ ସୁବିଧାକୁ ଜଳାଞ୍ଜଳି ଦେଇ କେବଳ ତାଙ୍କରି ପାଇଁ ସେ ନିଜ ଜୀବନକୁ ଏକାବେଳକେ ଉତ୍ସର୍ଗ କରି ଦେଇଛି । କେବେହେଲେ ତାଙ୍କୁ କିଛି ମାଗି ନାହିଁ । କେବଳ ଦେଇ ଯାଇଛି ।

ସାମାନ୍ୟ ଚାକିରି । ସେଥିରେ ଚାରି ପାଞ୍ଚଟା ପିଲା । ଦରମା ଯାହା ଆଣନ୍ତି ସେତିକିରେ ସଂସାର ଚଳିବା କଷ୍ଟ । ସେଥିପାଇଁ ତାଙ୍କୁ ପାଖରେ ରଖିବାକୁ ଯେତେ କହିଲେ ବି ସେ କେବେ ଭୁବନେଶ୍ୱରରେ ନ ରହି ଗାଁକୁ ପଳେଇ ଆସିଛି । ଭାଗ ଚାଷ ଜମିରୁ ଧାନ ଆଦାୟ କରି ଚାଉଳ କରି, ତାଙ୍କ ପାଖକୁ ପଠେଇଛି । ପିଲାମାନେ ସୁଖରେ ରହିବେ ବୋଲି ଆଜି ମୁଗ ଦି'ଟା, କାଲି ବିରି, ପଅର ଦିନ ବଡ଼ି, ନଡ଼ିଆ, ଚିନାବାଦାମ ସବୁ ଗୋଟି ଗୋଟି କରି ସଜେଇ ସାଜେଇ ନିଜେ ଯାଇ ଦେଇ ଆସିଛି ।

ଆଉ ସେ ? ତା ପାଇଁ କ'ଣ କରିଛନ୍ତି ? କିଛି ନାହିଁ । କେବଳ ନିଜ ସ୍ତ୍ରୀ ପିଲାଝିଲାଙ୍କ ପାଇଁ ସବୁ କିଛି କରିଛନ୍ତି । ଆଶ୍ଚର୍ଯ୍ୟ । ମଣିଷ ଜାତିଟା ଏମିତି ଅକୃତଜ୍ଞ । ପଛକୁ ଫେରି ଚାହେଁନା । ଖାଲି ଆଗକୁ ଦେଖେ । ଖାଲି ମଣିଷ କାହିଁକି ସବୁ ପଶୁପକ୍ଷୀ, ଗଛ ଲତା । ପ୍ରାଣୀ ଜଗତର ନିୟମ ଏଇଟା । ପ୍ରାକୃତିକ ନିୟମ । ସୃଷ୍ଟିର ଲୀଳା ଅକ୍ଷୁଣ୍ଣ ରଖିବାକୁ ଗଛ ଯଦି ତାର ପୁରୁଣା ପତ୍ର ଗୁଡ଼ାକୁ ସବୁବେଳେ ନିଜର ଭାବେ ରଖିବାକୁ ଚାହେଁ, ତେବେ ସେ କିପରି ସୃଷ୍ଟି କରିବ ନୂତନ ପତ୍ର, ନୂତନ ଫୁଲ, ନୂତନ ଫଳକୁ ? ଅକୃତଜ୍ଞ ହେବା ବୋଧହୁଏ ସେଇଥିପାଇଁ ଏତେ ସ୍ୱାଭାବିକ ।

ପିଲାଙ୍କ ପାଇଁ ସେ ନିଜେ ବା କଣ ନ କରୁଛନ୍ତି ? ନିଜେ ଭଲ କରି ଗଣ୍ଡେ ନ ଖାଇ ନ ପିନ୍ଧି ପିଲାଏ କେମିତି ଭଲ ଖାଇବେ ଭଲ ପିନ୍ଧିବେ ଭଲ ପାଠ ପଢ଼ିବେ ସେଇଥିପାଇଁ ଅନବରତ ଖଟି ଚାଲିଛନ୍ତି । ସକାଳ ଠାରୁ ରାତି ପର୍ଯ୍ୟନ୍ତ କେବଳ ସେଇ ଚିନ୍ତା । ନିଜେ ଯେମିତି କଷ୍ଟ ସହି ପାଠ ପଢ଼ିଥିଲେ, ସବୁ ଅସୁବିଧା ସହ୍ୟ କରିଥିଲେ ସବୁବେଳେ ମନରେ ଭାବନା ହୋଇଛି ମୋ ପିଲାଏ ଯେମିତି ସେମିତି କଷ୍ଟ ନ ପାଆନ୍ତି । ସେତିକି ଅସୁବିଧା ଭୋଗ ନ

କରନ୍ତି । ତାଙ୍କ ମନରେ 'ଗରିବ' ବୋଲି ଯେମିତି ହୀନ ମନ୍ୟତା ନ ରହୁ, ସେଥିପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରି ଆସିଛନ୍ତି ।

କିନ୍ତୁ ଫଳ କ'ଣ ହେଉଛି ?

ବୋଉର ସ୍ୱାର୍ଥ ତ୍ୟାଗ ଓ ଆତ୍ମୋତ୍ସର୍ଗ ସାଙ୍ଗେ ସାଙ୍ଗେ ନିଜର ବି ଥିଲା ପ୍ରଗାଢ଼ ଚେଷ୍ଟା । ସେତେବେଳର ଶିଶୁ ମନ ନେଇ ବୋଉକୁ ସୁଖରେ ରଖିବାର ଦୃଢ଼ ପ୍ରତିଜ୍ଞା । ସେଥିପାଇଁ ସେ ଯାହା ହେଉ, ବଡ଼ ନ ହେଉ ପଛେ, ସାଧାରଣ ଭାବେ ବଞ୍ଚିବାର ପାଥେୟ ସଂଗ୍ରହ କରି ପାରିଛନ୍ତି ତ ?

କିନ୍ତୁ ତାଙ୍କର ଏତେ ଆତ୍ମୋତ୍ସର୍ଗ ସତ୍ତ୍ୱେ ତାଙ୍କ ପିଲାମାନଙ୍କ ଭିତରେ ସେ ଚେଷ୍ଟା କାହିଁ ? ମଣିଷ ହେବାର ଆକାଂକ୍ଷା କାହିଁ ?

କ'ଣପାଇଁ ଏମିତି ହେଲା ? କେଉଠି ଭୁଲ ରହୁଛି ?

ବଡ଼ ପୁଅଟା ବି.ଏ. ପଢୁ ପଢୁ ହିପି ହୋଇଗଲା । ଖାଲି ଟଂ ଟଂ ବାହାରେ ବୁଲା । ପାଠଶାଠ ନାହିଁ । ଘରକୁ ଖାଇବା ଶୋଇବା ଛଡ଼ା ଅନ୍ୟ କିଛି ପାଇଁ ଆସେନା । କେତେ ବୁଝାମଣା, କେତେ ଗାଳି ମନ୍ଦ ସବୁ ବୃଥା ହେଲା । ବାପା ମା ପାଇଁ ନ ହେଉ, ନିଜର ଛୋଟ ଛୋଟ ଭାଇ ଭଉଣୀ ପ୍ରତି ସାମାନ୍ୟତମ କର୍ତ୍ତବ୍ୟବୋଧ ବି ନାହିଁ ? କଣ ଆଉ କରାଯାଏ ? ଯୁଗ ତ ସେମିତି ହୋଇଛି ? ସମସ୍ତେ କେମିତି ଏକଘରିକିଆ, ବ୍ୟକ୍ତିନିଷ୍ଠ ସ୍ୱାର୍ଥପର ହୋଇ ଯାଉଛନ୍ତି । ନିଜ ଛଡ଼ା ଯେମିତି ପୃଥିବୀରେ ଆଉ କାହାରି ପ୍ରତି କିଛି ତାଙ୍କର କରିବାର ନାହିଁ । କିନ୍ତୁ ପୃଥିବୀର ସମସ୍ତେ ତାଙ୍କ କାମ କରିବା ଆଗ ଦରକାର ।

ସେଇଥିପାଇଁ ଦୁନିଆ ଅଶାନ୍ତି ଘରେ । ଝିଅ ଦି'ଟା ବି ସେମିତି ହେଲେଣି । କଲେଜରେ ପାଠ ପଢ଼ିବା ମାନେ ଯେମିତି କେବଳ ଫେସନ ହୋଇ ବୁଲିବାଟା ଏକମାତ୍ର ଉଦ୍ଦେଶ୍ୟ । ଭଲ ଶାଢ଼ି ଦରକାର, ନାନା ପ୍ରକାର ଡ୍ରେସ ଦରକାର । ସ୍ନୋ, ପାଉଡ଼ର, ସେଣ୍ଟ ନହେଲେ ଯେମିତି କଲେଜରେ ପାଠପଢ଼ା ହୁଏନା । ଘର କାମରେ ଟିକିଏ ମନ ନାହିଁ । ବୋଉକୁ ଟିକିଏ ସାହାଯ୍ୟ କରିବା, କିଛି କାମଦାମ କରିବା । ନା- କିଛିରେ ମନ ନାହିଁ । ସାନଟା ନାଁରେ ତ ପରୋକ୍ଷ ଭାବେ କେତେ କଥା ଶୁଣାଗଲାଣି । ତା' ବୋଉ ତାକୁ ସେଥିପାଇଁ କେତେ ଗାଳିମନ୍ଦ କଲାଣି । ଦିନେ ତ ଝାଡୁ ନେଇ ବାଡ଼େଇ ପକେଇଲା । କ'ଣ ହେବ ? 'ମୋତେ ଯେତେ ମାଠିବୁ ମାଠ ।'

ସବୁଆଡୁ ଅଶାନ୍ତି । ଜୀବନରେ ଟିକିଏ ଶାନ୍ତି ନାହିଁ । ଯାହା ପାଇଁ ସବୁ ସୁଖ ସୁବିଧାକୁ ବଳି ଦେଇଛନ୍ତି ସେମାନେ ଯଦି ଶେଷକୁ ଏମିତି ଅମଣିଷ ହୋଇ ଯାଆନ୍ତି, ତେବେ ସେ ଆତ୍ମୋତ୍ସର୍ଗର ମୂଲ୍ୟ କ'ଣ ? କି ସୁଖ ଆଉ ରହିଲା ଜୀବନରେ ?

ଝାଳରେ ପଞ୍ଜାବୀଟା ପୂରାପୂରି ଓଦା ହୋଇ ଗଲାଣି । ଶୋଷରେ ତଣ୍ଟି ଅଠା ଅଠା ହୋଇଯାଉଛି । ଓଦା ଗାମୁଛାଟି ଶୁଖି କାଠ ହୋଇଗଲାଣି । ଆଖି ପୋଡୁଛି ଖରା ତେଜରେ । ଜୋତାଗୁଡ଼ାକ ମଧ୍ୟ ଏତେ ଗରମ ହୋଇଗଲାଣି ଯେ ତଳିପାଠୁ ଆରମ୍ଭ କରି ଗୋଟା ପାଦଟା ସିଝି ଯାଉଛି । କାଢ଼ି ଫୋପାଡ଼ି ଦେବାକୁ ଇଚ୍ଛା ହେଉଛି । ସାରା ଦେହଟା ଗରମ ହୋଇଗଲାଣି । ସତେ ଯେମିତି କିଏ ତତଲା ଲୁହା କରେଇରେ ପକେଇ ଦେଇଛି ।

ହଁ, ସଂସାରଟା ଆଉ କ'ଣ ? ତତଲା ଲୁହା କରେଇ ତ । ଜୀବନସାରା ଖାଲି ଏମିତି ଭାଜି ହେବା କଥା । ସୁଖ କାହିଁ ? ଶାନ୍ତି କାହିଁ ?

ଆଗରେ ଦେଖା ଯାଉଛି ହରିଚନ୍ଦନପୁର ଗାଁ । ବ୍ରାହ୍ମଣ ଶାସନ । ଗାଁ ମୁଣ୍ଡ, ପୋଖରୀ ହୁଡ଼ାରେ କୋଡ଼ିଏ ପଚିଶଟା

ତାଳ ଗଛ ବାବନାଭୂତ ପରି ହାଁ କରି ଛିଡା ହୋଇ ରହିଛନ୍ତି । ହଲ୍ ନାହିଁ କି ଚଲ୍ ନାହିଁ । ପୋଖରୀ ଶୁଖି ଯାଇଛି । କାଦୁଅଗୁଡ଼ା ଶୁଖିଯାଇ ଛ' କୋଣିଆ ଛ' କୋଣିଆ ହୋଇ ଫାଟି ଯାଇ ଗୋଟାଏ ଚାଦରର ପେଟାର୍ନ ପରି ମନେ ହେଉଛି । ଫାଟ ଦାଡ଼ରେ ଧଳା ଧଳା ଶୁଖିଲା ଗେଣ୍ଡା ଖୋଳପା । ପୋଖରୀର ଗୋଟିଏ କ'ଣକୁ ବେଲବଣ । ବେଲବଣ ମଝିରେ ଅରାଏ ସଫା ଜାଗାରେ ବହୁ ଜୀର୍ଣ୍ଣ ପୁରାତନ ଶିବ ମନ୍ଦିରଟିଏ । ମନ୍ଦିରଟା ଭାଙ୍ଗି ରୁଜି ଗଲାଣି । ଅଧା କାନ୍ଥ ଭିତରେ ଶିବଲିଙ୍ଗ ଖରାବର୍ଷା ଖାଇ ପୂଜା ପାଆନ୍ତି । ବେଲ କଣ୍ଟାରେ ଚାରିଆଡ ଭର୍ତ୍ତି । ବେଲଗଛ ଗୁଡ଼ାକ ଟିକିଏ ଟିକିଏ କଅଁଳିଛନ୍ତି । ବାକି ବଡ଼ ବଡ଼ ଡାଳ ସବୁ କଙ୍କାଳର ହାଡ଼ ପରି ସଂପୂର୍ଣ୍ଣ ଧଳା ଧଳା ଦେଖା ଯାଉଛନ୍ତି ।

ଆଉ ଉପାୟ ନାହିଁ । ନଟବରବାବୁ ସେଇ ବେଲବଣ ଭିତରେ କଣ୍ଟା ଆଡ଼େଇ ପଶିଲେ । ଟିକିଏ ବିଶ୍ରାମ ଦରକାର ।

ଟିକିଏ ଭଲ କରି ଛାଇ ନାହିଁ । ତଥାପି ଗଛ ଗଣ୍ଡି ତଳକୁ ଆଉଜି ବସିଲେ ସେ । ମୁଣ୍ଡରେ ଗାମୁଛା କାଢ଼ି ଦେହ ମୁଣ୍ଡ ପୋଛି ହୋଇ କିଛି ସମୟ ବସି ରହିଲେ । ନା, ଆଉ ବସି ରହି ଲାଭ ନାହିଁ । ଶୋଷରେ ତଣ୍ଟି ଅଠା ଅଠା ହେଲାଣି । ଶାସନ ଭିତରେ ପଶି ମନ୍ଦାଏ ପାଣି ନ ପିଇଲେ ଆଉ ଜୀବନ ରହିବ ନାହିଁ । ସେ ଧୀରେ ଧୀରେ ଉଠି ଗାଁ ଭିତରେ ପଶିଲେ ।

ଗାଁ ମୁଣ୍ଡରେ ବନ୍ଧୁ ଷଡ଼ଙ୍ଗୀର ବାଉଁଶ ବାଡ଼ି । ଗଛରେ ଗୋଟିଏ ହେଲେ ପତ୍ର ନାହିଁ । ଠୁଙ୍ଗା ଠୁଙ୍ଗା ଲମ୍ବ ଲମ୍ବ ଗଛଗୁଡ଼ାକ ବିନା ପବନରେ ଦୋହଲୁଛନ୍ତି । କଣ୍ଟା କଣ୍ଟା ଭର୍ତ୍ତି ବାଉଁଶ କଣିଗୁଡ଼ାକ ରାସ୍ତା ଉପରକୁ ଅଧେ ମାଡ଼ି ଆସି କଙ୍କାଳର ଆଙ୍ଗୁଳି ପରି ଦେଖା ଯାଉଛନ୍ତି । ସାମାନ୍ୟ ପବନରେ ଶୁଖିଲା ବାଉଁଶ ପତ୍ରଗୁଡ଼ାକ ସଁ ସାଁ କରି ଉଡ଼ି ଆସୁଛନ୍ତି । ବାଉଁଶ ବାଡ଼ି ଶେଷକୁ ମନ୍ଦିର । ତା' ଆଗରେ ମଧୁ ତିଆଡ଼ୀର ଘର । ମନ୍ଦିରର ପୂଜକ । ତା ପଛକୁ ପଛ ଘରକୁ ଘର ଲମ୍ବିଛି । କେଉଁ କାଳର ପୁରୁଣା ମନ୍ଦିର । ଧଉଳା ହୋଇ ନାହିଁ ବୋଧହୁଏ କୋଡ଼ିଏ ପଚିଶବର୍ଷ ହେଲା । ବୈଶାଖର ଖରାରେ ମନ୍ଦିର ଉପରର ଶିଉଳିଗୁଡ଼ା ଫାଟି ଫାଟି ଚକଡ଼ା ଚକଡ଼ା ହୋଇ ଅଧେ ଖସି ଅଧେ ଲାଗି ରହିଛି କାନ୍ଥ ବକଳା ପରି ।

ମନ୍ଦିର ଚଉତରା ଉପରେ ପଶା ପାଲି ପଡ଼ିଛି । ଦଶ ବାରଜଣ ଘେରି ବସିଛନ୍ତି ଚାରିଆଡ଼େ । ମଝିରେ ମଝିରେ ହୋ ହା ହୋଇ ଚିତ୍କାର ଉଠୁଛି ଗୋଟାଏ ବଡ଼ିଆ ଦାନ ପାଇଁ । ଚଉତରାର ଭିତର ପାଖ କଣକୁ ବଉଳ ଗଛ ଛାଇରେ ଚକାମାଡ଼ି ବସି ମଧୁ ତିଆଡ଼ୀଏ ଭାଗବତ ପଢ଼ୁ ପଢ଼ୁ ଏଆଡ଼େ କାନ ଡେରି ଦାନ କଥା ବୁଝି ନେଇ, ଗୋଟାଏ ମନ୍ତବ୍ୟ କରି ପୁଣି ଆଉଥରେ ପଢ଼ାରେ ମନ ଦେଉଛନ୍ତି ।

ନଟବର ବାବୁ କେତେବେଳୁ ଆସି ଚଉତରା ପାଖରେ ଛିଡ଼ା ହେଲେଣି । କାହାରି ନଜର ନାହିଁ । ସେ ମଧୁ ତିଆଡୀଙ୍କ ପାଖରେ ଯାଇ ମୁଣ୍ଡିଆ ମାରିଲେ । 'ତିଆଡ଼ୀ ନନା, ଓଳିକି ।' ମଧୁତିଆଡ଼ୀ ବହିରୁ ମୁହଁ ଉଠାଇ ତାଙ୍କ ମୁହଁକୁ ଘଡ଼ିଏ ଚାହିଁ କହିଲେ 'ଆରେ ନଟ କିରେ, ଏଇ ଧୂମ୍ ଖରାବେଳଟାରେ କୁଆଡ଼ିକି ବାହାରିଛୁ ? 'ଆଉ କହନା, ନନା, ବୋଉର ଦିହ ଖରାପ ତାର ପାଇ ସାଙ୍ଗେ ସାଙ୍ଗେ ଆସୁଛି । ଏଇ ବସ୍ ଷ୍ଟେଶରୁ ତ ଏଇନେ ଓହ୍ଲେଇ ସିଧା ଆସୁଛି । ଖାଲି ମନ୍ଦାଏ ପାଣି ପାଇଁ ଏଠିକୁ ପଶି ଆସିଲି । ଓଃ, କି ଶୋଷ ।'

ମଧୁ ତିଆଡ଼ୀ ପାଖରେ ଲୁଙ୍ଗୁରୁ ପୁଙ୍ଗୁରୁ ହେଉଥିବା ଗୋଟାଏ ଅଧା ଲଙ୍ଗଳା ଟୋକାଟିକୁ ଡାକି କହିଲେ,

'ହଉରେ ପରି, ଗଲୁ ଲୋଟାଏ ପାଣି ଆଣିଲୁ ।' ମନ୍ଦିର ବନ୍ଦ ଅଛି । ଖୋଲା ହେବ ଯାଇ ସନ୍ଧ୍ୟା ବେଳକୁ । ଠାକୁର ଗମ୍ଭୀରାରେ । ପାଣି ପିଇ ସାରି ନଟବର ପାହାଚ ଉପରେ ଠାକୁରଙ୍କୁ ମୁଣ୍ଡିଆ ମାରି ଗୁହାରି ଜଣେଇ ପୁଣି ବାହାରି ପଡ଼ିଲେ । ଛାଇ ତଳୁ ଖରାକୁ ବାହାରି ଆସିଲା ପରେ ଖରାଟା ଯେମିତି ବେଶୀ କଷ୍ଟ ଦେଉଛି । ଜାଲୁଜାଲୁଆ ଦିଶୁଛି ଚାରିଆଡ଼ ।

ଠାକୁରଙ୍କୁ ପ୍ରାର୍ଥନା କରି ଆସିଛନ୍ତି । 'ବୋଉକୁ ଭଲ କରିଦିଅ ଠାକୁରେ । ନ ହେଲେ ଅନ୍ତତଃ ମୁଁ ଯିବା ପର୍ଯ୍ୟନ୍ତ ସେ ଯେମିତି ବଞ୍ଚିଥାଉ ।' କିନ୍ତୁ ସେ ପ୍ରାର୍ଥନାରେ ଯେମିତି ବିଶ୍ୱାସ ନାହିଁ । ସେ ଡାକିବାରେ ପ୍ରଗାଢ଼ ଆକୁଳତା ବି ନାହିଁ । କେମିତି ଗୋଟିଏ ଲୋକଦେଖାଣିଆ ଅଭ୍ୟାସ । ଗତାନୁଗତିକ ପରମ୍ପରାର ପୁନରାବୃତ୍ତି । କାହିଁକି ଏମିତି ହେଉଛି ? କାହିଁକି ସେ ପ୍ରାଣ ଭରି, ଆକୁଳରେ ଡାକି ପାରୁନାହାନ୍ତି ? ନଟବର ନିଜେ ଗୋଟାଏ ଅସ୍ୱସ୍ତିରେ ଛଟପଟ କରି ଉଠିଲେ । ଏଇ ପ୍ରଚଣ୍ଡ ଖରାରେ ବି ଦେହଟା ତାଙ୍କର ଶୀତେଇ ଉଠିଲା ।

ଏଇ ଅତ୍ୟଧିକ ଗରମରେ ସବୁ କୂଅ ପୋଖରୀ ନଦୀ ଶୁଖିଗଲା ପରି ତାଙ୍କର ଅନ୍ତରର ସେଇ ବିଶୁଦ୍ଧ ଭଲ ପାଇବାର ଉତ୍ସ କ'ଣ ଶୁଖି ଯାଇଛି, ମଧୁ ତିଆଡ଼ୀ କହିଲା ପରି ଏ ପାପ ଅନ୍ୟାୟ ଅନାଚାର ଭିତରେ ଠାକୁର ଆଉ କ'ଣ ମନ୍ଦିର ଭିତରେ ବି ନାହାନ୍ତି ? ସେଥିପାଇଁ କ'ଣ ତାଙ୍କର ମନେ ହେଲା ଶୁଖିଲା, ଥୁଣ୍ଟା ବାଉଁଶ ଓ ବେଲ ଗଛ ପରି ମନ୍ଦିରଟା ବି ସେମିତି ଭଙ୍ଗାରୁଜା, ବେଢ଼ଙ୍ଗିଆ ହୋଇ ଯାଇଛି ଏଇ ଖରାର ଉତ୍ତାପରେ ! କିନ୍ତୁ ତା'ର ଚେର ଲମ୍ବିଛି, କାହିଁ କେଉଁ ପାତାଳକୁ । ସେଉଠୁ ରସ ଶୋଷି ଶୋଷି ସେ ଖାଲି ବଞ୍ଚି ରହିଛି । ପୁଣି ଯେତେବେଳେ ବର୍ଷା ହେବ, ପାଣିରେ ଶୁଖିଲା ମଟାଳ ମାଟି କାଦୁଅ ପଚପଚ ହୋଇଯିବ, ସେତିକିବେଳେ ପୁଣି ପତ୍ର କଅଁଳିବ, ଫୁଲ ଫୁଟିବ । ତାର ଶୁଖିଲା ଡାଳ ପୁଣି ପୂରି ଉଠିବ ସବୁଜ ପତ୍ରର ମାଂସଳ ପରିପୂର୍ଣ୍ଣତାରେ, ହସ ଫୁଟିବ ଫୁଲର ପାଖୁଡ଼ା ପାଖୁଡ଼ାରେ ।

କିନ୍ତୁ ବର୍ଷା କେବେ ଆସିବ ? କେବେ ପୁଣି ବୈଶାଖର ଗୈରିକ ଆକାଶ ଶ୍ୟାମଳ ମେଘର ବାତ୍ସଲ୍ୟମୟୀ କରୁଣାରେ ପୂରି ଉଠିବ ? କିଏ ଖୋଜି ବାହାର କରିବ ସେଇ ପାତାଳମୁଖୀ ଝରଣାର ଚିରନ୍ତନ ଉତ୍ସକୁ ?

ରାସ୍ତା ସରି ଆସୁଛି । ନଡ଼ିଆ ବଣ ଭିତରେ ଚକ୍‌ମକ୍ ମାରୁଛି ସୁରଜମଲ ମାରୁଆଡ଼ିର ଧଳା କୋଠାଟା । ମଦନପୁର । ସେଇଠୁ ଆଉ ପାଏ ବାଟ ଗଲେ ତାଙ୍କ ଗାଁ ପଡ଼ିବ । ମଦନପୁର ମୌଜା ଓ ତାଙ୍କ ମୌଜାର ସୀମା ଚିହ୍ନଟ କରୁଥିବା ପ୍ରକାଣ୍ଡ ବର ଗଛଟା ବି ଦେଖା ଯାଉଛି । ଜୋରରେ ଜୋରରେ ପାଦ ପକେଇ ଚାଲିଲେ ନଟବର ।

ବିରାଟ ଅଶ୍ୱତ୍ଥ ଗଛଟି । ଦି'ଚାରିଜଣ ମଣିଷର କୁଣ୍ଢ ପାଇବ ନାହିଁ ଏତେ ବଡ଼ ଗଣ୍ଡି । ଏତେ ବଡ଼ ଗଛଟା ଅଥଚ ଟିକିଏ ବୋଲି ଛାଇ ନାହିଁ । ଗୋଟାଏ ହେଲେ ବି ପତ୍ର ନାହିଁ । ଟିକିଏ ଟିକିଏ କଅଁଳୁଛି । ଗଛ ଚାରିପଟେ ଛୋଟ ଛୋଟ ଅସଂଖ୍ୟ ଅଶ୍ୱତ୍ଥ କୋଳି । କେତେ ବଡ଼ ଗଛ– ଅଥଚ କେତେ ଛୋଟ ତା'ରଫଳ । ନଟବର ମନେ ମନେ ହସିଲେ । ଗୋଟାଏ ବଡ଼ ଚେର ଉପରେ ଦଣ୍ଡେ ବସିଗଲେ ସେ । ଗଛ ଗଣ୍ଡି ଉପରେ ମୋଟା ନାଲି ସିନ୍ଦୂର ଦାଗ । ତା ତଳକୁ ଲମ୍ବିଛି ନାଲି ପିମ୍ପୁଡ଼ିର ଧାର । ସୁରଜମଲ ମାରୁଆଡ଼ିର ବାପା ସବୁଦିନ ସକାଳେ ଏଇଠି ପିମ୍ପୁଡ଼ିମାନଙ୍କ ପାଇଁ ଗୁଡ଼ କି ଚିନି ଦେଇଯାଏ । ନଟବର ମନକୁ ମନ ହସିଲେ ।

ଏଇ ଅଶ୍ୱତ୍ଥ ଗଛ ମୂଳେ ବସି ବୁଦ୍ଧଦେବ କୁଆଡ଼େ ବୁଦ୍ଧତ୍ୱ ପ୍ରାପ୍ତ ହୋଇଥିଲେ । ଏଇ ଗଛ ମୂଳେ ମହାବୀର ଜୀନ ପରମ ଜ୍ଞାନ ପାଇଥିଲେ । ବୁଦ୍ଧଙ୍କର ଧର୍ମ କୁଆଡ଼େ ଗଲା, ଜୈନ ଧର୍ମ କୁଆଡ଼େ ଗଲା, ଖାଲି ଗଛଟା ହିଁ ପୂଜା ପାଉଛି । କି ଅଛି ଏଇ ଗଛରେ ? ନା ଟିକିଏ ଛାଇ- ନା ତା'ର କାଠ କିଛି କାମରେ ଆସୁଛି ?

ସମୟର ଖରା ଏମିତି ଶୋଷିନିଏ ପ୍ରକାଶିତ ରସର ପୋଖରୀ, ନଦୀକୁ । କିନ୍ତୁ ଶୋଷିପାରେ ନାହିଁ ସାତତାଳ ଭେଦୀ ଭିତରେ ଭିତରେ ପରିବ୍ୟାପ୍ତ ହୋଇ ରହିଥିବା ରସର ସମୁଦ୍ରକୁ । ପୁଣି ଜଣେ କିଏ ଭଗୀରଥ ଜନ୍ମ ହୋଇ ତାକୁ ପୁଣି ବାଟ କଢ଼େଇ ଆଣିବ ପୃଥିବୀ ଉପରକୁ । ଆଉ ଜଣେ କିଏ ଅର୍ଜୁନ ତୀକ୍ଷ୍ଣ ଶରରେ ପୃଥିବୀର କଠିନ ଆବରଣ ଭେଦ କରି ପୁନରାୟ ଉପରକୁ ଉଠାଇ ଆଣିବ ସ୍ୱତଃ ନିଃସାରିତ ଝରଣାର ସ୍ରୋତକୁ ।

କିନ୍ତୁ ତା' ଆଗରୁ ଏଇ ଶୁଷ୍କ ଟାଙ୍ଗର ଧୂସର ଭୂମି ଉପରେ ଶୀତଳ ଜଳ ପ୍ରକାଶ କ'ଣ କୋଉଠି ନାହିଁ ?

ଏମିତି ଭାବୁ ଭାବୁ ନଟବର କେତେବେଳେ ବରଗଛ ପାଖରେ ପହଞ୍ଚି ଯାଇଛନ୍ତି ଜାଣନ୍ତି ନାହିଁ । ହଠାତ୍ ବରଗଛ ତଳର ଶୀତଳ ଛାଇରେ ତାଙ୍କର ଚେତା ପଶିଲା । ସାରା ଦେହରେ ଯେମିତି କ'ଣ ମଧୁର ଶୀତଳ ସ୍ପର୍ଶ ଦେଇଗଲା । ଆଃ କି ଆରାମ । ସେ ଆଉ ଟିକିଏ ଘଞ୍ଚ ଛାଇ ତଳେ ଯାଇ ବସି ପଡ଼ିଲେ । ପ୍ରକାଣ୍ଡ ବରଗଛ । ତାଙ୍କ ପିଲା ଦିନରୁ ସେ ତାକୁ ଏମିତି ଦେଖି ଆସିଛନ୍ତି । ଏଇ କେତେ ବର୍ଷ ଭିତରେ ଆହୁରି ବଢ଼େଇ ଦେଇଛି । ପାଖକୁ କେତେ ଗୁଡ଼ାଏ ଗୋରୁ ବସି ପାକୁଳି କରୁଛନ୍ତି । କିଏ କେତେଟା ଡାଳ କାଟି ପକେଇ ଦେଇଛି ସେ ତା'ରି ଚାରିପାଖରେ ଛେଳିଗୁଡ଼ାଏ ପତ୍ର ଛିଣ୍ଡାଇ ଛିଣ୍ଡାଇ ଖାଉଛନ୍ତି । ଦୁଇ ଚାରିଟା ପିଲା ଏଇ ଧୂମ୍ ଖରାବେଳଟାରେ ଓହଳରେ ଝୁଲି ଝୁଲି ଡାଳ ମାଙ୍କୁଡି ଖେଳୁଛନ୍ତି । ତାଙ୍କ ପାଖକୁ ଟିକିଏ ଦୂରରେ କେତେ ଜଣ ତାଙ୍କରି ପରି ବାଟୋଇ ଚାରିକାତ ମେଲେଇ ନିଘୋଡ଼ ନିଦରେ ଶୋଇ ଯାଇଛନ୍ତି । ସାରା ଗଛଟା ଭର୍ତ୍ତି ନାନା ପ୍ରକାର ଚଢ଼େଇ । ସେମାନଙ୍କର କିଚିରି ମିଚିରି ଶବ୍ଦରେ କାନ ଅତଡ଼ା ପଡ଼ି ଯାଉଛି । କିନ୍ତୁ ସବୁ ସତ୍ତ୍ୱେ ବି ଗଛଟା ଯେମିତି ତା'ର ସହସ୍ର ବାହୁ ମେଲେଇ ତାର ସବୁ ସନ୍ତାନକୁ ଆନନ୍ଦରେ ଆଲିଙ୍ଗନ କରି ରଖିଛି ଏକ ମହାନ୍ ସ୍ନେହମୟୀ ଜନନୀ ପରି !

ମୁଣ୍ଡ ତଳେ ଗାମୁଛାଟା ଦେଇ ଗଡ଼ି ପଡ଼ିଲେ ନଟବର । ଜୋତା ଗୁଡ଼ା କାଢ଼ି ପକେଇ ଦୂରକୁ ଥୋଇ ଦେଲେ । ନିଆଁ ପରି ତାତିଥିଲା ସେଗୁଡ଼ାକ । କାଣି ଆଙ୍ଗୁଳି କଣରେ ଗୋଟାଏ ଫୋଟକା ବାହାରିଲାଣି । ଜୋତା କାଢ଼ି ଦେଲା ମାତ୍ରେ ପାଦ ଦୁଇଟା ଥଣ୍ଡା ହୋଇ ଆସିଲା । ଗୋଡ଼ ଲମ୍ବେଇ ଉପରକୁ ମୁହଁ କରି ସେ ଆଖି ବୁଜିବା ଆଗରୁ ଚାରି ଆଡ଼କୁ ଅନେଇ ଦେଲେ । ଗୋଟାଏ ଜାଗାରେ ତାଙ୍କର ଆଖି ଅଟକି ଗଲା । କୋରଡ଼ ଭିତରେ ଉଠିଛି ଅଶ୍ୱତ୍ଥ ଗଛ ଆଉ ବେଲ ଗଛ ।

ସେ ପରମ ତୃପ୍ତିରେ ଆଖି ବୁଜିଲେ ।

ସେଇ ମୁଦା ଆଖିପତା ଉପରେ ଭାସି ଉଠିଲା ଗୋଟାଏ ବିରାଟ ବରଗଛର ଛବି । ଆଉ ସେଇ ବରଗଛଟିକୁ ଆଚ୍ଛନ୍ନ କରି ଆଉ ଗୋଟାଏ ଛବି । ସେ ଛବି ତାଙ୍କ ବୋଉର । କ୍ରମେ କ୍ରମେ ସେ ଛବିଟା ଲିଭିଯାଇ ଆହୁରି ଗୋଟାଏ ଛବି ଦେଖାଗଲା । ସେ ଛବିଟା ତାଙ୍କ ନିଜର ।

# ପ୍ରଶ୍ନାବଳୀ

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୧. ଗଳ୍ପଟି କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?
୨. ନଟବର ବାବୁ ସରକାରୀ ବସ୍‌ରେ ଯାଇଥିଲେ କେତେବେଳେ ଗାଁ ପାଖରେ ପହଞ୍ଚି ଯାଇଥାନ୍ତେ ?
୩. ପଛ ବସ୍ ଧରି ଯାଇ କେଉଁଠି ଓହ୍ଲାଇ ପୁନର୍ବାର ଗାଁକୁ ଘରୋଇ କୁଜି ବସ୍‌ରେ ଗଲେ ?
୪. ବୈଶାଖ ମାସରେ କେତେବେଳେ ବାହାରକୁ ଗୋଡ଼ କାଢ଼ି ହୁଏ ନାହିଁ ?
୫. ଏଗାରଟା ବେଳକୁ ଚାରିଆଡ଼ କ'ଣ ଜଳିଲା ପରି ଜଣାଯାଉଛି ?
୬. ହରି ଗୁଡ଼ିଆ କେଉଁ ଗଛ ତଳେ ଦୋକାନ କରିଥିଲା ?
୭. ବାଉଁଶ ପାଛିଆରେ କ'ଣ ଥିଲା ?
୮. ଖୋଲା ଡେକ୍‌ଚିରେ କେତେ ଗୋଟି ରସଗୋଲା ଥିଲା ?
୯. ହରି ଗୁଡ଼ିଆ କାହା ଉପରେ ଗଡ଼ପଡ଼ ହେଉଥିଲା ?
୧୦. ବାସନଧୁଆ ଟୋକାଟା କେଉଁଠି ଶୋଇଥିଲା ?
୧୧. ନଟବର ବାବୁ କାହାକୁ ପାଣି ପିଇବାକୁ ମାଗିଲେ ?
୧୨. ନଟବର ବାବୁଙ୍କୁ କିଏ ମଣିଷ କରିଛି ?
୧୩. କିଏ ଅକୃତଜ୍ଞ ବୋଲି ନଟବର ବାବୁ ଭାବିଛନ୍ତି ?
୧୪. ବଡ଼ ପୁଅ ବି.ଏ ପଢୁ ପଢୁ କ'ଣ ହୋଇଗଲା ?
୧୫. 'ମୋତେ ଯେତେ ମାଠିବୁ ମାଠ' କାହା ବିଷୟରେ କୁହାଯାଇଛି ?
୧୬. ହରିଚନ୍ଦନପୁର ଗାଁମୁଣ୍ଡ ପୋଖରୀ ହୁଡ଼ାରେ କେତେଟା ତାଳଗଛ ଠିଆ ହୋଇଛି ?
୧୭. ବେଲବଣ ମଝିରେ କେଉଁ ମନ୍ଦିର ଅଛି ?
୧୮. ବାଉଁଶ ବାଡ଼ି ଶେଷରେ କ'ଣ ଅଛି ?
୧୯. ମନ୍ଦିର ଆଗରେ କାହା ଘର ?
୨୦. ମନ୍ଦିରର ପୂଜକ କିଏ ?
୨୧. ବଉଳ ଗଛ ଛାଇରେ କିଏ ଭାଗବତ ପଢୁଥିଲେ ?
୨୨. ମଦନପୁର ଓ ତାଙ୍କ ମୌଜାର ସୀମା କେଉଁ ଗଛ ଚିହ୍ନଟ କରୁଛି ?
୨୩. ବରଗଛ କୋରଡ଼ରେ କେଉଁ ଗଛ ଉଠିଥିଲା ?
୨୪. ବରଗଛର ପ୍ରତୀକ କିଏ ?
୨୫. ନଟବର ବାବୁ କେଉଁ ଗଛର ପ୍ରତୀକ ?

◆

ଏକାଙ୍କିକା

L9N8I7

# ଫଲ୍‌ଗୁ

ମନୋରଞ୍ଜନ ଦାସ
(୧୯୨୩- ୨୦୧୩)

**ଲେଖକ ପରିଚୟ :**

ଓଡ଼ିଆ ନବନାଟ୍ୟ ଆନ୍ଦୋଳନର ପୁରୋଧା ମନୋରଞ୍ଜନ ଦାସ ସ୍ୱକୀୟ ଅନୁଭୂତି ଓ ଅଭିଜ୍ଞତାକୁ ପୁଞ୍ଜିକରି ନାଟକ ରଚନା କରିଛନ୍ତି । ଜୀବନର ନୂତନ ମୂଲ୍ୟବୋଧକୁ ବ୍ୟାଖ୍ୟା କରିପାରୁଥିବା ଆଦର୍ଶରେ ତାଙ୍କ ରଚିତ ନାଟକଗୁଡ଼ିକ ମଧ୍ୟରେ 'ବନହଂସୀ', 'ଅରଣ୍ୟଫସଲ', 'ଅମୃତସ୍ୟ ପୁତ୍ର' 'କାଠଘୋଡ଼ା' ଇତ୍ୟାଦି ଉଲ୍ଲେଖଯୋଗ୍ୟ । 'ଅରଣ୍ୟଫସଲ' ନାଟକଟି କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ । ଛୋଟ ନାଟକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଛନ୍ତି । ଆକାଶବାଣୀରେ କାର୍ଯ୍ୟ କରିବା ଅବସରରେ ସେ ବେତାର ନାଟକଗୁଡ଼ିକୁ ପ୍ରସାରଣ କରାଇବାର ସୁଯୋଗ ପାଇଥିଲେ ।

ତାଙ୍କ ରଚିତ ଛୋଟ ନାଟକ 'ଫଲ୍‌ଗୁ' ଗୋଟିଏ ମଧ୍ୟବିତ୍ତ ପରିବାରର ଚିତ୍ର ବହନ କରିଛି । ଆର୍ଥିକ ଅଭାବ ଯେ ପରିବାରର ହସଖୁସି ଓ ବ୍ୟକ୍ତିର ସର୍ଜନଶୀଳତାକୁ ମ୍ଳାନ କରିପାରେ ନାହିଁ, ଏହି ଏକାଙ୍କିକାରେ ତାହା ଅତ୍ୟନ୍ତ ସରସ ଓ ସ୍ୱାଭାବିକ ଶୈଳୀରେ ଉପସ୍ଥାପିତ ହୋଇଛି ।

---

[ଛୋଟ ଏକ ଡ୍ରଇଂ ରୁମ୍ । ଡ୍ରଇଂ ରୁମ୍‌ଟିରେ ଖଣ୍ଡେ ଆରାମ ଚୌକି - କେତେଖଣ୍ଡ ଅନ୍ୟ ଚୌକି ଓ ଗୋଟିଏ ଟେବୁଲ । ଟେବୁଲ ଉପରେ ଟେବୁଲ୍‌କ୍ଲଥ ପରିବର୍ତ୍ତେ କେତେଖଣ୍ଡ ପୁରୁଣା ଖବର କାଗଜ ପରାଯାଇଛି । ଚୌକିଗୁଡ଼ିକର ଦରଭଙ୍ଗା ଅବସ୍ଥାରେ ଦାରିଦ୍ର୍ୟର ରୂପ ସୁସ୍ପଷ୍ଟ । ଘରର ଦାଣ୍ଡ ଦରଜା ପାଦପ୍ରଦୀପର ବିପରୀତ ଦିଗକୁ । ସେଇ ଦରଜା ଖୋଲିଲେ ଇଟାର ଭଙ୍ଗା କମ୍ପାଉଣ୍ଡ ୱାଲ ଆଉ ଦରଭଙ୍ଗାକାଠର ଫାଟକ ଆଖିରେ ପଡ଼େ । ଘରର ଡାହାଣ ପାଖରେ ଅନ୍ୟ ଦରଜା - ସେଇ ଦରଜା ଆରପାଖରେ ଭିତରକୁ ବାରଣ୍ଡାର ଘର । ବାଁପାଖରେ ଗୋଟିଏ ଝରକା । ଝରକା ଆରପାଖରେ ପ୍ରାୟ ଚାଳିଶ ପଚାଶ ଫୁଟ ଛାଡ଼ି ଅନ୍ୟ ଏକ କୋଠା । ଦୃଶ୍ୟ ଆରମ୍ଭ ହେଲାବେଳକୁ ବାଁ ପାଖର ଝରକା ପାଖରେ ସେଇ ଦିଗରୁ ଭାସି ଆସୁଥିବା ଏକ ବଂଶୀର ସ୍ୱର ଶୁଣି ତନ୍ମୟ ହୋଇ ଠିଆ ହୋଇଥାନ୍ତି ସୁବ୍ରତ । ସୁବ୍ରତଙ୍କ ବୟସ ପଇଁତ୍ରିଶର ପାଖାପାଖି । ସୁନ୍ଦର ଚେହେରା ଅଥଚ ଦୁର୍ବଳ ଦେହ - ଘରର ଦୁଇଟିଯାକ ଦରଜାର କବାଟ ଆଉଜା ଥାଏ - ବଂଶୀରେ ଭାସି ଆସୁଥାଏ ପୂରବୀର ରାଗିଣୀ -ବାଁ ଡାହାଣ ଦରଜା ଆରପାଖରୁ ଖଟ୍‌ଖଟ୍ ଶବ୍ଦ ହେଲା ।]

ସୁବ୍ରତ - ଭିତରକୁ ଆସ, (ପୁଣି ଶବ୍ଦ) କବାଟ ଆଉଜା ହୋଇଛି, ଭିତରକୁ ଆସ ।(ପୁଣି ଶବ୍ଦ) ପ୍ରୀତି ! ଫାଜିଲାମି ହେଉଛି ନାଁ, ଦେଖିବ ଭିତରୁ ଝଂଜିର ଲଗାଇଦେବି ।(ସେ ଝରକା ପାଖରୁ ଯାଇ ସେଇ କବାଟର ଝଂଜିର ଲଗାଇ ଦେଲେ । ହଠାତ୍ ବଂଶୀ ସ୍ୱରବନ୍ଦ ହୋଇଗଲା ।)

ପ୍ରୀତି - (ଆରପାଖରୁ) ଆରେ ସତେ ସତେ ଝଂକିର ଲଗାଇ ଦେଲନା କ'ଣ ! (ପୁଣି କବାଟ ଠକ୍ ଠକ୍ ଶବ୍ଦ) ଫିଟା, ଫିଟା ମ ! ଜଳଖିଆ ଖାଇବ ନାହିଁ ? (ସୁବ୍ରତ କବାଟ ଫିଟାଇଲେ , ପଶିଆସିଲେ ପ୍ରୀତି । ବୟସ ତିରିଶର ପାଖାପାଖି । ଦୁର୍ବଳ ଚେହେରା)

ସୁବ୍ରତ - କାହିଁ-କାହିଁ ଜଳଖିଆ ? ସତେ ଆଜି ଭଲ କରି କ'ଣ ଜଳଖିଆ ଆଣ । କଲେଜରୁ ଫେରିବା ବେଳେ ବେଶ୍ ଭୋକ କରୁଥିଲା ।

ପ୍ରୀତି - ଭୋକ ପେଟରେ ତୁମେ କାହିଁକି ବଜାରରୁ କିଛି ନ ଖାଇ ଆସିଲଟି ?

ସୁବ୍ରତ - ଆରେ ଏକାବେଳେ ଯେ ଏ ଘରକୁ ଆସିଥିବା ନୂଆ ମଣିଷଟିଏ ପରି କଥା କହିଲଣି ? ଗଲାବେଳେ ପକେଟରେ କେତେ ପଇସା ଦେଇଥିଲ ?

ପ୍ରୀତି - ପଇସା ମୁଁ ଆଉ କେଉଁଠୁ ଆଣିବି ! ତେମେ ମତେ ଯାହାଦେଇଥିଲ -

ସୁବ୍ରତ - ଛାଡ଼ । ଆଣିଲ କ'ଣ କରିଚ ?

ପ୍ରୀତି - କଲେଜକୁ ଗଲାବେଳେ ପରା କହିଥିଲି ଅଟା ନାହିଁ!

ସୁବ୍ରତ - (ହସି ହସି) ଠିକ୍ ଅଛି । ଶୋଇଲାଘର ସେଲଫ୍ ଉପର ଥାକରୁ ସେ ବଡ଼ ବହିଟା ଆଣ ! (ପ୍ରୀତି ଚାଲିଯାଉଥିଲେ, ସୁବ୍ରତ ଆଗେଇ ଆଗେଇ ଯାଇଁ ତାଙ୍କ ଆଗରେ ଛିଡ଼ା ହୋଇ ବାଟ ଓଗାଳିଲେ...ନାଁ ତୁମେ ଯା'ନା ।

ପ୍ରୀତି - ଆଃ, କ'ଣ ଯେ ତୁମେ -

ସୁବ୍ରତ - ଆଠ ବର୍ଷର ବିବାହିତ ଜୀବନ ପରେ ଦୁଇଟି ପିଲାର ମା ହୋଇ ତୁମେ ଜାଣିପାରିଲ ନାହିଁ କ'ଣ ମୁଁ... ? ଏ ପ୍ରୀତି, ସତ କହିଲ ମୁଁ କଣ ?

ପ୍ରୀତି - (କୃତ୍ରିମ କ୍ରୋଧପ୍ରକାଶ କରି) ଚିନୁ ଖାଇବ କ'ଣ ? ସକାଳୁ ଗଉଡ଼ ଦୁଧ ଦେଇନାହିଁ, ଜାଣିଛ ତ ?

ସୁବ୍ରତ - ବାର୍ଲି କରି ଆଜି ଚଳେଇ ଦିଅ ।

(ସୁବ୍ରତ ଅବସାଦରେ ଗୋଟାଏ ଚୌକିରେ ଯାଇ ବସିପଡ଼ିଲେ । ପ୍ରୀତି ଡାହାଣପାଖ ଦରଜା ଦେଇ ଘର ଖଞ୍ଜା ଭିତରକୁ ପଶିଗଲେ । ବାଁ ପାଖ ଝରକା ଆରପାଖରୁ ପୁଣି ଭାସିଆସିଲା ବଂଶୀରେ ପୂରବୀର ମୂର୍ଚ୍ଛନା । ସୁବ୍ରତ ଉଠିଯାଇ ଝର୍କା ପାଖେ ପୁଣି ଛିଡ଼ା ହେଲେ । କିଛି ସମୟ ପରେ ବହିଧରି ପଶିଆସିଲେ ପ୍ରୀତି ।)

ପ୍ରୀତି - ଆରେ ସେଠି ସେମିତି ଛିଡ଼ା ହୋଇଛ କ'ଣ ?

ସୁବ୍ରତ - ଶୁଣି ପାରୁଛ ?

ପ୍ରୀତି - କ'ଣ ?

ସୁବ୍ରତ - କିଏ ବଜାଉଛି ? ଆ - (ପ୍ରୀତି ପାଇଁ ଝରକାଟା ବନ୍ଦ କରିଦେବାର ଉଦ୍ୟମ କରୁଥିଲେ)
ଏଁ - ନାଁ - ନାଁ - (ଝରକା ବନ୍ଦ ନକରି ପଛେଇ ଗଲେ) ଚମତ୍କାର ବଜାଉଚି ! କିଏ ?

ପ୍ରୀତି - ଘନଶ୍ୟାମ ବାବୁଙ୍କର ସେଇ ମଝିଆଁ ପୁଅ । ମନୁଆଟାଏ - କେତେବେଳେ ମନ ହେଲେ ଏମିତି ବଜାଏ । ଆରେ, ଏମତି ତନ୍ମୟ ହେଇ ଶୁଣୁଚ କ'ଣ ?

ସୁବ୍ରତ - ଏଁ -

ପ୍ରୀତି – ବହି ନିଅ ।

ସୁବ୍ରତ – ନାଁ ଥାଉ, ବେଶ୍ ବଜାଉଚି – ଆଜି ପଢ଼ାପଢ଼ି ସବୁବନ୍ଦ ଥାଉ; ଆସନା ବସି ବସି ଶୁଣିବା । ଦେଖିଲ, ସୂର୍ଯ୍ୟ କେମିତି ଅଧେ ତଳକୁ ପଶିଗଲାଣି, ଦେଖିଲ, ଗୋଧୂଳି କେମିତି ଆସ୍ତେ ଆସ୍ତେ ନିଷ୍ପ୍ରଭ ହୋଇଯାଉଛି । ଆସନା ଏଇଠି ବସି ବସି...

ପ୍ରୀତି – କ'ଣ ଯେ ତୁମର ହେଇଛି ! (ବଂଶୀ ପୁଣି ବନ୍ଦ ହୋଇଗଲା) –

ସୁବ୍ରତ – ହଠାତ୍ ଯେ ବନ୍ଦ କରିଦେଲା ? ଭଲ କରିଚି । (ପ୍ରୀତିଙ୍କୁ ଅନାଇଲେ, ପ୍ରୀତି ନିର୍ବୋଧ ପରି ଚାହିଁ ରହିଥାନ୍ତି) କାନିରେ କ'ଣ ପୂରେଇଛ ?

ପ୍ରୀତି – କହିଲ ?

ସୁବ୍ରତ – ବାଲି ।

ପ୍ରୀତି – ବାଲି ? (ହସି ହସି) ବାଲି ! ବାଲି ନୁହେଁ ଜଳଖିଆ ।

ସୁବ୍ରତ – ଜଳଖିଆ ପୂରାଇ ମୋ ସଙ୍ଗେ ଫାଜିଲାମି କରୁଥିଲ ନାଁ ? କାଢ଼ନା କ'ଣ (କାନିରେ ହାତ ମାରି) ମୁଢ଼ିକୋଉଠୁ ଆଣିଲ ?

ପ୍ରୀତି – ମୁଢ଼ି ନୁହେଁ ଚାଉଳ ଦି'ଟା ଭାଜି ଦେଇଛି ।

ସୁବ୍ରତ – ସେଇ ଭଲ ହେବ (ପ୍ରୀତିଙ୍କ କାନିରୁ ମୁଠାଏ କାଢ଼ି) ବାଃ, ତେମେ ବି କମ୍ ରୋମାଣ୍ଟିକ ନୁହଁ ! ମନ ଜାଣି ତେଲ ପିଆଜ ମିଶାଇ ଆଣିଛ (ପାଟିରେ ପକାଇ) ଏଁ, ଲୁଣ ଦେଇନା ?

ପ୍ରୀତି – ଇସ୍ ଭୁଲିଯାଇଛି । ବସିଥା କି, ମୁଁ ସଙ୍ଗେ ସଙ୍ଗେ ଲୁଣ ଗୋଳେଇ ଆଣୁଛି । (ସେ ପୁଣି ଡାହାଣପାଖ ଦରଜା ଦେଇ ବାହାରି ଯାଉଥିଲେ – ଦାଣ୍ଡରେ ମଟର ବ୍ରେକ୍ କରିବା ଶବ୍ଦ ଶୁଣାଗଲା ।) ଫାଟକ ଆଗରେ କାରଟା ଅଟକିଲା କି କ'ଣ ?

ସୁବ୍ରତ – (ଦାଣ୍ଡ ଦରଜା ପାଖକୁ ଯାଇ) ହଁ ତ ?

ପ୍ରୀତି – କାର୍‌ରୁ ଯାଡ଼କୁ ଆସୁଛନ୍ତି ନା କ'ଣ କିଏ ?

ସୁବ୍ରତ – କେବେ ତ ଦେଖିଲା ପରି ମନେ ହେଉନାହିଁ ।

ପ୍ରୀତି – (ଆସ୍ତେ) ହେ, ଚାଉଳଭଜା ଗୁଡ଼ାକ ଭିତରେ ରଖିଦେଇ ଆସେ । ଭଦ୍ରଲୋକ ଦେଖିଲେ କ'ଣ ଭାବିବେ । [ପ୍ରୀତି ଭିତରକୁ ପଶିଗଲେ । ଦାଣ୍ଡର ବାରଣ୍ଡା ଉପରକୁ ଉଠିଆସିଲେ କ୍ୟାପ୍‌ଟେନ ମହାପାତ୍ର । ସୁବ୍ରତଙ୍କ ସମବୟସ୍କ – ଲମ୍ବା ଚୌଡ଼ା ଚେହେରା । ଖୁବ୍ ସ୍ୱାସ୍ଥ୍ୟବାନ୍ ।]

ମହାପାତ୍ର – ଏଇଟା ଅଧ୍ୟାପକ ସୁବ୍ରତ ପଟ୍ଟନାୟକଙ୍କ ଘର ?

ସୁବ୍ରତ – ଆଜ୍ଞା ।

ମହାପାତ୍ର – (ପାଟିକରି) ଆରେ ବେବି, ଏଇ ଘରଟା । ପିଉସୀଙ୍କୁ ଆସ୍ତେ ଧରି ଗାଡ଼ିରୁ ଓହ୍ଲେଇଦେ । ପଛ ସିଟ୍‌ରୁ ମୋ ହାତବ୍ୟାଗଟା ଆଉ ଟାଓ୍ୱେଲଟା ଆଣିବୁ । ଓ, ଆପଣ ତା' ହେଲେ ସୁବ୍ରତ ପଟ୍ଟନାୟକ ।

ସୁବ୍ରତ - ମୁଁ ସୁବ୍ରତ, ଆପଣ - ଆପଣ ?

ମହାପାତ୍ର - (ଘର ଭିତରକୁ ନିର୍ବିକାର ଭାବେ ପଶିଆସି) ଦୂରଦୂରାନ୍ତ ଅପରିଚିତ - ଅତି ନିକଟର - ଅଥଚ ଅତି ଦୂରର... । (ପ୍ରୀତି ପୁଣି ସେଇ ଘର ଭିତରକୁ ଫେରି ଆସୁଥାନ୍ତି) ଏ, ମାନେ...

ସୁବ୍ରତ - ପ୍ରୀତି - ମୋର...

ମହାପାତ୍ର - ଓ, (ହସି ହସି) ନମସ୍କାର ନୂଆବୋହୂ । ଆରେ ମୁଁ ବି ଉଭଟ ହେଇଗଲିଣି । କୁହନ୍ତୁତ, କେଉଁଠୁ ପରିଚୟଟା ଆରମ୍ଭ କରିବି । ବେଶ୍ ଯେଉଁଠୁ ପରିଚୟର ଆରମ୍ଭ ସେଇଠୁ ଆରମ୍ଭ କରେ । ସଂକ୍ଷେପରେ ମୁଁ ପୂରବୀଙ୍କର ସ୍ୱାମୀ ।

ସୁବ୍ରତ - ଆପଣ କ୍ୟାପ୍‌ଟେନ ମହାପାତ୍ର ! !

ମହାପାତ୍ର - କେଉଁ ଯୁଗରେ କ୍ୟାପଟେନ୍ ଥିଲି - ଏବେ କଣ୍ଟ୍ରାକ୍ଟର । (ଦାଣ୍ଡ ଦରଜା ପାଖକୁ ଉଠି ଯାଇ) ବେବି, ଟାଉଏଲଟା ଆଣିବାରେ କ'ଣ ଏତେ ଡେରି ହେଉଛି ।

ସୁବ୍ରତ - ଝରକାଟା ବନ୍ଦ କରିଦିଅ ପ୍ରୀତି; ବହୁତ ଧୂଳି ସେପାଖରୁ ଆସୁଛି । (ପ୍ରୀତି ଝରକା ବନ୍ଦ କରିଦେଲେ)

ମହାପାତ୍ର - ଆମକୁ ଏମିତି ଦେଖି ଖୁବ୍ ବିଚଳିତ ହୋଇପଡ଼ିଚନ୍ତି ଆପଣ ଦୁହେଁ । ପୂରବୀଙ୍କ ସହିତ ବିଭାଘର ଏ ବାରବର୍ଷ ହେଲା, ମୁଁ ଭାବୁଛି କେମିତି ଥରେ ଆପଣଙ୍କ ସଙ୍ଗେ ଦେଖା ହୋଇଯିବ ବୋଲି । କିଏ ଜାଣିଥିଲା ଏମିତି ଆକସ୍ମିକ ସାକ୍ଷାତରେ ଯୋଗ ପଡ଼ିଯିବ ! (ପଶିଆସିଲା ବେବି - ନ' ଦଶ ବର୍ଷର ସ୍ୱାସ୍ଥ୍ୟବାନ୍ ପିଲା) ।

ବେବି - ବାପା, ପିଉସୀ ଗାଡ଼ିରୁ ମୋଟେ ଉଠୁନାହିଁ ।

ମହାପାତ୍ର - ଅପାକୁ... ଆରେ ନମସ୍କାର କର । ସୁବ୍ରତ ମାମୁ ... ମାଇଁ... (ବେବି ନମସ୍କାର କଲା)

ସୁବ୍ରତ - ବୁଢ଼ୀଟିଏ ହେଇଥା ।

ମହାପାତ୍ର - ଏଁ, ଅପା ଆଇଲା ନାହିଁ । ଅପାକୁ 'ରୋଡ଼ ସିକ୍‌ନେସ୍ ଧରିଚି' ।

ସୁବ୍ରତ - ଦେଖିଲ ପ୍ରୀତି ।

ପ୍ରୀତି - ଆସିଲେ ନାହିଁ ? ମୁଁ ନେଇଆସୁଛି - (ସେ ବାହାରି ଯାଉଥିଲେ)

ମହାପାତ୍ର - କିଛି ଦରକାର ନାଇଁ । ଅପା ଭାରି ଏକଜିଦିଆ । ଖାଲି ଯାଇ ତାକୁ ଅନୁରୋଧ କରିବାହିଁ ସାର ହେବ । ନୂଆବୋହୂ ବରଂ ତା ପାଇଁ ଗୋଟାଏ ମଗ୍ କଫି କରି ସେଠିକି ପଠାଇ ଦିଅ । ଆରେ ବେବି, ହାଁ କରି ରହିଛୁ କ'ଣ ? ଯା ବାଥ୍‌ରୁମ୍‌ରୁ ଟିକେ ମୁଁ ଧୂଆଧୋଇ କରି ଆ । ଆଃ ଏ ଆରାମ ଚେୟାରଟାରେ ମୁଁ ଟିକେ ଭଲ କରି ଗୋଡ଼ହାତ ଖୋଲି ବସିଯାଏ । ଆଠଘଣ୍ଟା କାରଟା ଡ୍ରାଇଭ୍ କରି କରି ଗୋଡ଼ହାତ ନାଠି ହୋଇଗଲାଣି ।

ସୁବ୍ରତ - ପ୍ରୀତି, କ୍ୟାପ୍‌ଟେନ ମହାପାତ୍ରଙ୍କ ପାଇଁ ଚା ଟିକେ -

ମହାପାତ୍ର - ଖାଲି ଚା' ନୁହେଁ ନୂଆବୋହୂ, ଆଠଘଣ୍ଟା ଗାଡ଼ି ଚଳେଇ ଚଳେଇ ପେଟ ଜଳୁଛି । (ହଠାତ୍) ଆରେ କୁଆଡୁ ଆସିଲି କୁଆଡ଼େ ଯାଉଛି କିଛି କହୁନି ଖାଲି ବରାଦ ପରେ ବରାଦ ।

ସୁବ୍ରତ - ମାଡ୍ରାସରୁ ଆସିଲେ ?

ମହାପାତ୍ର - ହଁ, ମାଡ୍ରାସରେ ତ ଘର କରିଗଲିଣି, ସେଠୁ ଡ୍ରାଇଭ କରିଆସୁଛି । ରାଉରକେଲାରେ ବଡ଼ ଗୋଟାଏ କଣ୍ଟ୍ରାକ୍ଟ ପାଇଛି । ଗଲେ ମୁଁ ତ ପ୍ଲେନ୍‌ରେ ଯାଏ । ଏଥର ବେବି କହିଲା "ବାପା, କାରରେ ଚାଲ, ମୁଁ ଯିବି ।" ଭାବିଲି ମନ୍ଦ ହେବନି । ଆରେ, ଆମେ ତ ଆପଣଙ୍କ ଘରକୁ କଟେଇ ଚାଲି ଯାଇଥାନ୍ତୁ । କାଠଯୋଡ଼ି ପୋଲ ଉପରେ ହେଉଛି ବେବି କହିଲା "ବାପା ଏଇଟା କଟକ ନା" ? ହଠାତ୍ ମୋର ମନେପଡ଼ିଗଲା ଆପଣଙ୍କ କଥା । ଅବଶ୍ୟ ଚଉଦ୍ୱାର ଗେଷ୍ଟ ହଉସ୍‌ରେ ଆମ ପାଇଁ ସବୁ ବ୍ୟବସ୍ଥା ହୋଇଛି । ତଥାପି ମହାନଦୀ ଫେରିରେ ପାରି ହଉ ହଉ ଦୁଇଘଣ୍ଟାରୁ ତ କମ୍ ଡେରି ହେବନି । ଭାବିଲି ଆଉ କିଛି ନ ହେଲେ ତ ଟିକିଏ ପୋଛାପୋଛି କରିନେବି ।

ସୁବ୍ରତ - ଖୁବ୍ ଭଲ କରିଛନ୍ତି । ଆରେ ପ୍ରୀତି ଯାଅ - ଚୁଲିଟା ଲଗାଇ ଚା' ଟିକେ..

ମହାପାତ୍ର - ଅବେଳରେ ପରିଶ୍ରମ ପଡ଼ିଯିବ ବୋଲି ଡରି ଯାଉଛନ୍ତିକି ନୂଆବୋହୂ, ବେଶି ଜଞ୍ଜାଳରେ ପକାଉ ନାହିଁ... ବେବି ପାଇଁ ତୁମେ ଚିନ୍ତା କରିବ ନାହିଁ । ସଞ୍ଜବେଳେ ସେ ଫଳ ଆଉ ଦୁଧ ଛଡ଼ା ଅନ୍ୟ କିଛି ଖାଏନା । ସେଥିରେ ବା ତୁମର ପରିଶ୍ରମ କ'ଣ ? ଗୋଟିଡାଏ ପ୍ଲେଟ ଫଳ ହେଇଗଲେ ତା'ର ଚଳିଯିବ । ମୋରି ପାଇଁ ଯାହା ଟିକେ ପରିଶ୍ରମ ପଡ଼ିବ । ଦେହଟା ଯେମିତି ଲମ୍ବାଚଉଡ଼ା, ଖାଇବାଟା ଯେବେ ସେମିତି ନ ହୁଏ - (ସେ ହୋ ହୋ ହସି ଉଠିଲେ)

ପ୍ରୀତି - ରାକ୍ଷସ ତ ଆପଣ ଆଉ ନୁହନ୍ତି ?

ମହାପାତ୍ର - ଜାଣିଲ ନୂଆବୋହୂ, ରାକ୍ଷସ ନ ହେଲେ ବି ଆଠଟି ଅଣ୍ଡାର ଆମ୍‌ଲେଟ୍ -

ସୁବ୍ରତ - (ହସି ହସି) ମୋଟେ ଆଠଟା ତ । ପ୍ରୀତି ବଡ଼ ବଡ଼ ଅଣ୍ଡା ବାଛି ଡଜନେ ଅଣ୍ଡାର ଆମ୍‌ଲେଟ କରି ଆଣ ତ । ମିଲଟାରୀ ଲୋକକିନା... (ସେ ରସିକତା କରି ହସିଉଠିଲେ) ।

ମହାପାତ୍ର - ଡରିବାର କାରଣ ନାହିଁ ନୂଆବୋହୂ । ମିଲିଟାରୀ ଲୋକ, ହଜମ ହୋଇଯିବ । ବେଶ୍, ଡଜନେ ଅଣ୍ଡାହିଁ କରନ୍ତୁ । ଆରେ, ମୁଁ ଯେ ବସି ଗପିବାରେଲାଗିଲି, ଏଇପାଖ ବାରଣ୍ଡାରେ ଗଲେ ବାଥରୁମ୍‌ଟା ତ ? ନାଁ, ଏ ଅବେଳରେ ଆଉ ଗାଧୋଇବି ନାହିଁ । ପୋଛିପାଛି ଟିକେ ହେଇପଡ଼ିବି ଖାଲି । ଆ ବେବି ।

ସୁବ୍ରତ - ପ୍ରୀତି....

ମହାପାତ୍ର - ଦରକାର ନାହିଁ, ମୁଁ ତ ସିଧା ଚାଲିଯିବି !

(ବିସ୍ମୟକର ଭାବରେ କ୍ୟାପ୍‌ଟେନ ମହାପାତ୍ର ଟାଉଏଲଟା ଧରି ଡାହାଣ ପାଖ ଦରଜା ଦେଇ ଖଞ୍ଜା ଭିତରକୁ ପଶିଗଲେ । ତାଙ୍କର ପଛେ ପଛେ ବେବି ।)

ସୁବ୍ରତ - (ଅସହାୟ ଭାବେ) ପ୍ରୀତି !

ପ୍ରୀତି - ତୁମେ କ'ଣ ପାଗଳ ହୋଇ ଗଲଣିନା କ'ଣ ? ଘରେ କିଛି ନାହିଁ ଜାଣି ବି ତୁମେ ଖାଲି ଚା'ତ ନୁହେଁ, ଅଧମଗେ କଫି, ଫଳର ପ୍ଲେଟ- ଦୁଧ- ବାରଟା ଅଣ୍ଡା...

ସୁବ୍ରତ – କ'ଣ କରାଯିବ ପ୍ରୀତି ?

ପ୍ରୀତି – କୋଉ ପୂରବୀଙ୍କର ଏ – କୋଉ ପୂରବୀ ? କେବେ ତ ନାଁ ଗନ୍ଧ ବି ମୁଁ ଶୁଣିନି ।

ସୁବ୍ରତ – ପରେ ଶୁଣିବ । ପ୍ରୀତି – ଆଗ... । ମୋ ମାନ ତଳେ ପଡ଼ିଯିବ । ଦିନେ ନାହିଁ କାଲେ ନାହିଁ – କୌଣସିମତେ, କୌଣସି ମତେ ତୁମେ-

ପ୍ରୀତି – ଘରେ ଦୁଧଗୁଣ୍ଡ ଅଛି । ଚା' ତିନିକପ୍ କରି ପଠାଇ ଦେଉଛି । ସବୁ କିଣି ଆଣିଦିଅ, ଯାହା କରିବାର କରିଦେବି ।

(ଘର ଭିତରକୁ ପଶିଗଲେ ପ୍ରୀତି । ଅଳ୍ପ ସମୟ ପରେ ଓଦା ମୁଣ୍ଡରେ ପଶି ଆସିଲା ବେବି)

ବେବି – ବାପା କହିଲେ ମୁଣ୍ଡଟା ମୋର ଭଲ କରି କୁଣ୍ଡାଇ ଦିଅ – ଖୁବ୍ ଧୂଳି ଜମିଛି ।

ସୁବ୍ରତ – ଆ... (ବେବିର ମୁଣ୍ଡ କୁଣ୍ଡାଉ କୁଣ୍ଡାଉ) ଆରେ, ଏତେ ଛୋଟ ଛୋଟ ବାଳ ରଖିଚୁ... ବାପା ମିଲିଟାରୀ ଲୋକକିନା । ଆରେ, ବେବି, ତମେ ସମସ୍ତେ ତ ଆସିଲ ଆଉ – (କ୍ୟାପ୍‌ଟେନ୍ ମହାପାତ୍ର ମୁହଁ ହାତ ଧୋଇ ସାରିଫେରି ଆସିଲେ ।)

ମହାପାତ୍ର – ଆଃ, ସାରାଦିନର କ୍ଲାନ୍ତି ପରେ ଟିକେ ମୁହଁ ହାତ ଧୋଇଦେଲେ କି ଆରାମ ସୁବ୍ରତବାବୁ । ଦିନର ଗୋଟାଏ ବଡ଼ କାମସରିଗଲା । ହୁଁ ବେବି ଗାଡ଼ିକି ଚାଲ-

ସୁବ୍ରତ – ଗାଡ଼ିକି ?

ବେବି – ଖାଇବାନି ବାପା ?

ମହାପାତ୍ର – ଭୋକ କଲାଣି ?

ବେବି – ଏତେବେଳ ହେଲାଣି, ତମେ କହୁଚ ଭୋକ କଲାଣି ?

ମହାପାତ୍ର – ଆରେ ଆଉ ଘଣ୍ଟାଏ ଦୁଇଘଣ୍ଟା ପରେ ତ ଆମେ 'ଗେଷ୍ଟ ହାଉସ୍'ରେ ପହଞ୍ଚିଯିବା । ମଝିରେ ଖାଲି ମହାନଦୀର ଫେରିଟା ।

ବେବି – ଦି'ଘଣ୍ଟା ବାପା ?

ସୁବ୍ରତ – ନାଁ ନାଁ ସେ ଦୁଇ ଘଣ୍ଟା ଅପେକ୍ଷା କରିବକାହିଁକି ? ଭାରି ଭୋକ ଲାଗୁଛି ବେବି, ନା ?

ବେବି – ଭାରି ନୁହେଁ, ଆଉ କ'ଣ ମିଛରେ କହୁଛି ?

ସୁବ୍ରତ – (ହସିଲେ)

ମହାପାତ୍ର – ଭାରି କ୍ଷଣରାଗି । ଠିକ୍ ତା' ବୋଉପରି ।ଆଚ୍ଛା ଠିକ୍ ଅଛି (ହଠାତ୍ ମନେ ପଡ଼ିଗଲା ଯେମିତି) ଆରେ ବେବି, ପିଉସୀ କଥା ତ ଏକଦମ ଭୁଲିଯାଇଛେ, ଯା ଯା ତୁ ଗାଡ଼ିକି ପଳା, ଗାଡ଼ିକି ପଳା ।

ବେବି – ପିଉସୀ ପାଇଁ ମୁଁ ତେବେ କଫି ନେଇଯାଉଛି ବାପା । (କ୍ୟାପଟେନ ମହାପାତ୍ର ସମ୍ମତିସୂଚକ ମୁଣ୍ଡ ହଲାଇଲେ – ବେବି ଘର ଭିତରକୁ ପଶିଗଲା)

ମହାପାତ୍ର - ଜାଣିଲେ ସୁବ୍ରତବାବୁ, ଆଜି ଯଦି ମୁଁ ଆପଣଙ୍କ ଘରେ ମୁହଁ ନ ମାରି ଏ ବାଟେ ଚାଲିଯାଇଥାନ୍ତି ନା- କିଏ ଜାଣେ, ଆଉ ଜୀବନରେ ଦେଖା ହୋଇଥାନ୍ତା କି ନାହିଁ । ସତେ ମୁଁ ଭାରି ଅନ୍ୟାୟ କରିଥାନ୍ତି । ଖାଲି ଆପଣଙ୍କ ପ୍ରତି ନୁହେଁ, ପୂରବୀଙ୍କ ପ୍ରତି ମଧ୍ୟ ଯଥେଷ୍ଟ ଅନ୍ୟାୟ ହୋଇଥାନ୍ତା ମୋର ।

ସୁବ୍ରତ - ପୂରବୀ... ?

ମହାପାତ୍ର - ଆରେ ପୂରବୀଙ୍କ ଆଗରେ ଆପଣ ତ ମଣିଷ ନୁହଁନ୍ତି, ଦେବତା ସତେ ଆପଣ ବି ସେମିତି ଲେଖନ୍ତି ?

ସୁବ୍ରତ - ନାଁ ନାଁ, କ'ଣ ବା ମୁଁ ଲେଖେ ।

ମହାପାତ୍ର - କଣ କହିଲେ, ଆପଣ ଲେଖନ୍ତି ନାହିଁ ? ଆପଣଙ୍କ ଲେଖା ଯିଏ ପଢ଼ିଛି ନା-- ?

ସୁବ୍ରତ - ନୂଆ ବହିଟା ମୋର ଦେଖିଚନ୍ତି ?

ମହାପାତ୍ର - ନାଁ ତ ।

ସୁବ୍ରତ - ବସିଥାନ୍ତୁ, ମୁଁ ନେଇ ଆସୁଛି ।

ମହାପାତ୍ର - ଠିକ୍ ଅଛି, ପରେ ମୁଁ ଦେଖିନେବି ।

ସୁବ୍ରତ - ମାନେ ହଁ ମୁଁ ଟିକେ ଭିତରୁ..

ମହାପାତ୍ର - ଠିକ୍ ଅଛି, ଠିକ୍ ଅଛି । ନୂଆବୋହୂ ଯାହା କରିଥିବେ ସେଇ ଯଥେଷ୍ଟ ।

ସୁବ୍ରତ - ନାଇଁ ଯେ -

ମହାପାତ୍ର - କିଛି ବ୍ୟସ୍ତ ହେବାର କାରଣ ନାହିଁ, ବସନ୍ତୁ ନା- ଜାଣନ୍ତି ସୁବ୍ରତ ବାବୁ ପୂରବୀ କ'ଣ କରନ୍ତି ?. ଆପଣଙ୍କର ବହି ବାହାରିଚି କି ନାହିଁ, କିଣିଆଣି, ସବୁଗୁଡ଼ାକ ମୋ ଆଗରେ ଟିକିନିଖି କରି ପଢ଼ନ୍ତି ।

ସୁବ୍ରତ - ସତେ !

ମହାପାତ୍ର - ଅବଶ୍ୟ କେତେକ ମୁଁ ଶୁଣେ, କେତେ ଶୁଣେ ନାହିଁ । ଶୁଣେ ନାହିଁ ବୋଲି ତାଙ୍କ ପାଖରେ କହିବାର ଯୁ ନାହିଁ । ସେ ପଢ଼ିଲାବେଳେ ମୁଁ ହୁଏତ ରାସ୍ତା ତିଆରି କି ପୋଲ ତିଆରି କଥା ଭାବୁଥାଏ କିନ୍ତୁ ହୁଁ ମାରିବାରେ ଭୁଲ ହୁଏନା ମୋର...

ସୁବ୍ରତ - (ଠୋ ଠୋ ହସି ଉଠିଲେ) ବେଶ୍ ତ ଠକନ୍ତି ଆପଣ !

ମହାପାତ୍ର - ଉପାୟ ନାହିଁ । ତା ବୋଲି କିନ୍ତୁ ଆପଣଙ୍କ ପ୍ରତିଭାକୁ ମୁଁ କ୍ଷୁଣ୍ଣ କରିନି କେବେ । ଆପଣଙ୍କର ଯେଉଁ ପ୍ରତିଭା ନା... (ଘଣ୍ଟାରେ ଆଖି ପଡ଼ିଗଲା) । ଛିଡ଼ା ହୋଇଯାଇ ପାଟିକରି) ବେବି - ବେବି - ଆରେ ମହାନଦୀର ଫେରି ଯେ ପାଇବା ନାହିଁ, ସାଢ଼େ ଛ'ରେ ବନ୍ଦ । ମାଇଁକି କହ ଯେତିକି ହେଲା ସେତିକି - ଅନ୍ତତଃ କଫିଟା ତ ହେଇଥିବ !

ସୁବ୍ରତ - କି ଆଶ୍ଚର୍ଯ୍ୟ ଲୋକ ଆପଣ । ପହଞ୍ଚିଲେ ଯେମିତି ହଠାତ୍, ଉଠି ଛିଡ଼ା ହେଲେଣି ସେମିତି ହଠାତ୍ ।

ମହାପାତ୍ର - ଉପାୟ ନାହିଁ, ତିରିଶ ମିନିଟ୍ ଭିତରେ ସବୁ ସାରି ନଈକୂଳେ ପହଞ୍ଚିବାକୁ ପଡ଼ିବ - ନଇଲେ -

ବେବି - (ରୁମାଲରେ ପୁଳାଏ ଅଣ୍ଡା ଧଣି ପଶିଆସିଚି ।) ବାପା - ଆମକୁ ଛାଡ଼ି ଦେବାକୁ ମାଇଁ ମୋଟେ ରାଜି ନୁହଁନ୍ତି । ହେଲେ ମତେ କ'ଣ ମାଇଁ ପାରିବେ, ଭାଙ୍ଗିବାକୁ ଯାଉଥିଲେ ବାରଟାଯାକ ଅଣ୍ଡା, ମୁଁ ଛଡ଼େଇ ଆଣିଛି ।

ମହାପାତ୍ର - ଭଲ କରିଚୁ । ଆମଲେଟ ପଛେ ନ ହେଲା, କଞ୍ଚା ଅଣ୍ଡାରେ ମୋର କାମ ଚଳିଯିବ ।

ପ୍ରୀତି - (ପଶିଆସିଲେ । ଟ୍ରେରେ ଗୁଡ଼ାଏ ଫଳ ଆଉ କଫି) କ'ଣ ଏସବୁ ହଉଚି ? ଅଣ୍ଡାଟା ଆମ୍‌ଲେଟ କରିବାକୁ ବି ଦେଲେନି ।

ସୁବ୍ରତ - (ବିସ୍ମିତ ଅଥଚ ନିର୍ବୋଧ ଭାବରେ) ପ୍ରୀତି !

ମହାପାତ୍ର - ତେମେ ଭାରି ସ୍ମାର୍ଟ ନୂଆବୋହୂ । ଆରେ ଏତେ ଫଳ କ'ଣ ହେବ - ଠିକ୍ ଅଛି । ଆରେ ବେବି, ବ୍ୟାଗରେ ପୁରା ଗାଡ଼ିଯାକ ବସିବସି ଖାଇବୁ । ଦେଇ ନୂଆବୋହୂ, କଫିଗୁଡ଼ାକ କପ୍‌ରେ ଢ଼ାଳିଦେଲ । ଆଚ୍ଛା ଆଚ୍ଛା ମୁଁ ନିଜେ ତିଆରି କରିଦେଉଛି । (କ୍ୟାପ୍‌ଟେନ ମହାପାତ୍ର - କଫି ତିଆରି କରି) ତମେ ନିଅନା କପେ ନୂଆବୋହୂ । ବେବି, ଯା ଡ୍ରାଇଭରକୁ କହିବୁ ଗାଡ଼ି ଷ୍ଟାର୍ଟ କରିବ । (ବେବି ଚାଲିଗଲା । ଘଣ୍ଟାକୁ ଦେଖି) ଆଉ ରହିଲା ପଚିଶ ମିନିଟ୍, ଆଚ୍ଛା ଅପାର କଫି... ?

ପ୍ରୀତି - ଗାଡ଼ିକୁ ପଠାଇ ଦେଇଛି ।

ମହାପାତ୍ର - (କଫି ଖାଇ) ନୂଆବୋହୂ, ଚମତ୍କାର ହେଇଛି କଫିଟା । ସମ୍ଭବତଃ ଏଇ ବାଟରେ ଫେରିପାରେ । ଯଦି ଫେରେ ନିଶ୍ଚୟ ଦିନେ ଏଠି ଅଟକିବି । ଆଚ୍ଛା ନମସ୍କାର ସୁବ୍ରତ ବାବୁ! (କ୍ୟାପଟେନ ମହାପାତ୍ର ଝଡ଼ ପରି ବାହାରି ଯାଉଥିଲେ)

ସୁବ୍ରତ - ଆଚ୍ଛା କ୍ୟାପଟେନ୍ ମହାପାତ୍ର ! ଅନେକ କଥା ତ କହିଲେ, ପୂରବୀଙ୍କ କଥା ତ କିଛି କହିଲେ ନାହିଁ ।

ପ୍ରୀତି - ବେବିକୁ ଆଣିଲେ, ତାଙ୍କୁ ବି ତ ନେଇ ଆସି ପାରିଥାନ୍ତେ ?

ମହାପାତ୍ର - ତିନି ବର୍ଷ ହେଲା, ପୂରବୀ ଆମ ସମସ୍ତଙ୍କୁ ଛାଡ଼ି ଚାଲିଯାଇଛନ୍ତି..

ସୁବ୍ରତ - ପୂରବୀ.... ?

ମହାପାତ୍ର - ମାଡ୍ରାସ୍‌ରେ ଗୋଟାଏ କାର ଆକ୍‌ସିଡେଣ୍ଟରେ ... (ଫାଟକ ପାଖେ କାର ଷ୍ଟାର୍ଟର ଶବ୍ଦ ହେଲା... ମହାପାତ୍ର ବାହାରିଯିବା ପର୍ଯ୍ୟନ୍ତ ଶବ୍ଦ ସେଇପରି ରହିଥାଏ ।) ଆସିଲାବେଳେ ଭାବି କରି ଆସିଥିଲି ସଙ୍ଗେସଙ୍ଗେ କହିବି ବୋଲି ପୁଣି ଭୁଲି ଯାଉଛି । ଆକ୍‌ସିଡେଣ୍ଟରେ ପୂରବୀ ହସ୍‌ପିଟାଲରେ ପଡ଼ିଥାନ୍ତି... ଦିନେ ଏମିତି ସଞ୍ଜରେ ପାଖରେ କେହିତ ନଥାନ୍ତି, ମତେ ଡାକି କହିଲେ "ଥରେ ସୁବ୍ରତଙ୍କୁ ଖବର ଦେଇ ପାରିବ ? ଯଦି ସମ୍ଭବ ନ ହୁଏ, ଆଉ ଯଦି ମୁଁ ନ ବଞ୍ଚେ - ତାଙ୍କୁ କହିବ ବିବାହ ପୂର୍ବରୁ ଯେଉଁ ପ୍ୟାକେଟ୍‌ଟି ମୁଁ ତାଙ୍କ ପାଖକୁ ପଠାଇଥିଲି, ତା'ର ଅସମ୍ମାନ ସେ ଯେପରି ନ କରନ୍ତି" - ଆଃ, ଗୋଟିଏ ଦାୟିତ୍ୱରୁ ମୁକ୍ତ ହୋଇଗଲି । (କାର୍‌ରେ ହର୍ଣ୍ଣ ବାଜିଲା) ଆଚ୍ଛା ସେ ତେବେ (ସେ ଝଡ଼ପରି ବାହାରିଗଲେ । ସୁବ୍ରତ ନିଷ୍ପଳକ ଦୃଷ୍ଟିରେ ଚାହିଁ ରହିଥାନ୍ତି । କିଛି ସମୟ ପରେ ଗାଡ଼ି ହର୍ଣ୍ଣ କରି ଦୂରକୁ ଆଗେଇଗଲା) ।

ପ୍ରୀତି - ଭାରି ଆଶ୍ଚର୍ଯ୍ୟ ଲୋକ ଏ ମହାପାତ୍ରବାବୁ ! ହେଲେ ଭାରି ଅମାୟିକ ଲୋକ, ପାଞ୍ଚମିନିଟ ଭିତରେ ଘରଟାକୁ ଆପଣାର କରିନେଲେ । ହଇଏ, କେବେତ ମତେ କିଛି କହିନା, କୋଉ ପୂରବୀ ଏ ? ଶୁଣୁଛ, କ'ଣ ପରା ପଚାରୁଛି ?

ସୁବ୍ରତ - ଏଁ, କ'ଣ ପଚାରିଲ ?

ପ୍ରୀତି - କହିଲି ପରା କୋଉ ପୂରବୀ ?

ସୁବ୍ରତ - ପୂରବୀ ମୋର ସହପାଠିନୀ ।

ପ୍ରୀତି - ଓ -

ସୁବ୍ରତ - (ସମ୍ମୋହିତ ଭାବରେ) ସହପାଠିନୀ - ସଙ୍ଗିନୀ - ମାନସୀ - ବାନ୍ଧବୀ । ଭଲପାଇବାର ଯେଉଁ ଐଶ୍ୱର୍ଯ୍ୟ ନାରୀପୁରୁଷକୁ ମହୀୟାନ କରେ, ସେଇ ଐଶ୍ୱର୍ଯ୍ୟରେ ସେ ମୋର ଜୀବନପାତ୍ର ପୂର୍ଣ୍ଣ କରି ଦେଇଥିଲେ । ଜାଣ, ଥରେ ରାଜଘାଟ ରାସ୍ତାରେ ଇଉକାଲିପଟାସ ଏଭିନ୍ୟୁରେ ବୁଲୁ ବୁଲୁ କ'ଣ ସେ ମୋତେ କହିଲେ - କହିଲେ "ସୁବ୍ରତ ତୁମେ ଲେଖାଲେଖି କର ।"

ପ୍ରୀତି - କାହିଁକି, ତାଙ୍କୁ ତୁମେ ବିଭା ହେଲନି ?

ସୁବ୍ରତ - ଅନେକ ହବା କଥା ନ ହୋଇ ରହିଯାଏ ପ୍ରୀତି । ଛାଡ଼...

ପ୍ରୀତି - (ଅଭିମାନରେ)ଛାଡ଼ ନା ଛାଡ଼ । ଆଗରୁ ମତେ କ'ଣ ଏକଥା କହିଥିଲେ... ?

ସୁବ୍ରତ - ଜୀବନର ବାସ୍ତବତାରେ ସ୍ୱପ୍ନର ଆବେଗକୁ ମିଶାଇ ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ମୁଁ କେବେ ଚାହିଁ ନ ଥିଲି ପ୍ରୀତି ।

ପ୍ରୀତି - ଆଶ୍ଚର୍ଯ୍ୟ ! ଏତେ ମମତା, ଅଥଚ ମୁଁ ତ ଏ ଘରକୁ ଆସିଲିଣି ଆଠବର୍ଷ ହେଇଯିବ । ଖଣ୍ଡେ ବି ଚିଠି, ଟିକିଏ ବି ଖବର କେହି କାହାକୁ ?

ସୁବ୍ରତ - ନାଁ । ଉଭୟ ଆମେ ଉଭୟକୁ ଭଲପାଉଥିଲୁ । ତେଣୁ କେହି କାହାର ସୁଖର ସଂସାରରେ ଆଲୋଡ଼ନ ଆଣିବାକୁ ଚାହିଁନୁ । ଜାଣ ପ୍ରୀତି ଆମ ଶେଷ ସାକ୍ଷାତର ସେଇ ମୁହୂର୍ତ୍ତ .. ହଠାତ୍ ଆଜି ସବୁ ମନେପଡ଼ିଯାଉଛି । କ'ଣ ଗୋଟାଏ ପରୀକ୍ଷା ପାଇଁ ବେଶୀ ରାତି ଯାଏ ପଢୁଥିଲି... କାହାର ପାଦଶବ୍ଦରେ ବହିରୁ ଆଖି ଟେକି ଦେଖେ ତ ଆଗରେ ପୂରବୀ - ଅଧରାତିରେ ଏକୁଟିଆ ମୋ ଘରେ ।

ପ୍ରୀତି - ସତେ ?

ସୁବ୍ରତ - ବିଶ୍ୱାସ କରିବ ? ଟେବୁଲ ଉପରେ ବସି ସିଧାସଳଖ ମୁହଁକୁ ଚାହିଁ ମୋତେ ପ୍ରଶ୍ନ କଲେ - ସୁବ୍ରତ! ଭଲପାଇବା ଗୌରବର ବିଷୟ ନ ହୋଇପାରେ, କିନ୍ତୁ ପାପ ତ ନୁହେଁ । ଚାଲ ଆମେ ବିବାହ କରିବା ।"

ପ୍ରୀତି - କ'ଣ କହିଲ ତୁମେ ?

ସୁବ୍ରତ - ଏ ପ୍ରଶ୍ନ ପାଇଁ ମୁଁ ପ୍ରସ୍ତୁତ ନ ଥିଲି । ତଥାପି ଉତ୍ତର ଦେଲି । "ଭଲ ପାଇବା ଭିତରେ ଦେହର ବିବାହକୁ ନ ମିଶାଇଲେ ଅନୁରାଗ କ'ଣ କ୍ଷୁଣ୍ଣ ହେବାର ଆଶଙ୍କା କରୁଚ ?"

ପ୍ରୀତି - ପୂରବୀ କ'ଣ କହିଲେ ?

ସୁବ୍ରତ - ନିଃଶବ୍ଦରେ ଯେମିତି ଆସିଥିଲେ ସେମିତି ଉଠି ଚାଲିଗଲେ । ସେଇ ଶେଷ ଦେଖା । ତା'ର ଅନେକଦିନ ପରେ ତାଙ୍କର ବିବାହର ଠିକ୍ ପୂର୍ବରୁ ତାଙ୍କଠାରୁ ପୋଷ୍ଟରେ ଗୋଟିଏ ପ୍ୟାକେଟ ପାଇଥିଲି ।

ପ୍ରୀତି - ଓ, ସେଇ ଯେଉଁ ପ୍ୟାକେଟ କଥା ମହାପାତ୍ରବାବୁ କହୁଥିଲେ ନାଁ ? କ'ଣ ଥିଲା ସେଥିରେ ?

ସୁବ୍ରତ -ଛୋଟ ଖଣ୍ଡିଏ ଚିଠି "ଜୀବନର ବାସ୍ତବତାର ସମ୍ମୁଖୀନ ହେବାକୁ ତୁମେ ଆଗଭର ହୋଇପାରିଲ ନାହିଁ ସୁବ୍ରତ । ମୁଁ କିନ୍ତୁ ଭଲପାଇବା ନେଇ ଅଭିନୟ କରିପାରିବି ନାହିଁ । ଏଇ ଆମର ଶେଷ ସୁବ୍ରତ । ଅନେକ ଦିନୁ, ଆମର ପରିଚୟ ହେଲା ଦିନଠାରୁ ତୁମକୁ କିଛି ଉପହାର ଦେବାକୁ ଭାବୁଥିଲି । ସାରା ଜୀବନ ଯଦି ମୁଁ ତୁମ ପାଖରେ ରହିପାରନ୍ତି ତୁମକୁ ସାହିତ୍ୟରେ ସ୍ରଷ୍ଟା କରି ଗଢ଼ି ତୋଳିବାରେ ମୁଁ ସର୍ବସ୍ୱ ଢାଳି ଦେଉଥାନ୍ତି । ତା'ହେଲାନି । ମୋ ସ୍ମୃତି ତୁମ ପାଖରେ ମୁଁ ଛାଡ଼ିଯିବାକୁ ଚାହେଁ । ଏଇ କଲମଟି ତୁମ ପାଖକୁ ପଠେଇଲି । ମୋର ଏଇ କଲମଟି ଧରି ତୁମେ ବରାବର ଲେଖିବ ।"

ପ୍ରୀତି - କୋଉ କଲମ ?

ସୁବ୍ରତ - ସେଇ ଗାଢ଼ ନେଳୀ ରଙ୍ଗର କଲମ – ତୁମେ କ'ଣ ଲକ୍ଷ୍ୟ କରିନା ପ୍ରୀତି, ଯେତେବେଳେ ମୁଁ ଲେଖେ ସେଇ କଲମ ଧରି ଲେଖେ । ସେଇ ଅଦୃଶ୍ୟ ପ୍ରେରଣାରେ ସାହିତ୍ୟରେ ଜୀବନ ମୋର ସାର୍ଥକ ହୋଇଛି । (ହଠାତ୍ ପ୍ରୀତି କଇଁ କଇଁ ହୋଇ କାନ୍ଦିଉଠିଲେ) ଏଁ କ'ଣ ହେଲା ?

ପ୍ରୀତି - ସେ କଲମ ଆଉ ନାହିଁ ।

ସୁବ୍ରତ - ଏଁ ନାହିଁ ?

ପ୍ରୀତି - ସେ କଲମ ମୁଁ ଘନଶ୍ୟାମବାବୁଙ୍କ ସ୍ତ୍ରୀଙ୍କୁ ଦେଇ...

ସୁବ୍ରତ - (ଚିତ୍କାର କରି ଉଠିଲେ) ପ୍ରୀତି !

ପ୍ରୀତି - କୁହ ତ ମତେ, କ'ଣ ଆଉ କରିଥାନ୍ତି ମୁଁ । ଘରେ କୁଣିଆ... ତୁମେ ତ ବରାଦ କରି ଦେଇଗଲ ଗୋଟିଏ ପରେ ଗୋଟିଏ .. କଫି...ଫଳ... ଅଣ୍ଡା..

ସୁବ୍ରତ - (ବ୍ୟଥାଭରା କଣ୍ଠରେ) ତୁମେ ସେଇ କଲମକୁ ନେଇ...

ପ୍ରୀତି - ମୁଁ ଘନଶ୍ୟାମ ବାବୁଙ୍କ ସ୍ତ୍ରୀଙ୍କୁ ଦଶଟା ଟଙ୍କାମାଗିଲି । କହିଲି 'ମୋ କାଚ ପଟେ ବନ୍ଧା ରଖି..' ସେ କହିଲେ 'କାଚ ମୋର କ'ଣ ହେବ... ତୁମ ବାବୁ ଯେଉଁ ନେଳି କଲମଟାରେ ଲେଖନ୍ତି... ସେଇଟାକୁ ଯଦି.... ମଝିଆଁ ପୁଅ କହିଥିଲା ସେମିତି କଲମଟାରେ ତାର ଭାରି ଆଶା ତେଣୁ ଯଦି ବିକି ଦିଅନ୍ତ..."

ସୁବ୍ରତ - ପ୍ରୀତି ।

ପ୍ରୀତି - କୁହତ ଭଲା, ମୋର ଅନ୍ୟ କ'ଣ ଆଉ ଉପାୟ ଥିଲା ? (ପ୍ରୀତି ସୁବ୍ରତଙ୍କ ମୁହଁକୁ ଚାହିଁଲେ । ଆଖିରେ ସୁବ୍ରତଙ୍କର ଲୁହ).. ମତେ କ୍ଷମା କର... ତମ ପାଦ ଧରୁଛି... ମତେ କ୍ଷମାକର ।

ସୁବ୍ରତ - (ଆହତ କଣ୍ଠରେ) – ଉଠ ପ୍ରୀତି, ତୁମେ ଠିକ୍ କରିଚ, କିଛି ଭୁଲ କରିନା । (ସୁବ୍ରତଙ୍କର ଶ୍ୱାସ ରୁଦ୍ଧ ହୋଇଗଲା ପରି ମନେ ହେଲା । ସେ ଉଠିଯାଇ ବାଁ ପାଖର ଝରକାଟା ଖୋଲିଦେଲେ । ସେହି ଦିଗରୁ ପୁଣି ଭାସିଆସିଲା ଘନଶ୍ୟାମବାବୁଙ୍କ ମଝିଆଁ ପୁଅ ବଜାଉଥିବା ବଂଶୀରେ ପୂରବୀର ଝଙ୍କାର ।)

(ଯବନିକା)

# ପ୍ରଶ୍ନାବଳୀ

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୧. ସୁବ୍ରତ କି ଚାକିରି କରନ୍ତି ?
୨. ସୁବ୍ରତଙ୍କ ସ୍ତ୍ରୀଙ୍କ ନାମ କ'ଣ ?
୩. ପ୍ରୀତି କାନିରେ କି ଜଳଖିଆ ଧରି ଆସିଥିଲେ ?
୪. କେଉଁ ଜିନିଷ ଭିତରେ ରଖିଦେଇ ଆସେ ବୋଲି ପ୍ରୀତି ସୁବ୍ରତଙ୍କୁ କହିଲେ ?
୫. କାରରୁ କିଏ ଓହ୍ଲାଇ ସୁବ୍ରତଙ୍କଘର ଆଡ଼କୁ ଆସିଲେ ?
୬. ମହାପାତ୍ରଙ୍କ ସ୍ତ୍ରୀଙ୍କ ନାମ କ'ଣ ?
୭. ମହାପାତ୍ର କେଉଁଠାରେ ଘର କରିଛନ୍ତି ?
୮. ମହାପାତ୍ରଙ୍କ ଝିଅର ନାଁ କ'ଣ ?
୯. ପିଉସୀଙ୍କ ପାଇଁ କ'ଣ କରିବାକୁ ମହାପାତ୍ର ବେବିକୁ କହିଲେ ?
୧୦. ମହାପାତ୍ର କେଉଁଠାରୁ କାର ଡ୍ରାଇଭିଂ କରି ଆସୁଥିଲେ ?
୧୧. ମାଡ୍ରାସ୍‌ରୁ ରାଉରକେଲା ମହାପାତ୍ର ସାଧାରଣତଃ କେଉଁଥିରେ ଯାଆନ୍ତି ?
୧୨. କଟକରେ ସୁବ୍ରତଙ୍କ କଥା ତାଙ୍କର କାହିଁକି ମନେ ପଡ଼ିଲା ?
୧୩. ବେବିର ସନ୍ଧ୍ୟାବେଳର ଖାଦ୍ୟ କ'ଣ ଥିଲା ?
୧୪. 'ଭାରି କ୍ଷଣରାଗି ! ଠିକ୍ ତା ବୋଉପରି' ଏକଥା କିଏ କହିଛନ୍ତି ?
୧୫. ସେ ପଢ଼ିଲା ବେଳେ ମୁଁ ହୁଏତ ରାସ୍ତା ତିଆରି କି ପୋଲ ତିଆରି କଥା ଭାବୁଥାଏ, କିନ୍ତୁ ହୁଁ ମାରିବାରେ ଭୁଲ ହୁଏନା ମୋର – ଏହି ଉକ୍ତିରେ 'ସେ' କାହା ପାଇଁ ଉଦ୍ଦିଷ୍ଟ ?
୧୬. ପୂରବୀ କାହା ଆଗରେ ବହିଟିକୁ ଟିକିନିଖି କରି ପଢ଼ନ୍ତି ?
୧୭. ପୂରବୀ କାହାକୁ ଦେବତା ସଦୃଶ ଦେଖୁଥିଲେ ?
୧୮. 'ବେବିଙ୍କୁ ଆଣିଲେ, ତାଙ୍କୁ ନେଇ ଆସିପାରିଥାନ୍ତେ' – ଏକଥା କିଏ କହିଛନ୍ତି ?
୧୯. କିଏ ମାଡ୍ରାସର ଗୋଟିଏ କାର୍ ଆକ୍ସିଡେଣ୍ଟରେ ମୃତ୍ୟୁବରଣ କରିଥିଲେ ?
୨୦. ସୁବ୍ରତଙ୍କୁ କି ଖବର ଦେବା ପାଇଁ ପୂରବୀ ମହାପାତ୍ରଙ୍କୁ କହିଥିଲେ ?
୨୧. 'ପୂରବୀ ମୋର ସହପାଠିନୀ' – ଏହା କାହାର ଉକ୍ତି ?
୨୨. ବିବାହର ଠିକ୍ ପୂର୍ବରୁ ପୂରବୀ ସୁବ୍ରତଙ୍କ ପାଖକୁ ପ୍ୟାକେଟରେ କଣ ପଠାଇଥିଲେ ?
୨୩. ସୁବ୍ରତ କେଉଁ ରଙ୍ଗର କଲମରେ ଲେଖୁଥିଲେ ?
୨୪. କଲମଟି ବିକିଦେଇଥିବାରୁ କିଏ କାନ୍ଦି ଉଠିଲେ ?
୨୫. ଘନଶ୍ୟାମବାବୁଙ୍କ ସ୍ତ୍ରୀ ତାଙ୍କୁ କ'ଣ ଦେବାକୁ କହିଲେ ?

**ତୁମ ପାଇଁ କାମ :**

୧. 'ଫଲଗୁ' ଏକାଙ୍କିକାକୁ ଶ୍ରେଣୀଗୃହରେ ଶିକ୍ଷକଙ୍କ ସହାୟତାରେ ଅଭିନୟ କର ।
୨. ମାମୁଙ୍କ ପ୍ରଦତ୍ତ ଜନ୍ମଦିନର ଉପହାରଟି ତୁମ ଅଗ୍ରଗତିରେ ପ୍ରେରଣା ପ୍ରଦାନ କରୁଥିବା ସଂପର୍କରେ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

W5K2R6

# କୋଣାର୍କ

● ଭଞ୍ଜକିଶୋର ପଟ୍ଟନାୟକ
(୧୯୨୨-୧୯୯୯)

**ଲେଖକ ପରିଚୟ :**

ସ୍ୱାଧୀନତା ପରବର୍ତ୍ତୀକାଳର ଓଡ଼ିଆ ନାଟକ ଓ ଏକାଙ୍କିକା ସ୍ରଷ୍ଟାଙ୍କ ମଧ୍ୟରେ ଭଞ୍ଜକିଶୋର ପଟ୍ଟନାୟକ ଅନ୍ୟତମ। ସେ କଟକ ଜିଲ୍ଲାର ସାଲେପୁର ନିକଟବର୍ତ୍ତୀ ଛଣିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। କିରାଣୀ ବୃତ୍ତି କରିଥିବା ଭଞ୍ଜକିଶୋର ପ୍ରବୃତ୍ତିରେ ଥିଲେ ନାଟ୍ୟ ରଚୟିତା, କଳାକାର। ତାଙ୍କ ରଚିତ ନାଟକ ଗୁଡ଼ିକ ମଧ୍ୟରେ ଝଡ଼ରାତି, ପ୍ରେମପୁଷ୍ପ, ପରିଣତି, ଦେବୀ, ମାଣିକଯୋଡ଼ି, ଜୟମାଲ୍ୟ, ଅଗ୍ନିପରୀକ୍ଷା, ସାଆନ୍ତଘର, ଏ ଯୁଗର ଝିଅ, କାଶ୍ମୀର ବେଗମ୍ ଗୁଲନାର ଆଦି ଉଲ୍ଲେଖଯୋଗ୍ୟ। ସେ ରଚନା କରିଛନ୍ତି ବାଣହରଣ, ଅଗ୍ନିପତଙ୍ଗ, କୋଣାର୍କ, ଘରଣୀ, ମାଇଲଖୁଣ୍ଟ, ବାଜିରାଉତ ଆଦି ଏକାଙ୍କିକା। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ନାଟକ ରଚନା ପାଇଁ ସେ ପୁରସ୍କୃତ ହୋଇଛନ୍ତି।

'କୋଣାର୍କ' ଏକାଙ୍କିକାରେ କୋଣାର୍କ ମନ୍ଦିରର ଦଧିନଉତି ବସିବା ପ୍ରସଙ୍ଗ ନାଟ୍ୟାୟିତ। ଜାତି ପାଇଁ ବାଳକ ଧରମାର ଆତ୍ମୋତ୍ସର୍ଗ, ମା' ଠାରୁ ପୁଅର ବିଦାୟଜନିତ କାରୁଣ୍ୟ ଓ ଶିଳ୍ପୀର କଳାକୁଶଳତା ପ୍ରଭୃତି ଚିତ୍ରିତ।

---

## ପ୍ରଥମ ଦୃଶ୍ୟ

[ ଚନ୍ଦ୍ରଭାଗା ତୀର—ସୂର୍ଯ୍ୟୋଦୟ। ସୂର୍ଯ୍ୟଙ୍କୁ ନମସ୍କାର କଲେ ନରସିଂହ ଦେବ—ପାଖରେ ଛିଡ଼ାହୋଇଥା'ନ୍ତି ଶିବେଇ ସାନ୍ତରା ଓ ରକ୍ଷୀ ପ୍ରଭୃତି। ]

ନରସିଂହ – ଦେଖିଲ. . . . . ତୁମେ ଦେଖିଲ ଶିବେଇ ?

ଶିବେଇ – ଦେଖିଲି ଛାମୁ, ଅପୂର୍ବ–

ନରସିଂହ – ବାସ୍ତବିକ୍ ଅପୂର୍ବ ! ଅପୂର୍ବ ଏ ଦୃଶ୍ୟ ! ସୂର୍ଯ୍ୟଦେବ ଯେପରି ସମୁଦ୍ର ବକ୍ଷରୁ ଲମ୍ଫ ପ୍ରଦାନ କରି ଆକାଶରେ ଉଦିତ ହୋଇଛନ୍ତି। ଏ ଦୃଶ୍ୟ ବୋଧହୁଏ ମୋ' ଜୀବନରେ ଅପାସୋରା ରହିଯିବ।

ଶିବେଇ – ଛାମୁ ସୌନ୍ଦର୍ଯ୍ୟର ପୂଜାରୀ।

ନରସିଂହ – ଶୁଣ ଶିବେଇ, ଆଜିର ଏ ଶୁଭ ପ୍ରଭାତରେ ମା'ଙ୍କର ଶେଷ ଇଚ୍ଛା ମୋର ମନେ ପଡ଼ୁଛି। ହଁ ଶିବେଇ, ଛାୟା ମହାଦେବୀଙ୍କର ଶେଷ ଅନୁରୋଧ ଥିଲା– ଏଇ ଚନ୍ଦ୍ରଭାଗାରେ ମୁଁ ଯେପରି ଏକ ସୂର୍ଯ୍ୟମନ୍ଦିର ପ୍ରତିଷ୍ଠା କରେ।

ଶିବେଇ – ୟେ'ତ ଅତି ମହତ୍ ଇଚ୍ଛା ଛାମୁ !

ନରସିଂହ – ତା' ଛଡ଼ା .. ଉତ୍କଳରେ ବହୁ ମନ୍ଦିରର ପ୍ରତିଷ୍ଠା ହୋଇଛି; କିନ୍ତୁ ସୂର୍ଯ୍ୟ ଦେବତାଙ୍କର ଉପାସନା ପାଇଁ ଗୋଟିଏ ସୁଦ୍ଧା ମନ୍ଦିର ହୋଇନାହିଁ।

ଶିବେଇ – ସତ୍ୟ ଛାମୁ।

ନରସିଂହ – ଜାଣ ଶିବେଇ, ସୂର୍ଯ୍ୟଙ୍କୁ ପୂଜାକରି ଶାମ୍ବ ଦୁରାରୋଗ୍ୟ କୁଷ୍ଠ ବ୍ୟାଧିରୁ ମୁକ୍ତ ହୋଇଥିଲେ। ସୂର୍ଯ୍ୟଦେବ ହିଁ ସ୍ୱୟଂ ନାରାୟଣ। ( ଆକାଶକୁ ଚାହିଁ ) ଏଇ ପୁଣ୍ୟ ପ୍ରଭାତରେ ପବିତ୍ର ସୂର୍ଯ୍ୟବଂଶର ଦାୟାଦ ମୁଁ, ତାଙ୍କୁ ହିଁ ସାକ୍ଷୀରଖି ପ୍ରତିଜ୍ଞା କରୁଛି, ମନ୍ଦିର ଏଇଠି ତୋଳା ହେବ– ଆଉ ସେ ମନ୍ଦିର ହେବ କାରୁକାର୍ଯ୍ୟରେ ଉତ୍କଳର ସର୍ବଶ୍ରେଷ୍ଠ କୀର୍ତ୍ତି !!

ଶିବେଇ - ସମ୍ରାଟ ପରମ ଧାର୍ମିକ, ମହାନୁଭବ। ସମ୍ରାଟଙ୍କର ଜୟ ହେଉ।

ନରସିଂହ – ଶିବେଇ, ତୁମେ ମୋର ଅତି ବିଶ୍ୱାସୀ। ଆଜି ତୁମରି ହସ୍ତରେ ଏ ବିରାଟ ଦାୟିତ୍ୱ ମୁଁ ଅର୍ପଣ କରୁଛି। ସମୁଦ୍ରର ଛାତି ଉପରେ ଏଇ ପଦ୍ମତୋଳା ଗଣ୍ଡ ଉପରେ ହିଁ ମନ୍ଦିର ତୋଳା ହେବ। କାରିଗରୀ କୌଶଳରେ, ରୂପର ଗରିମାରେ ଏଇ ମନ୍ଦିର ହେବ ସାରା ବିଶ୍ୱରେ ଅଦ୍ୱିତୀୟ !!

ଶିବେଇ – ତାହା ହିଁ ହେବ ସମ୍ରାଟ ! ଛାମୁଙ୍କ ଆଦେଶ ଅବଶ୍ୟ ପାଳିତ ହେବ। ଏ ନଗଣ୍ୟ ପ୍ରଜା ଶିବେଇ ସାନ୍ତରା ଉପରେ ଅତୁଟ ବିଶ୍ୱାସ ରଖି, ମଣିମା ତା'ର ଜୀବନକୁ ଧନ୍ୟ କରିଛନ୍ତି।

ନରସିଂହ – ଆସ ଶିବେଇ, ଅନ୍ୟ ସମୟରେ ଆଲୋଚନା କରାଯିବ। ବର୍ତ୍ତମାନ ବିଳମ୍ବ ହେଉଛି। (ଶିବେଇ ମୁଣ୍ଡ ନୋଇଁଲେ)।

[ ସମସ୍ତଙ୍କର ପ୍ରସ୍ଥାନ ]

( ପଟ ପରିବର୍ତ୍ତନ )

## ଦ୍ୱିତୀୟ ଦୃଶ୍ୟ

[ ବିଶୁ ମହାରଣାଙ୍କ ଘର। କାନ୍ଦି କାନ୍ଦି ପ୍ରବେଶ କଲା ଧରମା ]

ଧରମା – ମା'....... ମା' !

ଧରମା ମା' – (ଆସି, ପୁଅର ବିରସ ବଦନ ଦେଖି) ତୋର କ'ଣ ହେଲାରେ ପୁଅ ? କାହିଁକି କାନ୍ଦୁଛୁ ବାପ ?

ଧରମା – ମା', ଗୋଟେ କଥା ପଚାରିବି। ମତେ ସତ କହିବୁ ?

ଧରମା ମା' – ଭଲା ବାୟାଟାଏ–ହଉ କହିବି . .... କହ।

ଧରମା – (ମୁଣ୍ଡ ହଲାଇ) ... ଉହୁଁ ... ସେ କଥା ହବନି। ତୁ ମୋ ଦିହ ଛୁଇଁ କହ; ସତ କହିବୁ, ମିଛ କହିବୁନି।

ଧରମା ମା' – କ'ଣ କହିଲୁରେ ଧରମା ! ମୁଁ ତୋ ଦିହ ଛୁଇଁବି ! ମୋ ଏକୋଇର ବଳା ବିଶିକେସନ, ଲକ୍ଷେ ଦିଅଁ ପୂଜି ତତେ ପାଇଛି । ମା' ହେଇ ଫେର ମୁଁ ତୋ ଦିହ ଛୁଇଁବି ! ବାପରେ, ମୁଁ ପଛେ ମରିଯାଏଁ, ଜିଇଁବଞ୍ଚି ତୁ ଯୁଗ ରାଇଜ କର, ତୋ ବାପର ନାଁ ରଖ ।

ଧରମା – (ଗଦ୍‌ଗଦ୍ ହୋଇ) ହୁଁ, 'ବାପର ନାଁ ରଖ ।' କିଏ...କିଏ ମୋ ବାପା ? କାହାନ୍ତି ସେ ? ମୋ' ହେତୁ ପାଇଲା ଦିନୁଁ ତୁ ଖାଲି ଇଆଡୁ ସିଆଡୁ କହି ଭଣ୍ଡେଇ ଦେଉଛୁ । ହେଲେ ଆଜି ଛାଡ଼ିବିନି । କହ ମା'–

ଧରମା ମା' – (ପୁଅର ମନ କଷ୍ଟ ଜାଣି) ମୋ ମୁଣ୍ଡ ଖାଇବୁ ଧରମା । କ'ଣ ହେଇଚି କହିଲୁ ? ତୋ ମୁଣ୍ଡରେ ଏ ସବୁ କଥା...

ଧରମା – ମା' ! (ଆଖିରେ ଲୁହଧାର)

ମା' – ଛି ବାପ, କହିଲେ ସିନା ଜାଣିବି. . ..........

ଧରମା – ସତ କହ ମା'. ....ମୋ ବାପା କାହାନ୍ତି.....

ଧରମା ମା' – ବାପା...ବାପା ଅଛନ୍ତି । ଶୁଣ, ଆଜି ତତେ ସବୁ କଥା କହିବି । ନ ହେଲେ ତୋ ଟିକି ମନରୁ ଦୁଃଖ ଦୂର ହେବ କେମିତି ? (ଦୀର୍ଘନିଃଶ୍ୱାସ ଛାଡ଼ି) ବାର ବର୍ଷ ହୋଇଗଲା । ତୁ ଜନ୍ମ ହୋଇ ନ ଥାଉ । ମଣିମାଙ୍କ ଡାକରା ପାଇ ସେ କୁଆଡ଼େ ଯାଇଛନ୍ତି, କଅଣ କରୁଛନ୍ତି, ମୁଁ ଜାଣେନି ବାପ ! ହେଲେ (ଆପଣା ଆଖିରୁ ଲୁହ ପୋଛି) ହେଲେ. ....ମୋ ମନ କହୁଛି, ଯୋଉଠି ପଛକେ ଥାଆନ୍ତୁ–ସେ ଭଲରେ ଅଛନ୍ତି–ଜିଇଁକରି ଅଛନ୍ତି– ଠାକୁରେ ଦୟାକଲେ ନିଶ୍ଚେ ଘରକୁ ଫେରି ଆସିବେ ।

ଧରମା – ଆଚ୍ଛା, ମା'...ବାପା କ'ଣ ବଡ଼ କାରିଗର ?

ଧରମା ମା' – ବଡ଼ କ'ଣରେ ପୁଅ ! ..... ବହୁତ ବଡ଼ । ତୋ ବାପାଙ୍କଠୁଁ ବଳି ବଡ଼ କାରିଗର ଏ ମୁଲକରେ ଆଉ କେହି ନାହିଁ ।

ଧରମା – (ଖୁସିରେ) ଠାକୁରେ କରନ୍ତୁ, ମୋ ବାପା ଭଲରେ ଘରକୁ ଫେରନ୍ତୁ ।

(ବାହାରୁ ଜଣେ ଆଗନ୍ତୁକର ପାଟି ଶୁଭିଲା)

ଆଗନ୍ତୁକ – ଘରେ କିଏ ଅଛ, ଟିକେ ଶୁଣିବ ?

ଧରମା ମା' – କିଏ ଡାକୁଚ ?

ଧରମା – ମୁଁ ଦେଖିଆସେ । (ପ୍ରସ୍ଥାନ)

ଧରମା ମା' – ଯେ କ'ଣ ! ମୋ ଡାହାଣ ଆଖି ଇମିତି ନାଚି ଉଠୁଚି କାହିଁକି ?

ଧରମା – (ଆଗନ୍ତୁକଙ୍କୁ ଡାକି ଆଣି) ଆସ ମଉସା ! ଇଏ ମୋ ମା' । କ'ଣ ବାତେନି ଆଣିଚ ପରା–ତାକୁଇ କହ ।

ଧରମା ମା' – କିଏ ତୁମେ ବାବା ? କାହାକୁ ଖୋଜୁଚ ?

ଆଗନ୍ତୁକ – ମା', ତୁମେ ବିଶୁ ମହାରଣାଙ୍କ ଗୃହିଣୀ ତ ?

ଧରମା ମା' – ହଁ ବାବା, କହ। ସେଇଠି ବସ–

ଆଗନ୍ତୁକ – ଓ ହୋ ! (ଥକ୍‌କା ହୋଇ) ପଚାରି ପଚାରି ବହୁତ କଷ୍ଟରେ ତୁମ ଘରକୁ ଆସିଚି ମା' !

ଧରମା ମା' – ତୁମେ ଠିକ୍ ଜାଗାରେ ପହଞ୍ଚିଚ ବାବା ! ଏବେ କ'ଣ କହିବାର ଅଛି କୁହ।

ଆଗନ୍ତୁକ – କହିବି ଯେ–(ଟିକେ ଚାରିଆଡ଼କୁ ଚାହିଁ) ହେଲେ କଥାଟା କାନକୁ ଦି'କାନ ହୋଇ ପ୍ରଘଟ ହୋଇଯାଏ ଯଦି –ଯେ ରଜା ଘର କଥା ମା', ମୋ ମୁଣ୍ଡ ରହିବନି।

ଧରମା ମା' – ମୋତେ ଯେତେବେଳେ ମା' ବୋଲି ଡାକିଚ, ମନରେ ଭୟ ନରଖି କୁହ।

ଆଗନ୍ତୁକ – କଥା କ'ଣ କି ମା', ଚନ୍ଦ୍ରଭାଗାଠି ମହାର୍ଜା ଦେଉଳ ତୋଳଉଛନ୍ତି। ବାରବର୍ଷ ହୋଇଗଲା, ବାରଶ' ବଢ଼େଇ ଦିନ ନାଇଁ, ରାତି ନାଇଁ କାମରେ ଲାଗିଛନ୍ତି–ହେଲେ...(ପୁଣି ସବୁଆଡ଼କୁ ଚାହିଁବା)

ଧରମା ମା' – ହେଲେ ? ...ଡରନା, କୁହ ! ତୁମ କଥା ଶୁଣିଲା ବେଲୁ ମୋ ଛାତି ଭିତରଟା ଯେମିତି କ'ଣ ହେଇ ଯାଉଚି...

ଆଗନ୍ତୁକ – କିଛି ନାହିଁ ମା'... ଦେଉଳ ତୋଳା ସରିଯାଇଛି।
(ଧରମା ମା' ଶାନ୍ତିରେ ନିଃଶ୍ୱାସ ମାରିଲେ) ହେଲେ ଦଧିନଉତି ବସିନି। ହଁ ମା', ଅସଲ ମୁଣ୍ଡି ମରିପାରୁନି।

ଧରମା ମା' – ମରି ପାରୁନି ?

ଆଗନ୍ତୁକ – ନା, ବିଶୁ ମହାରଣା ଭଳି କାରିଗର ଥକି ପଡ଼ିଲାଣି। ତା'ର ବଳ, କଳ, କୌଶଳ ସବୁ ହାରମାନିଚି।

ଧରମା – (ଆଶ୍ଚର୍ଯ୍ୟରେ) କ'ଣ କହିଲ ମଉସା, ବାପା ହାରିଗଲେ !

ଆଗନ୍ତୁକ – ତା ଛଡ଼ା ଆଉ ଉପାୟ କ'ଣ ? ସବୁକାମ ସରିଲା, ହେଲେ ଦେଉଳର ଅସଲ ଚୂଳି ମରା ହେଇ ପାରୁନି ! କ'ଣ ଯେ ହେଲା ସେଇ ଚକାଡୋଳାଙ୍କୁ ଜଣା। ମଣିଷର ବିଦ୍ୟା ବୁଦ୍ଧି ସବୁ ବିଫଳ ହେଇଛି।

ଧରମା ମା' – ବଡ଼ ଆଶ୍ଚର୍ଯ୍ୟ କଥା କହୁଚ ବାବା!

ଧରମା – ମୂଳଦୁଆରେ କୋଉଠି କ'ଣ ଦୋଷ ରହିଯାଇଚି ବୋଲି ଭାର ସମାନ ରହୁନି।

ଆଗନ୍ତୁକ – (ଚମକି) ଆରେ ବାଃ, ଏଡ଼େ ବକଟେ ପିଲା; ଏତେ ଅନୁମାନ ! ଯେ ବିଶୁ ମହାରଣାଙ୍କ ପୁଅ ନା ?

ଧରମା ମା' – ହଁ ବାବା, ସେଇ ଗୋଟିକ ତ ଠାକୁରେ ଆମକୁ ଦେଇଚନ୍ତି।

ଆଗନ୍ତୁକ – ଖୁବ୍ ଭଲ ହେଇଛି। କୁଳ ରହିଲେ ସବୁ କଥା ସିନା...

ଧରମା ମା' – ଇମିତି କ'ଣ କହୁଚ ବାବା !

ଆଗନ୍ତୁକ – ଏ ପୁଅ, ତୋ ନାଁ କଅଣଟି ?

ଧରମା – ଧର୍ମପଦ। ମତେ ସମସ୍ତେ ଧରମା ଡାକନ୍ତି।

ଆଗନ୍ତୁକ – (ଖୁସିହେଲେ) ହଉ, ହଉ, ବାପ ଧରମୁ, (ତା' ଓଠରେ ହାତମାରି) ମୋ' ଧନ, ଯା' ଶୁଣୁଚୁ, କାହାରି ଆଗରେ ଏକଥା ପିଟେଇବୁ ନାହିଁ ! ନାଇଁତ, ସେ ବାରଶ' ବଢ଼େଇଙ୍କ ସାଙ୍ଗରେ ମୋ ମୁଣ୍ଡ ବି କଟିଯିବ।

ଧରମା ମା' – କ'ଣ ହେଲା ? ବାରଶ ବଢ଼େଇଙ୍କ ମୁଣ୍ଡ କାଟ ହେବ ?

ଆଗନ୍ତୁକ – (ଧୀର ସ୍ୱରରେ) ମହାର୍ଜା ଯୋଉ ଦିନକୁ କଣ୍ଟ ଦେଇଛନ୍ତି, ସେଇଦିନ ସୁଦ୍ଧା ଦେଉଳର ଚୂଳି ନମାରି ପାରିଲେ, ସବୁ ବଢ଼େଇଙ୍କ ମୁଣ୍ଡକାଟ ହେବ। ସବୁ ଜାଣୁଚ ମା' ....... ମହାର୍ଜାଙ୍କ ଆଦେଶ କେହି କ'ଣ ଅମାନ୍ୟ କରିପାରିବ ?

ଧରମା ମା' – (ଭୟରେ ପ୍ରାଣ ଥରି ଉଠିଲା) ହେ ପ୍ରଭୁ, ଶେଷରେ ପୋଡ଼ା ଭାଗ୍ୟରେ ଏଇୟା ଥିଲା ! ବାରବର୍ଷ କାଳ ଆମ ମା' ପୁଅ ଦି'ଟାଙ୍କୁ ନିଆଶ୍ରୀ କରି ଯିଏ ଘର ମୁହଁ ଚାହିଁନାହାନ୍ତି–ସିଆଡ଼େ ସିଆଡ଼େ ତାଙ୍କର ମୁଣ୍ଡକାଟ ହେବ ? ଆଉ ଆମର ଦେଖା ବି ହବନାହିଁ ?

ଆଗନ୍ତୁକ – ହଉ ମା'...ମୁଁ ବାହୁଡ଼ିଯାଉଛି। ଯିବା ଆଗରୁ ଖାଲି ଏତିକି କହି ଯାଉଛି, ତୁମ କୁଳରେ ଯଦି ଆଉ କେହି ଭଲ କାରିଗର ଥାଏ; ତାକୁ ଚନ୍ଦ୍ରଭାଗାଠିକୁ ପଠାଇବ। କାଳେ ଚକାଡୋଳାଙ୍କ ଅନୁଗ୍ରହ ଥିବ ! ଚକାଡୋଳା ହେ, ତୁମରି ଇଚ୍ଛା ପୂର୍ଣ୍ଣ ହେଉ !

(ଯାଉଚି ବାପ, ଥା'–(ଧୀରେ ଧୀରେ ପ୍ରସ୍ଥାନ)

ଧରମା ମା' – (ଧରମାକୁ କୋଳକୁ ଟାଣି କାନ୍ଦି କାନ୍ଦି) ବାବୁରେ, ମତେ ତ କିଛି ବାଟ ଦେଖା ଯାଉନି। କାହାକୁ ପଚାରିବି ? କାହାକୁ ପଠେଇବି ? ମତେ ତ ଚାରିଆଡ଼ ଅନ୍ଧାର ଦିଶୁଛି। ତାଙ୍କ ପରା ମଣିଷ ଯୋଉଠି ହାରିଗଲେ, କିଏ ଆଉ ଅଛି ଯେ ଦେଉଳର ମୁଣ୍ଡି ମାରିବ ?

ଧରମା – କାଇଁକି, ମୁଁ ପରା ଅଛି ! ତୁ ଭାବନା କରନି ମା'। ବାପର ପୁଅ ମୁଁ, ଦେଉଳ ମୁଣ୍ଡି ମୁଁ ମାରିଦେବି।

ଧରମା ମା' – (ଆଶ୍ଚର୍ଯ୍ୟ ହୋଇ) ତୁ !

ଧରମା – ହିଁ ମା', ମୁଁ ବିଶୁ ମହାରଣାର ପୁଅ। କେବେହେଲେ ହାରିବନି ! ବଡ଼ ଠାକୁର ତା'ର ସାହା ହେବେ।

ଧରମା ମା' – ଧ-ର-ମା ! କ'ଣ କହୁଚୁରେ ତୁ ? ଛୁଆଟାଏ–ହାତରେ ଖାଇ ଶିଖିନୁ ଯେ ଗଣ୍ଡାଏ ଖୁଆଇ ଦେଲେ ଯାଇ ଖାଉଚୁ–

ଧରମା – ଶୁଣିନୁ ମା', ଟିକିଛୁଆ ଅଭିମନ୍ୟୁ କି ବୀରପଣିଆ ଦେଖେଇଲା ! ଧ୍ରୁବ, ପ୍ରହ୍ଲାଦ ଟିକି ପିଲା ହେଇ...

ଧରମା ମା' – ନା-ନା, ମୋ ଆଖି ଆଗରୁ ତତେ କୁଆଡ଼େ ଛାଡ଼ିଦେବିରେ ବାପ ! ତୋ ବାପା ଗଲେ, ତୁ ଯିବୁ; କାହା ମୁହଁ ଚାହିଁ ଆଉ ଏଠି ପଡ଼ି ରହିବି ?

ଧରମା – ମୁଁ ନଗଲେ ବାରଶ' ବଢ଼େଇଙ୍କ ଜୀବନ କିମିତି ରହିବ ? ହାଣ ମୁହଁରୁ ବାପାଙ୍କୁ ବଞ୍ଚେଇବା କ'ଣ ମୋ କାମ ନୁହେଁ ମା' ?

ଧରମା ମା' – ମୋ ମନ ଜମାରୁ ବୁଝୁନିରେ ବାପ ! ନାଇଁ, ନାଇଁ ଯିବୁ ଯଦି ମତେ ତୋ ସାଙ୍ଗରେ ନେ ।

ଧରମା – ନାଇଁ ମା', ସେମିତି କହନା । ମୁଁ କାଲି ସକାଳୁ ବାହାରି ଯିବି । ତୁ ମତେ ଖାଲି କଲ୍ୟାଣ କର, ମୋ ବାପାଙ୍କୁ ମୁଁ ଫେରାଇ ଆଣିବି ।

ଧରମା ମା' – ବାପାରେ, ତତେ ଆଉ ମୁଁ କ'ଣ କହିବି ! ମୋ ଛାତି ଫାଟି ଯାଉଛି–

ଧରମା – ଦମ୍ଭ ଧର ମା', ସବୁ ଠିକ୍ ହୋଇଯିବ । (ଟିକେ ରହି) ଆଚ୍ଛା ମା', ବାପା ତ ମୋତେ ଦେଖିନାହାନ୍ତି, ଚିହ୍ନା ଦେଲେ ସେ ଯଦି...

ଧରମା ମା' – ଚିହ୍ନିବେନି ! ନିଶ୍ଚେ ଚିହ୍ନିବେ । ରକ୍ତ କ'ଣ ରକ୍ତକୁ ଟାଣିବନି ! ହଉ ତୁ ଯା'–କାଲି ସକାଳୁ ମଙ୍ଗଳା ମା'ଙ୍କୁ ସୁମରଣା କରି ଅନୁକୂଳ କରି ଯିବୁ । ତୋ ହାତରେ ଆମ ବାଡ଼ିର କୋଳି ଆଉ ଏଇ ମୁଢ଼ି ପଠାଇବି । ଦେଖିଲେ ସେ ଠିକ୍ ଚିହ୍ନିବେ ।

ଧରମା – ହଉ, ତୁ ଚାଲ, ମତେ ଆଗ ଗଣ୍ଡାଏ ଖାଇବାକୁ ଦବୁ ।

( ପଟ ପରିବର୍ତ୍ତନ )

## ତୃତୀୟ ଦୃଶ୍ୟ

[ ଚନ୍ଦ୍ରଭାଗା ତୀର । ନିକଟରେ ଚୂଳବିହୀନ କୋଣାର୍କ ମନ୍ଦିର ଦେଖାଯାଉଛି । ବିଶୁ ମହାରଣା ଏକାକୀ ପଦଚାରଣା କରୁଥିଲା । ]

ବିଶୁ – ଏ କାଳରାତି କ'ଣ ପାହିବ ? (ଦୀର୍ଘନିଃଶ୍ୱାସ) ଘରଦ୍ୱାର, ସ୍ତ୍ରୀ-ପୁତ୍ର ସମସ୍ତଙ୍କୁ ଛାଡ଼ି ବାର ବର୍ଷକାଳ ଲୁହ ଲହୁ ଢାଳି ଯୋଉ କାମରେ ହାତ ଦେଇଥିଲି, ତା' ପୂର୍ଣ୍ଣ ହୋଇ ପାରିଲାନି । ଆଜି ଏଇ ଚୂଳବିହୀନ ମନ୍ଦିର ଯେମିତି ଭାସ୍କର କୁଳର ମଉଡ଼ମଣି ବିଶୁ ମହାରଣାକୁ ଉପହାସ କରି କହୁଚି– "ବିଶୁ, ତୁ ହାରି ଯାଇଚୁ । ସମୁଦ୍ର ଭିତରେ ପଥର ଖଞ୍ଜି ଯେଉଁ ବିରାଟ ଦେଉଳ ଛିଡ଼ା କରିଚୁ, ତାର ଦଧିନଉତି ନାହିଁ ।" (ଦୀର୍ଘନିଃଶ୍ୱାସ–ନିକଟରେ କାହାର ପାଦଶବ୍ଦ...) କିଏ ?... କିଏ ସେଠି ? (ବାଳକକୁ ଦେଖି) କିଏ ରେ ପିଲା ? ତୁ ବି କ'ଣ ବିଶୁ ମହାରଣାକୁ ଥଟ୍ଟା କରିବାକୁ ଆସିଚୁ ?

ଧରମା – ନା, ବାବା !

ବିଶୁ – ବାବା, ଆଃ, କି କହିଁଲ, କି ମଧୁର ତୋର ଡାକ ! ଡାକ ବାପ, ଆଉ ଥରେ ମୋତେ ସେଇ ବାବା ବୋଲି ଡାକ ।

ଧରମା – ବାବା !

ବିଶୁ – (ଏକାନ୍ତେ) ସେ ଠିକ୍ ଯାରି ବୟସର, ଯାରି ପରି ହୋଇଥିବ । ଆଃ, ଖାଲି ସ୍ୱପ୍ନ–ହୁଏତ ଦୁଃସ୍ୱପ୍ନ ! (ପ୍ରକାଶ୍ୟେ) ଏଠି ତୋର କି କାମ ?

ଧରମା – ନା, ବାବା ! ଏଇ ଦେଉଳକୁ ଦେଖୁଥିଲି । ସାରାଦିନ ଖାଲି ଦେଉଳ ଆଡ଼େ ଚାହିଁରହିଚି ।

ବିଶୁ – କ'ଣ କହିଲୁ ! ସାରାଦିନ ?

ଧରମା – ହଁ ବାବା, କି ସୁନ୍ଦର କାରୁକାର୍ଯ୍ୟ ! ନିହାଣ ମୁନରେ ଓଡ଼ିଆ କାରିଗର ଯେମିତି ପଥର ଦିହରେ ଜୀବନ ଦେଇଛି, ମୁଁ ଆଖି ଫେରେଇ ପାରୁନି !

ବିଶୁ – ହେଲେ, ଯାହାର ମୁଣ୍ଡ ନାହିଁ, ତା' ପିଣ୍ଡରେ ଜୀବନ କୁଆଡୁ ଆସିବ ?

ଧରମା – କୁହ ତ ବାବା, ଦଧିନଉତି ବସି ପାରୁନି କାହିଁକି ?

ବିଶୁ – ସେ କଥା ଯଦି ମୁଁ କହିପାରନ୍ତି, ତା'ହେଲେ ଭାବନା ଆଉ କ'ଣ ଥିଲା ?

ଧରମା – ସତ ଯେ–ହେଲେ ମୁଁ ଭାବୁଚି...

ବିଶୁ – ଏଁ, ତୁ ଭାବୁଚୁ ? କ'ଣ ଭାବୁଚୁ ? ଏଡ଼େ ବକଟେ ପିଲା । ତୁ ଫେର୍–

ଧରମା – ପିଲା ହେଲେ ବି ମୁଁ ଓଡ଼ିଆ କାରିଗର ପିଲା ।

ବିଶୁ – (ଧରମାକୁ ଭଲଭାବେ ଚାହିଁ) ସତେ ? ଆଛା, ତୁ କ'ଣ ଭାବୁଚୁ ଶୁଣେ ।

ଧରମା – ମୁଁ ଭାବୁଚି, ଦେଉଳର ଘନ କେନ୍ଦ୍ର ସହିତ ଦଧିନଉତି ଗୋଟିଏ ସରଳରେଖାରେ ରହିପାରୁନି । କୋଉଠି କିଛି ଗୋଟାଏ ଦୋଷ ରହିଯାଉଚି ।

ବିଶୁ – ଆଶ୍ଚର୍ଯ୍ୟ ! କିଏ ରେ ତୁ ? ତୁ ପୁଣି ବିଶୁ ମହାରଣାର ବିଚାରରେ ତ୍ରୁଟି ବାହାର କରୁଚୁ ! ତୋ'ର ଏଡ଼େ ସ୍ପର୍ଦ୍ଧା !

ଧରମା – କ୍ଷମାକର ବାବା, କାରିଗର ପିଲା ତ; ବେଳେବେଳେ ପୋଥିପତ୍ର ଦେଖେ ।

ବିଶୁ – ଅସମ୍ଭବ ! ଅସମ୍ଭବ ! ତୁ ଗୋଟାଏ ମାୟାବୀ । ମତେ ଆଘାତ ଦେବାକୁ ଆସିଚୁ ।

ଧରମା – ମତେ ଆଦେଶ ଦିଅ ବାବା, ଥରେ ଚେଷ୍ଟା କରି ଦେଖେଁ ।

ବିଶୁ – ନା, ନା, 'ବାବା' 'ବାବା' ଡାକି ତୁ ମତେ ଛଳିବାକୁ ଆସିଛୁ । ତତେ ଟିକିଏ ସ୍ନେହ କଲି ବୋଲି ତୁ ଭୁଲ ଧରିବୁ ମୋର ? ବିଶୁ ମହାରଣାର ପୁଣି ଭୁଲ୍ ?

ଧରମା – ମଣିଷର ଭୁଲ ହୁଏ ବାବା ! ତୁମ ପାଦ ଧରୁଚି, ମତେ ଖାଲି ଥରେ ସୁଯୋଗ ଦିଅ ।

ବିଶୁ – ନା, କେବେ ନୁହେଁ ।

(ଶିଳ୍ପୀଗଣଙ୍କର ପ୍ରବେଶ)

୧ମ ଶିଳ୍ପୀ – ଆରେ ବିଶୁଭାଇ ! ତୁ ଆସି ଏଇଠି ? ଆଉ ଭାବିଲେ କଅଣ ହେବ ! ଆମ ସାଙ୍ଗରେ ଆ, ଆଜି ରାତିଟା ସମସ୍ତେ ଏକାଠି ସାଙ୍ଗ ହୋଇ ଖାଇପିଇ ଖୁସିରେ କଟାଇବା । ରାତି ପାହିଲେ ତ ମୁଣ୍ଡକାଟ ।

୨ୟ ଶିଳ୍ପୀ — ହଁ ଭାଇ, କାଲି ତ ମରିବା କଥା, ଏତିକିବେଳୁ ମରି ଲାଭ କ'ଣ ? ଶେଷଥର ପାଇଁ ମଉଜ କରିବା ଚାଲ ।

ବିଶୁ — ଭାଇମାନେ, ଏ ଛୁଆଟିକୁ ଦେଖୁଚ ? ଏ ବାଚାଳ କହୁଚି ଦେଉଳର ଚୂଳି ମାରିଦେବ ।

ଶିଳ୍ପୀଗଣ — କ'ଣ କହୁଚ ବିଶୁଭାଇ ! ଏଇ ମେଞ୍ଚଡ଼ ଟୋକା ଖଣ୍ଡକ !

ଧରମା — ଆପଣମାନେ ଆଜ୍ଞା ଦେଲେ ମୁଁ ଥରେ ଚେଷ୍ଟା କରିବି ।

୨ୟ ଶିଳ୍ପୀ — ଥରେ କାହିଁକିରେ ବାପ' ଏ ରାତିଟା ସାରା–ଯେତେ ଥର ପାରୁ, ଚେଷ୍ଟାକର ।

୧ମ ଶିଳ୍ପୀ — ବିଶୁ ଭାଇ, କ'ଣ କହୁଚୁ କହ ?

ବିଶୁ — ମୁଁ ଖାଲି ଭାବୁଚି; ଏ ସାମାନ୍ୟ ବାଳକ ଯଦି ଚୂଳି ମାରିଦିଏ, ତା'ହେଲେ ଆମେ ଆଉ କାହାକୁ ମୁହଁ ଦେଖାଇବା ? ଆମ ମାନ-ମହତ କ'ଣ ଆଉ ରହିବ ?

ଧରମା — ଯେ କି କଥା କହୁଚ ବାବା ! ଓଡ଼ିଆ କାରିଗରର ମାନ ରଖିବାକୁ ମୁଁ ପଣ କରି ଆସିଛି । ଆପଣମାନଙ୍କ ଜୀବନରକ୍ଷା ହେବା ସଙ୍ଗେ ସଙ୍ଗେ ଦେଉଳ ବି ମୁଣ୍ଡି ମରିଯିବ । ମହାର୍ଜା ଖୁସି ହେବେ ।

୩ୟ ଶିଳ୍ପୀ — ଏ ପିଲା ତ ଠିକ୍ କଥା କହୁଛି । ଇମିତି ମରିବା, ସିମିତି ବି ମରିବା, ଶେଷ ଚେଷ୍ଟାକରି ଦେଖାଯାଉ, କ୍ଷତି କ'ଅଣ ? ଯା' ରେ ବାବୁ ! ଆମେ ସମସ୍ତେ ରାଜି । ଯଦି ପାରିବୁ ଦେଉଳର ଚୂଳି ମାରି ଏ ଜାତିର ମାନ ତୁ'ଇ ରଖ ।

ଧରମା — ସେଇ କଲ୍ୟାଣ ମୋତେ କର ମଉସା । (ବିଶୁ ଓ ଅନ୍ୟମାନଙ୍କୁ ନମସ୍କାର କରି) ଠାକୁରେ, ତୁମେ ମୋର ଭରସା । ଜୟ ଜଗନ୍ନାଥ । (ପ୍ରସ୍ଥାନ)

ବିଶୁ — ଏ କି ପରୀକ୍ଷା ? ମୋ ଦକ୍ଷିଣ ବାହୁ ଘନ ଘନ କମ୍ପି ଉଠୁଚି କାହିଁକି ? କିଏ ଏହି ବାଳକ ? ପ୍ରଭୁ, ତୁମେ ତା'ର ସାହା ହୁଅ ।

୩ୟ ଶିଳ୍ପୀ — ଚାଲ ଭାଇମାନେ, ସେ ପିଲା ଯାହା କରୁଚି କରୁ, ଆମର ଖାଇପିଇ ଶୋଇପଡ଼ିବା ଚାଲ । (ପ୍ରସ୍ଥାନ)

( ପଟ୍ଟ ପରିବର୍ତ୍ତନ )

## ଚତୁର୍ଥ ଦୃଶ୍ୟ

[ ଚନ୍ଦ୍ରଭାଗା ତୀର । ରାତି ପାହିଆସୁଛି । ଅଦୂରେ କୋଣାର୍କ ମନ୍ଦିରର ଦଧିନଉତି ବସିଛି । ମୁଣ୍ଡି ମରିଯାଇଛି । ଧରମା ଓ ବିଶୁ ମହାରଣା କଥାବର୍ତ୍ତା ହେଉଥିଲେ ]

ଧରମା — କ'ଣ ଭାବୁଚ ବାବା ?...

ବିଶୁ — ନା...

ଧରମା — ତୁମେ କ'ଣ ଖୁସି ନୁହଁ ମୋ କାମରେ ?

ବିଶ୍ୱ – ହେଲେ...ତୁ କିଏ ? ତୁ କ'ଣ ସ୍ୱର୍ଗରୁ ଦେବଦୂତ ଏଇ ମାଟିକୁ ଓହ୍ଲାଇଆସିଛୁ ? ସତ କହ, ବିଶୁମହାରଣାର ସାରା ଜୀବନର ସାଧନାକୁ ବିଦ୍ରୂପ କରି କିଏ ତୁ ମୋ ଆଗରେ ଛିଡ଼ା ହୋଇଛୁ ? (ଧରମାକୁ ଧରି ଝୁଙ୍କାଇ ଦେବା)

ଧରମା – (ବାପାଙ୍କ ଗୋଡ଼ ଧରି) କ୍ଷମାକର ବାବା, ମୁଁ ଧରମା– (ଆଖିରେ ଲୁହ) ତୁମରି ପୁଅ।

ବିଶୁ – ମୋ ପୁଅ ! (ତଳୁ ଉଠାଇ ଆଦରରେ) ଆଃ, କି ଶାନ୍ତି, କି ଆନନ୍ଦ...ନା, ନା, ମିଛ କଥା–ମୋ ପୁଅ ଯାଇ କେତେ ଦୂରରେ–ସେ ଜନ୍ମ ହେବା ଆଗରୁ ମୁଁ ଘରୁ ଆସିଥିଲି– ବାରବର୍ଷ ପୂରିଗଲା–ଏଠି ସେ କୁଆଡୁ ଆସିବ !

ଧରମା – ଦେଖ ବାବା, ମା' ମୋ ହାତରେ ଆମ ବାଡ଼ିର କୋଳି ଆଉ ଏଇ ମୁଦି ଦେଇଚି ! (ଦେଖାଇବା)

ବିଶୁ – ଧରମୁ ! କି ଭାଗ୍ୟ ମୋର ! ଆଜି ମୋ ଆଖି ପବିତ୍ର ହେଲା ରେ ବାପା !

ଧରମୁ – (ଖୁସିରେ) ବାବା !!

ବିଶୁ – ହଁ ବାପ, ମୋରି ପୁଅ ବୋଲି ତୁ ବାପର ତ୍ରୁଟି ସୁଧାରି ପାରିଛୁ। ଅସାଧ୍ୟକୁ ସାଧନ କରିଛୁ। ଆ', ଆ'ରେ ଧନ ମୋର, ମୋ କୋଳକୁ ଆ'। ତତେ ଆଲିଙ୍ଗନ କରି ମୁଁ ତୃପ୍ତିଲାଭ କରେ ! (ଧରମାକୁ ଆଲିଙ୍ଗନ କଲା, ପ୍ରବେଶ କଲେ ଶିଳ୍ପୀଗଣ)

୧ମ ଶିଳ୍ପୀ – ସବୁ ଠିକ୍ ହେଲା ଯେ ବିଶୁଭାଇ ! ଆମେ ସମସ୍ତେ ତୋତେ ଗୋଟାଏ କଥା ପଚାରିବାକୁ ଆସିଛୁ !

ଶିଳ୍ପୀଗଣ – ମରୁ–ପ୍ରଳୟ ହୋଇଯାଉ–ତୋଠୁଁ ଆମେ ଉତ୍ତର ଚାହୁଁ !

୨ୟ ଶିଳ୍ପୀ – ଏ ବାରଣ' ବଢ଼େଇରେ ଦାୟ ନା ପୁଅରେ ଦାୟ ?

ଧରମା – ବାରଣ' ବଢ଼େଇରେ ଦାୟ ! ଏକା ଧରମା ମରିଗଲେ କିଛି କ୍ଷତି ନାହିଁ। ସବୁ ଦିନକୁ ଏ ଶିଳ୍ପୀକୁଳ ବଞ୍ଚିରହୁ।

ବିଶୁ – (ଚିତ୍କାର କରି) ନା, ନା, ତତେ ମୁଁ ଜମା ପାଖରୁ ଛାଡ଼ିବିନି। ଦେଖେ, କାହାର ଏତେ ଶକ୍ତି ବାପଠୁଁ ପୁଅକୁ ଛଡ଼େଇ ନେବ ?

ଶିଳ୍ପୀଗଣ – ବିଶୁ, ତୁ କ'ଣ ପାଗଳ ?...

ଧରମା – ବାବା, ମୋତେ ପାଦଧୂଳି ଦିଅ, ମୋ ଦେଶ ଆଉ ଜାତି ପାଇଁ ମୁଁ ଜୀବନ ଦେବି। ମୋ ମା'କୁ କହିବ, ବାପର ନାଁ ରଖି ମୁଁ ଚାଲିଯାଉଚି। ଗର୍ବ କରିବ–କେବେ କାନ୍ଦିବ ନାହିଁ। ମୁଁ ସିନା ତା'ର ଗୋଟିଏ ପୁଅ, ସେ ଆଜି ଆମ କାରିଗରକୁଳର ମା'। ବିଦାୟ ବାବା, ବିଦାୟ ଜନ୍ମଭୂମି !

(ସମୁଦ୍ରରେ ଝାସଦେବା)

(ଯବନିକା)

# କୋଣାର୍କ

ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. 'କୋଣାର୍କ'ଏକାଙ୍କିକାରେ କେଉଁ ପ୍ରସଙ୍ଗ ନାଟ୍ୟାୟିତ ?
୨. ନରସିଂହ ଦେବ କେଉଁଠି ଉଦିତ ସୂର୍ଯ୍ୟଙ୍କୁ ନମସ୍କାର କଲେ ?
୩. ଧରମା ମା କେତେ ଦିଅଁ ପୂଜା କରି ଧରମାକୁ ପାଇଛନ୍ତି ବୋଲି କହିଲେ ?
୪. "ଛାମୁଁ ସୌନ୍ଦର୍ଯ୍ୟର ପୂଜାରୀ" - ଏହା କାହାର ଉକ୍ତି ?
୫. ଶୁଭ ପ୍ରଭାତରେ ରାଜାଙ୍କ କେଉଁ କଥା ମନେ ପଡ଼ିଲା ?
୬. ଛାୟା ମହାଦେବୀ କିଏ ?
୭. ଉତ୍କଳରେ କେଉଁ ଦେବତାଙ୍କ ମନ୍ଦିର ନିର୍ମିତ ହୋଇନାହିଁ ବୋଲି ରାଜା କହିଲେ ?
୮. ଶାମ୍ବ କିଏ ?
୯. ଶାମ୍ବ କେଉଁ ରୋଗାକ୍ରାନ୍ତ ଥିଲେ ?
୧୦. ଶାମ୍ବ କେଉଁ ଦେବତାଙ୍କୁ ପୂଜା କରି ରୋଗମୁକ୍ତ ହେଲେ ?
୧୧. "ସୂର୍ଯ୍ୟଦେବ ସ୍ୱୟଂ ନାରାୟଣ"' - ଏହା କିଏ କହିଛନ୍ତି ?
୧୨. ରାଜା ମନ୍ଦିରତୋଳା ଦାୟିତ୍ୱ କାହା ଉପରେ ଅର୍ପଣ କଲେ ?
୧୩. କେଉଁ ଗଣ୍ଡ ଉପରେ ମନ୍ଦିର ତୋଳା ହେବାକୁ ସ୍ଥିର ହେଲା ?
୧୪. ଧରମା ବାପା କିଏ ?
୧୫. ଧରମା ବାପା କେତେ ବର୍ଷ ହେଲା ଘରୁ ଯାଇଛନ୍ତି ?
୧୬. "ଚନ୍ଦ୍ରଭାଗାଠି ମହାର୍ଣ୍ଣା ଦେଉଳ ତୋଳାଉଛନ୍ତି" - ଏହା କିଏ କହିଚି ?
୧୭. ଦେଉଳ ତୋଳା କେତେ ବର୍ଷ ଧରି ଚାଲିଛି ?
୧୮. କେତେଜଣ ବଢ଼େଇ ଦେଉଳ ତୋଳାରେ ଲାଗିଛନ୍ତି ?
୧୯. ଦେଉଳର କେଉଁଟି ବସି ପାରି ନାହିଁ ?
୨୦. "ଚକାଡୋଳା ହେ, ତୁମରି ଇଚ୍ଛା ପୂର୍ଣ୍ଣ ହେଉ ।" - ଏହା କାହାର ଉକ୍ତି ?
୨୧. ଧରମାକୁ କିଏ ସାହା ହେବ ବୋଲି ସେ ତା ମାଆକୁ କହିଚି ?
୨୨. କାହାକୁ ସୁମରଣା କରି ଅନୁକୂଳ କରି ଯିବାକୁ ମା ଧରମାକୁ କହିଲେ ?
୨୩. ଧରମା କ'ଣ ନେଇ ବାପାଙ୍କ ନିକଟକୁ ଗଲା ?
୨୪. "ଏ ବାରଣ' ବଢ଼େଇରେ ଦାୟ ନା ପୁଅରେ ଦାୟ ?' - ଏହା କାହାର ଉକ୍ତି ?
୨୫. ଧରମା ଶେଷର କେଉଁଠି ଝାସ ଦେଇଛି ?

◆